# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) | Bhubaneswar, Wednesday, October 3 / 2018 | ★★★★★★

୪୪ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





## ଆଲର୍ଜି (Allergy) ନିରୂପଣ ପରୀକ୍ଷା କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ନୟାଗଡ଼, ଗଜପତି, ଜୟପୁର, ରାୟଗଡ଼ା, ଭବାନୀପାଟଣାଠାରେ 5 ଓ 6 ଅକ୍ଟୋବର ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED
MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

### ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଜପତି, ଜୟପୁର, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟଣାରେ 5 ଓ 6 ଅକ୍ଟୋବର ଦିନ ସକାଳ ୨ରୁ 5 ଘଟିକା ପର୍ଯ୍ୟନ୍ତ (complete Allergy Test - Food, Skin, Inhalant) ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ୍ୟ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ୱା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ପଲିଥିନ ଏବଂ ନାଇଲନ୍ ସହିତ ମଧ୍ୟ ଆଲର୍ଜି ହୋଇପାରେ ।
5. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା
ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

**EUROBlotOne**



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍
(EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

Jerath Path Labs & Allergy Testing Centre

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**
**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

- **BHUBANESWAR** 94394-00019 Pradhan path Lab, 351 Sahid Nagar, Opp. Indusind Bank
- **BHUBANESWAR** 77818-37952, 79034-91922 BRL Pathology , Shop no. 3,4 , Plot no- 93, District Center, Chandrasekharpur, Nr. Khadiniketan
- **RAYAGADA** 94373-38953 Banadurga Pathology, Old Bus Stand
- **CUTTACK** 99375-18098, 79786-11650 Udaya Lab, Biju Patnayak Chowk Nursinghpur Plaza, Shop No. 16, Tulsipur
- **CUTTACK** 94372-27051, 70089-81993 Deepak Diagnostics, Naya chowk, Madhupatna
- **CUTTACK** 98612-36899, 82498-78544 Doctors diagnostic, kathagola chhak manglabag
- **JAGATSINGHPUR** 94396-15720, 78734-32849 Medi Spot Lab, Near Ram Mandir, Medical Road
- **GAJAPATI** 90405-07796 Ottet Telemedicine, DHH Paralakhemundi, Gajapati
- **BHAWANIPATNA** 94371-88556 Malaya Pathology, Nr. S.B.I Main Branch
- **BHAWANIPATNA** 94372-93631 Shree Om Pathology, Old Bus stand, OSRTC Complex
- **NABRANGPUR** 94395-78237 Jagannath Pathology, Dwarika Nagar 1st line Chamuriaguda
- **NABRANGPUR** 80935-51942 Lions M.J.M Diagnostic, Panjia Street
- **KORAPUT** 96580-18910 Subhashree Pathology, Dist. Head Quaters
- **KORAPUT** 82800-28800 Vijaya Medical & Diagnostic, Near SLN Medical College, Public School Road
- **KHORDHA** 97784-12915 Sewa Diagnostic Centre, College Road, In Front of Govt. CHC, Jatni Khordha
- **PURI** 94390-46037, 0675-2220244 Nidan 'a' Patholab, Balagandi Square, Grand Road, Puri
- **KEONJHAR** 94373-79591 Srimaa Patho Clinic, Opp. Head Quarter Hospital
- **KENDRAPARA** 94374-73435 99378-96343 Sai Arogyam Diagnostics Centre, Medical Road
- **JAJPUR** 93384-66911 99388-48749 Laxmi Diagnostic Ganesh Bazar, Nr. Govt. Hoapital Jajpur Road
- **JAJPUR** 94385-10546 78946-61952 Om Sai Diagnostic Centre, Kanheipur (sarmistha memorial lane), Jajpur Road,
- **JAJPUR** 94371-21192 79789-94242 Ashok Diagnostics Jageshwarpur, Nr. Taxi Stand, Jajpur Town
- **KHANDAGIRI** 93371-03408 Sivananda Patho Lab, 141 Chidananda Vihar
- **KHANDAGIRI** 98610-35754 IPSA Clinic & Lab, Plot No. 678, Jagamara Road,
- **NAYAGARH** 94370-23208 Sai Patholab Nayagarh, Back Side Of Police Field
- **JEYPORE** 82800-28800 Ankita Medicals Rajanagar Chowk

**HELPLINE NO. : 62831-99635, 62831-94640, 94656-08041**



“ଚାଷୀଙ୍କ ସମସ୍ୟାକୁ ନ ଶୁଣି ବର୍ବର ଭାବେ ସେମାନଙ୍କୁ ଆକ୍ରମଣ କରାଯାଉଛି। ସୁଲତାନ କବଳରେ ଥିବା ଦିଲ୍ଲୀର ବାଦ୍‌ଶାହ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି) କ୍ଷମତା ଅହଙ୍କାରରେ ବୁଡ଼ିରହି ଏସବୁ ଭିଆଉଛନ୍ତି।

- ରଣଦୀପ ସିଂ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

## ସଂକ୍ଷେପରେ

### ଆଜି ଶପଥ ନେବେ ଜଷ୍ଟିସ୍ ଗୋଗୋଇ

**ନୂଆଦିଲ୍ଲୀ,୨।୧୦:** ଭାରତର ୪୬ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ



ବୁଧବାର ଶପଥ ଗ୍ରହଣ କରିବେ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ରଞ୍ଜନ ଗୋଗୋଇ। ବିଦାୟୀ ସିଜେଆଇ ଜଷ୍ଟିସ ମିଶ୍ର ଅକ୍ଟୋବର ୩ରେ ଅବସର ନେବାକୁ ଯାଉଥିବାବେଳେ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଥିଲେ ଜଷ୍ଟିସ ଗୋଗୋଇ। ୨୦୧୯ ନଭେମ୍ବର ୧୭ ଯାଏ ସେ ଏହି ପଦରେ ରହିବେ। ଆସାମରେ ଜନ୍ମିତ ଜଷ୍ଟିସ ଗୋଗୋଇ ଉତ୍ତର ପୂର୍ବାଞ୍ଚଳରୁ ପ୍ରଥମ ବ୍ୟକ୍ତି ଭାବେ ନ୍ୟାୟପାଳିକାର ସର୍ବୋଚ୍ଚ ପଦାସୀନ ହେବାକୁ ଯାଉଛନ୍ତି।

### କୋଲ୍‌କାତାରେ ବିସ୍ଫୋରଣ: ବାଳକ ମୃତ



**କୋଲ୍‌କାତା, ୨।୧୦(ପି.ଟି.):** ପଶ୍ଚିମବଙ୍ଗ ରାଜଧାନୀ କୋଲ୍‌କାତାର ନଗରବଜାରରେ ଏକ ବହୁତଳ ବିଶିଷ୍ଟ କୋଠା ଆଗରେ ମଙ୍ଗଳବାର ଏକ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ୭ ବର୍ଷର ବାଳକ ପ୍ରାଣ ହରାଇଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ମୃତ ବାଳକଙ୍କ ମା' ଅଛନ୍ତି। ଏହି ଘଟଣା ପାଇଁ ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଦଳ ଭାଜପା ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଛି। ଟିଏମ୍‌ସିର ଅଭିଯୋଗ ଯେ, ଦଳର ନେତା ତଥା ଦମ୍‌ଦମ୍ ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଞ୍ଚୁ ରୟଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଭାଜପା ଏହି ବିସ୍ଫୋରଣ ଘଟାଇଛି। କିନ୍ତୁ ଗୈରିକ ଦଳ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଓଲଟା ଟିଏମ୍‌ସିକୁ ଦାୟୀ କରିଛି। ଦମ୍‌ଦମ୍ ଥାନା ଅନ୍ତର୍ଗତ କାଜିପରା ଅଞ୍ଚଳରେ ଏକ କୋଠାର ତଳ ମହଲାରେ ଥିବା ଫଳ ଦୋକାନ ନିକଟରେ ପୂର୍ବାହ୍ନ ୯ଟାରେ ଏହି ବିସ୍ଫୋରଣ ଘଟିଛି। ଆମୋନିୟମ୍ ନାଇଟ୍ରେଟ୍ ଜରିଆରେ ଏହି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ ସୂଚନା ଦେଇଛି। ବିସ୍ଫୋରଣରେ ଜଣେ ବାଳକ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ସେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଡେପୁଟି ପୋଲିସ କମିଶନର ଆନନ୍ଦ ରୟ କହିଛନ୍ତି। ସିଆଇଡି ସ୍କ୍ୱାଡ୍ ଏବଂ ଫୋରେନ୍ସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରୁଛନ୍ତି।

### ଅନଶନରୁ ଓହରିଲେ ଆନ୍ନା

**ରାଲେଗାଓଁ ସିଦ୍ଧି,୨।୧୦(ପି.ଟି.):** ପୂର୍ବ ନିର୍ଦ୍ଧାରିତ ଅନଶନରୁ ଓହରିଲେ ସାମାଜିକ କର୍ମୀ ଆନ୍ନା ହାଜାରେ। ଲୋକପାଳ ନିଯୁକ୍ତି ସାଙ୍ଗକୁ ଏକାଧିକ ଦାବିକରି ସରକାରଙ୍କ ବିରୋଧରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଆମରଣ ଅନଶନରେ ବସିବେ ବୋଲି ଆନ୍ନା ଘୋଷଣା କରିଥିଲେ। କିନ୍ତୁ ସରକାରଙ୍କ କେତେକ ପଦକ୍ଷେପ ଆଶାର ଆଲୋକ ଦେଖାଇଥିବା କହି ସେ ମଙ୍ଗଳବାର ଅନଶନ ବାତିଲ ଘୋଷଣା କରିଛନ୍ତି। ମହାରାଷ୍ଟ୍ର ଜଳସମ୍ପଦ ମନ୍ତ୍ରୀ ଗିରିଶ ମହାଜନ ମଙ୍ଗଳବାର ଅହମ୍ମଦନଗର ଜିଲାରେ ଥିବା ଆନ୍ନାଙ୍କ ଗ୍ରାମ ରାଲେଗାଓଁ ସିଦ୍ଧିରେ ତାଙ୍କୁ ଭେଟିଥିଲେ। ଏହାପରେ ଆନ୍ନା ଅନଶନ ବାତିଲ କରିଥିବା ଜଣାପଡ଼ିଛି।

## ଅନ୍ତର୍ଜାତୀୟ ଅହିଂସା ଦିବସରେ କୃଷକ ସଂଘର ବିକ୍ଷୋଭରୁ ହିଂସା

# ଦିଲ୍ଲୀମୁହାଁ ଚାଷୀଙ୍କୁ ଜୁଲମ

**ନୂଆଦିଲ୍ଲୀ/ଗାଜିଆବାଦ, ୨।୧୦(ପି.ଟି.)**



- ଦିଲ୍ଲୀ-ୟୁପି ସୀମାରେ ହଜାର ହଜାର ଚାଷୀ ସମାବେଶ
- ଅଟକାଇବାରୁ କେନ୍ଦ୍ର ବିରୋଧୀ ନାରାବାଜି କଲେ
- ପୋଲିସର ଲାଠିଚାର୍ଜ, ପାଣିମାଡ଼ର ଶିକାର ହେଲେ
- ଚାଷୀଙ୍କ ଆକ୍ରମଣରେ ୭ ପୋଲିସ କର୍ମଚାରୀ ଆହତ
- ସମସ୍ୟା ଉପରେ ଦୃଷ୍ଟି ଦିଆଯିବ: କେନ୍ଦ୍ର
- ସରକାରଙ୍କ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ନୁହନ୍ତି ଚାଷୀ: ବିକେୟୁ ମୁଖ୍ୟ

କେନ୍ଦ୍ର ସରକାର ଚାଷୀମାରଣ ନୀତି ଆପଣାଉଥିବା ଅଭିଯୋଗ ଆଣିବା ସହ ବିଭିନ୍ନ ଦାବି ନେଇ ପୁଣି ଦିଲ୍ଲୀ ଦରବାରମୁହାଁ ହୋଇଛନ୍ତି ଚାଷୀ। ଉତ୍ତରପ୍ରଦେଶ (ୟୁପି)ର ହତାଶ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ ଲାଗି ରାଜଧାନୀକୁ ପ୍ରବେଶ ଉଦ୍ୟମ କରିବାବେଳେ ଦିଲ୍ଲୀ-ୟୁପି ସୀମାରେ ଖଣ୍ଡଯୁଦ୍ଧ ହୋଇଛି। ଚାଷୀଙ୍କୁ ଘଉଡ଼ାଇବା ଲାଗି ମଙ୍ଗଳବାର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ସଂଘର୍ଷର ସୂତ୍ରପାତ ହୋଇଛି। ପୋଲିସ ବଳପ୍ରୟୋଗ କରି ବିକ୍ଷୋଭରତ ଚାଷୀଙ୍କୁ ପାଣି ମାଡ଼ ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଚାଷୀଙ୍କ ଆକ୍ରମଣରେ ମଧ୍ୟ ଜଣେ ଏସିପିଙ୍କ ସମେତ ୭ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଅନ୍ତର୍ଜାତୀୟ ଅହିଂସା ଦିବସରେ ଘଟିଥିବା ଏହି ଘଟଣାକୁ 'ବର୍ବରୋଚିତ ଆକ୍ରମଣ' ଦର୍ଶାଇବା ସହ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ 'କୃଷକ ବିରୋଧୀ' କହି ସମାଲୋଚନା କରିଛନ୍ତି। ଏହାକୁ ନେଇ ରାଜନୀତି ଜୋର୍ ଧରିଛି।

ଭାରତୀୟ କିଷାନ ସଂଘ (ବିକେୟୁ) ମୁଖ୍ୟ ନରେଶ ଟିକାଇତ୍‌ଙ୍କ ଡାକରାରେ ୟୁପିର ହଜାର ହଜାର କୃଷକ ସୋମବାର ରାତିରେ ଦିଲ୍ଲୀ ଅଭିମୁଖେ ମାଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟତଃ ୟୁପିର ଗୋନ୍ଦା, ବସ୍ତି ଓ ଗୋରଖପୁର ଏବଂ ପଶ୍ଚିମ ୟୁପିର ଚାଷୀ ଥିଲେ। କିନ୍ତୁ ଦିଲ୍ଲୀ-ୟୁପି ସୀମାରେ ସେମାନଙ୍କୁ ଅଟକାଯାଇଥିଲା। ତଥାପି ସେମାନେ ପଛଘୁଞ୍ଚା ନ ଦେଇ ଖୋଲା ଆକାଶ ତଳେ ରାତି ବିତାଇଲେ। ମଙ୍ଗଳବାର ସକାଳେ ଆରମ୍ଭ ହୋଇଗଲା କେନ୍ଦ୍ର ବିରୋଧୀ ସ୍ୱର। କୃଷିଋଣ ଛାଡ଼ ଏବଂ ତେଲଦର କମାଅ ବୋଲି ସରକାରଙ୍କ ବିରୋଧରେ ନାରାବାଜି କରି ସେମାନେ ଦିଲ୍ଲୀ ଆଡ଼କୁ ପାଦ ବଢ଼ାଇଥିଲେ। କିଏ ଟ୍ରାକ୍ଟରରେ, ଆଉ କେତେଜଣ ଚାଷୀ ଟ୍ରଲି ନେଇ ଆସିଥିଲେ। ସେମାନଙ୍କୁ ରୋକିବା ଲାଗି ପୋଲିସ ଉଦ୍ୟମ କରିଥିଲା। କିନ୍ତୁ ବ୍ୟାରିକେଡ୍‌କୁ ଡେଇଁ ସେମାନେ ମାଡ଼ିଯିବାକୁ ଉଦ୍ୟମ କରିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଲାଠିମାଡ଼ ସାଙ୍ଗକୁ ପାଣିମାଡ଼ ଏବଂ ଲୁହବୁହା ବାଷ୍ପ ପ୍ରୟୋଗ କରି ଚାଷୀଙ୍କୁ ଛତ୍ରଭଙ୍ଗ ଦେବାକୁ ବାଧ କରାଯାଇଥିଲା। କିନ୍ତୁ ସେମାନେ ପଛଘୁଞ୍ଚା ଦେବା ପରିବର୍ତ୍ତେ ପୋଲିସକୁ ଜବାବ ଦେଇଥିଲେ। ଏଥିଯୋଗୁ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ସ୍ଥିତି ଉପୁଜିଥିଲା। ଦିଲ୍ଲୀ ପୋଲିସ ପ୍ରଥମେ ଲାଠିଚାର୍ଜ କରିଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। କିନ୍ତୁ ପୋଲିସ ଏହାକୁ ଖଣ୍ଡନ କରିଛି। ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗିବା ସହ ଟେକାମାଡ଼ କରିବାରୁ ପରିସ୍ଥିତି ନିୟନ୍ତ୍ରଣ ଲାଗି ଆବଶ୍ୟକ ମୁତାବକ କାର୍ଯ୍ୟାନୁଷ୍ଠାନ ହୋଇଥିବା ପୋଲିସ କହିଛି। ବିକ୍ଷୋଭ ସ୍ଥଳରେ ଦିଲ୍ଲୀ ପୋଲିସର ୨,୫୦୦ କର୍ମଚାରୀ, ରାପିଡ୍ ଆକ୍ସନ୍ ଫୋର୍ସ ସମେତ ଅର୍ଦ୍ଧସାମରିକ ବାହିନୀଙ୍କୁ ମୁତୟନ କରାଯାଇଛି। ରାଜଧାନୀକୁ ସଂଯୋଗ କରୁଥିବା ରାଜପଥରେ ଚାଷୀଙ୍କ ଭିଡ଼ ଜମିଛି।

ସେପଟେ ଚାଷୀଙ୍କ ଆନ୍ଦୋଳନ ଯୋଗୁ ହରଡ଼ଘଣାରେ ପଡ଼ିଯାଇଛି କେନ୍ଦ୍ର। ସେମାନଙ୍କୁ ମନାଇବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂ ଏବଂ ଅନ୍ୟମାନଙ୍କ ସହ ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜନାଥଙ୍କ ବୈଠକ ପରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ବିକ୍ଷୋଭରତ ଚାଷୀଙ୍କୁ ଭେଟି ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଗଠିତ କମିଟି ଚାଷୀଙ୍କ ଦାବି ଉପରେ ତର୍ଜମା କରିବେ। ତେଣୁ ବର୍ତ୍ତମାନ ସେମାନେ ଆନ୍ଦୋଳନରୁ ଓହରିଯାଆନ୍ତୁ। ଏହାସତ୍ତ୍ୱେ ଚାଷୀମାନେ ନଛୋଡ଼ବନ୍ଦା। ଏହି ଚାଷୀ ଆନ୍ଦୋଳନର ପୁରୋଧା ତଥା ବିକେୟୁ ମୁଖ୍ୟ ନରେଶ ଟିକାଇତ୍ କହିଛନ୍ତି, ସରକାରଙ୍କ କଥାରେ ଚାଷୀ ସନ୍ତୁଷ୍ଟ ନାହାନ୍ତି।

ଅନେକ ଦାବି ନେଇ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାମୀନାଥନ୍ କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା, ନିର୍ମାଣର ୧୦ ବର୍ଷ ପରେ ଟ୍ରାକ୍ଟର ବ୍ୟବହାର ଉପରେ ଥିବା କଟକଣା ହଟାଇବା, ଆଖୁ କ୍ରୟ ପରେ ବାକି ପଡ଼ିଥିବା ଟଙ୍କା ପରିଶୋଧ କରିବା, ଚିନିର ଯୋଗାଣ ମୂଲ୍ୟ ଏବଂ ମିନିମମ୍ ସପୋର୍ଟ ପ୍ରାଇସ୍ (ଏମ୍‌ଏସ୍‌ପି) ବୃଦ୍ଧି ଆଦି ଦାବି ଅନ୍ତର୍ଭୁକ୍ତ। ଦିଲ୍ଲୀ ସିଟି ପୋଲିସ କହିବା ଅନୁଯାୟୀ, ଭାରତୀୟ କିଷାନ ସଂଘର ହଜାର ହଜାର ସଦସ୍ୟ ହରିଦ୍ୱାରରୁ ଶୋଭାଯାତ୍ରା କରି ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିବେ ବୋଲି ସୂଚନା ମିଳିଥିଲା। ଏଣୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ପୂର୍ବ ଏବଂ ଉତ୍ତର-ପୂର୍ବ ଦିଲ୍ଲୀରେ ସୋମବାର ନିଷେଧାଦେଶ ଜାରି ହୋଇଥିଲା। ପ୍ରକାଶ ଯେ, ଉତ୍ତରାଖଣ୍ଡର ହରିଦ୍ୱାରରୁ ସେପ୍ଟେମ୍ବର ୨୩ରୁ କିଷାନ୍ କ୍ରାନ୍ତି ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ୟୁପିର ବହୁସଂଖ୍ୟକ ଚାଷୀ ସାମିଲ ହୋଇଛନ୍ତି।

“ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ଲାଗି ଦିଲ୍ଲୀ ଆସୁଥିବା ଚାଷୀଙ୍କୁ ଅତି ନିର୍ମମ ଭାବେ ପିଟି ଭାଜପା ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳନ ଆରମ୍ଭ କରିଛି। ଅନ୍ତର୍ଜାତୀୟ ଅହିଂସା ଦିବସକୁ ଏଭଳି ପାଳନ କରିଛନ୍ତି ସରକାର। ଏବେ ଆଉ ଚାଷୀମାନେ ମଧ୍ୟ ଅଭିଯୋଗ ଜଣାଇବା ପାଇଁ ରାଜଧାନୀ ଆସିପାରିବେ ନାହିଁ।



–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ”

“ ଚାଷୀଙ୍କ ଉପରେ ଲାଠି ଚାର୍ଜ ଅରାଜକତାର ସବୁଠୁ ବଡ଼ ଉଦାହରଣ। ଏହାର ପରିଣାମ ଭୋଗିବାକୁ ଶାସକ ଭାରତୀୟ ଜନତା ପାର୍ଟି ପ୍ରସ୍ତୁତ ହୋଇରହୁ। ଚାଷୀଙ୍କ ରୋଜଗାର ଦୁଇଗୁଣା କରାଇବାକୁ କହି ଭୋଟ ଜିତିବା ପରେ ଏବେ ଭାଜପା ସେମାନଙ୍କ ଉପରେ ଲୁହବୁହା ବାଷ୍ପ ପ୍ରୟୋଗ କରିବା ଅତି ନିନ୍ଦନୀୟ ଘଟଣା।



–ମାୟାବତୀ, ବିଏସ୍‌ପି ମୁଖ୍ୟ ”

“ ତୈଳଦର ବୃଦ୍ଧି ଯୋଗୁ ଚାଷୀ ସମୁଦାୟକୁ ଶକ୍ତ ଆଘାତ ଲାଗିଛି। ଜିଏସ୍‌ଟି ଲାଗୁ ହେବା ଏବଂ ବିମୁଦ୍ରୀକରଣ ମଧ୍ୟ ସେମାନଙ୍କୁ ସମସ୍ୟାରେ ପକାଇଛି। ଏପରିସ୍ଥଳେ ଚାଷୀମାନେ ବିଭିନ୍ନ ଦାବି ନେଇ ଚଳାଇଥିବା ଆନ୍ଦୋଳନକୁ ମୁଁ ସମର୍ଥନ ଜଣାଉଛି।



–ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ ”

# ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଆରମ୍ଭ

**ନୂଆଦିଲ୍ଲୀ/ୱାଶିଂଟନ,୨।୧୦(ପି.ଟି.)**

## ଅହିଂସାର ପୂଜକଙ୍କୁ ବିଶ୍ୱବ୍ୟାପୀ ଶ୍ରଦ୍ଧାଞ୍ଜଳି

୧୪୯ ତମ ଜୟନ୍ତୀ ଅବସରରେ ବିଶ୍ୱବ୍ୟାପୀ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପୂଜ୍ୟପୂଜ ପରମ୍ପରା ସହ କୁନି କୁନି ପିଲାଙ୍କ ଦ୍ୱାରା ରାଜଘାଟରେ ପୁଷ୍ପାଞ୍ଜଳି ଅର୍ପଣଠୁ ଆରମ୍ଭକରି, ସୋସିଆଲ୍ ମିଡିଆରେ 'ଇମୋଜି' ଏବଂ ହାଶ୍‌ଟ୍ୟାଗ୍ ଜରିଆରେ ଶ୍ରଦ୍ଧାଞ୍ଜଳି, ରାଜନେତାଙ୍କ ଅହିଂସା ବାର୍ତ୍ତା, ସେଲିବ୍ରିଟିଙ୍କ ଗାନ୍ଧୀବାଦ ମନ୍ତ୍ର ଜରିଆରେ ମହାନ୍ ନେତାଙ୍କୁ ସ୍ମରଣ କରାଯାଇଛି। ୧୫୦ତମ ଜୟନ୍ତୀ ଉତ୍ସବ ଆରମ୍ଭ ହେବା ସହ କଶ୍ମୀରଠୁ କନ୍ୟା କୁମାରୀ ଏବଂ ମୁମ୍ବାଇଠୁ ମିଜୋରାମ୍ ଯାଏ ସ୍ୱଚ୍ଛତା ଅଭିଯାନ ସାଙ୍ଗକୁ ଶାନ୍ତି, ସଦ୍‌ଭାବନା, ଅହିଂସା ବାର୍ତ୍ତା ସର୍ବଧର୍ମ ସମନ୍ୱୟର ବାତାବରଣ ଦେଖିବାକୁ ମିଳିଥିଲା। ଏହି ଜୟନ୍ତୀ ଉତ୍ସବ ୨୦୧୯ ଅକ୍ଟୋବର ୨ରେ ସମ୍ପୂର୍ଣ୍ଣ ହେବ। କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସମସ୍ୟା ଜର୍ଜରିତ ବିଶ୍ୱରେ ଗାନ୍ଧୀଙ୍କୁ ଜଣେ ମାର୍ଗ ଦର୍ଶକ ବୋଲି ବିବେଚନା କରିଛନ୍ତି ବିଦେଶୀ ନେତୃବୃନ୍ଦ।

ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ସମାଧୀସ୍ଥଳ ରାଜଘାଟ ଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାନ୍ଧୀଙ୍କ ନୀତି ଆଦର୍ଶ ଏବଂ ମୂଲ୍ୟବୋଧର ଅନୁପାଳନ ପାଇଁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରସାର ଉଦ୍ଦେଶ୍ୟରେ ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। ୪ ମିନିଟ୍‌ର ବୌଦ୍ଧ ଭଜନ ସହ ପ୍ରାର୍ଥନା ଆରମ୍ଭ ହୋଇ ବାହାଇ ଏବଂ ଖ୍ରୀଷ୍ଟିଆନ୍ ଧର୍ମର ପ୍ରାର୍ଥନା ଶୁଣିବାକୁ ମିଳିଥିଲା। ଏହାପରେ ହିନ୍ଦୁ ଶ୍ଳୋକ ଏବଂ ଇସ୍‌ଲାମ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ହିନ୍ଦୁ, ମୁସଲ୍‌ମାନ, ଶିଖ୍, ଜୈନ, ଇହୁଦୀ, ପାର୍ସୀ ଧର୍ମଗୁରୁ ଯୋଗ ଦେଇଥିଲେ। ଭାରତ ଗସ୍ତରେ ଆସିଥିବା ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ରାଜଘାଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଜୟନ୍ତୀ ଉତ୍ସବ ପାଇଁ ଭାରତ ପକ୍ଷରୁ ନେଦରଲାଣ୍ଡରେ ଏକ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ କରାଯାଇଛି। ସେହିପରି ଶାନ୍ତି ଏବଂ ଅହିଂସାର ପ୍ରଚାର ଲାଗି ଗାନ୍ଧିଜୀଙ୍କୁ ସମ୍ମାନ ଜନକ ମରଣୋତ୍ତର 'କଂଗ୍ରେସନାଲ୍ ଗୋଲ୍ଡ ମେଡାଲ୍' ସମ୍ମାନ ଦେବା ଲାଗି ଆମେରିକୀୟ ଆଇନ ପ୍ରଣେତାମାନେ ଦାବି କରିଛନ୍ତି। ସେମାନଙ୍କ ମଧ୍ୟରେ କେତକଣ ଭାରତୀୟ ବଂଶୋଦ୍ଭବ ମଧ୍ୟ ରହିଛନ୍ତି। ଚାଇନାର ରାଜଧାନୀ ବେଜିଂ ସହରରେ ଥିବା ଚାଓୟାଙ୍ଗ୍ ପାର୍କରେ ମଙ୍ଗଳବାର ଗାନ୍ଧୀ ଭଜନ ଶୁଣିବାକୁ ମିଳିଥିଲା। ଦେଶର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

ବିଶ୍ୱବ୍ୟାପୀ ୧୨୦ ଦେଶର ଆଇକନିକ୍ ସ୍ଥଳଗୁଡ଼ିକରେ ମହାତ୍ମା ଗାନ୍ଧୀଙ୍କ ଜୀବନ ଏବଂ ଆଦର୍ଶକୁ ଏଲ୍‌ଇଡି ମାଧ୍ୟମରେ ପରିପ୍ରକାଶ କରାଯାଇଛି। ବ୍ରିଟେନ୍‌ର ପିକାଡିଲୀ ସର୍କସ୍‌ଠୁ ଆରମ୍ଭକରି ଦୁବାଇର ବୁର୍ଜ ଖଲିଫାଠାରେ ଏହା ଶୋଭା ପାଇଥିଲା। ବିଦେଶରେ ଥିବା ଭାରତୀୟ ମିଶନ୍ ପକ୍ଷରୁ ଏଭଳି ଆୟୋଜନ କରାଯାଇଥିଲା। ମିଳିତ ଜାତିସଂଘ ଜେନେରାଲ୍ ଆସେମ୍ବ୍ଲି ସଭାପତି ମାରିଆ ଫର୍ନାଣ୍ଡା ଏସ୍‌ପିନୋସା ଗାର୍ସେସ୍ ଗାନ୍ଧୀଙ୍କ ଆଦର୍ଶ ବିଷୟରେ କହିଛନ୍ତି। ଏହି ଅବସରରେ ଜାତିସଂଘରେ ଏକ ଡାକଟିକ ମଧ୍ୟ ପ୍ରଚଳନ କରାଯାଇଛି।



ରାଜଘାଟଠାରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଗାନ୍ଧିଜୀଙ୍କ ସମାଧି ପୀଠରେ ପୁଷ୍ପାଞ୍ଜଳି ଦେଉଛନ୍ତି।

# ଇଣ୍ଡୋନେସିଆ ଭୂକମ୍ପ-ସୁନାମି: ମୃତ୍ୟୁସଂଖ୍ୟା ୧୨୩୪

**ପାଲୁ/ଜାକର୍ତ୍ତା,୨।୧୦(ପି.ଟି.)**

ଇଣ୍ଡୋନେସିଆରେ ଭୂକମ୍ପ-ସୁନାମି ଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୨୩୪ ଟପିଛି। ଶତାଧିକ ଲୋକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର ମଧ୍ୟ କରାଯାଇଛି। ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଥିବା ଉକ୍ତ ଅଞ୍ଚଳରେ ଭଗ୍ନାବଶେଷ ତଳୁ ଜୀବନର ସନ୍ଧାନ ଜାରି ରହିଛି ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ମୁଖପାତ୍ର ସୁତପୋ ପୂର୍ବନୁଗ୍ରହ ସୂଚନା ଦେଇଛନ୍ତି। ଅତଡ଼ା ତଳେ ଆହୁରି ଅନେକ ମୃତଦେହ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପାଲୁ ସହର ଉପରେ ଏବେ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଏହି ମହାବିପତ୍ତି ସମୟରେ ବିଶ୍ୱ ସମୁଦାୟକୁ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ସହାୟତା ନିବେଦନ କରିବା ପରେ ଦ୍ୱୀପରାଷ୍ଟ୍ର ଆଡ଼କୁ ୨୫ରୁ ଊର୍ଦ୍ଧ୍ୱ ଦେଶରୁ ସହଯୋଗର ହାତ ବଢ଼ିଛି। ଭୂକମ୍ପ ଏବଂ ସୁନାମି ଯୋଗୁ ୬୨,୦୦୦ ଲୋକ ବାସହରା ହୋଇପଡ଼ିଛନ୍ତି। ଖାଦ୍ୟ ପାଇଁ ହାହାକାର ସୃଷ୍ଟି ହୋଇଛି। ଲୋକେ ଖାଦ୍ୟ ପାଇଁ ସହଯୋଗ ମାଗୁଛନ୍ତି। ଏପରି କି ରାସ୍ତାକଡ଼ରେ ପିଲାମାନେ ବୁଲି ବୁଲି ଭିକ ମାଗୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ପୁଣିଥରେ ଇଣ୍ଡୋନେସିଆରେ ୫.୯ ତୀବ୍ରତା ବିଶିଷ୍ଟ ଭୂକମ୍ପ ଝଟକା ଅନୁଭୂତ ହୋଇଛି।

- ପୁଣି ମୃଦୁ ଭୂକମ୍ପ
- ଖାଦ୍ୟ ପାଇଁ ହାହାକାର

# ୨୦୧୪ରୁ ଦିଆଯାଇନାହିଁ ଗାନ୍ଧୀ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ,୨।୧୦(ପି.ଟି.)**

ମହାତ୍ମା ଗାନ୍ଧୀଙ୍କ ୧୪୯ତମ ଜୟନ୍ତୀ ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଉଛି। କିନ୍ତୁ ଚଳିତବର୍ଷ ମଧ୍ୟ ମହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ଶାନ୍ତି ପୁରସ୍କାର ଘୋଷଣା ହୋଇପାରିନାହିଁ। ୨୦୧୪ରୁ ଏହି ପୁରସ୍କାର ପ୍ରଦାନ କରାଯାଇନାହିଁ। ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବିଶ୍ୱନେତାଙ୍କୁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। କିନ୍ତୁ କ୍ରମାଗତ ଚାରିବର୍ଷ ହେଲା ଏହା ଘୋଷଣା ହୋଇପାରିନାହିଁ। ଏଥିଲାଗି ଅନେକ ପ୍ରସ୍ତାବ ଗ୍ରହଣ କରାଯାଇଛି, କିନ୍ତୁ ତାହା ପୁରସ୍କାରରେ ରୂପାନ୍ତରିତ କରିବା ଲାଗି ଅନୁମୋଦନ ଅପେକ୍ଷାରେ ରହିଛି ବୋଲି ସଂସ୍କୃତି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଶେଷଥର ପାଇଁ ୨୦୧୪ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ ଇସ୍ରୋକୁ ଗାନ୍ଧୀ ଅନ୍ତର୍ଜାତୀୟ ଶାନ୍ତି ପୁରସ୍କାର ମିଳିଥିଲା।





'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ପ୍ରୟାଣର ଚତୁର୍ବିଂଶତମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ପ୍ରଣମ୍ୟ ଧନେଶ୍ୱର ରଥ
ଆବିର୍ଭାବ : ୦୪.୦୨.୧୯୧୬ ତିରୋଧାନ : ୨୮.୧୦.୧୯୯୪
PUJYA PUJA SAMAROHA · DHANESWAR RATH FOUNDATION
ପୂଜ୍ୟପୂଜା ସମାରୋହ
ତା. ୩.୧୦.୨୦୧୮, ବୁଧବାର
ସ୍ଥାନ: ଟ୍ରିମ୍‌ସ ପରିସର, ଟାଙ୍ଗୀ, କଟକ
ସମୟ - ପୂର୍ବାହ୍ନ ଘ ୧୦.୩୦ମି
ଟ୍ରିମ୍‌ସ ଓ ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩/୨୦୧୮ | Bhubaneswar, Wednesday, October 3 / 2018 | ପୃଷ୍ଠା-୧



## ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦିଅନ୍ତୁ

ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦେବା ସହିତ ପ୍ରତିଟି କାର୍ଯ୍ୟରେ ତାଙ୍କ ସହିତ ସାମିଲ ହୁଅନ୍ତୁ ବୋଲି କହିଛନ୍ତି ବିଶିଷ୍ଟ ଅଭିନେତ୍ରୀ ଶବାନା ଆଜ୍‌ମୀ ।

୦୭

୧୭

## ଆର୍ଜେଣ୍ଟିନା ଗଲେ ଭାରୋତ୍ତୋଳିକା ସ୍ନେହା

ଯୁଥ୍ ଅଲିମ୍ପିକ ଗେମ୍ସରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ଭାରୋତ୍ତୋଳିକା ସ୍ନେହା ସୋରେନ ଆର୍ଜେଣ୍ଟିନା ଗସ୍ତ କରିଛନ୍ତି।








## ■ ପଲିଥିନ ନିଷେଧ

# ନଭେମ୍ବର ପହିଲାରୁ ଚଢ଼ାଉ ଜୋରଦାର

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ରାଜ୍ୟ ସରକାର ୫ ମହାନଗର ନିଗମ ସମେତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନିଷେଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ଏହି କଟକଣା ଲାଗୁ କରାଯାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ପଲିଥିନ ଉପରେ କଟକଣା ଲଗାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ ପଲିଥିନ କଟକଣା କାର୍ଯ୍ୟକାରୀ କରିବେ।

ମଙ୍ଗଳବାରଠାରୁ ପଲିଥିନ ନିଷେଧ କରାଯାଇଥିଲେ ମଧ୍ୟ ଏନେଇ ସେତେଟା ଧରପଗଡ ଜୋରଦାର କରାଯାଇ ନାହିଁ। ମାସକ ମଧ୍ୟରେ ପଲିଥିନକୁ ହଟାଇବା ପାଇଁ ବ୍ୟବସାୟୀ ଏବଂ ଉତ୍ପାଦନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ପହିଲାରୁ ଚଢାଉ ☞ପୃଷ୍ଠା-୧୪

# 'ଗରିବଙ୍କ କଥା ରଖିପାରିଛି'

ଭୁବନେଶ୍ୱର,୨।୧୦(ବ୍ୟୁରୋ)

୨୦୧୪ ନିର୍ବାଚନ ବେଳେ ଆମେ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲୁ। ଆଜି ଆମେ ସେହି କଥାକୁ ରଖିପାରିଛୁ। ରାଜ୍ୟରେ ବର୍ତ୍ତମାନ ୨୫ ଲକ୍ଷ ଗରିବ ଲୋକ ଏହି ଯୋଜନାର ସୁବିଧା ପାଇବେ। ୧ ଟଙ୍କାରେ ଚାଉଳ ଦିଆଯିବ। ଖାଦ୍ୟ ସୁରକ୍ଷା ଆପଣଙ୍କ ଅଧିକାର। ଆମ ସରକାର ସବୁ ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବେ। ମଙ୍ଗଳବାର ଅପରାହ୍ନରେ ସଚିବାଳୟଠାରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍ଏଫ୍ଏସ୍ଏସ୍) ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି



■ ଆରମ୍ଭ ହେଲା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା
■ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
■ ୩ରୁ ୧୦ ମଧ୍ୟରେ ବ୍ଲକରେ ବଣ୍ଟାହେବ ରାଶନ କାର୍ଡ

ଯେ, ୨୦୧୪ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫଏସଏ) କାର୍ଯ୍ୟକାରୀ ହେଲା। କିନ୍ତୁ ବହୁ ଲୋକ ଏହି ସୁବିଧା ପାଇ ପାରୁ ନ ଥିଲେ। ଏଥିପାଇଁ ବହୁବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ମୁଁ ଯେତେବେଳେ ସାଧାରଣ ଲୋକଙ୍କୁ ଭେଟିଛି ସେତେବେଳେ ବହୁ ଲୋକ ଏହି ସୁବିଧା ପାଇଁ ମୋତେ ଅନୁରୋଧ କରୁଥିଲେ। ଆଜି ସେହି ଗରିବ ଲୋକଙ୍କ କଥା ମୁଁ ରଖି ପାରିଛି। ☞ପୃଷ୍ଠା-୧୪

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଆଜିର ସମ୍ପାଦକୀୟ

ଦଣ୍ଡ ନୁହେଁ, ଦମ୍ଭ

## ■ ଅପ୍‌ଟିକାଲ୍ ଲେଜର୍ ଉଦ୍ଭାବନ

# ୩ ଜଣଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହୋମ୍,୨।୧୦(ପି.ଟି.)

ଚକ୍ଷୁ ଚିକିତ୍ସା ଦିଗରେ ଉଲ୍ଲେଖନୀୟ ଉଦ୍ଭାବନ ପାଇଁ ତିନି ବୈଜ୍ଞାନିକ ୨୦୧୮ ପାଇଁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇବେ। ସ୍ୱତନ୍ତ୍ର ଅପ୍‌ଟିକାଲ୍ ଲେଜର୍ ଉଦ୍ଭାବନ ପାଇଁ ଆମେରିକୀୟ ପଦାର୍ଥ ବିଜ୍ଞାନୀ ଆର୍ଥୁର୍ ଆଶ୍‌କିନ୍, ଫ୍ରାନ୍ସର ଜେରାର୍ଡ ମୌରୁ ଏବଂ କାନାଡାର ଡୋନା ଷ୍ଟ୍ରିକ୍‌ଲାଣ୍ଡ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅପ୍‌ଟିକାଲ୍ ଲେଜର୍ ଦୃଷ୍ଟିଶକ୍ତି ଫେରାଇବା ପାଇଁ ହେଉଥିବା ଚକ୍ଷୁ ଅସ୍ତ୍ରୋପଚାର (କରେକ୍ଟିଭ୍ ଆଏ ସର୍ଜରୀ) ପାଇଁ ଆବଶ୍ୟକ ଆଡ୍‌ଭାନ୍ସ ପ୍ରିସିସନ୍ ଇନ୍‌ଷ୍ଟ୍ରୁମେଣ୍ଟ (ସ୍ୱଷ୍ଟତା ପାଇଁ ବ୍ୟବହୃତ ଉପକରଣ) ☞ପୃଷ୍ଠା-୨



ଆର୍ଥୁର୍ ଆଶ୍‌କିନ୍ | ଜେରାର୍ଡ ମୌରୁ | ଡୋନା ଷ୍ଟ୍ରିକ୍‌ଲାଣ୍ଡ

## ଆଜିର ମନ୍ତବ୍ୟ

"ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ବିଶ୍ୱ ସମୁଦାୟ ଏକାଠି ହେବା ଜରୁରୀ ।
- ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଜାତୀୟ ଜଳପଥ-୧ରେ ୫.୫ ନିୟୁତ ଟନ୍ ମାଲ୍ ପରିବହନ ହୋଇଛି।
-ଜାହାଜ ଚଳାଚଳ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 02.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


# ଅଣ୍ଡରଟେକିଂ ଲେଖିବେ ସେବାୟତ

ପୁରୀ ଅଫିସ, ୨।୧୦

## ଶ୍ରୀମନ୍ଦିର ସଂସ୍କାର ମାମଲା



■ ୩ ମାସ ମଧ୍ୟରେ ସବୁ ନିଯୋଗ କରିବେ ନିର୍ବାଚନ
■ ନିଯୋଗକୁ ଚିଠି ଲେଖିଲା ମନ୍ଦିର ପ୍ରଶାସନ
■ ରହିଛି ୧୦ ସର୍ତ୍ତ, ୭ ଦିନ ଭିତରେ ଦେବାକୁ ନିର୍ଦ୍ଦେଶ

ସେବା ଅଧିକାରକୁ ସୁରକ୍ଷିତ ରଖିବାକୁ ହେଲେ ସେବକଙ୍କୁ ଶୃଙ୍ଖଳିତ ହେବାକୁ ପଡିବ। ଆଚାର, ବ୍ୟବହାରରେ ପରିବର୍ତ୍ତନ ସାଙ୍ଗକୁ ୧୦ଟି ସର୍ତ୍ତ ମାନିବାକୁ ହେବ। ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରିଙ୍କୁ ସେବାୟତଙ୍କୁ ଅଣ୍ଡରଟେକିଂ ଲେଖିଦେବାକୁ ପଡିବ। ଏଥିପାଇଁ ଅକ୍ଟୋବର ପହିଲାରେ ମୁଖ୍ୟ ପ୍ରଶାସକ ସବୁ ନିଯୋଗକୁ ଚିଠି ଲେଖିଛନ୍ତି। ଚିଠି ପାଇବାର ୭ ଦିନ ମଧ୍ୟରେ ଅଣ୍ଡରଟେକିଂ ଦେବା ପାଇଁ ଦର୍ଶାଯାଇଛି। ଏଥିରେ ୧୦ଟି ସର୍ତ୍ତ ରହିଛି। ☞ପୃଷ୍ଠା-୧୪






# ଭୂକମ୍ପ ବିପତ୍ତି: ଭୁବନେଶ୍ୱରରେ ସର୍ଭେ ଆରମ୍ଭ

ଭୁବନେଶ୍ୱର,୨।୧୦(ବ୍ୟୁରୋ)



■ ସହରର କେଉଁ ଅଞ୍ଚଳ କେତେ ବିପଦ ଖୋଜିବ କେନ୍ଦ୍ରୀୟ ବିଶେଷଜ୍ଞ ଟିମ୍
■ ୧୧୦୦ ସ୍ଥାନରେ ହେବ ସର୍ଭେ, ସବୁ ଅଞ୍ଚଳ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ଭୂକମ୍ପ ନକ୍ସା

ରାଜଧାନୀ ଭୁବନେଶ୍ୱରର କଳେବର ବଢି ଚାଲିଛି। ଗତ ୨ ଦଶନ୍ଧି ମଧ୍ୟରେ ସହରର ଜନସଂଖ୍ୟା ଦୁଇଗୁଣା ବୃଦ୍ଧି ପାଇଥିବା ବେଳେ କୋଠାବାଡି ସଂଖ୍ୟା ମଧ୍ୟ ବହୁ ପରିମାଣରେ ବଢିଛି। ଏଥିସହିତ ବହୁତଳ ଅଟ୍ଟାଳିକା ନିର୍ମାଣ ଦ୍ରୁତଗତିରେ କାୟା ବିସ୍ତାର କରି ଚାଲିଛି। ରାଜଧାନୀରେ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ମଧ୍ୟ ଏଡାଯାଇ ନ ପାରେ। ରାଜ୍ୟର ଏହି ବୃହତ ସହରର କେଉଁ ଅଞ୍ଚଳ କେତେ ଭୂକମ୍ପପ୍ରବଣ ତାହାକୁ ନେଇ କେନ୍ଦ୍ର ସରକାର ସର୍ଭେ କରିବା ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ଭୂ-ବିଜ୍ଞାନ ମନ୍ତ୍ରଣାଳୟର ବିଶେଷଜ୍ଞ ଦଳଙ୍କ ସହ ରାଜ୍ୟ ସରକାରଙ୍କ ଅଧିକାରୀଙ୍କୁ ନେଇ ଭୁବନେଶ୍ୱର ଉନ୍ନୟନ ଯୋଜନା ଅଞ୍ଚଳ(ବିଡିପିଏ)ରେ ଛୋଟ ଛୋଟ ଭୂକମ୍ପ ସମ୍ଭାବ୍ୟ ଅଞ୍ଚଳ ମାନଚିତ୍ର ପ୍ରସ୍ତୁତ କରାଯିବ। ମନ୍ତ୍ରଣାଳୟ ବିଶେଷଜ୍ଞଙ୍କୁ ନେଇ ପ୍ରାଥମିକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସର୍ଭେକୁ ସହାୟତା କରିବାକୁ ରାଜ୍ୟ ସରକାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଏହି ଟିମ୍ ମନ୍ତ୍ରଣାଳୟର ☞ପୃଷ୍ଠା-୨



ଛତିଶଗଡ଼ ବିଳାସପୁର ଅନ୍ତର୍ଗତ ତଖତପୁର ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କ ଅଶ୍ଳୀଳ ଭିଡିଓ ତିଆରି କରି ଜଣେ ଯୁବକ ତାଙ୍କୁ ବ୍ଲାକ୍‌ମେଲ କରି ବଳାତ୍କାର କରୁଥିଲେ। କୋଲ୍ଡ୍ରିଙ୍କସ୍‌ରେ ନିଶା ମିଶାଇ ମହିଳାଙ୍କ ଅଶ୍ଳୀଳ ଭିଡିଓ କରିବା ପରେ ଯୁବକ ଜଣକ ଏଭଳି କରୁଥିବା ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।







# ଉଦ୍‌ଘାଟିତ ହେଲା 'ମହାତ୍ମା ସେତୁ'

**ବାଲିଅନ୍ତା,୨।୧୦(ଡି.ଏନ୍.ଏ.)**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପୁରୁଣା ଜଗନ୍ନାଥ ସଡ଼କର କୁଶଭଦ୍ରା ନଦୀ ଉପରେ ନବନିର୍ମିତ 'ମହାତ୍ମା ସେତୁ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ୫୦ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଲିଅନ୍ତାସ୍ଥିତ ଗାନ୍ଧୀପୀଠରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେଠାରେ ଆୟୋଜିତ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଏହାପରେ ସେତୁସ୍ଥଳକୁ ଯାଇ ଗାନ୍ଧିଜୀଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରିଥିଲେ। ସେତୁର ଉଦ୍‌ଘାଟନୀ ଫଳକକୁ ଉନ୍ମୋଚନ କରିବା ପରେ ସେତୁ ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନ କରିସାରିବା ପରେ ମୁଖ୍ୟମନ୍ତ୍ରୀ ସେତୁ ଉପରେ ଚାଲିଚାଲି ଯାଇ ନ ଥିଲେ କି ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ନ ଥିଲେ।

କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ ସଦ୍‌ଭାବନା ଜ୍ୟୋତିଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ପୂର୍ତ୍ତ ବିଭାଗର ଭୁବନେଶ୍ୱର ଡିଭିଜନ-୨ ପକ୍ଷରୁ ୨୬.୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମହାତ୍ମା ସେତୁ ୧୧ ସ୍ପାନ୍ ବିଶିଷ୍ଟ। ୨୦୧୪ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମହାତ୍ମା ସେତୁ' ଉଦ୍‌ଘାଟନ କରୁଛନ୍ତି।

- ସେତୁର ଲମ୍ବ ୩୮୦ ମି., ଚୌଡ଼ା ୧୦.୫ ମି.
- ସେତୁସ୍ଥଳରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ
- ଗାନ୍ଧୀ ସଦ୍‌ଭାବନା ଜ୍ୟୋତିଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଲେ

୩୮୦ମିଟର ଲମ୍ବ ଏବଂ ୧୦.୫ମିଟର ଚୌଡ଼ା ବିଶିଷ୍ଟ ଏହି ସେତୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ହୋଇଛି। ବାଲିଅନ୍ତାରୁ ଭୁବନ ଗ୍ରାମକୁ ସଂଯୋଗ କରୁଥିବା ପୁରୁଣା ଜଗନ୍ନାଥ ସଡ଼କ ଦେଇ ଗାନ୍ଧିଜୀ ୧୯୩୪ ମସିହାରେ ଉତ୍କଳ ପଦଯାତ୍ରା ସମୟରେ ବାଲିଅନ୍ତାକୁ ଆସିଥିଲେ। ଏଠାରେ ସେ ନିକୁଞ୍ଜ ବିହାରୀ ମନ୍ଦିରରେ ୩ଦିନ କାଳ ଅବସ୍ଥାନ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ସେତୁକୁ 'ମହାତ୍ମା ସେତୁ' ନାମରେ ନାମିତ କରାଯାଇଛି।

ସେତୁ ଉଦ୍‌ଘାଟନୀ ଉତ୍ସବରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା, ଭୁବନେଶ୍ୱର ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେତୁ ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଭୁବନେଶ୍ୱର ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ଦାସ, ସହକାରୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର ଓ ଦିଲୀପ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା ସହ ସହଯୋଗ କରିଥିଲେ। ଉତ୍ସବ ଅବସରରେ ସେତୁର ଉଭୟ ପାର୍ଶ୍ୱରେ ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

# ସମୁଦ୍ରରେ ବୁଡ଼ି ଜଣେ ଛାତ୍ର ନିଖୋଜ, ୨ ଉଦ୍ଧାର

**ପାରାଦୀପ,୨।୧୦(ସ୍ୱ.ପ୍ର.)**

ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ପାରାଦୀପରେ ଏକ ଅଭାବନୀୟ ଘଟଣା ଘଟିଛି। ସକାଳ ୯ଟାରେ ସାଙ୍ଗମାନଙ୍କ ସହ ସମୁଦ୍ରରେ ଗାଧୋଉଥିବାବେଳେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ତାଙ୍କର ଅନ୍ୟ ୨ଜଣ ସାଙ୍ଗଙ୍କୁ ସେଠାରେ ଉପସ୍ଥିତ ଜଣେ ନୋଳିଆ ଉଦ୍ଧାର କରିଛନ୍ତି। ନିଖୋଜ ଛାତ୍ର ହେଲେ ସ୍ଥାନୀୟ ମଧୁବନ ଗୋପାଳଜୀଉ କଲୋନୀର ଅଜୟ ଦାସଙ୍କ ପୁଅ ଅଂଶୁମାନ। ଉଦ୍ଧାର ହୋଇଥିବା ୨ ଛାତ୍ର ଶୁଭମ୍‌କୁଲୁ ଓ ସାଇଜ୍ୟୋତିଙ୍କୁ ଗୁରୁତର ଅବସ୍ଥାରେ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ସମସ୍ତେ ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିଲେ।

ପ୍ରତ୍ୟକ୍ଷଦର୍ଶୀ ତଥା ସେମାନଙ୍କ ସାଙ୍ଗ ମିର୍ଜା ଫିରୋଜ କହିଛନ୍ତି ଯେ ସେମାନେ ୬ଜଣ ସମୁଦ୍ର କୂଳରେ ଭଲିବଲ୍ ଖେଳୁଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଗାଧୋଇବା ପାଇଁ ସମୁଦ୍ରକୁ ଲମ୍ଫ ମାରିଥିଲେ। ଏହି ସମୟରେ ସମୁଦ୍ର ଢେଉରେ ସେମାନେ ଭିତରକୁ ଭାସିଯାଇଥିଲେ। ସେଠାରେ ମାଛ ଧରୁଥିବା ଜଣେ ନୋଳିଆ ନିଜ ଜୀବନକୁ ବାଜି ଲଗାଇ ୨ଜଣଙ୍କୁ କୂଳକୁ ଟାଣି ଆଣିଥିଲେ। କିନ୍ତୁ ଅଂଶୁମାନ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ସିଆଇଏସ୍‌ଏଫ୍, ଅଗ୍ନିଶମ କର୍ମଚାରୀ, ମେରାଇନ୍ ପୋଲିସ ପହଞ୍ଚିଥିଲେ ହେଁ ନିଖୋଜ ଛାତ୍ରଙ୍କ ସନ୍ଧାନ ମିଳିନାହିଁ। ସୂଚନାଯୋଗ୍ୟ, ସ୍କୁଲ ଛୁଟି ଥିବାରୁ ପିଲାମାନେ ଖେଳିବାକୁ ବେଳାଭୂମିକୁ ଯାଇଥିଲେ।



ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ଇ ଭଲ ଭାବେ ଜଣା । –ଶ୍ରୀଅରବିନ୍ଦ



# ଦଣ୍ଡ ନୁହେଁ, ଦମ୍ଭ

ସମାଜରେ ବଳାତ୍କାର ପୀଡ଼ିତାଙ୍କ ଦୁଃଖ କହିଲେ ନ ସରେ। ଏଭଳି କୁତ୍ସିତ ଅତ୍ୟାଚାରର ଶିକାର ହୋଇଥିବା ପୀଡ଼ିତା ଜୀବନସାରା ଏହାକୁ ନେଇ ମନସ୍ତାପରେ ଥାଆନ୍ତି। ଏପରିକି ଅଭିଯୁକ୍ତଙ୍କ ବିରୋଧରେ ମାମଲା ଚାଲିଥିଲେ ମଧ୍ୟ ତାଙ୍କ ଉପରେ ଶାରୀରିକ ଓ ମାନସିକ ଚାପ ପଡ଼ିଚାଲିଥାଏ। ଅନେକ କ୍ଷେତ୍ରରେ ସମୟ ଏଭଳି ଆସେ, ଯେତେବେଳେ ଅଭିଯୁକ୍ତଙ୍କ ଧମକରୁ ବଞ୍ଚିବାକୁ ଯାଇ ପୀଡ଼ିତା ନିଜ ବୟାନରୁ ଓହରିଯିବାକୁ ବାଧ୍ୟ ହୋଇଥାଆନ୍ତି। କେବଳ ସେତିକି ନୁହେଁ, ପରିବାର, ସାଙ୍ଗସାଥୀ ଏବଂ ପଡ଼ୋଶୀ ମଧ୍ୟ ମାନସିକ ଚାପ ପକାଇବାରେ ପଛରେ ରହନ୍ତି ନାହିଁ। ଫଳରେ ପୀଡ଼ିତାଙ୍କ ସାମାଜିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇପଡ଼େ। ମନେହୁଏ ଯେପରି ତାଙ୍କ ଦୁଃଖ ବୁଝିବା ପାଇଁ ପୃଥିବୀରେ କେହିନାହାନ୍ତି। ଏଭଳି ମାନସିକ ସ୍ଥିତି ବୁଝିବା ଅତ୍ୟନ୍ତ କଷ୍ଟକର। କହିଦେବା ସହଜ, ବଞ୍ଚିବା ଅସମ୍ଭବ ହୋଇପଡ଼େ।

ସେପ୍ଟେମ୍ବର ୨୯ରେ ଜଷ୍ଟିସ ରଞ୍ଜନ ଗୋଗୋଇ, ନବୀନ ସିହ୍ନା ଓ କେ.ଏମ୍. ଯୋଶେଫଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ରାୟ ଦେଇ କହିଛନ୍ତି ଯେ, ଅଭିଯୁକ୍ତଙ୍କ ବିରୋଧରେ ପୀଡ଼ିତା ଦେଇଥିବା ବୟାନକୁ ଯଦି ନିଜେ ବଦଳାଇ ଦିଅନ୍ତି, ତେବେ ତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯାଇପାରେ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଏକ ଆପରାଧିକ ମାମଲାରେ ଅଭିଯୁକ୍ତଙ୍କୁ ମୁକ୍ତ କରିଦେବା ଏକ ଗମ୍ଭୀର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଭଳି ଅନୁମତି ଦିଆଗଲେ ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଓ ସମାଜ ପ୍ରତି ଉପହାସ ସଦୃଶ ହେବ ବୋଲି ସର୍ବୋଚ୍ଚ ଅଦାଲତ ଅନୁଭବ କରି ଏହି ରାୟ ଦେଇଛନ୍ତି । କିନ୍ତୁ କେଉଁଭଳି ପରିସ୍ଥିତିର ସାମ୍ନା କରି ପୀଡ଼ିତା ଏପରି ପଦକ୍ଷେପ ନେଉଛନ୍ତି ତାହା ବିଚାରଯୋଗ୍ୟ। ସମସ୍ତେ ଜାଣନ୍ତି ଯେ, ଜଣେ ଯୁବତୀ ବା ମହିଳା ବଳାତ୍କାର ଭଳି ଅତ୍ୟାଚାରର ସମ୍ମୁଖୀନ ହେଲେ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ବହୁ ଟାହିଟାପରାର ଶିକାର ହେବାକୁ ପଡ଼େ। ଅଭିଯୁକ୍ତ ଅର୍ଥ ଓ ବାହୁବଳ ଜରିଆରେ ପୀଡ଼ିତା କିମ୍ବା ତାଙ୍କ ପରିବାର ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରିଥାଆନ୍ତି। ଏପରିକି ସାକ୍ଷୀମାନେ ମଧ୍ୟ ଭୟଭୀତ ହୋଇ ବୟାନ ବଦଳାଇ ଦେଇଥାଆନ୍ତି। କେତେକ କ୍ଷେତ୍ରରେ ପୀଡ଼ିତାଙ୍କୁ ବିବାହ କରିବାର ଲୋଭ ଦେଖାଇ ବା ଟଙ୍କାପଇସା ଦେଇ ମାମଲା ରଫାଦଫା କରିଦିଆଯାଇଥାଏ। ସୁପ୍ରିମକୋର୍ଟ ଯେଉଁ ମାମଲାକୁ ଭିତ୍ତି କରି ଉପରଲିଖିତ ରାୟ ଦେଇଛନ୍ତି, ତାହାର ପୃଷ୍ଠଭୂମି ଦେଖିଲେ ବଳାତ୍କାର ପୀଡ଼ିତାଙ୍କ ଉପରେ ଅତ୍ୟଧିକ ଚାପ ପଡ଼ିଥିବ ବୋଲି କୁହାଯାଇପାରେ। ଗୁଜରାଟରେ ୨୦୦୪ରେ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ମା' ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ଗିରଫ ହେବା ପରେ ତଳ କୋର୍ଟ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ଦେଇଥିଲେ। ହେଲେ ଏହାର ୬ ମାସ ପରେ ପୀଡ଼ିତା ଓ ତାଙ୍କ ଭଉଣୀ, ଯେ କି ଘଟଣାର ମୁଖ୍ୟ ସାକ୍ଷୀ ଥିଲେ କୋର୍ଟରେ ବୟାନ ବଦଳାଇ ଦେଇଥିଲେ। ଫଳରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଇଥିଲେ। କିନ୍ତୁ ଗୁଜରାଟ ହାଇକୋର୍ଟ ପୀଡ଼ିତାଙ୍କ ମେଡିକାଲ ରିପୋର୍ଟ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସ୍ଥିତି ଦେଖି ତଳକୋର୍ଟ ରାୟକୁ ଖାରଜ କରି ଦେଇଥିଲେ। ଅଭିଯୁକ୍ତ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସର୍ବୋଚ୍ଚ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ପୀଡ଼ିତା ବୟାନ ବଦଳାଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି କହିଲେ ମଧ୍ୟ ଡାକ୍ତରୀ ରିପୋର୍ଟ ସହ ଅନ୍ୟାନ୍ୟ ପ୍ରମାଣ ଭିତ୍ତିରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ। ଏଥିସହିତ ରାୟରେ ଦର୍ଶାଯାଇଛି, ଏଭଳି କ୍ଷେତ୍ରରେ ପୀଡ଼ିତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇପାରେ। କାରଣ ନ୍ୟାୟିକ ପ୍ରକ୍ରିୟାକୁ ବଦଳାଇବା ପାଇଁ ପୀଡ଼ିତା ତାଙ୍କ ବୟାନ ବଦଳାଇଲେ କୋର୍ଟ ନୀରବଦ୍ରଷ୍ଟା ସାଜିପାରିବ ନାହିଁ। ଦେଖିବାକୁ ଗଲେ ଅନେକ କ୍ଷେତ୍ରରେ ପୂର୍ବ ରାଗ ଓ ଶତ୍ରୁତା ଶୁଝାଇବା ପାଇଁ କେତେକ ମହିଳା ବଳାତ୍କାର ଭଳି ଅଭିଯୋଗ ମିଛରେ ଆଣିଥାଇପାରନ୍ତି। ମିଥ୍ୟା ମାମଲା ଆଣୁଥିବା ମହିଳାଙ୍କୁ ଏହି ରାୟ ବାଧକ ସାଜିପାରେ। ଏହା ମଧ୍ୟ ସତ୍ୟ ଯେ, ବଳାତ୍କୃତା ମାମଲା ରୁଜୁ କରିବାରୁ ପଛଘୁଞ୍ଚା ଦିଅନ୍ତି। ସମାଜରେ ଏକଘରକିଆ ହେବାର ଭୟ, ପାରିପାର୍ଶ୍ୱିକ ଚାପ ଏବଂ ଦୀର୍ଘସମୟ ମାମଲା ଚାଲିବାର ଆଶଙ୍କା ସେମାନଙ୍କୁ ନ୍ୟାୟ ପ୍ରକ୍ରିୟାରୁ ଦୂରେଇ ରଖେ। ପ୍ରକୃତ ପୀଡ଼ିତାଙ୍କ ପାଇଁ ଏଭଳି ରାୟ ଅଧିକ ଚାପ ସୃଷ୍ଟି କରିବ। କାରଣ ତାହା ସହିତ ଆବଶ୍ୟକ ସହଯୋଗ ଯଥା କାଉନ୍‌ସେଲିଂ ଓ ସାକ୍ଷୀଙ୍କୁ ସୁରକ୍ଷା ଅପୂରଣୀୟ ରହିଗଲା। ଭାରତବର୍ଷରେ ସାକ୍ଷୀଙ୍କୁ କେମିତି ଭୟଭୀତ କରାଯାଏ, ତାହାର ସଦ୍ୟ ପ୍ରମାଣ ପେହେଲୁ ଖାନ୍ ହତ୍ୟା ମାମଲାରେ ସାକ୍ଷୀ ଦେବାକୁ ଯାଉଥିବା ତାଙ୍କ ପୁଅ ଏବଂ ଓକିଲଙ୍କ ଉପରେ ଗୁଳିମାଡ଼ ଦର୍ଶାଇଛି। ଏଭଳି ସ୍ଥଳେ ଜଣେ ବଳାତ୍କାର ପୀଡ଼ିତା କିଭଳି ଦମ୍ଭ ପାଇବେ ସେ ଦିଗରେ ଅଧିକ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି।

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ ବଉଳିଛି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚାଁଦ ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସିତ ଚୂତ। (ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | | | | | A | | | | 5 | 0 | | | |
| | A | 7 | B | 1 | | | C | | 9 | 2 | E | | | |
| | | | 9 | 4 | | 6 | | | | | 1 | | D | 0 |
| | | | | | | 2 | 4 | | | B | 3 | 8 | 1 | |
| | | | | | 8 | | 7 | 5 | | | A | | | |
| | | 1 | 8 | B | | | 2 | | A | | | 6 | E | C |
| 6 | | 5 | | 2 | | | | | | 3 | | D | 9 | |
| 0 | | E | | | D | 3 | | | B | 8 | | | | A |
| 4 | 3 | | | A | | | | | | 9 | | | 7 | |
| | | | | E | | | | | | | | | | B |
| | | 4 | 1 | 6 | | 9 | | 2 | 7 | | | E | | |
| | | 6 | | | | 0 | A | | D | | | | | |
| | 5 | A | | | 4 | | | 1 | | | 8 | | | |
| | C | | | | | | | | | | | | | 5 |
| | D | | 2 | | | 4 | 3 | 7 | | | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | C | 2 | D | 5 | 3 | 9 | 7 | B | E | 6 | A | 1 | 0 |
| 3 | D | 2 | 7 | 8 | 9 | 6 | C | 1 | A | 5 | 0 | E | B | 4 |
| B | 9 | 6 | 1 | C | 0 | 5 | E | A | 4 | 8 | D | 2 | 7 | 3 |
| 7 | A | 0 | E | B | 6 | 4 | 8 | 2 | 9 | 3 | 1 | D | C | 5 |
| E | 5 | 1 | 3 | 4 | A | 0 | B | D | 2 | C | 7 | 6 | 9 | 8 |
| D | E | 5 | 0 | 1 | 8 | 7 | 2 | C | 6 | 4 | 9 | B | 3 | A |
| 0 | 7 | 8 | 9 | 2 | 4 | B | 5 | E | 1 | A | 3 | C | 6 | D |
| 9 | 6 | 3 | B | 7 | C | A | 0 | 4 | 8 | D | 5 | 1 | 2 | E |
| 1 | C | B | A | 3 | E | D | 6 | 8 | 7 | 0 | 2 | 5 | 4 | 9 |
| 4 | 2 | A | 5 | 6 | D | 1 | 3 | 9 | C | B | E | 0 | 8 | 7 |
| 2 | 3 | 4 | 8 | 5 | 7 | C | A | 0 | D | 6 | B | 9 | E | 1 |
| 5 | B | D | C | 9 | 2 | E | 7 | 3 | 0 | 1 | 8 | 4 | A | 6 |
| C | 8 | E | D | A | 3 | 9 | 1 | 6 | 5 | 2 | 4 | 7 | 0 | B |
| 6 | 0 | 7 | 4 | E | 1 | 2 | D | B | 3 | 9 | A | 8 | 5 | C |
| A | 1 | 9 | 6 | 0 | B | 8 | 4 | 5 | E | 7 | C | 3 | D | 2 |

ଗତକାଲିର ଉତ୍ତର

# ମୋ ସୌନ୍ଦର୍ଯ୍ୟ ତୁମ ବୁଦ୍ଧିମତ୍ତା



ସରଳ କୁମାର ଦାସ

କୁହାଯାଏ ତିନି ତୁଣ୍ଡରେ ଛେଳି କୁକୁର। ଅର୍ଥାତ୍ ବହୁ ଲୋକଙ୍କ ମୁହଁରେ ମିଛ କଥାଟିକୁ ବାରମ୍ବାର କୁହାଗଲେ ତାହା ସତ ଭଳି ଜଣା ପଡିଥାଏ। ସତଟି ମିଛ ହୋଇଯାଏ। ଏହିଭଳି କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଜଣଙ୍କର ସମ୍ମାନହାନି ବା ଭାବମୂର୍ତ୍ତି କ୍ଷୁଣ୍ଣ କରିବାରେ ସକ୍ଷମ ହୋଇଥାନ୍ତି। ଏହିପରି ସାଧାରଣ ଲୋକଙ୍କୁ ବ୍ୟବହାର କରି ଜଣେ ବ୍ୟକ୍ତିଙ୍କୁ ମହିମାମଣ୍ଡିତ କରିବା ସଙ୍ଗେସଙ୍ଗେ ଜନସାଧାରଣଙ୍କ ସମ୍ମୁଖରେ ତା'ର ଏକ ଭିନ୍ନ ଛବି ପ୍ରସ୍ତୁତ କରିହୁଏ। ଅନେକ ପ୍ରବାଦ ପୁରୁଷଙ୍କ ସହ ଉପାଖ୍ୟାନମାନ ଯୋଡ଼ା ହେବା କେବଳ ସଂଯୋଗ ନୁହେଁ। ସ୍ଥଳ ବିଶେଷରେ ଉପାଖ୍ୟାନ ସହ ଜଡ଼ିତ ଘଟଣାଟି ସମ୍ପୂର୍ଣ୍ଣ ମିଛ ହୋଇଥିବା ବେଳେ ଅଧିକାଂଶ କ୍ଷେତ୍ରରେ ଘଟଣାଟି ବର୍ଣ୍ଣିତ ଢଙ୍ଗରେ ଘଟି ନ ଥାଏ। ସେଥିରେ ମସଲା ଦେଇ ତାକୁ ସାମାଜିକ ଓ ରାଜନୈତିକ ଭାବେ ପରିପୁଷ୍ଟ କରାଯାଏ।

ମଜାର କଥା, ଅନେକ ସମୟରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପାଖ୍ୟାନର ବର୍ଣ୍ଣନାରେ ଆମୋଦିତ ହୋଇଥାନ୍ତି ଓ ଏହାକୁ ଉପଭୋଗ କରିଥାନ୍ତି, ହେଲେ ତା'ର ପ୍ରତିବାଦ କରିବାକୁ ଚାହିଁ ନ ଥାନ୍ତି ବା କରିପାରି ନ ଥାନ୍ତି। ସେଥିପାଇଁ ଏଭଳି ପ୍ରବାଦ ପୁରୁଷଙ୍କ ମଧ୍ୟରୁ କେହି କେହି ନିଜ ଆତ୍ମଜୀବନୀ ଲେଖିବା ପାଇଁ କୁଣ୍ଠାବୋଧ କରିଥାନ୍ତି, କାରଣ ସେହି ମିଛଟିକୁ ଆଉ ଥରେ ସମର୍ଥନ କରି ବର୍ଣ୍ଣନା କରିବାକୁ ତାଙ୍କ ବିବେକ ବାଧା ଦିଏ। ପ୍ରଖ୍ୟାତ ଲେଖକ ଜର୍ଜ ବର୍ନାଡ ଶ'ଙ୍କୁ କେନ୍ଦ୍ର କରି ଗଢି ଉଠିଥିବା ସେ ଭଳି ଏକ ବହୁଚର୍ଚ୍ଚିତ ଉପାଖ୍ୟାନ ହେଉଛି 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା', ଯାହାର ସତ୍ୟତା ଉଦ୍‌ଘାଟନ କରିବାକୁ ଭିନ୍ନ ଭିନ୍ନ ଭାବେ ପ୍ରଚେଷ୍ଟା ହୋଇଛି।

ବହୁଳଭାବେ ପ୍ରଚାରିତ ଉପାଖ୍ୟାନଟି ଏହିପରି– ଥରେ ଜଣେ ରୂପବତୀ ଯୁବତୀ ପ୍ରଖ୍ୟାତ ନାଟ୍ୟକାର ଶ'ଙ୍କୁ ପ୍ରସ୍ତାବ ଦେଲେ, ''କେତେ ଭଲ ହୁଅନ୍ତା ଯଦି ଆମେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇ ଏମିତି ଏକ ସନ୍ତାନକୁ ଜନ୍ମ ଦିଅନ୍ତେ ଯିଏ ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତାର ଅଧିକାରୀ ହୁଅନ୍ତା।'' ସେତେଟା ସୁଦର୍ଶନ ନ ଥିବା ପ୍ରତ୍ୟୁତ୍ପନ୍ନମତି ବର୍ନାଡ ଶ' ଉତ୍ତର ଦେଲେ, ''ସତରେ ତାହା ବିସ୍ମୟକର ହୁଅନ୍ତା। ହେଲେ ଯଦି ଆମ ସନ୍ତାନଟି ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତାର ଅଧିକାରୀ ହୁଏ ତେବେ ?''

ଯୁବତୀ ଜଣକ ସେ ସମୟର ପ୍ରସିଦ୍ଧ ନୃତ୍ୟାଙ୍ଗନା ଇସାଡୋରା ଡଙ୍କାନ ଥିଲେ ବୋଲି ବିଶ୍ୱାସ କରାଯାଏ। ଆମେରିକାରେ ଜନ୍ମିତ ଇସାଡୋରା ପଶ୍ଚିମ ୟୁରୋପ ଓ ରୁଷିଆକୁ ତାଙ୍କ କର୍ମକ୍ଷେତ୍ରରେ ପରିଣତ କରିଥିଲେ। ଗତ ଶତାବ୍ଦୀର ପ୍ରଥମ ତିନି ଦଶକରେ ସେ ତାଙ୍କ ନୃତ୍ୟ ଓ ନୃତ୍ୟଶୈଳୀ ଯୋଗୁ ସମଗ୍ର ୟୁରୋପରେ ଚହଳ ପକାଇଥିଲେ। ତାଙ୍କ ସୌନ୍ଦର୍ଯ୍ୟ କେବଳ ପତ୍ରପତ୍ରିକାର ଚର୍ଚ୍ଚା ଭିତରେ ସୀମିତ ନ ରହି ସେ ସମୟର ସମ୍ଭ୍ରାନ୍ତ ସମାଜରେ ଚର୍ଚ୍ଚିତ ହେବା ସହିତ କିଛି ସ୍ଥପତି, ଚିତ୍ରକର ଓ ଚିତ୍ରୋତ୍ତୋଳକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦୁଇ ଦୁଇ ଥର ବିବାହ କରି ଦୁଇଟି କନ୍ୟା ସନ୍ତାନର ଜନନୀ ହୋଇଥିବା ଇସାଡୋରା ବ୍ୟକ୍ତିଗତ ଜୀବନରେ ତାଙ୍କ ଉନ୍ମୁକ୍ତ ଜୀବନଶୈଳୀ ପାଇଁ ଚର୍ଚ୍ଚିତ ଥିଲେ। କେତେକଙ୍କ ମତରେ ଇସାଡୋରା ବର୍ନାଡ ଶ'ଙ୍କୁ ପ୍ରସ୍ତାବଟି ସିଧାସଳଖ ନ ଦେଇ ପତ୍ର ମାଧ୍ୟମରେ ଦେଇଥିଲେ। ସେ ଯାହା ହେଉ ନା କାହିଁକି, ଇସାଡୋରା ଓ ବର୍ନାଡ ସ'ଙ୍କ ଉପାଖ୍ୟାନଟି ସେତେବେଳକୁ ସର୍ବତ୍ର ପ୍ରସାରିତ ହୋଇ ସାରିଥାଏ।

ଠିକ୍ ଏତିକି ବେଳେ ମାକ୍ସ ହାୟେକ ନାମକ ଜଣେ ଲେଖକଙ୍କର ଏପରି ଏକ ଗଳ୍ପ ପ୍ରକାଶିତ ହେଲା, ଯେଉଁଥିରେ ପୂର୍ବୋକ୍ତ ଉପାଖ୍ୟାନର ସାମଞ୍ଜସ୍ୟ ଥିଲା। ହାୟେକ ଏହାକୁ ବର୍ନାଡ ଶ'ଙ୍କ ଜୀବନରେ ଘଟିତ ଘଟଣାରୁ ଚୋରି କରିଛନ୍ତି ବୋଲି ଏକ ଇଟାଲୀୟ ପତ୍ରିକାରେ ପ୍ରକାଶ ପାଇବା ପରେ ବିବାଦ ଘନେଇଲା। ଉପାଖ୍ୟାନର ସତ୍ୟତା ସମ୍ପର୍କରେ ଏକ ଜର୍ମାନ ପତ୍ରିକାର ସମ୍ପାଦକ ବର୍ନାଡ ଶ'ଙ୍କୁ ସିଧାସଳଖ ପଚାରିଲେ। ବର୍ନାଡ ଶ' ୧୯୨୬ରେ ଏକ ପତ୍ର ମାଧ୍ୟମରେ ତାଙ୍କର ଇସାଡୋରାଙ୍କ ସହ ସମ୍ପର୍କ ଥିବା କଥାକୁ ଅସ୍ୱୀକାର କରିବା ସହିତ ଉଭୟଙ୍କ ମଧ୍ୟରେ ସେଭଳି କୌଣସି ବାର୍ତ୍ତାଳାପ ହୋଇ ନ ଥିଲା ବୋଲି କହିଥିଲେ। ସେ ଲେଖିଥିଲେ, ''ଇଟାଲୀୟ ସାମ୍ବାଦିକ ଜଣକ ହେଉଛନ୍ତି ନର୍ତ୍ତକୀ ଓ ତାଙ୍କ ପ୍ରସ୍ତାବର ଉଦ୍ଭାବକ। ମାକ୍ସ ହାୟେକ ଚତୁର ଉତ୍ତରକୁ ଚୋରି କଲେ, ଆଉ ମୋତେ ସେହି ଗପର ନାୟକ କରିଦେଲେ, କାରଣ ସମ୍ବାଦପତ୍ରଗୁଡ଼ିକ ମୋ ବାବଦରେ ଏହିଭଳି ଅନେକ ଗପ ଛାପିଥାନ୍ତି। ସେଥିରୁ ଅନେଶତ ଭାଗ ସମ୍ପୂର୍ଣ୍ଣ ମିଛ ହୋଇଥିବା ବେଳେ, ଅଧା ଅର୍ଦ୍ଧସତ୍ୟ। ବାକି ଅଧା ସତ ହେଲେ ମଧ୍ୟ ତା'ର ଉପସ୍ଥାପନା ନିମ୍ନମାନର।'' ଅବଶ୍ୟ ସେ ୧୯୩୧ରେ ନାଟ୍ୟକାର ସିଓଲେ ଷ୍ଟୋକ୍‌ସଙ୍କ ସହ ଏକ ସାକ୍ଷାତ୍‌କାରରେ ସ୍ୱୀକାର କରିଥିଲେ ଯେ ସେ ସେହି ଚତୁର ଉତ୍ତରଟି ଦେଇଥିଲେ ମଧ୍ୟ ତାହା ଅନ୍ୟ ଜଣେ ବିଦେଶୀ ଅଭିନେତ୍ରୀଙ୍କ ପ୍ରତି ଅଭିପ୍ରେତ ଥିଲା, ଇସାଡୋରାଙ୍କ ପ୍ରତି ନୁହେଁ।

ବର୍ନାଡ ଶ' ନୁହନ୍ତି, ବରଂ ବିଭିନ୍ନ ସମୟରେ 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା' ଉପାଖ୍ୟାନ ସହ ଆହୁରି ଅନେକ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ନାମ ଶୁଣିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଥିଲେ ୧୯୨୧ର ନୋବେଲ ପୁରସ୍କାରପ୍ରାପ୍ତ ଫରାସୀ ସାହିତ୍ୟିକ ଆନାଟୋଲି ଫ୍ରାନ୍ସଙ୍କ ସହ ଇସାଡୋରା ଡଙ୍କାନ, ଆଲବର୍ଟ ଆଇନଷ୍ଟାଇନଙ୍କ ସହ ଜଣେ କୋରସ ଗାୟିକା ଏବଂ ନାଟ୍ୟକାର ଆର୍ଥର ମିଲରଙ୍କ ସହ ଅଭିନେତ୍ରୀ ମେରିଲିନ ମନ୍‌ରୋ। ତେବେ ବର୍ନାଡ ଶ' ଅସ୍ୱୀକାର କରିଥିବା ସତ୍ତ୍ୱେ ଆଜିଯାଏ ଏ ଉପାଖ୍ୟାନ କଥା ଚର୍ଚ୍ଚା ହେଲେ ତାଙ୍କ ନାମ ଆପଣା ଛାଏଁ ମନକୁ ଆସିଯାଏ।

ଏଣିକି ଆଜିକାଲିକାର ବ୍ୟକ୍ତି ବିଶେଷଙ୍କୁ ନେଇ ବେଶି ଉପାଖ୍ୟାନ ଶୁଣିବାକୁ ମିଳୁନାହିଁ। ଏକଥା ନୁହେଁ ଯେ ଆଜିକାଲି ବିଶାଳ ବ୍ୟକ୍ତିତ୍ୱଙ୍କ ଅଭାବ ଅଛି ବା ସେମାନଙ୍କୁ ମହିମାମଣ୍ଡିତ କରିବା ପ୍ରଚେଷ୍ଟାରେ ଲୋକେ ଅସତ୍ୟର ଆଶ୍ରୟ ନେଉ ନାହାନ୍ତି। ତେବେ ଇଣ୍ଟରନେଟ, ଦୃଶ୍ୟ–ଶ୍ରାବ୍ୟ ଆଦି ମାଧ୍ୟମର ବହୁଳ ପ୍ରସାର ଫଳରେ ମିଥ୍ୟା ପ୍ରସାର କରିବା ପାଇଁ କିଛି ଲୋକ ଯେପରି ବ୍ୟଗ୍ର, ସତ୍ୟ ଉଦ୍‌ଘାଟନ କରିବାକୁ ଆଉ କିଛି ଲୋକ ସେହିପରି ତତ୍ପର ଥିବା ଯୋଗୁ ମିଛ ଆଉ ଦୀର୍ଘ ସମୟ ତିଷ୍ଠି ନ ପାରି ଧରାଶାୟୀ ହେଉଛି ଓ ଏଭଳି ଅପଚେଷ୍ଟା କରୁଥିବା ଲୋକେ ନିନ୍ଦିତ ହେଉଛନ୍ତି। ତେଣୁ ସେହି ମିଥ୍ୟା ଆଉ ଉପାଖ୍ୟାନ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରୁନାହିଁ। ଅବଶ୍ୟ କେତେକ କ୍ଷେତ୍ରରେ ଉପାଖ୍ୟାନରେ ବର୍ଣ୍ଣିତ ବ୍ୟକ୍ତି ବା ଘଟଣାର ସତ୍ୟତା ଅପେକ୍ଷା ସେଥିରେ ସନ୍ନିବେଶିତ ମର୍ମଟି ଏତେ ଅର୍ଥପୂର୍ଣ୍ଣ ହୋଇଥାଏ ଯେ ତାହା କାଳଜୟୀ ହୋଇଯାଏ, ଯାହା ହୋଇଛି ଚର୍ଚ୍ଚିତ ଉପାଖ୍ୟାନ 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା' କ୍ଷେତ୍ରରେ।

ମୋ– ୯୪୩୭୦୩୮୦୧୫,
saral_das@yahoo.co.in

# ପରିବର୍ତ୍ତନର ସ୍ୱର



ସୌମ୍ୟା ପରିଡ଼ା

ନିଜେ ବଞ୍ଚିଲେ ବାପର ନାଁ। ଏ କଥାଟାକୁ ଆମେ ଏବେ ଅକ୍ଷରେ ଅକ୍ଷରେ ପାଳନ କରୁଛେ। ମୁଁ, ମୋ ପରିବାର। ଆଉ କେବେ କେବେ ମୋ ପରିବାରରେ ମୋ ମାଆବାପା ବି ଗଣା ନୁହନ୍ତି। ମୁଁ କେମିତି ଭଲ ଖାଇବି, ବଡ଼ ଗାଡ଼ି ଚଢ଼ିବି, ବଡ଼ ବଙ୍ଗଳାରେ ରହିବି, ସେଇ ଚିନ୍ତା। ଚା ଖଟିରୁ ଆରମ୍ଭ କରି ବିଧାନସଭା, ସଂସଦ ସବୁ ଜାଗାରେ ଭ୍ରଷ୍ଟାଚାରର ଚର୍ଚ୍ଚା। ଆମ ଦେଶ ଏଥିପାଇଁ ବିଶ୍ୱ ଦରବାରରେ ନିନ୍ଦିତ। ଏ ସରକାର ଭ୍ରଷ୍ଟାଚାର କଲେ ଯାଙ୍କୁ ବଦଳାଅ, ସେ ନେତା ଦୁର୍ନୀତି କଲେ ତାଙ୍କୁ ଦଳରୁ ବିଦା କର। ହେଲେ ସତରେ କ'ଣ ସରକାର କି ଦଳ ବଦଳିଲେ ଭ୍ରଷ୍ଟାଚାର କମେ! କେବେ ନୁହେଁ। କାରଣ ସାଧାରଣ ଜନତାଙ୍କୁ ନେଇ ସରକାର। ଆଉ ସାଧାରଣ ଜନତା କେବେ ବି ନିଜକୁ ବଦଳାଇବାକୁ ଚାହେଁ ନାହିଁ। ଲୋକ ପ୍ରତିନିଧିମାନେ ପାଞ୍ଚବର୍ଷ ପାଇଁ ଆସନ୍ତି। ହେଲେ ତଳୁ ଉପର ଯାଏ ସବୁ ଲୋକେ ସରକାରୀ ଓ ବେସରକାରୀ ଡୋରରେ ବନ୍ଧା ହୋଇ ସାଧାରଣ ଲୋକଙ୍କ ପାଇଁ କାମ କରନ୍ତି। ଆଉ ସରକାର ଓ ସରକାରୀ କଳର ଦ୍ୱାହି ଦେଇ ତଳୁ ଉପର ଯାଏ ଦୁର୍ନୀତି ଚାଲେ। ଖାଲି କାହାଠୁ ଟଙ୍କା ଖାଇଲେ ଯେ ସେଇଟା ଦୁର୍ନୀତି ତା' ନୁହେଁ, ବରଂ ନିଜ ସୁଖସୁବିଧା ଅନୁସାରେ ନିୟମ ବଦଳାଇ ନିଜକୁ ଓ ନିଜ ଚିହ୍ନା ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାହାଯ୍ୟ କରି ଅନ୍ୟର ହକ୍‌କୁ ଛଡ଼ାଇନେବା ବି ଦୁର୍ନୀତିରେ ଗଣା।

ଏବେ ଦେଶର ବିଭିନ୍ନ ସ୍ଥାନ ପରି ଆମ ରାଜ୍ୟର ଅନେକ ସହର ବର୍ଷା ଦିନେ ପାଣିରେ ବୁଡ଼ିରହୁଛି। ଏଥିପାଇଁ ସରକାରୀ ଯୋଜନା ଓ ମ୍ୟୁନିସିପାଲିଟି ଯେତିକି ଦାୟୀ ତା'ଠୁ ଅଧିକ ଦାୟୀ ସାଧାରଣ ଲୋକେ। ଲୋକେ କୋଟିଏ ଟଙ୍କାର ଘର କରିବେ, ଘର ଭିତର ଚିକ୍କଣ କରିବେ। ହେଲେ ଘର ଚାରିପଟେ ଅଳିଆ ଗଦା ଥିଲେ ବି ସେମାନଙ୍କର ନିଘା ନାହିଁ। ସେମିତି ଘର ଆଗ ରାସ୍ତା କାଦୁଅ ପଚପଚ ହେଲେ ବି ଗାଣ୍ଡୁଆଏ ମାଟି କି ଗୋଡ଼ି ପକେଇବେନି। ନିଜ ଘରର ନଳାପାଣି, ଗାଧୁଆ ପାଣି କୁଆଡ଼େ ଯିବ, ସ୍ୱେରେଜ୍ ସିଷ୍ଟମ୍ କେମିତି ହେବ, ସେକଥା ପାଇଁ ପରବାୟ ନାହିଁ। ବଡ଼ ଘର କରିବେ, ହେଲେ ଘର ଚାରିପଟେ ଚାରି ଚାଖଣ୍ଡ ଜାଗା ବି ଛାଡ଼ିବେନି ଗଛଟିଏ ଲଗେଇବା ପାଇଁ। ଯେମିତି ଗଛ ଲଗାଇବା କେବଳ ସରକାରଙ୍କ ଦାୟିତ୍ୱ! ଜାଗାବାଡ଼ି, ଘରଦ୍ୱାର ଥିଲେ ବି କଣ୍ଟ୍ରୋଲ୍ ଚାଉଳ, ଗହମ, ତେଲ, ଚିନି ଛାଡ଼ିବେନି। ନିଜକୁ ବିପିଏଲ୍ ତାଲିକାରେ ରଖି ଗାଁରେ ଇନ୍ଦିରା ଆବାସ ଘରକୁ ବି ହାତେଇବେ। ଥିଲାବାଲା ହୋଇ ନଥିଲାବାଲାଙ୍କ ହକ୍‌କୁ ଛଡ଼ାଇଆଣିବେ। ହେଲେ ଏସବୁ ତାଙ୍କ ନଜରରେ ଭ୍ରଷ୍ଟାଚାର ନୁହେଁ।

ନିର୍ବାଚନ ପାଖେଇ ଆସିଲେ ଆଜି ଅମୁକ ଜାଗାରେ ଶିଳାନ୍ୟାସ, କାଲି ସମୁକ ଜାଗାରେ କମ୍ବଳ ବଣ୍ଟା, ତା' ପରଦିନ ଗଛଲଗା, ତହିଁଆର ଦିନ ସ୍ୱାସ୍ଥ୍ୟ ଶିବିର ଏମିତି କଥା ସବୁ ଚାଲେ। କୁଜି ନେତାଙ୍କଠୁ ଆରମ୍ଭ କରି ବଡ଼ ଯାଏ ସମସ୍ତେ ହଠାତ୍ ତତ୍ପର ହୋଇଉଠନ୍ତି। ସଭାସମିତିକୁ ଯିବାକୁ ଆମକୁ ଡକରା ଆସେ। ଆମ ମଧ୍ୟରୁ ଅଧିକାଂଶ ଆଗ ଆମର ଫାଇଦା ଦେଖୁ। ମାଗଣା ଗାଡ଼ିଘୋଡ଼ାର ବ୍ୟବସ୍ଥା ହୋଇଛି ନା ନାହିଁ, ମଦ–ମାଂସର ଆୟୋଜନ ଅଛି ନା ନାହିଁ– ଏମିତି ଅନେକ କଥା। ମାଗଣା ଗାଡ଼ି ଆଉ ମାଗଣା ଖାଇବାରେ ସଭାସମିତିକୁ ଯାଇ ଆମେ କେବଳ ଦର୍ଶକ ସାଜିପାରିବା, ହେଲେ ନିଜ ହକ୍ ପାଇଁ ଦି'ପଦ କହିବାର ସୁଯୋଗକୁ ହାତଛଡ଼ା କରିବା। ସେଇଥିପାଇଁ ହିଁ ଆମକୁ ନେତା–ମନ୍ତ୍ରୀଏ ଖାତିର କରନ୍ତି ନାହିଁ। ବାର୍ଥ ସାର୍ଟିଫିକେଟ୍, ଡେଥ୍ ସାର୍ଟିଫିକେଟ୍, ଡ୍ରାଇଭିଙ୍ଗ୍ ଲାଇସେନ୍ସ ସବୁଥିରେ ହାତଗୁଞ୍ଜା। ଜାଗା କିଣ କି ବିକ୍ରି କର, ଘର କିଣ କି ବିକ୍ରି କର, ଚାକିରି କର କି ଚାକିରି ପରେ ପେନ୍‌ସନ ପାଇବାର ବ୍ୟବସ୍ଥା କର, ସବୁଥିରେ ଟଙ୍କା ଦେଣ–ନେଣ ଚାଲେ। କେବେ ଖୋଲାଖୋଲି ତ କେବେ ହାତଗୁଞ୍ଜା। ଆଉ ସବୁଥିରେ ଦିଏ ଜଣେ ସାଧାରଣ ଲୋକ, ନିଏ ବି ଜଣେ ସାଧାରଣ ଲୋକ। ଆମ ନିଜକୁ ଆମେ ଶୋଷଣ କରୁ। ଯୋଉଠି ଆମ ଭିତରେ ବଳ କଷାକଷି, ସେଠି ତୃତୀୟ ଲୋକ ତ ଫାଇଦା ନବ ହିଁ ନବ।

ଏବେ ଅଧିକାଂଶ ଜାଗାରେ ଗାଁ କମିଟି ନାହିଁ। ଆଉ ଯେଉଁଠି ବି ଅଛି ତାକୁ ରାଜନୀତି ଗ୍ରାସ କରିଛି। ଦଳମତ ନିର୍ବିଶେଷରେ ସବୁ ଗାଁ, କଲୋନୀ ଓ ବସ୍ତିରେ ବୟୋଜ୍ୟେଷ୍ଠ, ଯୁବଗୋଷ୍ଠୀ ଓ ସ୍କୁଲ ପିଲାଙ୍କୁ ନେଇ କମିଟି ରହିବା କଥା। ଫଳରେ ପରସ୍ପର ପରସ୍ପରକୁ ବୁଝିବେ, ନିଜ ହକ୍ ପାଇଁ ଲଢ଼ିବେ। ବୟୋଜ୍ୟେଷ୍ଠ ଲୋକଙ୍କ ପାଖେ ସମୟ ଓ ଅଭିଜ୍ଞତା ଅଛି। ତେଣୁ ଭଲମନ୍ଦ କଥାର ବିଚାର ସେମାନେ କରିପାରିବେ। ଲୋକଙ୍କ ଭିତରେ ମନୋମାଳିନ୍ୟ ହେଲେ ତା'ର ସମାଧାନ କେମିତି ହେବ ସେସବୁ ତାଙ୍କୁ ବେଶ୍ ଜଣା। ଏମିତି କି ଥିଲାବାଲା, ନଥିବାବାଲାର ବିଭିନ୍ନ ସରକାରୀ ଯୋଜନା ହଡ଼ପ କଲେ, ତାକୁ ବି ସେମାନେ ଅଙ୍ଗୁଳି ଦେଖାଇପାରିବେ। ସହର ଓ ଗାଁ ଗଣ୍ଡାରେ ଥିବା ଯୋର, ନଈ, କାଡ଼ାନାଳ ସବୁ ଅଳିଆ ଆବର୍ଜନାରେ ପୋତିହେଲାଣି। ସବୁଜ ଜଙ୍ଗଲ ଅପେକ୍ଷା କଂକ୍ରିଟ୍ ଜଙ୍ଗଲ ଅଧିକ ହେଲାଣି। ମୁଁ, ମୋ ପରିବାର, ତା'ର ଭବିଷ୍ୟତ ଏସବୁ ଭିତରେ ଆମେ ଜୀବନର ଅନ୍ୟ ସବୁ କଥାକୁ ଜଳାଞ୍ଜଳି ଦେଉଛେ। ଆମ ପିଲା ପାଇଁ ଆମେ କେବଳ ଧନ ସଞ୍ଚୁଛେ। ହେଲେ ଯା ଭିତରେ ଭୁଲିଯାଉଛେ ଯେ ଜୀବନ ଜିଇବାକୁ ହେଲେ ଭଲ ବାୟୁ, ଜଳ, ଜଙ୍ଗଲ, ଜମି ଦରକାର। ତଥାପି ବି ଆମେ 'ଆଜି'ରେ ବ୍ୟସ୍ତ, 'କାଲି' ପାଇଁ କାହାର ସମୟ ନାହିଁ। ମୁଁ ବଦଳିଲେ ମୋ ପରିବାର ବଦଳିବ। ମୋ ପରିବାରକୁ ଦେଖି ଆଉ କିଏ, ପୁଣି ତାକୁ ଦେଖି ଆଉ କିଏ ବି ବଦଳିବାକୁ ଚେଷ୍ଟା କରିବ। ତଳସ୍ତରରୁ ହିଁ ପରିବର୍ତ୍ତନର ସ୍ୱର ଉଠିଲେ ଧୀରେ ଧୀରେ ଉପରମୁଣ୍ଡ ବି ପରିଷ୍କାର ହେବ। ହେଲେ ଏ ସବୁ ପାଇଁ ଆମକୁ ଆମର ଖାଇବା ଓ ଖୁଆଇବା ନୀତିକୁ ଛାଡ଼ିବାକୁ ପଡ଼ିବ।

ମୋ– ୯୩୩୮୫୬୬୫୮୭, saumya.
consultant@gmail.com

## ଏଇ ଭାରତରେ

ତାମିଲନାଡୁର କୋଇମ୍ବାଟୁରସ୍ଥିତ ରେସକୋର୍ସରୋଡଠାରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରେ ଚରଖାର ଏକ ବୃହତ୍ ପ୍ରତିରୂପ ନିର୍ମାଣ କରାଯାଇଛି। ଏହାର ଲମ୍ବ ୧୫ଫୁଟ ଏବଂ ଉଚ୍ଚତା ୯ଫୁଟ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ବିଦେଶୀ ବସ୍ତ୍ର ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଏହା ବଦଳରେ ନିଜ ହାତରେ ସୂତାକାଟିବା ସହିତ ଖଦିଲୁଗା ବୁଣି ପିନ୍ଧିବାକୁ ସେ ଭାରତବାସୀଙ୍କୁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ନିଜ ହାତରେ ଚରଖା ସାହାଯ୍ୟରେ ସୂତା କାଟୁଥିଲେ। ସାଢ଼େ ୬ଫୁଟ ପ୍ରସ୍ଥ ବିଶିଷ୍ଟ 'ଚରଖା' ନିର୍ମାଣ କରି ଯୁବପିଢ଼ିଙ୍କ ମଧ୍ୟରେ ଖଦି ଆନ୍ଦୋଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଆହୁରି ମଧ୍ୟ ଗାନ୍ଧୀ ଚରଖାରେ ସୂତା କାଟୁଥିବାର ଏକ ବୃହତ୍ ଫଟୋଚିତ୍ର ଏଠାରେ ସ୍ଥାନିତ କରାଯାଇଛି। ଗାନ୍ଧୀଙ୍କ ଆଦର୍ଶର ପ୍ରଚାର କରୁଥିବା ଏକ ସଂଗଠନ ଦେଶଭକ୍ତନ୍ (ଦି ପାଟ୍ରିଅଟ୍) ଏବଂ ଲାୟନ୍‌ସ କ୍ଲବ୍ ଅଫ୍ ଆରିଷ୍ଟୋ ସହଯୋଗରେ ଏହା ନିର୍ମାଣ କରାଯାଇଛି। ଏଠାରେ ଥିବା ଗାନ୍ଧୀ ମ୍ୟୁଜିୟମ୍‌ରେ ୫୧ଫୁଟ ଲମ୍ବ, ୩୩ଫୁଟ ଉଚ୍ଚ ଏବଂ ୨୭ଫୁଟ ପ୍ରସ୍ଥର ଏକ ଚରଖା ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ରହିଥିବା ଲାୟନ୍ସ କ୍ଲବ୍ ପକ୍ଷରୁ ସୂଚନା ମିଳିଛି।



ଜିଲା ଡାଏରୀ

## ଢେଙ୍କାନାଳ

### ନିର୍ବାଚନ ପାଇଁ ସଜବାଜ

ଢେଙ୍କାନାଳ ଜିଲାରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜନୈତିକ ଦଳ ଗୁଡିକ ପକ୍ଷରୁ ପ୍ରସ୍ତୁତି ଜୋର ଧରିଛି। ବିଭିନ୍ନ ଦଳ ପକ୍ଷରୁ ସାଂଗଠନିକ ବୈଠକ କରାଯାଇ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ଇଭିଏମ୍ ଓ ଭିଭିପାଟ୍ ମେଶିନ ଜିଲା ସଦର ମହକୁମାରେ ପହଞ୍ଚିବା ପରେ ଏହାକୁ ଯାଞ୍ଚ କରାଯିବା କାର୍ଯ୍ୟକ୍ରମ ରହିଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ସଚେତନତା ରଥ ଜିଲାର ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରୁଛି। ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ସଚେତନ କରାଯାଉଛି। ବିଭିନ୍ନ ଅଞ୍ଚଳକୁ ରାଜ୍ୟ ଓ ଜିଲାସ୍ତରୀୟ ନେତାଙ୍କ ଗସ୍ତ ମଧ୍ୟ ଆରମ୍ଭ ହୋଇଯାଇଛି। ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ଜୋର ଧରିଛି।

–ରତନ ନାୟାର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଯନ୍ତାରେ ଓଡ଼ିଶା

ମହାଶୟ,

ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଓଡିଶାର ଋଣଭାର ସମ୍ପର୍କରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବାର ଖବର ପ୍ରକାଶ ପାଇଛି। ୨୦୦୦–୦୧ରେ ଓଡିଶାରେ ଋଣର ପରିମାଣ ୨୧,୦୦୧.୮୮ କୋଟି ଥିବା ବେଳେ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଏହା ୯୧,୯୪୩ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ସୂଚନା ଦେଇଛନ୍ତି। ଓଡ଼ିଶାର ଜନସଂଖ୍ୟା ଏବେ ୪ କୋଟି ୩୦ ଲକ୍ଷ ଥିବା ବେଳେ ମୁଣ୍ଡପିଛା କେତେ ଋଣ ଅଛି, ତାହା ଅନୁମେୟ। ଯେପରି ଜଣାପଡୁଛି ରାଜ୍ୟର ଆର୍ଥିକ ସ୍ଥିତି ଦୟନୀୟ ଅବସ୍ଥାରେ ପହଞ୍ଚିଗଲାଣି। ପ୍ରତି ଋଣର ବାର୍ଷିକ କିସ୍ତି ଓ ସୁଧର ପରିମାଣ ଯାହା ହେଲେ ମଧ୍ୟ ପରିଶୋଧ କରିବାକୁ ହେବ। ଆୟ ତୁଳନାରେ ଯଦି ଅଧିକ ବ୍ୟୟ କରାଯାଏ, ତେବେ ଋଣ ପାଇଁ ଅନ୍ୟ ସଂସ୍ଥା ନିକଟକୁ ଯିବା ଛଡ଼ା ଉପାୟ ନ ଥାଏ। ତେଣୁ ବ୍ୟୟ ସଙ୍କୋଚନ କରିବା ଅପରିହାର୍ଯ୍ୟ। ନଚେତ୍ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଅସମ୍ଭବ ନୁହେଁ। ଋଣଭାରରେ ବୁଡ଼ିଗଲେ ବିକାଶ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ଠପ୍ ଯେ ନ ହେବ, ତାହା କହିହେବ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ରାଜ୍ୟ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ମିଳୁ

ରାଜ୍ୟର ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ଦେବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ୨୦୦୬ରୁ ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି। ଇତିମଧ୍ୟରେ ୨୩ଟି ରାଜ୍ୟର ପେନ୍‌ସନରମାନେ ଚିକିତ୍ସା ଭତ୍ତା ପାଇସାରିଲେଣି। କେନ୍ଦ୍ର ସରକାରଙ୍କ ପେନ୍‌ସନରମାନେ ବହୁ ଆଗରୁ ଏହା ପାଉଛନ୍ତି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁସାରେ ଏମାନେ ବର୍ଦ୍ଧିତ ହାରରେ ଏହା ପାଉଛନ୍ତି। ଓଡ଼ିଶାର ପୂର୍ବତନ ବିଧାୟକମାନଙ୍କ ପାଇଁ ରାଜ୍ୟ ସରକାର ମାସିକ ୨୦୦୦ ଟଙ୍କାର ଚିକିତ୍ସା ଭତ୍ତା ଗତ କ୍ୟାବିନେଟ୍‌ରେ ମଞ୍ଜୁର କରିଛନ୍ତି, ଏହା ସ୍ୱାଗତଯୋଗ୍ୟ। ତେବେ ମାତ୍ର ପାଞ୍ଚବର୍ଷ କାର୍ଯ୍ୟ କରି ଯଦି ବିଧାୟକମାନେ ଚିକିତ୍ସା ଭତ୍ତା ପାଇବେ, ତେବେ ୩୦ରୁ ୪୦ ବର୍ଷ କାର୍ଯ୍ୟ କରି ପେନ୍‌ସନରମାନେ କାହିଁକି ପାଇବେ ନାହିଁ ? ଏହା ପେନ୍‌ସନରମାନଙ୍କ ନ୍ୟାଯ୍ୟ ଦାବି। ରାଜ୍ୟ ସରକାର ଅତିଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଉତ୍ତର କୋରିଆ ନିକଟରେ ଏବେ ମଧ୍ୟ ଆହୁରି ୨୦ରୁ ୬୦ଟି ପରମାଣୁ ଅସ୍ତ୍ର ରହିଛି। ଏ ସମ୍ପର୍କରେ ଦକ୍ଷିଣ କୋରିଆର ମନ୍ତ୍ରୀ ଚୋ ମାଉଗଙ୍ଗ-ଗ୍ୟୋନ୍ ସୋମବାର ସଂସଦରେ ଏକ ପ୍ରଶ୍ନର ଉତ୍ତର ଦେଇ ଏହା କହିଛନ୍ତି। ଏନେଇ ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଚୋ ଯାହା କହିଛନ୍ତି ତା'ର ଅର୍ଥ ନୁହେଁ ଉତ୍ତରକୋରିଆକୁ ପରମାଣୁ ସମ୍ପନ୍ନ ଦେଶ ବୋଲି କୁହାଯାଉଛି। ଉତ୍ତର କୋରିଆର ପରମାଣୁ କାର୍ଯ୍ୟକ୍ରମ ଉପରେ ଦକ୍ଷିଣ କୋରିଆ ଲଗାତାର ଚାପ ପକାଇବା ଜାରି ରଖିଛି।






## ■ କଂଗ୍ରେସର ସମ୍ବିଧାନ ବଞ୍ଚାଅ ଅଭିଯାନ

# ସାମିଲ ହେଲେ ବିଭିନ୍ନ ଦଳର ନେତା

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଆଗାମୀ ନିର୍ବାଚନ ପୂର୍ବରୁ ରାଜ୍ୟରେ ମେଣ୍ଟ କରିବା ପାଇଁ କଂଗ୍ରେସ ଜୋର୍‌ଦାର ପ୍ରୟାସ କରୁଛି। ବିଜେଡି ଓ ଭାଜପା କାର୍ଯ୍ୟକ୍ରମକୁ ଦେଖି ପ୍ରଦେଶ କଂଗ୍ରେସ କମିଟି(ପିସିସି) ଏବେ ବାମଦଳଗୁଡିକର ସମର୍ଥନ ଲୋଡିବା ଆରମ୍ଭ କରିଛି। ଏନେଇ ମଙ୍ଗଳବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସମ୍ବିଧାନ ବଞ୍ଚାଅ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ସିପିଆଇ, ସିପିଏମ୍, ସମାଜବାଦୀ ପାର୍ଟି ଓ ଅନ୍ୟାନ୍ୟ ଦଳର ବରିଷ୍ଠ ନେତୃବୃନ୍ଦମାନେ ଯୋଗଦେଇଛନ୍ତି। ଅନ୍ୟପଟେ ନିକଟରେ ବିଜେଡିରୁ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ଏହି ବୈଠକରେ ଦେଖିବାକୁ ମିଳିଛି। ଦେଶର ଗଣତନ୍ତ୍ରକୁ ଭାଜପା ସରକାରଠାରୁ ବଞ୍ଚାଇବା ସହ ଗଣତନ୍ତ୍ର ରକ୍ଷା କରିବା ପ୍ରସଙ୍ଗରେ ଉକ୍ତ କାର୍ଯ୍ୟକ୍ରମରେ ଆଲୋଚନା ହୋଇଛି। ଉପସ୍ଥିତ ଥିବା ବିଭିନ୍ନ ଦଳର ବରିଷ୍ଠ ନେତାମାନେ ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି। ଅନ୍ୟପଟେ ଏହି ସମ୍ମିଳନୀ ପରେ କଂଗ୍ରେସ ସହ ଯୋଗଦେଇଥିବା ଦଳର ମେଣ୍ଟ ହେବା ନେଇ ସୃଷ୍ଟି ହୋଇଥିବା ସମ୍ଭାବନା ଅଧିକ ସ୍ପଷ୍ଟ ହୋଇଛି।

**ନୂଆ ଦଳ ଗଢ଼ିବା ଉପରେ ମତ ରଖିଲେ ଦାମ**

ଏହି ଅବସରରେ ଦାମୋଦର ରାଉତ କହିଛନ୍ତି, ଦେଶରେ ଆଉ ଗଣତନ୍ତ୍ର ନାହିଁ। ଦିଲ୍ଲୀରେ ଏବେ ଦଳତନ୍ତ୍ର ଚାଲିଛି। ଓଡିଶାରେ ଜନତନ୍ତ୍ର ଚାଲିଛି। ଗଣତନ୍ତ୍ର ଅଛି କେଉଁଠି ଯେ ତାକୁ ରକ୍ଷା କରିବ ବୋଲି ସେ କହିଛନ୍ତି।ଅନ୍ୟପଟେ ମେଣ୍ଟ ପ୍ରସଙ୍ଗ ନେଇ ସେ କହିଛନ୍ତି ଯେ, ମେଣ୍ଟ ହୋଇପାରେ କେହି ସେକଥାକୁ ଏଡାଇଯାଇ ପାରିବେ ନାହିଁ। ମାତ୍ର ଆଜିର ସମ୍ମିଳନୀ ମେଣ୍ଟ ଗଠନର ପ୍ରକ୍ରିୟା ନୁହେଁ। ରାଜନୈତିକ ସମୀକରଣ ସବୁବେଳେ ହୁଏ ବୋଲି ସେ କହିଛନ୍ତି। ନୂଆ ଦଳ ଗଢିବା ଉପରେ ସେ କହିଛନ୍ତି ଯେ, ମୁଁ ଏବେ ଜଣେ ସାଧାରଣ ବ୍ୟକ୍ତି ହୋଇ ରହିଛି। ଗୋଟିଏ ଦଳରୁ ବହିଷ୍କୃତ ହୋଇ ଅଛି। ନୂଆ ଦଳ କରିବା ପାଇଁ ମତେ କଷ୍ଟ ହେବ ନାହିଁ। ମୋ ପାଖରେ ମାଲ୍ ନାହିଁ। ମାଲ୍‌ଦାର ନେତା ଯେଉଁମାନେ ସେମାନଙ୍କୁ ଖୋଜୁଛି ହେଲେ ମିଳୁ ନାହାନ୍ତି। ମାଲ୍‌ଦାର ଆଶାୟୀ ମାନେ ମୋତେ ଟେଲିଫୋନ୍ କରୁଛନ୍ତି ହେଲେ ଅସଲ ବେଳକୁ ପଛାଉଛନ୍ତି ବୋଲି ସେ କହିଛନ୍ତି।

ସିପିଆଇ ନେତା ଜନାର୍ଦ୍ଦନ ପତି କହିଛନ୍ତି, ଗଣତନ୍ତ୍ର, ସମ୍ବିଧାନ, ଅର୍ଥନୀତି ପ୍ରସଙ୍ଗ, ଦେଶକୁ ରକ୍ଷା କରିବା ଏବଂ ସାମ୍ପ୍ରଦାୟିକ ପ୍ରସଙ୍ଗରେ ଆମେ କଂଗ୍ରେସ ସହ ମିଳିତ ମଞ୍ଚକୁ ଯିବାରେ କୌଣସି ଅସୁବିଧା ନାହିଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାମ ରାଉତଙ୍କ ଯୋଗଦାନ ନେଇ କହିଛନ୍ତି, ଦାମ ବାବୁ ଜଣେ ବରିଷ୍ଠ ନେତା। ବହୁତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦେଶ ଓ ରାଜ୍ୟ ଉପରେ ମତବ୍ୟକ୍ତ କରନ୍ତି। ସେହି ଦୃଷ୍ଟିରୁ ତାଙ୍କୁ ଏହି ସମ୍ମିଳନୀକୁ ଡକାଯାଇ ଥିଲା। ଭାରତର ଗଣତନ୍ତ୍ର ସମ୍ବିଧାନର ବିଷୟରେ ତାଙ୍କର ମତାମତ ଲୋଡ଼ାଯାଇଥିଲା।

ସୂଚନାଯୋଗ୍ୟ, ରାଜ୍ୟରେ କଂଗ୍ରେସ ସମଭାବାପନ୍ନ ଦଳ ସହ ମେଣ୍ଟ କରିବ। ଯେଉଁ ଦଳ ଭାଜପା ଏବଂ ବିଜେଡିଠାରୁ ସମଦୂରରେ ରହିଥିବ ସେପରି ଦଳ ସହ ମେଣ୍ଟ କରିବ। ବାମପନ୍ଥୀ ଦଳଗୁଡିକ ସହ ମେଣ୍ଟ କରିବା ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ କରିଦେଇଛନ୍ତି। ଏଆଇସିସି ମଧ୍ୟ ଏହା ଉପରେ ଏକପ୍ରକାର ମୋହର ମାରିଛି। ମେଣ୍ଟ ସମ୍ପର୍କରେ ଦଳର ଆଭିମୁଖ୍ୟ ନେଇ ଆଲୋଚନା କରିବା ଲାଗି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏକ କମିଟି ମଧ୍ୟ ଗଠନ କରିଛନ୍ତି। ଗତ ସପ୍ତାହରେ ଏନେଇ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସବୁ ରାଜ୍ୟର ପିସିସି ସଭାପତି ଏବଂ ବିଧାୟକ ଦଳ ନେତାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ବୈଠକରେ ନିରଞ୍ଜନ ଯୋଗଦେଇଥିଲେ। ଉକ୍ତ ବୈଠକରେ ଏନେଇ ଏକପ୍ରକାର ଆଲୋଚନା ହୋଇଥିବା ବେଳେ ଏଆଇସିସି ଏହା ଉପରେ ଏକପ୍ରକାର ମୋହର ମାରିଥିବା ଜଣାପଡିଛି। ଏଥିପାଇଁ ଗାନ୍ଧୀ ଜୟନ୍ତୀରୁ ଦଳ ଏହି ଅଭିଯାନ ଆରମ୍ଭ କରିଛି। ଆଗାମୀ ଦିନରେ ଏହାକୁ ଅଧିକ ଆଗକୁ ନିଆଯିବ ବୋଲି ଜଣାପଡିଛି। ଦଳର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, ଦେଶରେ ସମ୍ବିଧାନ ଓ ଗଣତନ୍ତ୍ରକୁ କିଭଳି ରକ୍ଷା କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଛି।




## ■ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା

# ଖାଦ୍ୟ ସୁରକ୍ଷା ନୁହେଁ, ଭୋଟ୍ ସୁରକ୍ଷା ଆଇନ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ନାହିଁ। ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ମାତ୍ରାରେ ଦୁର୍ନୀତି କରାଯାଇଛି। ଏହାକୁ ଦଳୀୟ ଆଧାରରେ କରାଯାଇ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି।

ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଦେଶସାରା କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରାଯାଇଛି। ମାତ୍ର କୌଣସି ରାଜ୍ୟର ଗରିବଙ୍କ ସଂଖ୍ୟା ନେଇ ଆପତ୍ତି ଉଠି ନାହିଁ। ମାତ୍ର ୨୦୧୧ ପରେ ରାଜ୍ୟରେ ୩୪ ଲକ୍ଷ ନୂଆ ଗରିବ ଲୋକ ସୃଷ୍ଟି ହୋଇଥିବା ଓ ଏମାନଙ୍କୁ କେନ୍ଦ୍ରର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ପାଇଁ ରାଜ୍ୟ ସରକାର ଯୁକ୍ତି କରିଥିଲେ। ତାଙ୍କର ଏହି ଯୁକ୍ତି ବିଜେଡି ସରକାର ୧୯ ବର୍ଷ ଶାସନର ବିଫଳତାର ପ୍ରମାଣ। ସବୁ ସରକାର ନିଜ ରାଜ୍ୟରେ ଗରିବଙ୍କ ସଂଖ୍ୟା କମ୍ କରିବା ପାଇଁ ନିର୍ବାଚିତ ହୋଇଥାଆନ୍ତି। ମାତ୍ର ରାଜ୍ୟ ସରକାରଙ୍କ ୧୯ ବର୍ଷ ଶାସନରେ ଗରିବ ସଂଖ୍ୟା ୩୪ଲକ୍ଷ ବଢିଥିବା କଥା କହି ମୁଖ୍ୟମନ୍ତ୍ରୀ ନିଜ ବିଫଳତାର ପ୍ରମାଣ ଦେଇଛନ୍ତି। ଏହା କ'ଣ ବିଜେଡି ସରକାରର କଠିନ ପରିଶ୍ରମ ଓ ଶ୍ରେଷ୍ଠ ପ୍ରଶାସକର ଫଳ କି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ତତ୍କାଳୀନ କଟକ ମେୟରଙ୍କ ଭଳି ଅଯୋଗ୍ୟ ନେତା ଓ କର୍ମୀଙ୍କୁ ସାମିଲ କରାଯାଇଥିଲା। ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ପ୍ରଥମେ ୩୪ଲକ୍ଷ ପରେ ୩୨ଲକ୍ଷ ତାହାପରେ ୨୫ ଲକ୍ଷ ଓ ପରେ ୨୨ଲକ୍ଷ ହିତାଧିକାରୀ ସାମିଲ ବିଷୟରେ ତଥ୍ୟ ଦେଇଛନ୍ତି। ଏବେ ଯେତିକି ହିତାଧିକାରୀ ଚୟନ କରାଯାଇଛି ତାହାର ତାଲିକା କାହିଁକି ୱେବସାଇଟ ମାଧ୍ୟମରେ ଜିଲ୍ଲା, ବ୍ଲକ, ପଞ୍ଚାୟତ ୱାରି ସ୍ପଷ୍ଟ କରାଯାଇନାହିଁ ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ୨୫ ଲକ୍ଷ ହିତାଧିକାରୀ ମାସକୁ ୫ କିଲୋ ଚାଉଳ ପାଇବେ। ଚାଉଳ କିଲୋ ୩୨ ଟଙ୍କା ହିସାବରେ ବାର୍ଷିକ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଲାଭ ନେଉଥିବା ହିତାଧିକାରୀମାନେ କିଏ ଏହା ଜାଣିବା ରାଜ୍ୟବାସୀଙ୍କ ଅଧିକାର। ଏହା ଖାଦ୍ୟ ସୁରକ୍ଷା ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ରାଜନୈତିକ ସ୍ୱାର୍ଥ ପାଇଁ ଖର୍ଚ୍ଚ ହେଉଛି ବୋଲି ମହାନ୍ତି ଅଭିଯୋଗ କରିଛନ୍ତି।

କଂଗ୍ରେସ ମଧ୍ୟ ଏନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଜୟଦେବ ଜେନା କହିଛନ୍ତି ଯେ, ଏହା ଖାଦ୍ୟ ସୁରକ୍ଷା ଆଇନ ନୁହେଁ ବରଂ ବିଜେଡିର ଭୋଟ୍ ସୁରକ୍ଷା ଆଇନ। ବିଜେଡି ନିଜର ଭୋଟ୍ ବ୍ୟାଙ୍କ ସୃଷ୍ଟି କରିବା ପାଇଁ ଦଳୀୟ କର୍ମୀଙ୍କୁ ହିତାଧିକାରୀ ଭାବେ ଚୟନ କରି ରାଜନୀତି କରୁଛି। ଉପା ସରକାର ପ୍ରଥମେ ଏହି ଯୋଜନା ଆରମ୍ଭ କରିଥିଲା ବୋଲି ସେ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଗୋଲକ ମହାପାତ୍ର ଓ ସମୀର ମହାନ୍ତି।


ଇଣ୍ଡିଆ ସ୍କିଲ୍‌ସ ନ୍ୟାଶନାଲ-୨୦୧୮ର ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

# ଇଣ୍ଡିଆ ସ୍କିଲ୍‌ସ ନ୍ୟାଶନାଲ-୨୦୧୮ ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀଠାରେ ଇଣ୍ଡିଆ ସ୍କିଲ୍‌ସ ନ୍ୟାଶନାଲ-୨୦୧୮ ଉଦ୍‌ଘାଟନ କରିଛନ୍ତି। ଏଥିରେ ୨୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪ଶହ ପ୍ରତିଯୋଗୀ ୪୬ଟି ସ୍କିଲ୍, ୧୦ଟି ପାରମ୍ପରିକ ସ୍କିଲ୍ ଓ ୪ଟି ଡେମୋ ସ୍କିଲ୍‌ରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବେ। ଏହି ପ୍ରତିଯୋଗିତାରେ ଯେଉଁମାନେ ବିଜେତା ହେବେ ସେମାନଙ୍କୁ ୬ ତାରିଖରେ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରାଯିବ। ବିଜେତାମାନଙ୍କୁ ଅଗଷ୍ଟ ୨୦୧୯ରେ ରୁଷିଆର କାଜାନରେ ହେବାକୁ ଥିବା ବିଶ୍ୱ ସ୍କିଲ୍ ଆନ୍ତର୍ଜାତିକ ପ୍ରତିଯୋଗିତା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଶୁଭାରମ୍ଭ ଅବସରରେ ପ୍ରଧାନ ଏଥିରେ ସାମିଲ ହୋଇଥିବା ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗୀମାନେ ଆଞ୍ଚଳିକ ସ୍ତରରେ ଭଲ ପ୍ରଦର୍ଶନ କରି ଜାତୀୟ ସ୍ତରକୁ ଆସିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଭାରତକୁ ବିଶ୍ୱର ସ୍କିଲ୍ କ୍ୟାପିଟାଲ ଭାବେ ଗଢିତୋଳିବା ପାଇଁ ଲକ୍ଷ୍ୟ ରହିଛି। ଏହି ପ୍ରତିଯୋଗିତା ସେହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ହେବ ବୋଲି ସେ କହିଛନ୍ତି। ଏଥିରେ ୫୦ଜଣ ଦିବ୍ୟାଙ୍ଗ ଭାଗ ନେଉଥିବାରୁ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି।








ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶରଫ୍‌ଙ୍କୁ ଚରମବାଣୀ ଶୁଣାଇଛନ୍ତି ଦେଶର ପ୍ରଧାନ ବିଚାରପତି। ବାରମ୍ବାର ନୋଟିସ ସତ୍ତ୍ୱେ ମୁଶରଫ୍ କୋର୍ଟରେ ହାଜର ନ ହେବାରୁ କ୍ଷୁବ୍ଧ ହୋଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସାକିବ୍ ନିସାର ମୁଶରଫ୍‌ଙ୍କୁ ତାଗିଦ କରିଛନ୍ତି। ସେ ପାକିସ୍ତାନ ନ ଆସିଲେ ଜୋରଜବରଦସ୍ତ ତାଙ୍କୁ ପାକିସ୍ତାନ ଆଣିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ଜଷ୍ଟିସ ନିସାର କହିଛନ୍ତି।

## ସଂକ୍ଷେପରେ

### ସରକାରଙ୍କ ନିଶାମୁକ୍ତି ଅଭିଯାନ ରାଜ୍ୟବାସୀଙ୍କୁ ଉପହାସ: କଂଗ୍ରେସ

ଭୁବନେଶ୍ୱର,୨।୧୦(ବ୍ୟୁରୋ): ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ନିଶାମୁକ୍ତି ଅଭିଯାନ ଆୟୋଜନ କରାଯାଇଛି। ଏହି ଅବସରରେ ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ରାଜ୍ୟର ବିଭିନ୍ନ ପଞ୍ଚାୟତ, ମ୍ୟୁନିସିପାଲିଟି ଓ ଏନ୍ଏସି ଅଞ୍ଚଳରେ ନିଶାମୁକ୍ତି ଅଭିଯାନର ବ୍ୟାପକ ପ୍ରସାରଣ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଙ୍କୁ ଚିଠି ଲେଖି କୁହାଯାଇଛି। ଏହି ଘଟଣା ରାଜ୍ୟ ସରକାରଙ୍କ ଛଳନା ଓ ଦୋମୁହାଁ ନୀତିକୁ ଦର୍ଶାଉଛି। ଏହା ରାଜ୍ୟବାସୀଙ୍କ ପାଇଁ ଉପହାସ ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳୀୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ଅସଲରେ ରାଜ୍ୟ ସରକାର ମଦ ବିକ୍ରିର ପ୍ରଚାର ପ୍ରସାର ନିମନ୍ତେ ଏକ ମିଶନ ମୋଡ୍‌ରେ କାମ କରୁଛନ୍ତି। ସରକାର ଲୋକ ଦେଖାଣିଆ ଭାବେ ଦୁଇଘଣ୍ଟିଆ ନିଶାମୁକ୍ତ ରାଲି ଆୟୋଜନ କରୁଛନ୍ତି। ବିଜେଡି ସରକାର ରାଜ୍ୟରେ ମଦର ପ୍ରଚାର ପ୍ରସାର କରି ରାଜସ୍ୱ ସଂଗ୍ରହରେ ଲାଗି ପଡିଛନ୍ତି। ୨୦୦୦-୦୧ରେ ବିଜେଡି କ୍ଷମତାକୁ ଆସିବାବେଳେ ରାଜ୍ୟର ଅବକାରୀ ରାଜସ୍ୱ ୧୩୫.୧୩କୋଟି ଟଙ୍କା ଥିଲା। ଏବେ ତାହା ୨୦ଗୁଣ ବୃଦ୍ଧି ପାଇଛି। ୨୦୧୬-୧୭ରେ ତାହା ୨୭୮୬.୨୩କୋଟି ଟଙ୍କାରେ ପହଞ୍ଚିଛି। ୨୦୧୭-୧୮ରେ ରାଜ୍ୟ ସରକାର ୩୬୦୦କୋଟି ଟଙ୍କା ଅବକାରୀ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ରଖିଥିବା ପରିଲକ୍ଷିତ ହୋଇଥିବା ବେଳେ ୩୨୧୧.୦୩କୋଟି ଟଙ୍କା ଆଦାୟ କରିଛନ୍ତି। ୨୦୧୦ର ପରବର୍ତ୍ତୀ ସମୟରେ ଅବକାରୀ ରାଜସ୍ୱରେ ଅପ୍ରତ୍ୟାଶିତ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହାକୁ ନେଇ ରାଜ୍ୟରେ ସାମାଜିକ ବିଶୃଙ୍ଖଳା, ଅପରାଧ, ନାରୀ ନିର୍ଯାତନା, ଯୌନ ଉତ୍ପୀଡନ ଭଳି ଘଟଣା ମଧ୍ୟ ବହୁଗୁଣିତ ହୋଇଛି ବୋଲି ସେ କହିଛନ୍ତି ।

# ହାତରେ ପାଇଖାନା ସଫା କରନ୍ତି ୨୦,୫୦୦ ଜଣ

ନୂଆଦିଲ୍ଲୀ

ଭାରତରେ ୨୦,୫୦୦ ଜଣ ହାତରେ ପାଇଖାନା ସଫା କରୁଥିବା ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶରେ ୬,୦୦୦ ଜଣଙ୍କୁ ଚିହ୍ନଟ କରାଯାଇଛି। ୧୮ଟି ରାଜ୍ୟରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ସଦ୍ୟତମ ସର୍ଭେରୁ ଏହା ଜଣାପଡିଛି। ୨୦୧୪-୧୭ରେ କରାଯାଇଥିବା ଏକ ସର୍ଭେରୁ ଜଣାଯାଇଥିଲା ଯେ, ଦେଶରେ ୧୩,୭୭୦ଜଣ ହାତରେ ପାଇଖାନା ସଫା କରୁଛନ୍ତି। ଗୁଜରାଟ, ମହାରାଷ୍ଟ୍ର ଏବଂ କେରଳ ଭଳି କେତେକ ରାଜ୍ୟରେ ହାତରେ ମଳ କାଢୁଥିବା ଲୋକ ନ ଥିବା ପ୍ରକାଶ କରିଥିଲେ। କିନ୍ତୁ ସର୍ବଶେଷ ସର୍ବେକ୍ଷଣରୁ ଜଣାପଡିଛି ଯେ, ସେ ସବୁ ରାଜ୍ୟରେ ମଧ୍ୟ ହାତରେ ପାଇଖାନା ସଫା କରୁଥିବା କର୍ମଚାରୀ ନିୟୋଜିତ ଅଛନ୍ତି। ବର୍ତ୍ତମାନ ଯେଉଁ ସର୍ଭେ ଜାରି ରହିଛି ତାହା ଗତ ଫେବୃୟାରୀରୁ ଆରମ୍ଭ ହୋଇଛି। ଏଥିରେ ୧୮ଟି ରାଜ୍ୟର ୧୭୦ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯାଇଛି।



ସର୍ବଶେଷ ସର୍ବେକ୍ଷଣ ରିପୋର୍ଟରୁ ଜଣାଯାଏ, ୧୮ଟି ରାଜ୍ୟରେ ୨୦,୫୯୬ଜଣ ହାତରେ ପାଇଖାନା ସଫା କରୁଥିବା ବେଳେ ଏ କ୍ଷେତ୍ରରେ ସବୁଠୁ ଅଧିକ ୬,୧୨୬ଜଣ ଉତ୍ତରପ୍ରଦେଶରେ ଥିବା ଜଣାପଡିଛି। ଏହା ପଛକୁ ମହାରାଷ୍ଟ୍ର(୫,୨୬୯), କର୍ନାଟକ (୧୭୫୪) ରହିଛି। ସର୍ଭେରେ ସହଯୋଗ କରିଥିବା ନ୍ୟାଶନାଲ୍ ସଫେଇ କର୍ମଚାରିଜ୍ ଫାଇନାନ୍ସ ଆଣ୍ଡ ଡେଭଲପମେଣ୍ଟ କର୍ପୋରେଶନ୍ (ଏନ୍ଏସ୍ କେଏଫ୍ ଡିସି)ର ବରିଷ୍ଠ ଅଫିସରମାନେ ଏହି ସୂଚନା ଦେଇଛନ୍ତି।

## ■ ନବୀନ, ପ୍ରତାପଙ୍କ ଉପରେ ବର୍ଷିଲେ ଦାମ

# ମୋତେ କୋଟିଏ ଟଙ୍କା ଯଚାଯାଇଥିଲା

ଲଳିତଗିରି,୨।୧୦(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକ ନୃତ୍ତାଙ୍ଗଠାରେ ମଙ୍ଗଳବାର ବିରୂପା ସାହିତ୍ୟ ସଂସଦ ପକ୍ଷରୁ ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀ ଓ ବଡ଼ମାଷ୍ଟ୍ରେ ବିଶ୍ୱନାଥ ପଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମାହାଙ୍ଗା ଭଞ୍ଜ ସାହିତ୍ୟର ବାହକ। ମାହାଙ୍ଗା ବୈଷ୍ଣବ ପାଣିଙ୍କ ସାହିତ୍ୟର ପୃଷ୍ଠଭୂମି। ଏହି ମାଟିରେ ସାହିତ୍ୟିକ ଓ ଲେଖକ ଅଗଣ୍ୟ। ଆଉ ଏହି ମାହାଙ୍ଗାବାସୀ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ନିର୍ବାଚିତ କରିଛନ୍ତି, ଯାହାଙ୍କର ଅପସଂସ୍କୃତି ଓ ଦୁର୍ନୀତି ହେଉଛି ବାହକ। ଆଉ ଆଜି ସେ ମୋ ବିରୋଧରେ ସମାବେଶ କରୁଛନ୍ତି। ପଟ୍ଟାମୁଣ୍ଡାଇରେ ତାଙ୍କ ଘର। ସେ କଟକ ଯୋବ୍ରାରେ ରହୁଛନ୍ତି। ବର୍ତ୍ତମାନ ତାଙ୍କର କେତେ କ'ଣ ସମ୍ପତ୍ତି ରହିଛି। ଏବେ ସେ ଆଉ ଜଣେ ବନ୍ଧୁଙ୍କ ଘରକୁ ଯାଇ କବାଟ କିଳି ନାଚୁଛନ୍ତି। ଆଉ ସେପରି ଲୋକ କୁଜଙ୍ଗ ଯାଇ ସମାବେଶ କରୁଛନ୍ତି। ଏଥିସହ ଦାମ କହିଛନ୍ତି, ବାରିପଦାରେ ଜଣେ ଅଫିସର ଓ ଜିଲାପାଳ ୫୯ କୋଟି ଟଙ୍କାର ସାର କିଣିଥିଲେ, କିନ୍ତୁ ଗଛ ଲଗାଇଲେ ନାହିଁ। ତଦନ୍ତବେଳେ ସମ୍ପୃକ୍ତ ଅଫିସର ଧରାପଡ଼ିଲେ। ମୁଁ ତାଙ୍କୁ ନିଲମ୍ବିତ କରିଥିଲି। ପରେ ସମ୍ପୃକ୍ତ ଅଫିସର ମୋ ନିକଟରେ ପହଞ୍ଚି କୋଟିଏ ଟଙ୍କା ନେଇ ମୋତେ ଛାଡ଼ିଦେବାକୁ କହିଥିଲେ। ମୁଁ ତାଙ୍କୁ ମନା କରିଥିଲି। ଏହାପରେ ସେ ଯାଇ ପାଣ୍ଡିଆନ୍‌ଙ୍କୁ କହିଥିଲେ। ତା'ପରେ ମୋ ମନ୍ତ୍ରୀପଦ ଯାଇଥିଲା ବୋଲି କହିଛନ୍ତି। ମୁଁ ବିଧାନସଭାରେ ଦୁର୍ନୀତି ନେଇ ପ୍ରଶ୍ନ କରିଥିଲି। ହେଲେ ମୁଖ୍ୟମନ୍ତ୍ରୀ ଏହାକୁ ହସରେ ଉଡ଼ାଇ ଦେଇଥିଲେ। ସେହିପରି କହିଥିଲେ, ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଯେଉଁ ପୁତ୍ର ତାଙ୍କ ଚିତାଭସ୍ମକୁ ସାର୍ବଜନୀନ କରିବାକୁ ଦେଇ ନ ଥିଲେ, ସେହି ପୁତ୍ର ୧୮ ବର୍ଷ ହେବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇ ବିଜୁ ବାବୁଙ୍କ ନାମରେ ଶାସନ ଚଳାଇଛନ୍ତି। ନବୀନବାବୁଙ୍କଠାରେ ବିଜୁବାବୁଙ୍କ ଚିନ୍ତାଚେତନା ଓ ମାନସିକତା ତିଳେ ମାତ୍ର ନାହିଁ। ବିଜୁବାବୁ ଓଡିଶାର ସ୍ୱାର୍ଥ ପାଇଁ ନିଜ ଶିଳ୍ପ ପ୍ରତିଷ୍ଠାନଠାରୁ ଆରମ୍ଭ କରି ଧନ ସମ୍ପତ୍ତି ସବୁ କିଛି ଉତ୍ସର୍ଗ କରିଥିଲେ। ଏପରି କି ମା'କୁ ସମ୍ମାନ ଓ ଗାଁକୁ କାମ ତାଙ୍କର ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ନବୀନ ପଟ୍ଟନାୟକଙ୍କ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖାଦେଇଛି। କ୍ଷମତା ଓ ସମ୍ପତ୍ତି ଆହରଣ କରିବା ନବୀନଙ୍କ ପ୍ରଥମ ଲକ୍ଷ୍ୟ। ସେହିପରି ନାରୀ ନିର୍ଯାତନାଠାରୁ ଆରମ୍ଭ କରି ଦୁର୍ନୀତି, ବ୍ୟଭିଚାର ନବୀନ ଶାସନର ନୀତିରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଏଥିରେ ନୃତ୍ତାଙ୍ଗ ସମିତିସଭ୍ୟ ରମାକାନ୍ତ ବରାଳ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ ଦିବ୍ୟ ସୁନ୍ଦର ଆଚାର୍ଯ୍ୟ ଯୋଗଦେଇ ଗାନ୍ଧିଜୀ, ଶାସ୍ତ୍ରିଜୀ ଓ ବଡ଼ମାଷ୍ଟ୍ରେଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ମାହାଙ୍ଗାର ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍ ଓ ସଫଳ ଚାଷୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ମାଧବ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ସମ୍ପାଦକ ବିଷ୍ଣୁ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମାହାଙ୍ଗାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।




ନୃତ୍ତାଙ୍ଗଠାରେ ବିରୂପା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଡା. ଦାମୋଦର ରାଉତ ଓ ଅନ୍ୟ ଅତିଥି ଉପସ୍ଥିତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯାହା**
**ବାନ୍ଧି ମାଇଲେ ସେଇଆ ।**

ଯେକୌଣସି ପ୍ରକାରର ଆଘାତ ଶରୀର ପକ୍ଷେ ଯନ୍ତ୍ରଣାଦାୟକ ହୋଇଥାଏ। ମାରିବାର ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୋକା ଦେଇଗଲୁ ମତେ ନାଗର**
**ମୋ ସଂସାର ହେବ ତୋ ପାଇଁ କାଳ ।**

ବିଶ୍ୱାସ ଓ ଭରସାକୁ ପାଥେୟକରି ଗଢ଼ି ଉଠିଥାଏ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଧୋକାଦେବାକୁ ଆରମ୍ଭ କରେ, ଭରସା ତୁଟିଯାଏ। ବେଶିଦିନ ରହିପାରେ ନାହିଁ ସମ୍ପର୍କ। ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ, ଯାହାକୁ ସହ୍ୟ କରିବା କଷ୍ଟକର ହୋଇଯାଇଥାଏ। ଏପରି ସ୍ଥଳେ ପ୍ରେମ ପଥରେ ଧୋକା ଦେଇଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତହେବା ସହ ଅଭିସମ୍ପାତ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପ୍ରମୁଖ ଟ୍ରେନ୍‌ରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ ଲଗାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର,୨।୧୦

ପ୍ରମୁଖ ଟ୍ରେନଗୁଡିକରେ ସାନିଟାରୀ ନାପକିନ ଭେଣ୍ଡିଂ ମେଶିନ ସ୍ଥାପନ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ହୋଇଛି। ରେଳୱେ ପକ୍ଷରୁ ପୂର୍ବରୁ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସରେ ଏହି ସୁବିଧା ପ୍ରଦାନ କରାଯାଇଥିଲା। ଉକ୍ତ ପଦକ୍ଷେପକୁ ମହିଳା ଯାତ୍ରୀଙ୍କ ପକ୍ଷରୁ ଭଲ ରେସପନ୍ସ ମିଳିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏହାକୁ ଧ୍ୟାନରେ ରଖି ପୂର୍ବତଟ ରେଳପଥ ଏହାର ପରିସୀମାରେ ଆସୁଥିବା ସମସ୍ତ ଟ୍ରେନଗୁଡିକରେ ଅଟୋମେଟିକ ସାନିଟାରି ଭେଣ୍ଡିଂ ମେଶିନ ଲଗାଇବାକୁ ଯୋଜନା ରଖିଛି। ୨୫ଟି ଟ୍ରେନରେ ଏହି ସୁବିଧା ତ୍ୱରିତ ଭାବେ ଯୋଗାଇ ଦିଆଯିବ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ମଧୁଲିକା ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯାଉଛି। ଟ୍ରେନରେ ଅଟୋମେଟିକ ସାନିଟାରୀ ଭେଣ୍ଡିଂ ମେଶିନ ସ୍ଥାପନ କରିବା ଦିଗରେ ପୂର୍ବତଟ ରେଳପଥ ଭାରତୀୟ ରେଳୱେରେ ପ୍ରଥମ। ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡିକରେ ଏହି ମେଶିନ ଲାଗି ସାରିଲାଣି। ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱର- ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସରେ ଉକ୍ତ ମେଶିନର ସ୍ଥାପନ ହୋଇଛି।

ସେହିଭଳି ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ, ପୁରୀ-ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ, ପୁରୀ-ଆନନ୍ଦ ବିହାର ନନ୍ଦନକାନନ ଏକ୍ସପ୍ରେସ, ଭୁବନେଶ୍ୱର-ନୂଆଦିଲ୍ଲୀ ଓଡିଶା ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ, ଭୁବନେଶ୍ୱର ଏଲ୍‌ଟିଟି ଦ୍ୱିସାପ୍ତାହିକ ଏକ୍ସପ୍ରେସ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ (ଭାୟା-ସମ୍ବଲପୁର, ଆଗ୍ରା, ଟାଟା) , ବିଶାଖାପାଟଣା-ନିଜାମୁଦ୍ଦିନ ସ୍ୱର୍ଣ୍ଣ ଜୟନ୍ତୀ ଏକ୍ସପ୍ରେସ ଭଳି ବିଭିନ୍ନ ଟ୍ରେନଗୁଡିକରେ ଏହି ସୁବିଧା ରହିବ। ସାନିଟାରୀ ଭେଣ୍ଡିଂ ମେଶିନରେ ୭୫ ଖଣ୍ଡ ନାପକିନ ରହିପାରିବ। ଏହାର ପ୍ରତି ଖଣ୍ଡ ଲାଗି ଗ୍ରାହକଙ୍କୁ ୫ ଟଙ୍କା ଦେବାକୁ ପଡିବ। ମୋଟ ୬୩ ଟ୍ରେନର ୯୦ ରେକ୍‌ରେ ଏଭଳି ସୁବିଧା ପ୍ରଦାନ ନେଇ ପୂର୍ବତଟ ରେଳପଥ ଯୋଜନା ରଖିଛି। ଏହା ମଧ୍ୟରେ ପୁରୀରୁ ଛାଡୁଥିବା ୨୬ଟି ଟ୍ରେନ ରହିଥିବା ବେଳେ ବିଶାଖାପାଟଣାରୁ ୧୨ଟି, ସମ୍ବଲପୁରଠାରୁ ୫ଟି ଟ୍ରେନ ରହିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office 181/182 Janta Complex Rajiv Chok, Delhi
Contact:- 08826963806, 09319359816

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ASTRO / VASTU
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି?
୨ ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର, ମନ୍ତ୍ରର ସମ୍ରାଟ
ଇଚ୍ଛା ଅନୁସାରେ ବଶୀକରଣ, ପ୍ରେମବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗରେ ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ । ଯଦି କାହାର ପତି ବା ପ୍ରେମୀ ଅନ୍ୟଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ।
7991080816
Bhubaneswar-09

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891


**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ଭଳି ଘଟଣାକୁ ବିରୋଧ କରିବା ପାଇଁ ବଲିଉଡ୍ ସବୁବେଳେ ପୀଡିତାଙ୍କ ସପକ୍ଷରେ ରହିଛି।

-କୁନାଲ କପୁର, ବଲିଉଡ୍ ଅଭିନେତା



# ୬୦ବର୍ଷ ପୂରଣ କଲା ନାସା




**ୱାଶିଂଟନ୍:** ନାସା ଏହାର ମହାକାଶ ଅନୁସନ୍ଧାନ କାର୍ଯ୍ୟକ୍ରମର ୬୦ବର୍ଷ ସମ୍ପୂର୍ଣ୍ଣ କରିଛି। ପୃଥିବୀ ବାହାର ଜଗତ ଆବିଷ୍କାର ଏବଂ ନୂଆ ଜ୍ଞାନକୌଶଳ ବିକାଶରେ ଏହା ପ୍ରସିଦ୍ଧି ଅର୍ଜନ କରିପାରିଛି। ଦୀର୍ଘ ୬ ଦଶନ୍ଧି ମଧ୍ୟରେ ନାସା ମହାକାଶର ଶାନ୍ତିପୂର୍ଣ୍ଣ ଅନ୍ୱେଷଣ କରିବା ସହିତ ଗ୍ରହ ଏବଂ ସୌରମଣ୍ଡଳର ଆବିଷ୍କାର ଏବଂ ବ୍ରହ୍ମାଣ୍ଡ ବିଷୟରେ ଅନୁସନ୍ଧାନ ଜାରି ରଖିଥିବା ଉକ୍ତ ସଂସ୍ଥା ଏହାର ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛି। ବ୍ରହ୍ମାଣ୍ଡର ରହସ୍ୟ ଭେଦ କରିବା ପାଇଁ ନାସା ମହାକାଶକୁ ସ୍ପେସ୍‌କ୍ରାଫ୍ଟ ପଠାଇବା ସହିତ ସୌରମଣ୍ଡଳର ପ୍ରତ୍ୟେକ ଗ୍ରହର ନିକଟବର୍ତ୍ତୀ ପର୍ଯ୍ୟବେକ୍ଷଣ ପାଇଁ ଅନୁସନ୍ଧାନକାରୀ ପ୍ରୋବ୍ ପଠାଇଛି। ଅଗଷ୍ଟରେ ନାସା ସୂର୍ଯ୍ୟଙ୍କ ନିକଟକୁ ପାର୍କର ସୋଲାର ପଠାଇବା ଏହାର ସଦ୍ୟତମ ଉଦାହରଣ। କ୍ଷୁଦ୍ର କାର୍ ଆକୃତିର ଏହି ଐତିହାସିକ ପ୍ରୋବ୍ ସୂର୍ଯ୍ୟଙ୍କ ଠାରୁ ୩.୮ ନିୟୁତ ମାଇଲ୍ ଦୂରରେ ପହଞ୍ଚିବା ପର୍ଯ୍ୟନ୍ତ ଏହାର ଯାତ୍ରା ଜାରି ରଖିବ। ଏଥିସହିତ ନାସା ୯ଟି ମାନବଯୁକ୍ତ ମହାକାଶଯାନ ମଧ୍ୟ ପ୍ରେରଣ କରିଛି। ନାସା ୧୯୫୮ ଅକ୍ଟୋବର ୧ରୁ ସରକାରୀ ଭାବେ ଏହାର ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲା। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡ୍ୱିଟ୍ ଡି. ଆଇଜନହୋୟରଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ଏହାର ୧୦ଦିନ ପରେ ପାୟୋନିୟର-୧ ମହାକାଶକୁ ଲଞ୍ଚ୍ କରାଯାଇଥିଲା। ରକେଟ୍‌ରେ ତ୍ରୁଟି ଯୋଗୁ ଏହା ଚନ୍ଦ୍ରକୁ ପରିକ୍ରମା କରିବାର ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା। ରେକର୍ଡ ମାତ୍ରା ୭୦,୦୦୦ ମାଇଲ୍ ଉଚ୍ଚତା ପର୍ଯ୍ୟନ୍ତ ଏହା ଯାଇ ଚାର୍ଜଯୁକ୍ତ କଣିକାର ଏକ ଜୋନ୍ ଭାନ୍ ଆଲେନ୍ ରାଡିଏଶନ୍ ବେଲ୍ଟର ଉପସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲା। ପୁନଶ୍ଚ ଏହା ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କରି ଲଞ୍ଚ୍ ହେବାର ୪୩ ଘଣ୍ଟା ପରେ ଜଳିଯାଇଥିଲା।

# ମହିଳା ସ୍ୱାବଲମ୍ବୀ ହେବା ଜରୁରୀ



## ଶବାନା ଆଜ୍‌ମୀ

**ନୂଆଦିଲ୍ଲୀ:** ମହିଳାମାନେ ଶିକ୍ଷିତ ହେବା ସହିତ ଆର୍ଥିକ ସ୍ୱାବଲମ୍ବନଶୀଳ ହେବା ଉଚିତ ବୋଲି ବିଶିଷ୍ଟ ଅଭିନେତ୍ରୀ ଶବାନା ଆଜ୍‌ମୀ ପ୍ରକାଶ କରିଛନ୍ତି। ସେ ମିଜ୍‌ୱାନ୍ ୱେଲ୍‌ଫେୟାର ସୋସାଇଟି ନାମରେ ଏକ ଏନ୍‌ଜିଓ ଚଳାଉଛନ୍ତି। ଏଠାରେ 'ଅସ୍ମିତା-ଓମ୍ୟାନ୍' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଲେ, ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ମହିଳାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦେବା ସହିତ ପ୍ରତିଟି କାର୍ଯ୍ୟରେ ତାଙ୍କ ସହିତ ସାମିଲ ହୁଅନ୍ତୁ। ମହିଳା ସଶକ୍ତୀକରଣ ନିମନ୍ତେ ସେମାନେ ପଦାକୁ ଗୋଡ କାଢ଼ି ବାହାର ଜଗତକୁ ଅନୁଭବ କରିବା ଉଚିତ। ଫାଉଣ୍ଡେଶନ୍ ଫର ମ୍ୟାନେଜମେଣ୍ଟ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏଫ୍‌ଏମ୍‌ଆରଟି)ର ଏହି କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ଦକ୍ଷତା ଚିହ୍ନିହେବ। ଏଥିସହିତ ମନରେ ସ୍ୱାଧୀନ ଚିନ୍ତାଧାରା ପୋଷଣ କରି ସମାଜରେ ପରିବର୍ତ୍ତନ ଆଣିଥିବା ମହିଳାଙ୍କୁ ଏହା ଏକତ୍ର ହେବାର ସୁଯୋଗ ସୃଷ୍ଟି କରିଛି। ମିଜୱାନ୍ ହେଉଛି ଶବାନାଙ୍କ ପଡୋଶୀ ଗାଁ। ଏଠିକାର ଏନ୍‌ଜିଓ ମହିଳାଙ୍କୁ ରୋଜଗାରକ୍ଷମ କରିବା ସହିତ ଆତ୍ମନିର୍ଭରଶୀଳ କରାଇପାରିଛି। ଏହି ଗାଁ ବାଲ୍ୟ ବିବାହ ପାଇଁ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ତାଙ୍କ ନିଜସ୍ୱ ଏନ୍‌ଜିଓର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଏହି କୁପ୍ରଥାକୁ ସେଠାରେ ଦୂର କରାଯାଇ ପାରିଛି ବୋଲି ଅଭିନେତ୍ରୀ ପ୍ରକାଶ କରିଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୪.୭ |
| ଚାନ୍ଦବାଲି | ୩୫.୦ | ୨୬.୬ |
| କଟକ | ୩୪.୬ | ୨୫.୦ |
| ପାରାଦ୍ୱୀପ | ୩୫.୨ | ୨୭.୩ |
| ଭୁବନେଶ୍ୱର | ୩୫.୫ | ୨୫.୪ |
| ଗୋପାଳପୁର | ୩୫.୮ | ୨୫.୪ |
| ପୁରୀ | ୩୪.୬ | ୨୭.୬ |
| ଅନୁଗୋଳ | ୩୫.୧ | ୨୨.୬ |
| ବାରିପଦା | ୩୬.୨ | ୨୪.୫ |
| ଝାରସୁଗୁଡ଼ା | ୩୫.୫ | ୨୩.୫ |
| କେନ୍ଦୁଝର | ୩୨.୯ | ୨୧.୮ |
| ସମ୍ବଲପୁର | ୩୫.୮ | ୨୩.୦ |
| ସୁନ୍ଦରଗଡ଼ | ୩୪.୦ | --- |
| ହୀରାକୁଦ | ୩୫.୭ | ୨୩.୬ |
| ତାଳଚେର | ୩୬.୧ | ୨୪.୩ |
| ଭବାନୀପାଟଣା | ୩୩.୪ | ୨୩.୮ |
| ବଲାଙ୍ଗୀର | ୩୫.୦ | ୨୩.୮ |
| କୋରାପୁଟ | ୩୦.୨ | ୧୮.୬ |
| ଫୁଲବାଣୀ | --- | ୧୯.୫ |
| ଟିଟିଲାଗଡ଼ | ୩୪.୫ | ୨୨.୫ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୬.୬ | ୨୨.୬ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ଅକ୍ଟୋବର ୩ର ପ୍ରମୁଖ ଘଟଣା

୧୯୫୨ ଅକ୍ଟୋବର ୩ରେ ବ୍ରିଟେନ ଅପରେଶନ୍ ହରିକେନ୍ ମାଧ୍ୟମରେ ପ୍ରଥମ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା। ଏହାଦ୍ୱାରା ଆମେରିକା ଓ ସୋଭିଏଟ୍ ୟୁନିୟନ ପରେ ବ୍ରିଟେନ୍ ବିଶ୍ୱର ତୃତୀୟ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ପାଲଟିଥିଲା। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବେଳେ ବ୍ରିଟେନ୍ ପରମାଣୁ ଅସ୍ତ୍ର ପ୍ରକଳ୍ପର ଶୁଭାରମ୍ଭ କରିଥିଲା।

୨୦୧୦ ଅକ୍ଟୋବର ୩ରେ ଦିଲ୍ଲୀରେ ୧୯ତମ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିତ ହୋଇଥିଲା। ୩ରୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ ଏହା ଚାଲିଥିବା ବେଳେ ୭୧ଟି ଦେଶର ୬୦୮୧ ଜଣ ଆଥଲେଟ୍ ୨୧ଟି କ୍ରୀଡା ଏବଂ ୨୭୨ ଟି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଅଲଗା ହେବେ ଯୋଡ଼ାଶିଶୁ



**ମେଲ୍‌ବୋର୍ନ:** ଭୁଟାରେ ଜନ୍ମ ହୋଇ ଥିବା ଯୋଡ଼ାଶିଶୁ ଅଲଗା ହେବେ। ୧୪ ମାସର କନ୍ୟାସନ୍ତାନ ନିମା ଏବଂ ଡାୱାଙ୍କୁ ପୃଥକ୍ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଯମଜ ସନ୍ତାନଙ୍କୁ ଅଷ୍ଟ୍ରେଲିଆର ମେଲବୋର୍ନ ଅଣାଯାଇଛି। ସେଠାରେ ଡାକ୍ତରମାନେ ସେମାନଙ୍କୁ ପୃଥକ୍ କରିବା ଲାଗି ଜଟିଳ ଅସ୍ତ୍ରୋପଚାରର ଆୟୋଜନ କରୁଛନ୍ତି। ଚିଲ୍‌ଡ୍ରେନ୍ ଫାଷ୍ଟ ଫାଉଣ୍ଡେଶନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିଜାବେଥ୍ ଲଜ୍‌ଙ୍କ ଆମନ୍ତ୍ରଣ କ୍ରମେ ଯମଜ କନ୍ୟା ଏବଂ ସେମାନଙ୍କ ମା' ମେଲବୋର୍ନଠାରେ ଅବସ୍ଥାନ କରୁଛନ୍ତି। ମଙ୍ଗଳବାର ଉକ୍ତ ପରିବାର ମେଲବୋର୍ନଠାରେ ପହଞ୍ଚିବା ପରେ ରୟାଲ ଚିଲଡ୍ରେନ୍‌ସ ହସ୍ପିଟାଲ୍‌ରେ ଅପରେଶନ୍ ନିମନ୍ତେ ବିଧିବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଳିକା ଦ୍ୱୟଙ୍କ ବକ୍ଷ ଯୋଡି ହୋଇ ରହିଥିବା ବେଳେ ସେମାନଙ୍କର ଗୋଟିଏ ଲିଭର ଥିବା ଜଣାପଡିଛି। ଏ ସମ୍ପର୍କରେ ଲଜ୍ ସାମ୍ବାଦିକଙ୍କୁ କହନ୍ତି, ବାଳିକା ଦ୍ୱୟ ଅସୁସ୍ଥ ଅନୁଭବ କରିବା ସହିତ ସେମାନଙ୍କ ଓଜନ ହ୍ରାସ ପାଇବାରେ ଲାଗିଛି। ଅସ୍ତ୍ରୋପଚାର କରାଯିବା ପୂର୍ବରୁ ସେମାନଙ୍କର ପୁଣି ସ୍କାନ୍ କରାଯିବ ଏବଂ ଅପରେଶନ୍ ପାଇଁ ସମୟ ନିରୂପଣ ହେବ।




ସମଲିଙ୍ଗୀ ବିବାହ ପାଇଁ ୨ ଯୁବତୀ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି। ଉଭୟଙ୍କ ପରିବାର ଏହାକୁ ବିରୋଧ କରୁଥିବାରୁ ସେମାନେ ସୁରକ୍ଷା ଲାଗି ପୋଲିସର ସହାୟତା ନେଇଛନ୍ତି। ପୋଲିସ ସେମାନଙ୍କୁ ପ୍ରତିଦିନ ଯୋଗାଯୋଗରେ ରହିବା ପାଇଁ ପରାମର୍ଶ ଦେଇଛି। ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ ବିବାହିତା ହୋଇଥିବାବେଳେ ଅନ୍ୟ ଜଣେ ବିବାହ କରି ନ ଥିବା ପୋଲିସ କହିଛି।

## ସଂକ୍ଷେପରେ

### ସାଧାରଣ ନିର୍ବାଚନ ପରେ ହେବ ଯୁବ କଂଗ୍ରେସ ସାଂଗଠନିକ ନିର୍ବାଚନ

ଭୁବନେଶ୍ୱର,୨।୧୦(ବ୍ୟୁରୋ): ଆସନ୍ତା ସାଧାରଣ ନିର୍ବାଚନ ପରେ ଯୁବ କଂଗ୍ରେସର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବ। ଗତ ସୋମବାରଠାରୁ ଏନେଇ ଯୁବ କଂଗ୍ରେସ ପକ୍ଷରୁ ସଭ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ କେଶବ ଚନ୍ଦ୍ର ଯାଦବ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଏହି ସଭ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିଥିଲେ। ସେହି କ୍ରମରେ ମଙ୍ଗଳବାର ଯୁବ କଂଗ୍ରେସ ଇଲେକ୍ସନ କମିଶନ ଏବଂ ପ୍ରଦେଶ ରିଟର୍ନିଂ ଅଫିସରଙ୍କ ଉପସ୍ଥିତିରେ ୩୩ ସାଂଗଠନିକ ଜିଲା ମଧ୍ୟରୁ ୪ ଜିଲା ପାଇଁ ଲଟେରି ମାଧ୍ୟମରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଯାଜପୁର, ନୂଆପଡା, ରାଉରକେଲା ଏବଂ ଗଜପତି ଜିଲାର ସଭାପତି ପଦ ପାଇଁ ଅନୁସୂଚିତ ଜାତି, ଜନଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପ୍ରାଥମିକ ସଦସ୍ୟ ଓ ସକ୍ରିୟ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଚାଲୁ ରହିବ। ରାଜ୍ୟରେ ସାଧାରଣ ନିର୍ବାଚନ ହେବା ପରେ ଯୁବ କଂଗ୍ରେସର ରାଜ୍ୟ, ଜିଲା ଓ ବିଧାନସଭା ସ୍ତରୀୟ ସଂଗଠନ ଚାଲିବା ସହ ନିର୍ବାଚନ ଅନୁଷ୍ଠିତ ହେବ। ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ପାଇଁ ନିୟୋଜିତ ରିଟର୍ନିଂ ଅଫିସର ବିପିନ୍ ନେଗୀ ଏହି ସୂଚନା ଦେଇଛନ୍ତି।

# ଭାଜପା ନେତ୍ରୀଙ୍କୁ ଅଟକାଇବା ଆଳରେ ଅସଦାଚରଣ

- ଭିଡିଓ ଫୁଟେଜକୁ ଅତିରଞ୍ଜିତ କରାଯାଇଛି: ଡିସିପି
- ପୋଲିସ ଗଣତନ୍ତ୍ରକୁ ହତ୍ୟା କରିଛି: ପ୍ରଭାତୀ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ମହିଳାଙ୍କ ପ୍ରତି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ମହିଳା ସଦସ୍ୟାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ନବୀନ ନିବାସ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବା ଆଳରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପୋଲିସ ଗଣତନ୍ତ୍ରକୁ ହତ୍ୟା କରିବା ସହିତ ନିଜର ସୀମା ଲଙ୍ଘିଥିବା ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

ମୋର୍ଚ୍ଚାର ଅଭିଯୋଗ ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମୋର୍ଚ୍ଚାର ସଦସ୍ୟାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ଅଭିମୁଖେ ଯାଇଥିଲେ। ହେଲେ ରାଜମହଲ ଛକରେ ପୋଲିସ ସେମାନଙ୍କୁ ଅଟକାଇବା ସହ ଲାଠିମାଡ଼ କରିଥିଲା। ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ଓ ରାଜ୍ୟ ମହିଳା ସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ କେତେଜଣ ମହିଳାଙ୍କୁ ଲାଠି ମାଡ ହୋଇଥିଲା। ସେଠାରୁ ପୋଲିସ ଏକାଧିକ ମହିଳାଙ୍କୁ ଗିରଫ କରିନେଇ ପରେ ଛାଡି ଦେଇଥିଲା। ପରବର୍ତ୍ତୀ ସମୟରେ ମୋର୍ଚ୍ଚାର କେତେଜଣ ସଦସ୍ୟା ଅଟୋରେ ନବୀନ ନିବାସ ଅଭିମୁଖେ ଯାଇଥିଲେ। ସେମାନେ ନବୀନ ନିବାସ ସମ୍ମୁଖରେ ଅଟୋରୁ ଓହ୍ଲାଇଥିଲେ। କିନ୍ତୁ ସେଠାରେ ମହିଳା ପୋଲିସ ଉପସ୍ଥିତ ଥିଲେ ମଧ୍ୟ ସେମାନେ ମହିଳାମାନଙ୍କୁ ଅଟକାଇ ନ ଥିଲେ। ବରଂ କେତେଜଣ ବରିଷ୍ଠ ପୁରୁଷ ପୋଲିସ ଅଧିକାରୀ ମହିଳାମାନଙ୍କୁ ଅଟକାଇବା ଆଳରେ ଅସଦାଚରଣ କରିଥିଲେ। ୧୫ ମିନିଟ ଧରି ସେଠାରେ ପୋଲିସ ଓ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କ ମଧ୍ୟରେ ଟଣାଓଟରା ଲାଗିଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଭାଜପା ମହିଳା ମୋର୍ଚ୍ଚା ନିନ୍ଦା କରିଛି। ଏ ନେଇ ବୁଧବାର ଏକ ମହିଳା ଟିମ୍ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଅସଦାଚରଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରିବ ବୋଲି ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଭାତୀ ପରିଡା କହିଛନ୍ତି।

ସେ ଆହୁରି କହିଛନ୍ତି, ପୋଲିସ ଗଣତନ୍ତ୍ରକୁ ହତ୍ୟା କରିଛି। ଆମେ ନବୀନ ନିବାସକୁ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମହାରଥୀଙ୍କୁ ବହିଷ୍କାର କରିବା ଲାଗି ଦାବି କରିବୁ ବୋଲି ପୋଲିସକୁ ଆଗରୁ ଜଣାଇଥିଲୁ। କିନ୍ତୁ ପୋଲିସ ରାଜମହଲ ଛକରେ ଆମକୁ ଅଟକାଇ ଲାଠିମାଡ଼ କଲା। ସେହିପରି ମହିଳା ପୋଲିସ ବଦଳରେ ପୁରୁଷ ପୋଲିସ ମହିଳାମାନଙ୍କୁ ଅଟକାଇବା ବାହାନାରେ ଅସଦାଚରଣ କଲେ। ମହିଳାମାନଙ୍କୁ ଯେଉଁଭଳି ଅସଦାଚରଣ କରାଯାଇଛି ତାହାର ଫଟୋ ଏବଂ ଭିଡିଓ ନେଇ ବୁଧବାର ପୋଲିସ ଡିଜିଙ୍କୁ ଭେଟିବୁ। ପୋଲିସ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

ଅଭିଯୋଗ ସମ୍ପର୍କରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ସେଠାରେ ମହିଳା ପୋଲିସ ରହିଥିଲେ। ହେଲେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କୁ ଯେଉଁ ସ୍ଥାନରେ ବିକ୍ଷୋଭ କରିବା ପାଇଁ କୁହାଯାଇଥିଲା, ସେମାନେ ସେଠାରେ କରି ନ ଥିଲେ। ବରଂ ଅଟୋରେ ଲୁଚି ନବୀନ ନିବାସ ଅଭିମୁଖେ ଯାଇଥିଲେ। ସେଠାରେ ସେମାନଙ୍କୁ ମହିଳା ପୋଲିସ ଅଟକାଇଥିଲା। ତଥାପି ସେମାନେ ମାନି ନ ଥିଲେ। ବାଧ୍ୟ ହୋଇ ପୁରୁଷ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଯେଉଁ ଭିଡିଓ ଗଣମାଧ୍ୟମରେ ପ୍ରସାରଣ କରାଯାଉଛି ତାହାକୁ ଅତିରଞ୍ଜିତ କରାଯାଉଛି। ସେଭଳି କିଛି ହୋଇନାହିଁ ବୋଲି ଡିସିପି କହିଛନ୍ତି।


ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ନବୀନ ନିବାସକୁ ପଶିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

### ସେମିଷ୍ଟର ଫଳକୁ ନେଇ ଭଙ୍ଗାରୁଜା ଘଟଣା
## ୪ ଛାତ୍ରଙ୍କ ସମେତ ଅନ୍ୟ ଜଣେ କୋର୍ଟ ଚାଲାଣ

ଫୁଲବାଣୀ ଅଫିସ, ୨।୧୦

କନ୍ଧମାଳ ଜିଲା ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ସେମିଷ୍ଟର ଫଳକୁ ନେଇ ସୋମବାର ହୋଇଥିବା ଭଙ୍ଗାରୁଜା ଘଟଣାରେ ଫୁଲବାଣୀ ଟାଉନ ଥାନା ପୋଲିସ ୪ ଛାତ୍ରଙ୍କ ସମେତ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସୌମ୍ୟାକାନ୍ତ ଥାଟି, ବିକାଶ ନାୟକ, ରାକେଶ ଦିଗାଲ, ଇ.ଦେବାନନ୍ଦ ପାତ୍ର ଏବଂ ଅନ୍ୟଜଣେ ହେଲେ ଲକି ମହାନ୍ତି । ଛାତ୍ରମାନଙ୍କ କହିବା ଅନୁସାରେ, ସେମିଷ୍ଟର ଫଳକୁ ଜାଣିଶୁଣି ଖରାପ କରି ଦିଆଯାଇଛି । ଆମେ ଅଧକ୍ଷଙ୍କୁ ଜଣାଇବାରୁ ସେ କିଛି ଶୁଣିଲେ ନାହିଁ। ଫଳରେ ଏପରି ଘଟଣା ଘଟିଲା।

ସୂଚନାଯୋଗ୍ୟ, ସେମିଷ୍ଟର ଫଳାଫଳକୁ ନେଇ ଛାତ୍ରମାନେ ସୋମବାର ଅଧକ୍ଷଙ୍କ ଅଫିସ ଏବଂ କମନରୁମ ଭଙ୍ଗାରୁଜା କରିଥିଲେ । ଥାନାରେ ଏନେଇ ନଂ.୧୭୧/୧୮ରେ ମାମଲା ରୁଜୁ ହୋଇଛି।

### ଉନ୍ନତ ଭାରତ ଅଭିଯାନରେ ଓଡ଼ିଶାର ୧୩ ଶିକ୍ଷାନୁଷ୍ଠାନ ସାମିଲ

ଭୁବନେଶ୍ୱର,୨।୧୦(ବ୍ୟୁରୋ): ଉନ୍ନତ ଭାରତ ଅଭିଯାନ(ୟୁବିଏ)ରେ ଓଡିଶାର ୧୩ଟି ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଛି। ସେଥିରେ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ, ଗାନ୍ଧୀ ଇନ୍ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିକାଲ ଆଡଭାନ୍ସମେଣ୍ଟ, ଶ୍ରୀ ଶ୍ରୀ ୟୁନିଭରସିଟି, ରମାଦେବୀ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ସାମିଲ ହୋଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦେଶର ୮୪୦ଟି ଉଚ୍ଚଶିକ୍ଷାନୁଷ୍ଠାନକୁ ଉନ୍ନତ ଭାରତ ଅଭିଯାନରେ ସାମିଲ କରିଛନ୍ତି। ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଓଡିଶାର ୧୩ଟି ଅନୁଷ୍ଠାନକୁ ଏହି ଅଭିଯାନରେ ସାମିଲ କରାଯାଇଛି। ସମୁଦାୟ ୮୪୦ ଶିକ୍ଷାନୁଷ୍ଠାନରୁ ୫୨୧ ବୈଷୟିକ ଶିକ୍ଷାନୁଷ୍ଠାନ ହୋଇଥିବାବେଳେ ୩୧୯ ଅଣ ବୈଷୟିକ ଶିକ୍ଷାନୁଷ୍ଠାନକୁ ଚୟନ କରାଯାଇଛି। ୬୮ ଅନୁଷ୍ଠାନକୁ ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯାଇଛି। ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଏହି ଅନୁଷ୍ଠାନଗୁଡିକ ଉନ୍ନତ ଭାରତ ଅଭିଯାନରେ ସାମିଲ ହୋଇ ଗ୍ରାମାଞ୍ଚଳ ଭାରତରେ ବସବାସ କରୁଥିବା ଲୋକମାନଙ୍କର ଜୀବନ ଧାରଣ ବିଷୟରେ ତଥ୍ୟ ସଂଗ୍ରହ କରିବେ। କ୍ଷେତ୍ର ପ୍ରଦର୍ଶନ ସହିତ ଘରକୁ ଘର ବୁଲି ଗାଁ ଲୋକମାନଙ୍କର ଆବଶ୍ୟକତାକୁ ଚିହ୍ନଟ କରିବେ। ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରି ଲୋକମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହେବେ।

### ■ ବିଧାନସଭାରେ ବିଭ୍ରାନ୍ତିକର ତଥ୍ୟ
# ୧୦୩ % ଜମିରେ ଜଳସେଚନ

ଯାଜପୁର ଅଫିସ,୨।୧୦

**ଯାଜପୁର ଜିଲା**
- ୧,୪୫,୪୫୦ ଜମିରୁ ୧,୫୧,୭୩୭ ହେକ୍ଟର ଜମିରେ ଜଳସେଚନ
- ବିଭ୍ରାନ୍ତିକର ତଥ୍ୟ ଦେଇ ଭୁଆଁ ବୁଲାଇବାକୁ ପ୍ରୟାସ

ରାଜ୍ୟର ୩୫ ପ୍ରତିଶତ କୃଷିକ୍ଷେତ୍ରକୁ ଜଳସେଚିତ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ହେଲେ ଯାଜପୁର ଜିଲାରେ ଥିବା ମୋଟ ଚାଷ ଜମିଠାରୁ ୩.୮୧ ପ୍ରତିଶତ ଅଧିକ ଜମିରେ ଜଳସେଚନ କରାଯାଉଛି। ଅର୍ଥାତ ଜିଲାର ମୋଟ ୧,୪୫,୪୫୦ ହେକ୍ଟର ଚାଷଜମିରୁ ୨୦୧୭-୧୮ ବର୍ଷ ସୁଦ୍ଧା ୧,୫୧,୭୩୭ ହେକ୍ଟର ଜମିକୁ ଜଳସେଚନ କରାଯାଉଛି। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସ୍ପଷ୍ଟ ହୋଇଛି। ଗତ ସେପ୍ଟେମ୍ବରରେ ବିଧାୟକ ନୀତେଶ ଗଙ୍ଗଦେବଙ୍କ ୪୭୪ ନମ୍ବର ବିଧାନସଭା ପ୍ରଶ୍ନ ଉପରେ ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ-ଚିଫ ତାଙ୍କ ପତ୍ରସଂଖ୍ୟା ୨୬୩୭୬/୭।୯।୨୦୧୮ରେ ବିଭାଗୀୟ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଦେଇଥିବା ଉତ୍ତରରେ ଏହା କୁହାଯାଇଛି। ବିଧାନସଭାକୁ ଏଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରାଯାଇଛି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲାର ୧ ଲକ୍ଷ ୪୫ ହଜାର ଚାଷ ଜମିରୁ ପ୍ରାୟ ୬୫,୯୭୪ ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଏବଂ ପ୍ରାୟ ୩୫ ହଜାର ହେକ୍ଟର ଜମିରେ ରବି ଚାଷ ପାଇଁ ଜଳସେଚିତ ହୋଇଥାଏ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଉଛି। ଏଥିରେ ୨୪,୦୫୫ ହେକ୍ଟର ଜମିରେ ବୃହତ ଜଳସେଚନ, ୬୭୨୬ ହେକ୍ଟର ଜମିରେ କ୍ଷୁଦ୍ର ଜଳସେଚନ, ୧୪,୦୯୪ ହେକ୍ଟର ଜମିରେ ଉଠା ଜଳସେଚନ, ୧୮ ହଜାର ହେକ୍ଟର ଜମିରେ ବୋରୱେଲ, ୮୦୦ ହେକ୍ଟର ଜମିରେ ଡଗ୍ ୱେଲ ଓ ୨୩୦୦ ହେକ୍ଟର ଜମିରେ ଅନ୍ୟାନ୍ୟ ଉତ୍ସରୁ ଜଳସେଚିତ ହେଉଛି। ବିଧାୟକ ଗଙ୍ଗଦେବଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ଦର୍ଶାଯାଇଛି ଯେ, ୨୦୧୪-୧୫ ବର୍ଷରୁ ୨୦୧୭-୧୮ ବର୍ଷ ମଧ୍ୟରେ ଜିଲାରେ ୧୭ ହଜାର ହେକ୍ଟର ଜମିରେ ଅଧିକ ଜଳସେଚନ ହୋଇପାରିଛି। ୨୦୧୪-୧୫ ଆର୍ଥିକ ବର୍ଷ ସୁଦ୍ଧା ଜିଲାରେ ୧ଲକ୍ଷ ୩୪ ହଜାର ହେକ୍ଟର ଜମିରେ ଜଳସେଚିତ ହେଉଥିଲା। ୨୦୧୭-୧୮ ବର୍ଷରେ ଜଳସେଚନ ପରିମାଣ ୧ଲକ୍ଷ ୫୧ ହଜାର ହେକ୍ଟର ଜମିକୁ ବୃଦ୍ଧି ପାଇଛି। ପ୍ରଶ୍ନ କରିଥିବା ବିଧାୟକ ମଧ୍ୟ ଉତ୍ତର ଉପରେ କୌଣସି ଯାଞ୍ଚ ନ କରି ସହଜରେ ଗ୍ରହଣ କରି ନେଇଛନ୍ତି। ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିରେ ଯାଜପୁର ଜିଲାର ପ୍ରବାହିତ କେଲୁଅ, ବିରୁପା, ତଣ୍ଟିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି। ବଡଚଣା ନିର୍ବାଚନ ମଣ୍ଡଳୀର ୨୦୦୦ ହେକ୍ଟର, ବରୀ ନିର୍ବାଚନ ମଣ୍ଡଳୀର ୩,୭୦୦ ହେକ୍ଟର, ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳୀର ୫,୪୦୦ ହେକ୍ଟର ଏବଂ ଯାଜପୁର ନିର୍ବାଚନ ମଣ୍ଡଳୀର ୧୭୦୦ ହେକ୍ଟର ଜମିରେ ଜଳସେଚନର ପ୍ରସ୍ତାବ ରହିଛି। ହେଲେ କେତେକ ସ୍ଥାନରେ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ନଦୀକୂଳରେ ଷ୍ଟ୍ରକ୍ଚର କାର୍ଯ୍ୟ ଅଧାରେ ରହିଛି। ଯୋଜନା ପ୍ରସ୍ତୁତ ହେବାର ୬ବର୍ଷ ବିତିଯାଇଥିଲେ ହେଁ ଇଞ୍ଚେ ଜମିକୁ ମଧ୍ୟ ଜଳଯୋଗାଣ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ-ଚିଫ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ୨୦୧୪-୧୫ ସୁଦ୍ଧା ରାଜ୍ୟରେ ୩୪.୮୬ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ଥିଲା। ୨୦୧୭-୧୮ ବର୍ଷର ଶେଷ ସୁଦ୍ଧା ୪୦.୪୭ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସମ୍ଭାବ୍ୟ ସୃଷ୍ଟି ହୋଇପାରିଛି। ଏହି ୪ ବର୍ଷ ମଧ୍ୟରେ ରାଜ୍ୟରେ ୧୬.୦୯ ପ୍ରତିଶତ ଜଳସେଚନ ପରିମାଣ ବୃଦ୍ଧି ହୋଇଛି। ଏଥିପାଇଁ ଏହି ୪ ବର୍ଷରେ ୧୮୯୭୦.୨୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ସୂଚନା ଦେବା ସହ ରାଜ୍ୟର ସମସ୍ତ ଜିଲାର ଜଳସେଚନ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ତଥ୍ୟରେ ତ୍ରୁଟି ରହିଥାଇ ପାରେ। ଜିଲାରେ ସମୁଦାୟ ପ୍ରାୟ ୬୫ ହଜାର ହେକ୍ଟର ଜମିରେ ଜଳସେଚିତ ହେଉଛି।

### ଏୟାର ଓଡ଼ିଶାର ଅନିଶ୍ଚିତ ସେବା
## ପୁଣି ୨ ଦିନ ହେବ ବନ୍ଦ, ଲୋକେ ଅସନ୍ତୁଷ୍ଟ

ଝାରସୁଗୁଡ଼ା ଅଫିସ,୨।୧୦

ଦୁଇ ଚାରି ଦିନ ଚାଲିବା ପରେ ପୁଣି ଉଡ଼ାଣ ବନ୍ଦ କରିଛି ଏୟାର ଓଡ଼ିଶା। ଉଡାନ୍ ଯୋଜନାରେ ଏକମାତ୍ର ବିଡର ଭାବେ ବିମାନ ସେବା ପ୍ରଦାନ ପାଇଁ ସୁଯୋଗ ପାଇଥିବାରୁ ମନମାନି କରୁଛି ସଂସ୍ଥା। ମଙ୍ଗଳବାର ବିମାନ ଚଳାଚଳ ହୋଇ ନ ଥିବାବେଳେ ବୁଧବାର ମଧ୍ୟ ଆସିବ ନାହିଁ ବୋଲି ଜଣେ ଏୟାର ଓଡ଼ିଶାର କର୍ମଚାରୀ କହିଛନ୍ତି। ତେବେ କେଉଁ କାରଣରୁ ବିମାନ ଚଳାଚଳ ବନ୍ଦ ରଖାଯାଇଛି ସେ ବାବଦରେ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକଙ୍କ ପାଖରେ ମଧ୍ୟ ସୂଚନା ନ ଥିବା ସେ କହିଛନ୍ତି। ଏୟାର ଓଡ଼ିଶାର ବିମାନ ସେବା ପ୍ରଦାନକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍‌ଲାଇନ ଟିକେଟ ବୁକିଂ ହେଉ ନ ଥିବାରୁ ଝାରସୁଗୁଡ଼ା ବାହାରର ଲୋକେ ସୁଯୋଗ ପାଇପାରୁ ନାହାନ୍ତି। ଏପରିସ୍ଥଳେ ମାନୁଆଲ ଟିକେଟ ବୁକିଂ ସତ୍ତ୍ୱେ ବିମାନରେ ଗତ କିଛିଦିନ ହେବ ସିଟ୍ ପୂରଣ ହେଉଥିଲା। ହେଲେ ଏୟାର ଓଡ଼ିଶାର ଅନିଶ୍ଚିତ ସେବା ଯୋଗୁଁ ଏହା ଉପରେ ନିର୍ଭର କରୁଥିବା ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। କେତେବେଳ ବିମାନ ଚାଲୁଛି ତ କେତେବେଳେ ବନ୍ଦ ହେଉଛି ସେ ବାବଦରେ ସୂଚନା ମିଳୁ ନ ଥିବାରୁ ଜରୁରୀ କାମରେ ବାହାରିଥିବା ଯାତ୍ରୀ ଅସୁବିଧାରେ ପଡୁଛନ୍ତି ବୋଲି ନରୋତ୍ତମ କିଷାନ ଅଭିଯୋଗ କରିଛନ୍ତି। ଏ ବାବଦରେ ଏୟାର ଓଡ଼ିଶାର କର୍ମଚାରୀ ମତ ରଖିବାକୁ ମନା କରିଥିବାବେଳେ ବିମାନବନ୍ଦର ନିର୍ଦ୍ଦେଶକ ଚୌହାନ ବିମାନ ବନ୍ଦ ହେବାର କାରଣ ବାବଦରେ ଜାଣି ନ ଥିବା କହିଛନ୍ତି।

# ନେତାଙ୍କ ଜାତିଗତ ପ୍ରମାଣପତ୍ରକୁ ନେଇ ଦ୍ୱନ୍ଦ୍ୱ

■ ଗଣେଶ୍ୱର, କିଶୋର, ସୁବ୍ରତ, କୁଳମଣି, ବିଭୁଙ୍କୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡା ଅଫିସ, ୨।୧୦

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ୨୦୧୮ ମେ ୨୧ରେ ରାଜସ୍ୱ ଆୟୁକ୍ତଙ୍କୁ ଦିଆଯାଇଥିବା ଚିଠି (ନଂ.-୧୦୬୧୪) ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ବଲାଙ୍ଗୀର ଜିଲାର ଯୋଗେନ୍ଦ୍ର ବେହେରା, କେନ୍ଦ୍ରାପଡ଼ା ଜିଲାର ସୁବ୍ରତ ତରାଇ, ଅନୁଗୋଳ ଜିଲାର ମହେଶ ସାହୁ, ସମ୍ବଲପୁର ଜିଲାର ସନାତନ ବିଶି, ଜଗତ୍‌ସିଂହପୁର ଜିଲାର କୁଳମଣି ସାମଲ ଓ ବିଭୁ ପ୍ରସାଦ ତରାଇଙ୍କ ଜାତିଗତ ପ୍ରମାଣପତ୍ରକୁ ନେଇ ପ୍ରଶ୍ନ ଉଠିଛି। ବେଆଇନ ଜାତି ପ୍ରମାଣ ଦେଇ ଶିକ୍ଷା, ଚାକିରି, ନିର୍ବାଚନ, ପେନସନ ଆଦି ସୁବିଧା ହାସଲ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ମୋଟ ୭୦୫ ବେଆଇନ ଜାତିଗତ ପ୍ରମାଣପତ୍ର ନେଇ ଅଭିଯୋଗ ଆସିଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନରେ ମୋଟ ୯୪ଟି ଅଭିଯୋଗ ରହିଛି। ସେଥିରୁ କେନ୍ଦ୍ରାପଡା ଜିଲାର ୧୧ଜଣ ଅନୁସୂଚିତ ଜାତି ପ୍ରମାଣ ପତ୍ର ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ଦୀର୍ଘ ଦିନ ଧରି କେଉଟ ଓ କୈବର୍ତ୍ତ ଜାତି ପ୍ରମାଣ ପତ୍ରକୁ ନେଇ ବାଦ ବିବାଦ ଲାଗି ରହିଛି। ଇତିମଧ୍ୟରେ ବହୁ ବେଆଇନ ଜାତି ପ୍ରମାଣପତ୍ରଧାରୀ ସରକାରୀ ଚାକିରିରେ ଅବସ୍ଥାପିତ ହୋଇଥିବା ବେଳେ ତଦନ୍ତ ପରେ ସେମାନଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି। କେନ୍ଦ୍ରାପଡ଼ା ଜିଲାରେ ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ୩ଟି ବେଆଇନ ଜାତି ପ୍ରମାଣ ପତ୍ରର ତଦନ୍ତ କରାଯାଇ ଥିବା ସରକାରୀ ରିପୋର୍ଟରୁ ଜଣାପଡିଛି। କେଉଟ ଜାତିରେ ଥିବା ଚୁଡାକୁଟା ଓ ମାଛଧରା ଅନୁସୂଚିତ ଜାତିରେ ସାମିଲ ହୋଇ ବିଭିନ୍ନ ଯୋଜନାର ସୁଫଳ ନେଉଥିବାରୁ ପ୍ରକୃତ ଅନୁସୂଚିତ ଜାତିର ଲୋକେ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଆଗାମୀ ଦିନରେ ବିରୋଧ କରାଯିବ ବୋଲି ଅନୁସୂଚିତ ଜାତିର ସ୍ଥାନୀୟ ନେତାମାନେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୨ରେ ପ୍ରକାଶିତ ଗେଜେଟ ବିଜ୍ଞପ୍ତି ପରେ ଅନେକ ଜାତିକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ନିର୍ଦ୍ଦିଷ୍ଟ ଭାବେ ଗୁଜରାଟ ଓ ରାଜସ୍ଥାନରେ ଥିବା ବଞ୍ଜରା ଓ ଦେଓରର ପ୍ରତିଶବ୍ଦ ଭାବେ ଓଡ଼ିଶାରେ ଧୀବର, କେଉଟ, କୈବର୍ତ୍ତଙ୍କୁ ଅନୁସୂଚିତ ଜାତି ମଧ୍ୟରେ ସାମିଲ କରାଯାଇଥିଲା। ତେବେ ଏହି ଜାତି ସମ୍ପର୍କରେ ତର୍ଜମା ପରେ ପଛୁଆ ବର୍ଗ ତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ୧୯୯୯ରେ ସୁପାରିସ କରିଥିଲେ।

# ସ୍ୱାଭିମାନ ଅଞ୍ଚଳରେ ପ୍ରଜାମେଳି

ମାଲକାନଗିରି,୨।୧୦(ଡି.ଏନ.ଏ.)

ମାଓବାଦୀ ସଙ୍ଗଠନର ଛାମୁଆ ସଙ୍ଗଠନ ଭାବେ ପରିଚିତ ଆଦିବାସୀ ବିପ୍ଳବୀ ଚାଷୀ ମୂଲିଆ ସଂଘ ପକ୍ଷରୁ ବେଜିଙ୍ଗି ଅଞ୍ଚଳରେ ଏକ ପ୍ରଜାମେଳି ଅନୁଷ୍ଠିତ ହୋଇଥିବା ଖବର ମିଳିଛି। ୨ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଗୁରୁପ୍ରିୟା ସେତୁକୁ ଉଦ୍‌ଘାଟନ କରି ବିଚ୍ଛିନ୍ନାଞ୍ଚଳକୁ ସ୍ୱାଭିମାନ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ତେବେ ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା କୌଣସି ଆଦିବାସୀ ଏଥିରେ ଉପକୃତ ହେବେ ନାହିଁ। ବର୍ତ୍ତମାନ ମଧ୍ୟ ଏହି ଅଞ୍ଚଳର ୬ଟି ପଞ୍ଚାୟତର ଲୋକେ ବିକାଶ କଣ ଜାଣିନାହାନ୍ତି । ଏହି ପଞ୍ଚାୟତବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରୁ ଏବେ ବି ବଞ୍ଚିତ ହୋଇ ରହିଛନ୍ତି। ଆନ୍ଧ୍ର-ଓଡିଶା, ମାଲକାନଗିରି-କୋରାପୁଟ-ବିଶାଖାପାଟଣା ଜୋନାଲ କମିଟି ପକ୍ଷରୁ ଆୟୋଜିତ ଏହି ମେଳିରେ ରାଜ୍ୟ ସରକାର ବିଚ୍ଛିନ୍ନାଞ୍ଚଳରେ ଯେଉଁ ଗୁରୁପ୍ରିୟା ସେତୁ ନିର୍ମାଣ କରିଛନ୍ତି ତାହା ବିକାଶ ପାଇଁ ନୁହେଁ ବରଂ ବିନାଶ ପାଇଁ। ଏହି ଅଞ୍ଚଳର ଖଣି ଖାଦାନ ଏବଂ ବକ୍ସାଇଟ୍ ଲୁଟ୍ କରିବା ଉଦ୍ଦେଶ୍ୟରେ ସେତୁ ନିର୍ମାଣ କରାଯାଇଛି ବୋଲି ମାଓବାଦୀମାନେ ଅଭିଯୋଗ କରିଥିଲେ। ନିରୀହ ଆଦିବାସୀଙ୍କୁ ବିସ୍ଥାପିତ କରି ସେମାନଙ୍କ ଭିଟାମାଟି କମ୍ପାନୀ ହାତରେ ଟେକି ଦେବା ପାଇଁ ଆନ୍ଧ୍ର ଓ ଓଡିଶା ସରକାର ମସୁଧା କରିଥିବା ସେମାନେ ଅଭିଯୋଗ କରିଥିଲେ। ସେହିଭଳି ବିଚ୍ଛିନ୍ନାଞ୍ଚଳ ପଣସପୁଟ, ପାପରମେଟଲା, ଯୋଡାମ୍ବ, ଯନ୍ତ୍ରୀ, ଅଣ୍ଡ୍ରାପାଲି ଆଦି ପଞ୍ଚାୟତରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ଫସଲ ହାନୀ ମଧ୍ୟ ହୋଇଛି। ଜଳସ୍ତର ବୃଦ୍ଧି ପାଉଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଜଳ ନିଷ୍କାସନ କରାଯାଉନାହିଁ। ଫଳରେ ଆଗାମୀ ଦିନରେ ବହୁ ଗ୍ରାମ ଜଳମଗ୍ନ ହେବା ସମ୍ଭାବନା ରହିଛି ବୋଲି ସେମାନେ ଆରୋପ କରିଥିଲେ। ସ୍ୱାଭିମାନ ଅଞ୍ଚଳର ଯୋଡାମ୍ବ, ଅଣ୍ଡ୍ରାପାଲି, ପଣସପୁଟ ପଞ୍ଚାୟତର ମହିଳାପୁରୁଷମାନେ ଯୋଗ ଦେଇଥିଲେ।


ଆଦିବାସୀ ବିପ୍ଳବୀ ଚାଷୀ ମୂଲିଆ ସଂଘ ପକ୍ଷରୁ ବେଜିଙ୍ଗି ଅଞ୍ଚଳରେ ଏକ ପ୍ରଜାମେଳି।

# ରାଜ୍ୟବ୍ୟାପୀ ୬୦ ହଜାର ଶିକ୍ଷକଙ୍କ ଅନଶନ

**୩ରୁ ୮ ଗ୍ରାମ ସ୍ୱରାଜ ଏବଂ ଜନ ଦରବାର**

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାର ଶିକ୍ଷକମାନେ ରାଜ୍ୟବ୍ୟାପୀ ଅନଶନ କରିଛନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ୬୦ ହଜାର ଶିକ୍ଷକ ପ୍ରତି ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟା ଧରି ଅନଶନ କରିଥିଲେ। ସେହିପରି ଭୁବନେଶ୍ୱର ଲୋୟର ପିଏମଜିଠାରେ ମଧ୍ୟ ଶିକ୍ଷକ ଏବଂ ଅଧ୍ୟାପକମାନେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ଅନଶନ କରିଥିଲେ। ବୁଧବାରଠାରୁ ଗ୍ରାମ ସ୍ୱରାଜ ଯାତ୍ରା ଓ ଜନ ଦରବାର ଆରମ୍ଭ ହେବ ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା କହିଛନ୍ତି।

ସୂଚନାଯୋଗ୍ୟ, ମିଳିତ ମଞ୍ଚ ପକ୍ଷରୁ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ଅହୋରାତ୍ର ଧାରଣା ମଙ୍ଗଳବାର ୪୮ ଦିନରେ ପହଞ୍ଚିଛି। ସରକାର ସେମାନଙ୍କ ଦାବି ପୂରଣ ଲାଗି ସାମାନ୍ୟତମ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ତେଣୁ ବାଧ୍ୟହୋଇ ଶିକ୍ଷକମାନେ ଗାନ୍ଧୀ ଜୟନ୍ତୀରେ ପ୍ରତୀକ ଅନଶନ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟମାନଙ୍କ ଉପରେ ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ପ୍ରତିବାଦରେ ଗାନ୍ଧିଜୀ ଅନଶନରେ ବସୁଥିଲେ। ସ୍ୱାଧୀନତାର ୭୨ବର୍ଷ ପରେ ଆଜି ରାଜ୍ୟ ସରକାର ଶିକ୍ଷକ, ଅଧ୍ୟାପକମାନଙ୍କ ଶ୍ରମକୁ ଶୋଷଣ କରି ଶିକ୍ଷାର ପ୍ରସାର କରୁଛନ୍ତି ବୋଲି ବାହାବା ମାରୁଥିବା ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ମଙ୍ଗଳବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଷ୍ଟାର ଯାଜପୁର ଜିଲା ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଅନଶନରେ ଥିବାବେଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହା ସତ୍ତ୍ୱେ ସରକାର ନିର୍ବିକାର ହୋଇ ବସି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଆସନ୍ତା ୩ରୁ ୮ ତାରିଖ ଯାଏ ଗାନ୍ଧିଜୀଙ୍କ ପଦାଙ୍କ ଅନୁସରଣ କରି ମିଳିତ ମଞ୍ଚ ଗ୍ରାମ ସ୍ୱରାଜ ଏବଂ ଜନଦରବାର ଭଳି ଚରମ ଆନ୍ଦୋଳନାତ୍ମକ ଡାକରା ଦେଇଛି। ଏହାପରେ ବି ସରକାର ଯଦି ନିଦରୁ ନ ଉଠନ୍ତି ତେବେ ଆସନ୍ତା ୯ତାରିଖ ଗୋପବନ୍ଧୁ ଜୟନ୍ତୀରେ ଜନସାଧାରଣଙ୍କୁ ସାଥୀରେ ଧରି ବିରାଟ ଜନସମାବେଶ କରାଯିବ ବୋଲି ମିଳିତ ମଞ୍ଚର ସଭାପତି ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି।


ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅନଶନରେ ବସିଛନ୍ତି।



ସନ୍ତୁଷ୍ଟ ଲୋକ କେବେହେଲେ ଦରିଦ୍ର ନୁହେଁ କି ଅସନ୍ତୁଷ୍ଟ ଲୋକ କେବେହେଲେ ଧନୀ ନୁହେଁ।
- ଜର୍ଜ ଏଲିୟଟ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଚିତ୍ରଶିଳ୍ପୀ ବି. ବିନିତା କୁମାରୀଙ୍କ ଚିତ୍ରକଳା ପ୍ରଦର୍ଶନୀ 'ଉତ୍କର୍ଷ'ର ଦ୍ୱିତୀୟ ଦିବସ, ଲଳିତକଳା ଏକାଡେମୀ, ଖାରବେଳ ନଗର, ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ସିବିଏସ୍ଇ କ୍ଲଷ୍ଟର-୨ ଆନ୍ତଃବିଦ୍ୟାଳୟ ବାସ୍କେଟ୍ ବଲ୍ ଟୁର୍ନାମେଣ୍ଟ-୨୦୧୮ ଉଦ୍‌ଘାଟନ, ବିଜେଇଏମ୍ ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଇଲେକ୍ଟ୍ରିକାଲ୍ କଣ୍ଟ୍ରାକ୍ଟର୍ସ ଆସୋସିଏଶନର ରାଜ୍ୟସ୍ତରୀୟ ସମ୍ମିଳନୀ, ଉତ୍କଳ ଅଡିଟୋରିୟମ୍, ପୂର୍ବାହ୍ନ ୧୧ଟା।
- ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ପ୍ରତିଷ୍ଠାତା ଅଧ୍ୟକ୍ଷ ଡା. ପ୍ରବୀଣ ଭାଇ ତୋଗାଡ଼ିଆଙ୍କ ଓଡ଼ିଶା ଗସ୍ତ ଅବସରରେ ସମ୍ବର୍ଦ୍ଧନା ପ୍ରଦାନ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୧ଟା।
- ହକି ବିଶ୍ୱକପ୍ ୨୦୧୮ ଆୟୋଜନ ଅବସରରେ ଓଡ଼ିଶା ଖଣି ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଶିବିର, ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ଏଆଇଡିୱାଇଓ ପକ୍ଷରୁ ବିକ୍ଷୋଭ ଓ ଧାରଣା, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ଗନ୍ଧମାର୍ଦ୍ଦନ ମାଇନ୍ସ ଲେବର ୟୁନିୟନ, କେନ୍ଦୁଝର ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ବିକ୍ଷୋଭ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ, ପ୍ଲାଟଫର୍ମ ନଂ. ୧ ସମ୍ମୁଖ, ମଧ୍ୟାହ୍ନ ୧୨ଟା।
- ଖାଦ୍ୟ ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୪ଟା।

**କଟକ**

- ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ, ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ୍ ଏକାଡେମୀ ଅଫ୍ ସେରେବ୍ରାଲ୍ ପଲ୍‌ସି ପକ୍ଷରୁ ଜାତୀୟ ସେରେବ୍ରାଲ୍ ପଲ୍‌ସି ଦିବସ ପାଳନ, କେୟାର୍ ଆଣ୍ଡ ପ୍ରୋଟେକ୍ସନ ସେଣ୍ଟର ଫର୍ ସ୍ପେଷ୍ଟିକ ଚିଲ୍ଡ୍ରେନ, ନିମ୍‌ଚୌଡ଼ି, ପୂର୍ବାହ୍ନ ୧୦ଟା।
- ଆଞ୍ଜେଲ୍ସ ସେଣ୍ଟର ଫର୍ ରିହାବିଲିଟେଟିଭ୍ ଆଣ୍ଡ ଥେରାପିଉଟିକ୍ ସର୍ଭିସେସ୍‌ର ଉଦ୍‌ଘାଟନୀ ଉତ୍ସବ, ସେଣ୍ଟର ପରିସର, ପୂର୍ବାହ୍ନ ୧୧ଟା ୩୦।
- ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବିକ୍ଷୋଭ, ଆରଡିସିଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- କୁମାର ଲାଇବ୍ରେରୀ ୩୫ତମ ବାର୍ଷିକ ଉତ୍ସବ ଅବସରରେ ମାଷ୍ଟର ଅଫ୍ ଓଡ଼ିଶା ଆୱାର୍ଡ ସମ୍ମାନ ପ୍ରଦାନ ଉତ୍ସବ, କଟକ କ୍ଲବ ପ୍ରେକ୍ଷାଳୟ, ରାତି ୭ଟା।

# ସ୍ୱାଭାବିକ ହେଉଛି ଧାଡ଼ିଦର୍ଶନ

**ପୁରୀ ଅଫିସ, ୨।୧୦**

ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଧାଡ଼ିଦର୍ଶନ ବ୍ୟବସ୍ଥାକୁ ଆହୁରି ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ସ୍ଥାନୀୟ ବାସିନ୍ଦା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଧାଡ଼ି ଆରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଧାଡ଼ିରେ ଯିବାକୁ ହେଲେ ପୁରୀବାସୀଙ୍କୁ ପରିଚୟପତ୍ର ଦେଖାଇବାକୁ କୁହାଯାଇଛି। ଅନ୍ୟପକ୍ଷରେ ଧାଡ଼ି ଦର୍ଶନ ସମେତ ୮ ଦଫା ଦାବି ନେଇ ବୁଧବାର ପୁରୀ ବନ୍ଦ ଡାକରା ଦେଇଛି ଶ୍ରୀଜଗନ୍ନାଥ ସେନା। ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ଲାଗି ଆରମ୍ଭ ହୋଇଥିବା ଧାଡ଼ିଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ରୀମନ୍ଦିରର ସବୁ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନର ଅନୁମତି ଦେବାକୁ ମନ୍ତ୍ରୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ବ୍ୟବସ୍ଥାର ଦ୍ୱିତୀୟ ଦିନରେ ଭକ୍ତ ସୁବିଧାରେ ଦର୍ଶନ କରିବା ସହ ସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଦ୍ୱାରା ଭକ୍ତ ଶୋଷଣରୁ ରକ୍ଷା ପାଇବେ ଏବଂ ଧୂଳିଆ ପ୍ରଭାବିତ ହେବେ ବୋଲି କୁହାଯାଉଛି।

ଶ୍ରୀମନ୍ଦିରରେ ସୋମବାର ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରେ ହାତଗଣତି କେତେଜଣ ଭକ୍ତ ବ୍ୟାରିକେଡ ଭାଙ୍ଗି ବିଭ୍ରାଟ ସୃଷ୍ଟି କରିଥିଲେ। ପରେ ଏହା ସ୍ୱାଭାବିକ ହୋଇଥିଲା। ସୋମବାର ଦିନତମାମ୍ ସୁରୁଖୁରରେ ଦର୍ଶନ ହୋଇଥିବାରୁ ମଙ୍ଗଳବାର ଏହି ବ୍ୟବସ୍ଥା ଜାରି ରହିଛି। ଏହି ବ୍ୟବସ୍ଥା ଆରମ୍ଭ ପରେ ସ୍ଥାନୀୟ ଲୋକଙ୍କର କିଛି ସମସ୍ୟା ହେଉଛି ବୋଲି ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ପରେ ପ୍ରଶାସନ ଏଥିରେ କିଛିଟା ସୁଧାର ଆଣିବା ଲାଗି ପଦକ୍ଷେପ ନେଇଛି। ମଙ୍ଗଳବାର ପୁରୀ ସହରବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡି କରାଯାଇଛି। ଏହି ଧାଡିରେ ଯିବାକୁ ହେଲେ ସେମାନଙ୍କୁ ପୁରୀବାସୀ ବୋଲି ପରିଚୟପତ୍ର ଦେବାକୁ ପଡିବ। କିନ୍ତୁ ଏହି ପରିଚୟପତ୍ର ବ୍ୟବସ୍ଥାରେ କେତେକ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ପୁରୀରେ ବିଭିନ୍ନ ଅଞ୍ଚଳରୁ ଆସି ଭଡ଼ାରେ ରହୁଥିବା, ଏଠାରେ ଚାକିରି କରିଥିବା ଏବଂ ପୁରୀବାସିନ୍ଦାଙ୍କ ଘରକୁ ଅତିଥି ଆସିଲେ ସେମାନଙ୍କ ଦର୍ଶନକୁ ନେଇ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ମହାପ୍ରସାଦ ଆଣିବାକୁ ଚାହୁଁଥିବା ବ୍ୟକ୍ତି ଉତ୍ତର ଦ୍ୱାର ଦେଇ ଯିବାକୁ ବ୍ୟବସ୍ଥା ହୋଇଛି।

ଦ୍ୱିତୀୟ ଦିନର ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବାହାରୁ ଆସିଥିବା ଦର୍ଶନାର୍ଥୀ ପସନ୍ଦ କରିଛନ୍ତି। ଜଣେ ଭକ୍ତ ପହଞ୍ଚିବା ପରେ ସିଂହଦ୍ୱାରରୁ ଦର୍ଶନ କରାଇଦେବାକୁ କହି କେତେଜଣ ଧୂଳିଆ ଭକ୍ତଙ୍କୁ ଟାଣି ନେଉଥିଲେ। ଏହି ବ୍ୟବସ୍ଥା ଫଳରେ ସେଥିରୁ ଭକ୍ତ ନିସ୍ତାର ପାଉଛନ୍ତି। ସିଧାସଳଖ ଧାଡ଼ିରେ ଯାଇ ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ନିଜ ଇଚ୍ଛା ଅନୁସାରେ ବେଢା ପରିକ୍ରମା କରୁଛନ୍ତି। ଏହି ବ୍ୟବସ୍ଥାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ବୁଧବାର ପୁରୀ ବନ୍ଦ ଡାକରା ଦେଇଛି। ବନ୍ଦ ପରେ ଯଦି ଧାଡ଼ି ଦର୍ଶନ ବ୍ୟବସ୍ଥା ବନ୍ଦ ନ ହୁଏ ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ ହେବ ବୋଲି ଜଗନ୍ନାଥ ସେନା ଚେତାବନୀ ଦେଇଛି। ଅପରପକ୍ଷରେ ଧାଡ଼ିଦର୍ଶନ ନେଇ ରାଜସ୍ୱ ମନ୍ତ୍ରୀ ମଙ୍ଗଳବାର ମୁହଁ ଖୋଲିଛନ୍ତି। ଏହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଧାଡ଼ିଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ। ସ୍ଥାନୀୟ ଲୋକେ ମଙ୍ଗଳ ଆଳତି ଏବଂ ବଡ଼ସିଂହାର ବେଶ ଦେଖିବା ପାଇଁ ପ୍ରତ୍ୟହ ଯାଇଥାନ୍ତି। ଗୋଟିଏ ଦ୍ୱାରରେ ପ୍ରବେଶ ଫଳରେ ସେମାନେ ହଇରାଣ ହେବେ। ମହାପ୍ରସାଦ ଆଣିବା ପାଇଁ ମଧ୍ୟ ସମସ୍ୟାରେ ପଡିବେ। ତେବେ ରାଜ୍ୟ ସରକାର ସଂସ୍କାର ବ୍ୟବସ୍ଥା ଆରମ୍ଭ କରୁଥିବା ବେଳେ ବରିଷ୍ଠ ମନ୍ତ୍ରୀ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବାକୁ ନେଇ ଭିନ୍ନ ଚର୍ଚ୍ଚା ଧରିଛି। ଏହି ବ୍ୟବସ୍ଥା ପୂର୍ବରୁ ସ୍ଥାନୀୟ ବିଧାୟକ ଭାବେ ସେ ସବୁ ପକ୍ଷଙ୍କ ସହ ଆଲୋଚନା କରି ସୁବ୍ୟବସ୍ଥିତ କଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠୁଛି।

### ଶ୍ରୀମନ୍ଦିର ସଂସ୍କାର ମାମଲା



- ସ୍ଥାନୀୟ ବାସିନ୍ଦା ଓ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି
- ପୁରୀବାସୀଙ୍କ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ
- ଧାଡ଼ିଦର୍ଶନକୁ ବିରୋଧ, ଆଜି ପୁରୀ ବନ୍ଦ
- ବ୍ୟବସ୍ଥାକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ଅସନ୍ତୋଷ

# ବାଣୀବିହାରରେ ପ୍ରତିଷ୍ଠା ହେବ 'ଗାନ୍ଧିଆନ୍ ପିସ୍ ସେଣ୍ଟର'

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**





ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ମହାତ୍ମା ଗାନ୍ଧୀଙ୍କ ଆତ୍ମଜୀବନୀ ଅଧ୍ୟୟନ ଓ ଗବେଷଣା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର)ରେ 'ଗାନ୍ଧିଆନ୍ ପିସ୍ ସେଣ୍ଟର' ପ୍ରତିଷ୍ଠା ହେବ। ଗାନ୍ଧିଜୀଙ୍କ ଚିନ୍ତାଧାରା ସାଙ୍ଗକୁ ଗାନ୍ଧୀବିଚାର କିଭଳି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ଏହି କେନ୍ଦ୍ର ଉଦ୍ୟମ ଜାରି ରଖିବ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ଚଣ୍ଡିଖୋଲର ଗ୍ରାମ୍ୟ ପରିସରରେ 'ଗ୍ଲୋବାଲ୍ ଷ୍ଟଡି ଅଫ୍ ରୁରାଲ ସୋସାଇଟି' ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିରେ ଗ୍ରାମୀଣ ଅର୍ଥନୀତି ଓ ଗ୍ରାମାଞ୍ଚଳର ବିକାଶ ସମ୍ପର୍କିତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯିବ, ଯାହା ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। ଆସନ୍ତାବର୍ଷ ଗାନ୍ଧୀ ଜୟନ୍ତୀରେ ଏହାକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବାକୁ ଯୋଜନା ରହିଛି ବୋଲି କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଘୋଷଣା କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର ଦ ଷ୍ଟଡି ଅଫ୍ ସୋସିଆଲ ଏକ୍ସକ୍ଲୁଜନ ଆଣ୍ଡ ଇନ୍‌କ୍ଲୁସିଭ ପଲିସି, ପ୍ଲାଟିନମ ଜୁବିଲି କୋଅର୍ଡିନେଶନ କମିଟି ଏବଂ ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ମଙ୍ଗଳବାର ପିଜି କାଉନ୍‌ସିଲ ହଲରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ କୁଳପତି ଏ ନେଇ ସୂଚନା ଦେଇଛନ୍ତି। ଏହି ଅବସରରେ 'ଗାନ୍ଧୀଙ୍କର ଅନ୍ତର୍ଭୁକ୍ତିକରଣ ଦର୍ଶନ: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଗାନ୍ଧୀ ଚିନ୍ତକ ପ୍ରଫେସର ଆଚାର୍ଯ୍ୟ ଭାବାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀ ଦର୍ଶନ, ଚିନ୍ତନ ଓ ବିଚାର ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ସତ୍ୟନାରାୟଣ ମିଶ୍ର ଗ୍ରାମୀଣ ଭାରତ ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। 'ସେଣ୍ଟର ଫର ଦ ଷ୍ଟଡି ଅଫ୍ ସୋସିଆଲ ଏକ୍ସକ୍ଲୁଜନ ଆଣ୍ଡ ଇନ୍‌କ୍ଲୁସିଭ ପଲିସି' ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ଏନ୍‌ଏସ୍‌ଏସ୍ କୋଅର୍ଡିନେଟର ଡ. ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଷୋଳପୂଜା ଅବସରରେ ଶ୍ରୀନଅରରେ ବ୍ରାହ୍ମଣ ବରଣ ପରେ ଶୋତ୍ରୀୟ ବ୍ରାହ୍ମଣଙ୍କ ଗହଣରେ ଗଜପତି ମହାରାଜା ଦିବ୍ୟସିଂହ ଦେବ।

## ଷୋଳପୂଜା ଆରମ୍ଭ: ଚଳଚଞ୍ଚଳ ଦେବୀ ପୀଠ

# ବ୍ରାହ୍ମଣ ବରଣ କଲେ ଗଜପତି ମହାରାଜା

**ପୁରୀ ଅଫିସ, ୨।୧୦**

ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ମଙ୍ଗଳବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏଥିସହ ଶ୍ରୀମନ୍ଦିର ଭିତର ବେଢା ପରିସର ମା' ଭୁବନେଶ୍ୱରୀ, ମା' ବଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମ୍‌ଚଣ୍ଡୀ ଏବଂ କପିଳେଶ୍ୱରପୁର ଶାସନ ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ୍ୟ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହୋଇଛି। ଏହା ପୂର୍ବରୁ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀନଅରରେ ୨୧ ଜଣ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ଦେବୀଙ୍କର ସହସ୍ରା କୁମ୍ଭାଭିଷେକ ହେବା ପରେ ଶୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଷୋଳପୂଜା ପାଇଁ ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ରର ସମସ୍ତ ଦେବୀ ପୀଠ।

ପୂର୍ବାହ୍ନରେ ବ୍ରାହ୍ମଣ ବରଣ ଲାଗି ଚଳଚଞ୍ଚଳ ହୋଇପଡିଥିଲା ଶ୍ରୀନଅର ପରିସର। ଏହି ଅବସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତାଲାଗି, ଦେବାର୍ଚ୍ଚନା, ମଙ୍ଗଳାର୍ପଣ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଓ ସୁଧାଂଶୁ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ ନଡ଼ିଆ ପ୍ରଦାନ କରିଥିଲେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିଥିଲେ। ମା' ବିମଳାଙ୍କ ପୀଠ ନିମନ୍ତେ ଗିରିଜା ଭୂଷଣ ରଥ ପୂଜକ, ବିଚିତ୍ରାନନ୍ଦ ମହାପାତ୍ର ପରିଚ୍ଛା, ଭବାନୀଶଙ୍କର ମିଶ୍ର ଛାମୁଚଣ୍ଡୀ ପାଠକ, ସୂର୍ଯ୍ୟପ୍ରସାଦ ଦାଶ ବିଷ୍ଣୁ ସହସ୍ରନାମ ପାଠ, ରଘୁନାଥ ମିଶ୍ର ଦୁର୍ଗା ସହସ୍ରନାମ ପାଠକ, ରାଧାକାନ୍ତ ମହାପାତ୍ର ଭୁବନେଶ୍ୱରୀ ସହସ୍ରନାମ ପାଠକ, ବିଜୟ କୁମାର ଦାଶ ଦେବୀ ସହସ୍ରନାମ ପାଠକ, ହିମାଂଶୁ ଭୂଷଣ ତ୍ରିପାଠୀ ସ୍ୱସ୍ତିବାଚକ, ସନ୍ତୋଷ କୁମାର ରଥ ମନ୍ତ୍ରଯାପକ, ରାମଚନ୍ଦ୍ର ମିଶ୍ର ବ୍ରହ୍ମା ବରଣ (୩ଦିନ ପାଇଁ)ଙ୍କୁ ବରଣ କରାଯାଇଛି। ଏଥିସହ ଭୁବନେଶ୍ୱରୀଙ୍କ ପୀଠ ପାଇଁ ରିଙ୍କୁନାଥ ଷଡ଼ଙ୍ଗୀ ପୂଜକ, ଅମ୍ବିକା ପ୍ରସାଦ ଦାଶ ଚଣ୍ଡୀପାଠକ, ବଟମଙ୍ଗଳା ପୀଠ ଚକ୍ରଧର ମିଶ୍ର ପୂଜକ, ଦେବ ପ୍ରସାଦ ମିଶ୍ର ଚଣ୍ଡୀପାଠକ, ମା' ଉତ୍ତରାୟଣୀ ପୀଠ ପ୍ରଶାନ୍ତ କୁମାର ମହାପାତ୍ର ପୂଜକ, ହରପ୍ରସାଦ ଦାଶ ଚଣ୍ଡୀପାଠକ, ଦକ୍ଷିଣକାଳୀ ପୀଠ ବସନ୍ତ କୁମାର ମିଶ୍ର ପୂଜକ, ଭଗବାନ ତ୍ରିପାଠୀ ଚଣ୍ଡୀପାଠକ, ଆଲାମଚଣ୍ଡୀ ପୀଠ ନୀଳାଦ୍ରି ବିହାରୀ ମିଶ୍ର ପୂଜକ ଓ ଚଣ୍ଡୀପାଠକ, ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠ ପାଇଁ ସୁଧାକର ତ୍ରିପାଠୀ ପୂଜକ ଓ ପ୍ରକାଶ କରଙ୍କୁ ଚଣ୍ଡୀପାଠକ ଭାବେ ବରଣ କରାଯାଇଛି। ଏହି ବ୍ରାହ୍ମଣ ବରଣ ଅବସରରେ ଦେଉଳ ପୁରୋହିତ ପଦ୍ମନାଭ ମହାପାତ୍ର ଓ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀନଅରରେ ବ୍ରାହ୍ମଣ ବରଣ କରାଯାଉଛି।

## ୱାର୍ଡସଭ୍ୟାଙ୍କୁ ଏସିଡ୍ ମାଡ଼

**ବାଲିପାଟଣା,୨।୧୦(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ଅମଣାକୁଦ ପଞ୍ଚାୟତ ଖୁଲିସ ଗ୍ରାମର ୱାର୍ଡସଭ୍ୟା ବଲି ଭୋଇଙ୍କୁ ମଙ୍ଗଳବାର ସକାଳେ ଏସିଡ୍ ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ୨ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ଘର କବାଟକୁ ବାଡେଇଥିଲେ। ସେ କବାଟ ଖୋଲିବା ମାତ୍ରେ ଯୁବକମାନେ ତାଙ୍କ ମୁହଁଙ୍କୁ ଏସିଡ୍ ଫିଙ୍ଗିଥିଲେ। ସେ ଚିତ୍କାର କରିବାରୁ ଯୁବକମାନେ ଫେରାର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ବଲିଙ୍କ ସ୍ୱାମୀ ଯୁଗଳ ଭୋଇ ବନମାଳୀପୁର ଫାଣ୍ଡିରେ ଅଭିଯୋଗ କରିଥିବା ଜଣାପଡିଛି। ମାତ୍ର ଲିଖିତ ଅଭିଯୋଗ ହୋଇ ନ ଥିବା ବାଲିପାଟଣା ଥାନା ଅଧିକାରୀ ଆକାଶ ରଣା କହିଛନ୍ତି।

## ମହାଲକ୍ଷ୍ମୀ ପାଳିଲେ ଦ୍ୱିତୀୟା ଓଷା

**ପୁରୀ ଅଫିସ, ୨।୧୦:** ଶ୍ରୀମନ୍ଦିରରେ ମଙ୍ଗଳବାର ମହାଲକ୍ଷ୍ମୀ ପାଳନ କରିଛନ୍ତି ଦ୍ୱିତୀୟା ଓଷା। ସକାଳ ଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଠାକୁରାଣୀ ସାହତପାହଚ ତଳେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏଠାରେ ପାରମ୍ପରିକ ବିଧି ଅନୁଯାୟୀ ବ୍ରତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସେଠାରେ ମହାଲକ୍ଷ୍ମୀ ବ୍ରତ ପାଠ କରଯିବା ସହ ଭୋଗ ବନ୍ଦାପନା ହୋଇଥିଲା। ଭିତରେ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀ ଠାକୁରାଣୀ ରତ୍ନସିଂହାସନକୁ ବିଜେ କରିଥିଲେ।

## ନିର୍ବାଚନ ବାତିଲକୁ ନେଇ ଛାତ୍ର ଉତ୍ତେଜନା ଘଟଣା

# ୧୩ ଘଣ୍ଟା ପରେ ମୁକୁଳିଲେ ରେଭେନ୍‌ଶା କୁଳପତି

- କୁଳପତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଟକ ଥିଲେ
- ନିଆଯିବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**କଟକ ଅଫିସ,୨।୧୦**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପରୋକ୍ଷ ନିର୍ବାଚନ ନିଷ୍ପତ୍ତିକୁ ନେଇ ଛାତ୍ର ଅସନ୍ତୋଷ ଲାଗି ରହିଥିଲା। ଏହାକୁ ବିରୋଧ କରି ଛାତ୍ରମାନେ ଆନ୍ଦୋଳନ ଚଳାଇଥିବାବେଳେ ସୋମବାର ଛାତ୍ର ସଂସଦ ନିର୍ବାଚନକୁ ସମ୍ପୂର୍ଣ୍ଣ ବାତିଲ କରିଦିଆଯାଇଥିଲା। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ନିର୍ବାଚନ ଅଧିକାରୀ ରୀତା ପାଇକରାୟ ଘୋଷଣା କରାଯିବା କ୍ଷଣି ଆନ୍ଦୋଳନ ଆହୁରି ତେଜିଥିଲା। ଉତ୍ତ୍ୟକ୍ତ ଛାତ୍ରୀଛାତ୍ର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଓ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କୁ କୁଳପତିଙ୍କ ସମ୍ମିଳନୀ କକ୍ଷରେ ଅଟକ ରଖିଥିଲେ। ଏଥିସହ ରାତି ପ୍ରାୟ ୧୧ଟା ସମୟରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। କିନ୍ତୁ ମହିଳା ଅଧ୍ୟାପକ ଓ ଅଧିକାରୀମାନଙ୍କୁ ଛାଡ଼ି ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲେ ମଧ୍ୟ ଆନ୍ଦୋଳନ ଜାରି ରହିଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ କୁଳପତି ଓ ଅନ୍ୟମାନେ ସେମିତି ଅଟକି ରହିଥିଲେ। ମଙ୍ଗଳବାର ଭୋର୍ ସମୟରେ ଆନ୍ଦୋଳନରତ ଛାତ୍ରୀଛାତ୍ର ଧାରଣାରୁ ଉଠି ଚାଲିଯାଇଥିଲେ। ଫଳରେ ସୋମବାର ଅପରାହ୍ନରୁ ଅଟକ ଥିବା କୁଳପତି ପ୍ରଫେସର ପାତ୍ର ଓ ଅନ୍ୟମାନେ ୧୩ ଘଣ୍ଟା ପରେ ଅର୍ଥାତ୍ ମଙ୍ଗଳବାର ସକାଳ ୫ଟା ୩୦ରେ ମୁକୁଳିଥିଲେ। ତେବେ ଏହି ଘଟଣାକୁ ନେଇ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଫେସର ପାତ୍ର କହିଛନ୍ତି।



କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ମୁକୁଳିବା ପରେ କାର୍‌ରେ ବାସଭବନ ଯାଉଛନ୍ତି।

### ଫେରିଗଲା ଆମ୍ବୁଲାନ୍ସ

ସୋମବାର ରାତି ପ୍ରାୟ ୧୨ଟାରେ ଧାରଣାରତ ଜଣେ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଅବନତି ଘଟିବାରୁ ଉପସ୍ଥିତ ଅନ୍ୟଛାତ୍ରୀଛାତ୍ରମାନେ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଆମ୍ବୁଲାନ୍ସ ସେଠାରେ ପହଞ୍ଚିଥିଲେ ମଧ୍ୟ ଅସୁସ୍ଥ ଛାତ୍ରୀ ଜଣକ ଧାରଣାସ୍ଥଳ ଛାଡ଼ି ନ ଥିଲେ। ଫଳରେ ଆମ୍ବୁଲାନ୍ସଟି ଫେରିଯାଇଥିଲା। ତେବେ ଛାତ୍ରୀଜଣକ ଏବେ ସୁସ୍ଥ ଥିବା ଜଣାପଡିଛି।

### ହଷ୍ଟେଲ ଫାଟକ ତାଲା ଭାଙ୍ଗି ଧାରଣାରେ ସାମିଲ ହେଲେ

ରାତି ବଢ଼ିବା ମାତ୍ରେ ଧାରଣାସ୍ଥଳରୁ ଛାତ୍ରୀଛାତ୍ରମାନେ ଫେରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଛାତ୍ରନେତାମାନେ ହଷ୍ଟେଲଗୁଡ଼ିକୁ ଆସି ଧାରଣାସ୍ଥଳରେ ଯୋଗଦେବା ନିମନ୍ତେ ଅନ୍ତେବାସୀଙ୍କୁ ନିବେଦନ କରିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦୁଇ ମହିଳା ହଷ୍ଟେଲରେ ତାଲା ପଡିଥିବାରୁ ଛାତ୍ରୀମାନେ ଆସିପାରି ନ ଥିଲେ। ରାତି ପ୍ରାୟ ୩ଟାରେ ଉକ୍ତ ଦୁଇ ହଷ୍ଟେଲର ତାଲା ଭାଙ୍ଗି କେତେଜଣ ଛାତ୍ରୀ ଧାରଣାସ୍ଥଳରେ ପହଞ୍ଚିଥିଲେ। ତେବେ ରାତି ଅଧରେ ହଷ୍ଟେଲ ତାଲା ଭାଙ୍ଗିବା, ଅଧିକାରୀଙ୍କୁ ଅଟକ ରଖିବା ଓ ବିଳମ୍ବରେ ହଷ୍ଟେଲକୁ ଫେରିବା ଅଭିଯୋଗରେ ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଛି। ବୁଧବାର ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ପରିସରରେ ବୈଠକ ବସି ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତେବେ କାର୍ଯ୍ୟାନୁଷ୍ଠାନ ନିଆଗଲେ ପୁଣି ଛାତ୍ର ଆନ୍ଦୋଳନ ହେବ ବୋଲି କେତେଜଣ ଛାତ୍ରନେତା କହିଛନ୍ତି।

### ଗଳି ବାଟେ ଗଲେନି କୁଳପତି

କୁଳପତି ପ୍ରଫେସର ପାତ୍ରଙ୍କୁ ଖସାଇବାକୁ ପୋଲିସ ସମସ୍ତ ପ୍ରକାର ଯୋଜନା କରିଥିଲା। ପ୍ରଥମେ କୁଳପତିଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକକୁ ନିଜ କବ୍‌ଜାକୁ ଆଣିଥିଲା ଓ ପରେ କାର୍ଯ୍ୟାଳୟରୁ ଖସିବା ପାଇଁ ପଛପାର୍ଶ୍ୱରେ ଏକ ଗଳିବାଟ ଅଛି ବୋଲି ଜାଣିବାକୁ ପାଇଥିଲା। ପୋଲିସ କର୍ମଚାରୀମାନେ ଚାବି ସଂଗ୍ରହ କରିଥିଲେ। ମାତ୍ର ଗଳିବାଟରେ ଖସି ଯିବାକୁ କୁଳପତି ପ୍ରଫେସର ପାତ୍ର ରାଜି ହୋଇ ନ ଥିଲେ।

### ବିସ୍କୁଟ, ନାଲି ଚା'ରେ ରାତି କଟିଲା

ସମ୍ମିଳନୀ କକ୍ଷରେ ଅଟକ ଥିବା ବେଳେ କୁଳପତି ପ୍ରଫେସର ପାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ କେବଳ ନାଲି ଚା ଓ ଅଳ୍ପ ବିସ୍କୁଟ ଖାଇ ରାତି କଟାଇଥିଲେ। ଅନ୍ୟପକ୍ଷରେ କେତେଜଣ ବରିଷ୍ଠ ଅଧିକାରୀ ମେଡ଼ିସିନ ନ ଖାଇବା ଯୋଗୁ ଅସୁସ୍ଥ ଅନୁଭବ କରିଥିଲେ। ଏହି ଘଟଣା ଅତ୍ୟନ୍ତ ଦୁଃଖଦ ଓ ଏହାକୁ କେବେବି ଭୁଲି ହେବ ନାହିଁ ବୋଲି କେତେଜଣ ଅଧିକାରୀ କହିଛନ୍ତି।

## ଫଟୋରେ ଖବର



ମଙ୍ଗଳବାର ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ କଟକ ଚୌଧୁରୀ ବଜାର ମଠସାହି ଅଞ୍ଚଳର ରବୀନ୍ଦ୍ର ଘଡ଼େଇଙ୍କ ବାସଭବନରେ ମଧ୍ୟାହ୍ନଭୋଜନ କରୁଛନ୍ତି ।



ସଚିବାଳୟରେ ମଙ୍ଗଳବାର ଆୟୋଜିତ 'ମୋ ସ୍କୁଲ' କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି ଜାତିସଂଘ ସହକାରୀ ମହାସଚିବ ସତ୍ୟସୁନ୍ଦର ତ୍ରିପାଠୀ।



ଅନ୍ୟଠାରୁ ଯାହା ଉପକାର ପାଇଲ ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।
- ମହାତ୍ମା ଗାନ୍ଧୀ







ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱରର କାନନବିହାରସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର(ବାମ) ଏବଂ ପୁରୀ ଶ୍ରୀ କଳାନିକେତନର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।



ସାଇକେଲ ରାଲିର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସହ ସାଇକେଲ ଯାତ୍ରୀ ଓ ମାସ୍କଟ 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ବାର୍ତ୍ତା ଦେଉଛନ୍ତି।

### ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ପାଇଁ ସଚେତନତା

# ପୁରୀରୁ କୋଣାର୍କ ସାଇକେଲ ଯାତ୍ରା

**ମାସ୍କଟ ସାଜିଲା ଆକର୍ଷଣ**

ପୁରୀ ଅଫିସ, ୨।୧୦

ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ସଚେତନାର ବାର୍ତ୍ତା ନେଇ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ଏକ ସାଇକେଲ ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହୋଟେଲ ମହୋଦଧି ପ୍ୟାଲେସଠାରୁ ଏହି ସାଇକେଲ ରାଲି ବାହାରି ବଡ଼ଦାଣ୍ଡ, ଶ୍ରୀମନ୍ଦିର ଦେଇ କୋଣାର୍କରେ ପହଞ୍ଚିଥିଲା। ରାଲିରେ ସାମିଲ ଥିବା ଦୁଇଟି ମାସ୍କଟ ଦେଖଣାହାରିଙ୍କ ଆକର୍ଷଣ ସାଜିଥିଲେ। ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାଲିକୁ ଶୁଭାରମ୍ଭ କରିଥିଲେ। ଏଥିରେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଜୋଷୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, କାମାତ୍ ଗ୍ରୁପ୍ ଓଡ଼ିଶାର ଆଞ୍ଚଳିକ ପରିଚାଳକ ଭରତ ବିଶ୍ୱାଳ ପ୍ରମୁଖ ଶୁଭାରମ୍ଭ ସମୟରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କାମାତ୍ ହୋଟେଲ ଗ୍ରୁପ୍, ସ୍ୱାଧୀନ ଆବାସିକ ମହାବିଦ୍ୟାଳୟ ନିମାପଡ଼ା, ସାମୁଦ୍ରିକ ଜୀବ ଗବେଷଣା ସଂସ୍ଥା ଦକ୍ଷିଣ ଫାଉଣ୍ଡେଶନ ସହଯୋଗରେ ଆୟୋଜନ କରାଯାଇଥିଲ। ସାଇକେଲ ରାଲିରେ ୫୦ ଜଣ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ଆବାହକ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି।



'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ୍ ହୋଇଥିବା ଖଣ୍ଡଗିରିସ୍ଥିତ ଗାନ୍ଧୀ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀଛାତ୍ର ଓ ଅନ୍ୟମାନେ।




ମନ୍ଦିର ଭିତରକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ସାମଗ୍ରୀକୁ ବାରଣ କରି ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଭିଙ୍ଗାରପୁରସ୍ଥିତ ବାଣେଶ୍ୱର କୋଚିଂ ସେଣ୍ଟର ଛାତ୍ରୀଛାତ୍ର ଓ ଶିକ୍ଷକ ସଚେତନ କରାଉଛନ୍ତି।



'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ରୀଛାତ୍ର।




ଭୁବନେଶ୍ୱର କୋର୍ଟ ପରିସରରେ ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା'କୁ ସମର୍ଥନ ଜଣାଉଛନ୍ତି ଜିଲା ଜଜ୍, ଲିଗାଲଏଡ୍ ସେକ୍ରେଟାରୀଙ୍କ ସହ ଓକିଲ ସଂଘର କର୍ମକର୍ତ୍ତା।

# ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

### 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ଏହି ଅବସରରେ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭିକ ସଭା ପରେ ଶାସ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ, ହରପ୍ରିୟା ସ୍ୱାଇଁ, ପ୍ରତିଭା ଦାଶ, ପୁଷ୍ପଲତା ମହାଳିକ, ସୁଲଗ୍ନା ରଥ, ପ୍ରଦୀପ ପଲେଇ, ନଳିନୀକାନ୍ତ ରଥ ପ୍ରମୁଖ ଗାନ୍ଧୀ ଭଜନ ପରିବେଷଣ କରିଥିଲେ। ଏହାବ୍ୟତୀତ ଅପରାହ୍ନରେ ରାଜ୍ୟ ଅଭିଲେଖାଗାର ପରିସରରେ ସ୍ୱତନ୍ତ୍ର ଗାନ୍ଧୀ ଚର୍ଚ୍ଚା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସକାଳେ ବିଧାନସଭା ପ୍ରାଙ୍ଗଣରେ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଚସ୍ପତି ପ୍ରଦୀପ କୁମାର ଅମାତ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅଧିକାରୀମାନେ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଅହିଂସା ମାର୍ଗ ସାମାଜିକ ପରିବର୍ତ୍ତନ ଆଣିବ

**ସ୍ୱରାଜ ଆଶ୍ରମରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ**

### ଦୁଇବର୍ଷ ପାଳନ କରିବେ ରାଜ୍ୟ ସରକାର

କଟକ ଅଫିସ୍, ୨।୧୦

ସାମ୍ପ୍ରତିକ ସମାଜରେ ଏକ ବୃହତ୍ ପରିବର୍ତ୍ତନ ଆବଶ୍ୟକ। କେବଳ ଗାନ୍ଧିଜୀଙ୍କ ଆଦର୍ଶ ଓ ଅହିଂସା ମାର୍ଗଦ୍ୱାରା ଏହା ସମ୍ଭବ। ଏଥିପାଇଁ ରାଜ୍ୟ ସରକାର ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀକୁ ଆଗାମୀ ଦୁଇବର୍ଷ ଧରି ପାଳନ କରିବେ। ଗାନ୍ଧିଜୀଙ୍କ ନୀତି ଆଦର୍ଶର ବ୍ୟାପକ ପ୍ରଚାର ଓ ପ୍ରସାର କରିବେ ବୋଲି ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ମଙ୍ଗଳବାର ଐତିହାସିକ ସ୍ୱରାଜ ଆଶ୍ରମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସମ୍ବିଧାନ ମୁଖବନ୍ଧରେ ଅହିଂସା ଶବ୍ଦକୁ ଯୋଡ଼ିବା ପାଇଁ ରାଜ୍ୟ ସରକାର ସଂକଳ୍ପ ଆଣିଛନ୍ତି। ତେବେ ଗାନ୍ଧିବାଦର ପ୍ରଚାର କ୍ଷେତ୍ରରେ ସ୍ୱରାଜ ଆଶ୍ରମ ଶକ୍ତିକେନ୍ଦ୍ର ହେବ ବୋଲି ସେ କହିଥିଲେ।

କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜ୍ଞାନମଣ୍ଡଳ ଫାଉଣ୍ଡେଶନର ସମ୍ପାଦକ ତଥା ଗାନ୍ଧୀ ଦର୍ଶନର ପ୍ରବକ୍ତା ଡ. ପାବକ କାନୁନ୍‌ଗୋ



ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ଅନ୍ୟମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ଯୋଗଦେଇ ଗାନ୍ଧିଜୀ ହେଉଛନ୍ତି ଏକମାତ୍ର ଜନନାୟକ ଯାହାଙ୍କର ପ୍ରଭାବ ବିଶ୍ୱ ପ୍ରସାରୀ ହୋଇଥିବା କହିଥିଲେ। ସିଏମ୍‌ସି ମେୟର ମୀନାକ୍ଷୀ ବେହେରା ଅଧ୍ୟକ୍ଷତା କରି ସ୍ୱାର୍ଥକୁ ଜଳାଞ୍ଜଳି ଦେବା ଓ ସ୍ୱଚ୍ଛତାକୁ ସବୁ କ୍ଷେତ୍ରରେ ଆଦରିବା ଗାନ୍ଧୀଙ୍କ ପ୍ରତି ସର୍ବଶ୍ରେଷ୍ଠ ସମ୍ମାନ ହେବ ବୋଲି କହିଥିଲେ। ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, କର୍ପୋରେଟର ଏ. ଶ୍ରୀଦେବୀ, କେଦାରନାଥ ବେହେରା, ଅଭୟ ବଡ଼ଜେନା, ଉପେନ୍ଦ୍ର ବେହେରା, ସନ୍ତୋଷ କୁମାର ପତି, ପିତାମ୍ବର ଜେନା, ଅକ୍ଷୟ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଲୋକନାଥ ଦୀକ୍ଷିତ ଗୀତା, ସେକ୍ ହାକିମ୍ କୋରାନ୍ ଏବଂ ପ୍ରଭାତ ଚନ୍ଦ୍ର ବାଗ ବାଇବେଲ୍ ପାଠ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଦ୍ୱିଜବର ସାଥୁଆ, ରବୀନ୍ଦ୍ରନାଥ ମହାପାତ୍ର, ପଦ୍ମ ଚରଣ ରାଉତରାୟ, ମାୟାଧର ମଳିକ ଓ ବୈକୁଣ୍ଠ ନାଥ ଦାସଙ୍କ ସମେତ ସମାଜସେବୀ ପ୍ରିୟବ୍ରତ ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପରିଚାଳନା କରିଥିଲେ। କଟକ ସଦର ତଥା ସହର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଶୁତୋଷ ପାଇକରାୟ ଧନ୍ୟବାଦ ଦେଇଥିଲେ। ଶୁଭ୍ରାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ବିଜୟ କୁମାର ପଣ୍ଡା, ବନଜ୍ୟୋସ୍ନା ମହାପାତ୍ର, ପୁରୁଷୋତ୍ତମ ରେଡ୍ଡୀ, କୁଳମଣି ପ୍ରଧାନ, ସେକ୍ ଅଖତର, ତନ୍ମୟ କୁମାର ସାହୁ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ସଦ୍‌ଗୁଣ ଓ ଶିଷ୍ଟତା ଏଭଳି ଯୋଡି ହୋଇ ରହିଥାନ୍ତି ଯେ, ଗୋଟିକୁ ଅନ୍ୟଠାରୁ ଅଲଗା କରିଦେଇ ହେବ ନାହିଁ।
–ଶିଶେରୋ

## ସଂକ୍ଷେପରେ

### ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ୨୨ ମେଢ

ପୁରୁଣା ଭୁବନେଶ୍ୱର, ୨। ୧୦ ( ଡି.ଏନ.ଏ.): ଆସୁଛି ସାର୍ବଜନୀନ ଦୁର୍ଗାପୂଜା। ଏଥିପାଇଁ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ମାଟି ଅନୁକୂଳ ପର୍ବ ଶେଷ ହୋଇଛି। ମଣ୍ଡପଗୁଡ଼ିକରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି। ମେଢ ଗେଟ୍ ନେଇ ପ୍ରସ୍ତୁତି ଆଗେଇ ଚାଲିଛି। ତେବେ ପୁରୁଣା ଭୁବନେଶ୍ୱର ପ୍ରାୟ ୨୨ଟି ମଣ୍ଡପରେ ମା’ ବିରାଜମାନ କରିବେ। ଏହାକୁ ସୁପରିଚାଳନା କରିବା ସହ ଶୃଙ୍ଖଳିତ ହେବା ନେଇ ସୋମବାର ଅପରାହ୍ଣରେ ଲିଙ୍ଗରାଜ ଥାନା ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ମଣ୍ଡପର ସଦସ୍ୟ ଉପସ୍ଥିତ ଥିଲେ। ପୂଜାକୁ ଶୃଙ୍ଖଳିତ କରିବା, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ ଫୋର୍ସ ମୁତୟନ ହେବା ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋନ୍ ୨ ଏସିପି, ଆଇଆଇସି ଜନାର୍ଦ୍ଦନ ପାଢୀ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ଥିଲେ।

### ଚିତ୍ରକଳା ପ୍ରଦର୍ଶନୀ, ନୃତ୍ୟନାଟିକା, ପ୍ରାମାଣିକ ଚଳଚ୍ଚିତ୍ରରେ ଗାନ୍ଧୀ

ଭୁବନେଶ୍ୱର,୨।୧୦(ବ୍ୟୁରୋ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ମଙ୍ଗଳବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗାନ୍ଧୀଙ୍କ ଜୀବନୀ ଉପରେ ଏକ ନିଆରା ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିଭଳି ବିଶ୍ୱବିଦ୍ୟାଳୟର କଲ୍‌ଚର ଷ୍ଟଡିଜ୍ ବିଭାଗ ପକ୍ଷରୁ ପ୍ରଦର୍ଶିତ ପ୍ରାମାଣିକ ଚଳଚ୍ଚିତ୍ର ‘ବାପୁ’ ବେଶ୍ ଆକର୍ଷଣୀୟ ହୋଇଥିଲା। ସଭାରେ ଅଧକ୍ଷତା କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର ଗାନ୍ଧୀ ଦର୍ଶନର ଆବଶ୍ୟକତା ଓ ସମସାମୟିକ ସମାଜରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପଟ୍ଟନାୟକ ତାଙ୍କ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମର ବହୁ ଅଭୁଲା ସ୍ମୃତିକୁ ମନେପକାଇ ଥିଲେ। କୁଳସଚିବ ଡ. ସୁମନ ଦାସ ସ୍ୱାଗତ ଭାଷଣ ଦେଇ ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। କଲ୍‌ଚର ଷ୍ଟଡିଜ୍ ବିଭାଗ ଅଧାପକ ଡ. ଆଶିଷ ମହାପାତ୍ରଙ୍କ ସଞ୍ଚାଳନରେ ପୁରସ୍କାର ବିତରଣ ଉତ୍ସବ ପରେ ପ୍ରଫେସର ନବକିଶୋର ମିଶ୍ର ଅଭିଭାଷଣ ରଖିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ବିଭାଗର ଛାତ୍ରୀଛାତ୍ର ଏକ ମନୋଜ୍ଞ ନୃତ୍ୟନାଟିକା ପରିବେଷଣ କରିଥିଲେ। ଶେଷରେ ନାଟକ ବିଭାଗ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପରେ ଏକ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ସଙ୍ଗୀତା ଗୋସାଇଁ, ଡ. ଚକ୍ରଧର ବେହେରା, ବିଶ୍ୱଜିତ୍ ବଳିୟାରସିଂ ପ୍ରମୁଖ ପରିଚାଳନା କରିଥିଲେ।

### ଜଗତ ଚନ୍ଦ୍ର ଦାସ ପାଇଲେ ‘ଏକାମ୍ର ଗୌରବ’ ସମ୍ମାନ

ପୁରୁଣା ଭୁବନେଶ୍ୱର, ୨।୧୦ ( ଡି.ଏନ.ଏ.): ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାର ସ୍ଥାନୀୟ ନନ୍ଦକିଶୋର ନଗରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜଗତ ଚନ୍ଦ୍ର ଦାସଙ୍କୁ ଏକାମ୍ର ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୧୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ ମଧ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଭାଗୀରଥି ମହାସୁଆର, ସମ୍ମାନିତ ଅତିଥି ଭାବେ ପଣ୍ଡିତ ମାନଗୋବିନ୍ଦ ମହାସୁପକାର ଯୋଗ ଦେଇ ମଞ୍ଚର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ ଅଧକ୍ଷତା କରିଥିଲେ। ଆଇନଜୀବୀ ଅନୁପ ଉଦୟ ସେନାପତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ପଣ୍ଡା, ସଞ୍ଜୁଲତା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସ୍ୱପ୍ନାରାଣୀ ସାମଲ, ଲିଙ୍ଗରାଜ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ବର୍ଷ ପରେ ବିଜେବିରେ ହେବ ନିର୍ବାଚନ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଦୁଇବର୍ଷ ବ୍ୟବଧାନରେ ପୁଣିଥରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେବ ଛାତ୍ର ସଂସଦ ନିର୍ବାଚନ। ଏଥିପାଇଁ ସୋମବାର ପୂର୍ବାହ୍ଣରେ କ୍ୟାମ୍ପସ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ନିର୍ବାଚନ ପାଇଁ ଛାତ୍ର ସଙ୍ଗଠନଗୁଡ଼ିକର ପ୍ରସ୍ତୁତି ମଧ ଶେଷ ହୋଇଛି। ଛାତ୍ର ବିଜେଡି ଇତିମଧ୍ୟରେ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଛାତ୍ର କଂଗ୍ରେସ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଏଥର ଏଠାରେ ପ୍ରାର୍ଥୀ ଦେବନି, ବରଂ ଅନ୍ୟ ପ୍ରାର୍ଥୀଙ୍କୁ ସହାୟତା ଯୋଗାଇ ଦେବ। ଯଦି ସେଭଳି କୌଣସି ପ୍ରକାର ଏପଟ ସେପଟ ନ ହୁଏ, ତେବେ କ୍ୟାମ୍ପସ୍‌ରେ ଏଥର ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଏକପ୍ରକାର ଥୟ ହୋଇଛି।

## ଛାତ୍ର ବିଜେଡି, ଛାତ୍ର କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

ସପ୍ତାହ ତଳେ ଛାତ୍ର ବିଜେଡି ପକ୍ଷରୁ ବିଜେବି କଲେଜ ପାଇଁ ପ୍ରମୁଖ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ଯୁକ୍ତ ୩ ଶେଷବର୍ଷ ଶିକ୍ଷା ବିଭାଗ ଅନର୍ସର ଛାତ୍ର ସୌମିତ୍ରୀ ବତ୍ସଳ ଦାସ ସଭାପତି ପ୍ରାର୍ଥୀ ହୋଇଥିବା ବେଳେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଇଂଲିଶ ବିଭାଗ ଅନର୍ସ ଛାତ୍ର ବିଶ୍ୱଜିତ୍ ବିଶ୍ୱାଳଙ୍କୁ ସାଧାରଣ ସମ୍ପାଦକ ପ୍ରାର୍ଥୀ କରାଯାଇଛି। ଛାତ୍ର କଂଗ୍ରେସ ମଧ କେତେକ ପ୍ରମୁଖ ପଦବୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଉଭୟ ସଙ୍ଗଠନର ପ୍ରାର୍ଥୀଙ୍କ ବ୍ୟାନର କ୍ୟାମ୍ପସ୍ ବାହାରେ ଲଗାଯାଇଛି। ଛାତ୍ରୀଛାତ୍ରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ଉଭୟ ସଙ୍ଗଠନର ପ୍ରାର୍ଥୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

ଅନ୍ୟପକ୍ଷରେ କଲେଜ କର୍ତ୍ତୃପକ୍ଷ ମଧ ନିର୍ବାଚନ ଲାଗି ପ୍ରସ୍ତୁତ ରହିଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୁଇବର୍ଷ ପରେ କ୍ୟାମ୍ପସ୍‌ରେ ନିର୍ବାଚନ ହେବାକୁ ଯାଉଥିବାରୁ ସୁରୁଖୁରୁରେ କିଭଳି ଏହା ପରିଚାଳିତ ହେବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରସନ୍ନ କୁମାର ମହାନ୍ତି ଏ ନେଇ କହିଛନ୍ତି, ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଆଧାରରେ ସୋମବାର କ୍ୟାମ୍ପସ୍‌ରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ଦିଗରେ ସବୁପ୍ରକାର ପଦକ୍ଷେପ ନିଆଯାଉଛି। କ୍ୟାମ୍ପସ୍‌ରେ ଏବେ କେତେଜଣ ପୋଲିସ ମୁତୟନ ହୋଇଥିବା ବେଳେ ଅଧିକ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାକୁ ପୋଲିସ କମିଶନର ଏବଂ ସ୍ଥାନୀୟ ଥାନାକୁ ଚିଠି ଲେଖାଯାଇଛି। ଏହାବ୍ୟତୀତ କ୍ୟାମ୍ପସ୍‌ରେ ୨୪ ଘଣ୍ଟିଆ ଆଭ୍ୟନ୍ତରୀଣ ସୁରକ୍ଷା ଯୋଗାଇବାକୁ ମଧ କୁହାଯାଇଛି। କଲେଜର କେତେଜଣ ଅଧାପକ ଓ କର୍ମଚାରୀଙ୍କୁ ନେଇ ୮ରୁ ୧୦ଜଣିଆ ଏକ ଇଣ୍ଟରନାଲ ସ୍କ୍ୱାଡ ଗଠନ ହୋଇଛି। ଲିଙ୍ଗ୍‌ଡୋ ଗାଇଡ୍‌ଲାଇନ୍ ପାଳନ କରିବାକୁ ଛାତ୍ରୀଛାତ୍ରଙ୍କୁ କୁହାଯାଇଛି। ଅଣଛାତ୍ର ପ୍ରବେଶ ଉପରେ କଟକଣା ଲଗାଯାଇଛି। ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କ୍ୟାମ୍ପସ୍‌କୁ ଅଣଛାତ୍ର ପ୍ରବେଶ ନ କରାଇଦେବାକୁ ପୋଲିସକୁ କୁହାଯାଇଛି। ପୋଷ୍ଟଗୁଡ଼ିକ ଲାଗି ଭିନ୍ନ ଭିନ୍ନ ରୁମ୍ ଆଲଟ୍ ହୋଇଛି। ହଷ୍ଟେଲରୁ ଛାତ୍ରୀଛାତ୍ରଙ୍କ ତାଲିକା, ପିଲାଙ୍କ ଉପସ୍ଥାନ ମଗାଯାଇଛି। ବୁଧବାର ପୂର୍ବାହ୍ଣରେ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିବେ ଓ ଅପରାହ୍ଣରେ ତାହାର ଯାଞ୍ଚ କରାଯାଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଅଧକ୍ଷ କହିଛନ୍ତି।




ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ସିପିଆଇ ପକ୍ଷରୁ ରାଜମହଲ ଛକଠାରେ ବିକ୍ଷୋଭ।

### ଗାନ୍ଧୀ ଜୟନ୍ତୀରେ ଯାନ୍ତ୍ରିକ ସଫେଇର ଶୁଭାରମ୍ଭ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଯାନ୍ତ୍ରିକ ସଫେଇର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ନିକୋ ପାର୍କ ଛକ ନିକଟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯାନ୍ତ୍ରିକ ସଫେଇର ଶୁଭ ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ୬୦ଟି ସ୍ମାର୍ଟ ପ୍ରିଫେବ୍ରିକେଟେଡ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଟଏଲେଟ୍(ସ୍ମାର୍ଟ ଶୌଚାଳୟ) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଶୌଚାଳୟଗୁଡ଼ିକ ସହରର ୩୦ଟି ଭିନ୍ନ ଭିନ୍ନ ସ୍ଥାନରେ ନିର୍ମାଣ କରାଯିବାକୁ ଯୋଜନା ରହିଛି।

ସ୍ମାର୍ଟ ଶୌଚାଳୟ ବିଏମ୍‌ସି ଅଞ୍ଚଳରେ ଏକ ଆନ୍ଦୋଳନାତ୍ମକ ପରିବର୍ତ୍ତନ ଆଣି ସ୍ୱଚ୍ଛତାକୁ ଆଗେଇ ନେବ। ବିଶେଷ କରି ହକି ବିଶ୍ୱକପ୍ ସମୟରେ ଏହା ସହରବାସୀ ଓ ପର୍ଯ୍ୟଟକଙ୍କ ନିମନ୍ତେ ଅନେକ ମାତ୍ରାରେ ସହାୟକ ହେବ ବୋଲି ମେୟର ଅନନ୍ତ ନାରାୟଣ ଜେନା ଏହି ଅବସରରେ କହିଥିଲେ। ବିଏମ୍‌ସି କମିଶନର ଡ. କ୍ରିଷନ କୁମାର ଯାନ୍ତ୍ରିକ ସଫେଇର ଗୁରୁତ୍ୱ ସମ୍ପର୍କରେ ବୁଝାଇବା ସହ ଏ ପ୍ରକାର ଆଧୁନିକ ସଫେଇ ଦ୍ୱାରା ବାୟୁମଣ୍ଡଳର ଗୁଣାତ୍ମକମାନ ବଢ଼ିବ ବୋଲି କହିଥିଲେ। ଏଥିସହ ଭୁବନେଶ୍ୱର ମୁଖ୍ୟରାସ୍ତାରୁ ସୂକ୍ଷ୍ମ ଧୂଳିକଣା ମଧ ସଫା ହୋଇଯିବ ବୋଲି ସୂଚନା ଦେଇଥିଲେ।

ଟେଣ୍ଡର ମାଧମରେ ବିଏମ୍‌ସି ଦୁଇଟି ସଂସ୍ଥାକୁ ଚୟନ କରି ତିନିବର୍ଷ କାର୍ଯ୍ୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ତେବେ ନିୟମିତ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଏହି ଦୁଇ ସଂସ୍ଥା ୨ ଅକ୍ଟୋବରରୁ ୯ ତାରିଖ ପର୍ଯ୍ୟନ୍ତ ବିନାମୂଲ୍ୟରେ ପରୀକ୍ଷଣ ସଫେଇ କରିବେ। ୬୦ଟି ଶୌଚାଳୟ ଭିତରୁ ମହିଳା ଓ ପୁରୁଷଙ୍କ ଲାଗି ୩୦ଟି ଲେଖାଏ ଉଦ୍ଦିଷ୍ଟ ରହିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଏମ୍‌ସି ଅତିରିକ୍ତ କମିଶନର ଶୁଭମ୍ ସାକ୍‌ସେନା, ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର, ବିଏମ୍‌ସିର ବରିଷ୍ଠ ପଦାଧିକାରୀ ଏବଂ କର୍ପୋରେଟରମାନେଉପସ୍ଥିତଥିଲେ।

# ୮୦ କିମି ରାସ୍ତା ହେବ ୱାଇଫାଇ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଭୁବନେଶ୍ୱରର ମହାନଗର ନିଗମ ଅଧୀନ ୮୦ କି.ମି. ରାସ୍ତାର ୧୦୦ଟି ସ୍ଥାନକୁ ୱାଇଫାଇ କରାଯିବ। ଏହି ବ୍ୟବସ୍ଥା ଖୁବ୍‌ଶୀଘ୍ର ସମ୍ପନ୍ନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦୦ଟି ସ୍ଥାନ ୱାଇଫାଇ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟାନ୍ୟ ୨୦୦ଟି ସ୍ଥାନରେ ଏହି ସୁବିଧା ଉପଲବ୍ଧ କରାଯିବ। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ଦ୍ୱାରା ପ୍ରସ୍ତୁତ ମାଷ୍ଟରପ୍ଲାନ ପ୍ରକଳ୍ପର ଅଂଶବିଶେଷ ସ୍ୱରୂପ ଏହି ୱାଇଫାଇ ବ୍ୟବସ୍ଥା ପରିଚାଳିତ ହେବ। ପ୍ରଥମ ପର୍ଯ୍ୟାୟରେ କିଟ ଛକରୁ ରାଜଭବନ ଛକ, ଗୋପବନ୍ଧୁ ଛକରୁ ରାଜଭବନ ଛକ, ବିମାନବନ୍ଦରଠାରୁ ଆଚାର୍ଯ୍ୟ ବିହାର ଛକ, ଆଚାର୍ଯ୍ୟ ବିହାରରୁ ନିକୋପାର୍କ, କଳ୍ପନା ଛକରୁ ରସୁଲଗଡ ଛକ, ଶିଶୁ ଭବନ ଛକରୁ ବାଣୀବିହାର ଛକ ଏବଂ ରସୁଲଗଡ ମଧ୍ୟରେ ମୁଖ୍ୟ ସ୍ଥାନ ଗୁଡିକରେ ୱାଇଫାଇ ବ୍ୟବସ୍ଥା ହେବ। ଏପରି ରାଜଧାନୀର ୮୦ କିମି ରାସ୍ତାକୁ ୱାଇଫାଇ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ୨୦୦ଟି ସ୍ଥାନକୁ ୱାଇଫାଇ କରାଯିବ। ପରେ ଆବଶ୍ୟକତା ଅନୁଯାୟୀ ୫୮୧ ସ୍ଥାନରେ ୱାଇଫାଇ ସୁବିଧା ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ବ୍ୟବହାରକାରୀମାନେ ୧୫ ମିନିଟ ପାଇଁ ୫୦ ଏମ୍‌ବି ଡାଟା ବ୍ୟବହାର କରିପାରିବେ। ପରବର୍ତ୍ତୀ ବ୍ୟବହାର ପାଇଁ ସେମାନଙ୍କୁ ଏକ ସ୍ଥିରୀକୃତ ପ୍ରକ୍ରିୟା ଦେଇ ଯିବାକୁ ହେବ। ୱାଇଫାଇରେ ଇଣ୍ଟରନେଟ ସ୍ପିଡ୍ ୨୫୦ ଏମ୍‌ବିପିଏସ୍ ରହିବ ବୋଲି କୁହାଯାଇଛି।

■ ହକି ବିଶ୍ୱକପ୍ ପାଇଁ ଜୋରଦାର ପ୍ରସ୍ତୁତି

# କୋଲ୍‌କାତା ବିମାନବନ୍ଦରରେ ଲାଗିଲା କ୍ୟାମ୍ପେନ୍ ହୋର୍ଡିଂ

ଭୁବନେଶ୍ୱର,୨।୧୦(ବ୍ୟୁରୋ)




ପୁରୁଷ ହକି ବିଶ୍ୱକପ୍-୨୦୧୮ ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଏପଟେ ‘ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ’ କ୍ୟାମ୍ପେନ୍‌କୁ ବି ଜୋରଦାର କରାଯାଇଛି। ରାଜ୍ୟ ତଥା ଦେଶ ବାହାରେ ହକି ଏବଂ ଓଡ଼ିଶାର ପର୍ଯ୍ୟଟନ ସମ୍ବଳକୁ ମିଳିତ ଭାବେ ପ୍ରଚାର ପ୍ରସାର କରିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପ୍ରଥମେ ଲଣ୍ଡନରେ ବସ୍ କ୍ୟାମ୍ପେନ୍ ମାଧମରେ ‘ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ’କୁ ହାଇଲାଇଟ୍ କରାଯିବା ପରେ ସିଡ୍‌ନୀ ଏବଂ ମ୍ୟୁନିକ୍ ସହରର ସିଟି ବସ୍‌ରେ ‘ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ’ର ବ୍ରାଣ୍ଡିଂ କରାଯାଇଥିଲା। ଆଉ ଏବେ କୋଲ୍‌କାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ କ୍ୟାମ୍ପେନ୍‌ର ବହୁଳ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରାଯାଇଛି।

ଓଡ଼ିଶାକୁ ସର୍ବାଧିକ ଦେଶୀୟ ପର୍ଯ୍ୟଟକ ପଡ଼ୋଶୀ ପଶ୍ଚିମବଙ୍ଗରୁ ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି କୋଲ୍‌କାତା ବିମାନବନ୍ଦରର ବିଭିନ୍ନ ସ୍ଥାନରେ ହୋର୍ଡିଂ ଏବଂ ଡିଜିଟାଲ ବୋର୍ଡ ଲଗାଯାଇଛି। ଆରାଇଭାଲ ଏରୋବ୍ରିଜ୍‌ରେ ଥିବା ଲାଇଟ୍‌ବକ୍ସ, ଲୋୟର ଆରାଇଭାଲ ଲାଇଟ୍‌ବକ୍ସ, ବିମାନବନ୍ଦର ବାହାର ପାର୍ଶ୍ୱ, ଡିଜିଟାଲ ୱାଲ, କନ୍‌ଭେୟର ବେଲ୍ଟରେ ଥିବା ଡିଜିଟାଲ ସ୍କ୍ରିନ୍ ଏବଂ ବିମାନବନ୍ଦର ମଧ୍ୟରେ ରହିଥିବା ସମସ୍ତ ଡିଜିଟାଲ ପିଓଡିରେ ‘ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ’ ସ୍ଥାନିତ ହୋଇଛି। ଏ ନେଇ ପର୍ଯ୍ୟଟନ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଶାସନ ସଚିବ ବିଶାଲ ଦେବ କହିଛନ୍ତି, ଭାରତବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯିଏ କ୍ରୀଡ଼ା ପର୍ଯ୍ୟଟନକୁ ଏତେ ଗୁରୁତ୍ୱ ଦେଉଛି। ରାଜ୍ୟରେ କ୍ରୀଡ଼ା ପର୍ଯ୍ୟଟନର ବିକାଶ ତଥା ଏଥିପ୍ରତି ଅଧିକରୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବାକୁ ପଦକ୍ଷେପ ନିଆଯାଉଛି। ହକି ବିଶ୍ୱକପ୍‌କୁ ଆଉ ମାତ୍ର ୫୫ଦିନ ବାକି ରହିଥିବା ବେଳେ ଆମେ ଦେଶର ପ୍ରତ୍ୟେକ କୋଣ ଏବଂ ବିଦେଶରେ ଏହି କ୍ୟାମ୍ପେନ୍‌କୁ ପହଞ୍ଚାଇବାକୁ ପ୍ରଚେଷ୍ଟା କରୁଛୁ। କୋଲ୍‌କାତାରୁ ଆମକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ମିଳୁଥିବାରୁ ସେଠାରେ କ୍ୟାମ୍ପେନ୍‌କୁ ଜୋରଦାର କରାଯାଇଛି ବୋଲି ସେ କହିଛନ୍ତି। ପୂର୍ବରୁ ଲଣ୍ଡନରେ ଏହି କ୍ୟାମ୍ପେନ୍‌କୁ ଭଲ ରେସ୍‌ପନ୍ସ ମିଳିଥିବା ବେଳେ କୁଆଲାଲମ୍ପୁରରେ ଅନୁଷ୍ଠିତ ବିଭିନ୍ନ ପର୍ଯ୍ୟଟନଭିତ୍ତିକ କାର୍ଯ୍ୟକ୍ରମ ଓ ରୋଡ୍ ଶୋ’ରେ ମଧ ଓଡ଼ିଶାକୁ ପ୍ରଶଂସା କରାଯାଇଛି।




### ଜେଜେ ମା’, ଜେଜେ ବାପା ଦିବସ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

କେଦାରଗୌରୀ ବିହାରସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲରେ ଗାନ୍ଧୀ ଜୟନ୍ତୀ ଅବସରରେ ଜେଜେ ମା’ ଓ ଜେଜେ ବାପା ଦିବସ ପାଳିତ ହୋଇଯାଇଛି। ଚେୟାରମ୍ୟାନ କୈଳାସ ଚନ୍ଦ୍ର ମିଶ୍ର ଜେଜେ ମା’ ଓ ଜେଜେ ବାପାଙ୍କର ଆବଶ୍ୟକତା ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ନିର୍ଦ୍ଦେଶିକା ଦେବସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଦେବାଶିଷ



@ ସଞ୍ଜୀବ



@ ଉମାକାନ୍ତ




@ ବିକାଶ



@ ସୁଶ୍ରୀ



@ ଦେବୀଦତ୍ତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୃଦ୍ଧି ମନ ଭିତରେ ପଶିପାରିବ ନାହିଁ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୧୩ ଗିରଫ

**କଟକ ରୋଡ,୨।୧୦(ଡି.ଏନ୍.ଏ.):** ଭୁବନେଶ୍ୱର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ରାଜଧାନୀ ତଥା ଏହାର ଉପକଣ୍ଠ ଅଞ୍ଚଳରେ ଚଢ଼ାଉ କରି ୧୩ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରଞ୍ଜନ ବେହେରା, ପ୍ରଶାନ୍ତ ରାଉତ, ସୁରେଶ ନାୟକ, ଅମିୟ ସାମଲ, ସୁଗ୍ରୀବ ଯାଦବ, ଉତ୍କଳ ମହାରଣା, ସାଧୁ ପ୍ରଧାନ, ବାଦଲ ବୋଷ, ପ୍ରମୋଦ ମାରିଆ, ଭାଗବତ ଭୋଇ, ଦିପୁନା କରାଳ, ବଳରାମ ସିଂ ଓ ସୌରି ଦାସ। ଏମାନଙ୍କଠାରୁ ୯୪ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଚଢ଼ାଉ ସମୟରେ ଜଣେ ମଦ ବ୍ୟବସାୟୀ ଫେରାର ହୋଇଯାଇଥିବା ଅବକାରୀ ନିରୀକ୍ଷକ ଦେବୀ ପ୍ରସାଦ ଦାଶ କହିଛନ୍ତି। ଏ ନେଇ ୧୫ଟି ପୃଥକ ମାମଲା ହୋଇଛି।

■କ୍ୟୁଏଟିର ଚଢ଼ାଉ

### ୨ ଚୋରା ମଦ ବେପାରୀ ଗିରଫ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୂରକୁଟି ବସ୍ତି ଏବଂ କିମ୍ବିରିଆ ବସ୍ତିରେ ମଙ୍ଗଳବାର କ୍ୟୁଏଟି ପକ୍ଷରୁ ଚଢ଼ାଉ କରାଯାଇ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଧୂରକୁଟି ବସ୍ତିର ରଞ୍ଜନ ରାଉଳ ଓ କିମ୍ବିରିଆ ବସ୍ତିର ଭଗତ୍ ସିଂ। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଧୂରୁକୁଟି ବସ୍ତିରେ ରଞ୍ଜନ ଓ କିମ୍ବିରିଆ ବସ୍ତିର ଭଗତ ଅନେକ ଦିନ ଧରି ଚୋରାରେ ମଦ ବିକ୍ରି କରୁଥିଲେ। ବିଳମ୍ବିତ ରାତିରୁ ଭୋର ପର୍ଯ୍ୟନ୍ତ ବେପାର ଜମୁଥିଲା। ଫଳରେ ଉକ୍ତ ଅଞ୍ଚଳରେ ବିଳମ୍ବିତ ରାତିରେ ମଦ୍ୟପମାନଙ୍କ ଭିଡ ଜମିବା ସହ ଉତ୍ପାତ ଦେଖିବାକୁ ମିଳୁଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିବା ପରେ ମଙ୍ଗଳବାର କ୍ୟୁଏଟି ଓ ମଞ୍ଚେଶ୍ୱର ପୋଲିସ ମିଳିତ ଭାବେ ଚଢ଼ାଉ କରି ଉଭୟଙ୍କ ନିକଟରୁ ୧୮୭ ବୋତଲ ବିଦେଶୀ ମଦ ଓ ୧୮ ହଜାର ୬୦୦ଟଙ୍କା ଜବତ କରିଛି। ସୂଚନାଯୋଗ୍ୟ, ଏହି ଦୁଇ ଅଭିଯୁକ୍ତଙ୍କ ପୂର୍ବରୁ ମଧ ଚୋରା ମଦ ବିକ୍ରି କରିବା ଅଭିଯୋଗରେ ଗିରଫ ହୋଇଥିଲେ। ଏମାନେ ଜାମିନରେ ଆସିବା ପରେ ପୁଣି ବେପାର ଆରମ୍ଭ କରିଥିଲେ।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**ବାଲିପାଟଣା,୨।୧୦(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରରେ ମଙ୍ଗଳବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ପବିତ୍ରା ଦାସଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷୟିତ୍ରୀ ଗଙ୍ଗାରାଣୀ ମିଶ୍ର, ଲିପିକା ପ୍ରଧାନ, ସୁଚିସ୍ମିତା ଜୟ୍ ସିଂ ଓ ଓକିଲୁନ୍ ନିଶା ବକ୍ତା ଭାବେ ଯୋଗଦାନ କରିଥିଲେ। ଗାନ୍ଧିଜୀ ଓ ଶାସ୍ତ୍ରିଜୀ ସମାନ୍ତରାଳ ଭାବେ ସ୍ୱାଧୀନତା ସଂଗ୍ରାମୀର କର୍ଣ୍ଣଧାର ଥିଲେ। ଶିକ୍ଷକ ସମାଜ ଦୁଇ ମହାମାନବଙ୍କ ପଦାଙ୍କ ଅନୁସରଣ କରି ଛାତ୍ର ସମାଜକୁ ସୁପଥଗାମୀରେ ନେବା ସହ ରାଷ୍ଟ୍ର ଗଠନରେ ନିଜର ଦାୟିତ୍ୱ ତୁଲାଇ ପଲିଥିନ ବର୍ଜନ କରିବାକୁ ସଂକଳ୍ପ ନେଇଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀମାନେ ରାମଧୂନ ଗାନ କରିଥିଲେ। ସେହିପରି ବାଲିପାଟଣା ବିଡିଓଙ୍କ ବଦଳି ଦାବିରେ ଧାରଣାରେ ବସିଥିବା ବାଲିପାଟଣା ପଞ୍ଚାୟତ ସମିତି ଅଧକ୍ଷା ମନୀଷା ଚୌଧୁରୀ ଓ ଧାରଣାରତ ସଭ୍ୟାସଭ୍ୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରି ବ୍ଲକ ପରିସରରେ ଥିବା ଆବର୍ଜନାକୁ ସଫା କରିଥିଲେ।

### ଏବିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨।୧୦ (ବ୍ୟୁରୋ):** ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ) ତଥା ସହରାଞ୍ଚଳ ସାଧନ କେନ୍ଦ୍ର ସଂଯୋଜକ ବିଦ୍ୟାଧର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ରବିବାର ସେକ୍ଟର-୬ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଇଓ ସସ୍ମିତା ମାଳି ସଭାପତିତ୍ୱ କରିଥିଲେ। ରାମ୍‌ସା ଉପନିର୍ଦ୍ଦେଶକ ଡ. ରାଧା ମୋହନ ପଣ୍ଡା, ସର୍ବଶିକ୍ଷା ଅଭିଯାନର ଖୋର୍ଦ୍ଧା ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଅମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଏମ୍‌ସିର ୧୩୦ ବିଦ୍ୟାଳୟରୁ ପ୍ରଧାନଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ବିଦ୍ୟାଧରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

■ ପୋଲିସ-ଗ୍ରାମବାସୀ ଗଣ୍ଡଗୋଳ ଘଟଣା

# ସକାଳୁ ପୁଣି ବୋମାମାଡ଼

■୫ ମାମଲା ରୁଜୁ, ଥାନାରେ ଅଗ୍ନି ଅଟକ
■ବ୍ୟାପକ ପୋଲିସ ଫୋର୍ସ ମୁତୟନ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ପୋଲିସ ଓ ରଘୁନାଥନଗର ଗ୍ରାମବାସୀଙ୍କ ମଧରେ ସୋମବାର ରାତିରେ ହୋଇଥିବା ଖଣ୍ଡଯୁଦ୍ଧ ଘଟଣା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଡୁମୁଡୁମା ବଜାରରେ ଉତ୍ତେଜନା ଲାଗି ରହିଥିବାରୁ ୪ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି। ଅନ୍ୟପଟେ ମଙ୍ଗଳବାର ସକାଳେ ରାସ୍ତାଘାଟ ଶୂନଶାନ ଥିବାବେଳେ କେତେଜଣ ଯୁବକ ପୁଣି ବୋମାମାଡ଼ କରିଥିବା ଡୁମୁଡୁମା ଗ୍ରାମର କେତେଜଣ ଲୋକ କହିଛନ୍ତି। ସକାଳ ପ୍ରାୟ ୧୦ଟାରେ ଦଳବଳ ହୋଇ କେତେଜଣ ଯୁବକ ହୋହଲ୍ଲା କରିବା ସହ ଏହି ବୋମାମାଡ଼ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣା ସମ୍ପର୍କରେ ଖଣ୍ଡଗିରି ଥାନାରେ ୫ଟି ମାମଲା ରୁଜୁ ହୋଇଛି। ଯେଉଁମାନଙ୍କ ଦୋକାନ ଉପରେ ବୋମାମାଡ ହୋଇଛି ସେମାନଙ୍କ ଅଭିଯୋଗ ଆଧାରରେ ୪ଟି ମାମଲା ହୋଇଥିବା ବେଳେ ଥାନା ଅଧିକାରୀ ଓ ଅନ୍ୟ ୩ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଗ୍ରାମବାସୀଙ୍କ ନାଁରେ ଗୋଟିଏ ମାମଲା ହୋଇଛି ବୋଲି ପୋଲିସ କମିଶନର କହିଛନ୍ତି।

ଅନ୍ୟପଟେ ଗିରଫ ଭୟରେ ରଘୁନାଥନଗରର କେତେଜଣ ଯୁବକ ଫେରାର ହୋଇଯାଇଛନ୍ତି। ଗଣ୍ଡଗୋଳର ମୁଖ୍ୟ କୁହାଯାଉଥିବା ସରକନ୍ତରାର ଅଗ୍ନି ଷଡ଼ଙ୍ଗୀଙ୍କୁ ପୋଲିସ ଅଟକ ରଖିଛି। ତାଙ୍କ ମୁଣ୍ଡରେ ୧୨ଟି ଷ୍ଟିଚ୍ ପଡିଛି। ସେ ସୁସ୍ଥ ହେବାପରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିବ ବୋଲି ଜଣାପଡିଛି। ସୋମବାର ବୋମାମାଡ କରିଥିବା ଆକାଶ ଷଡ଼ଙ୍ଗୀ, ବଳିଆ ଓ ଅନ୍ୟ ଜଣଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରଖିଛି। କିଭଳି ଉତ୍ତେଜନା କମିବ ସେନେଇ ପୋଲିସ ଗ୍ରାମର ବରିଷ୍ଠ ଲୋକଙ୍କୁ ଡାକି ଆଲୋଚନା କରୁଛି।ସୂଚନା ଅନୁଯାୟୀ, ରଘୁନାଥନଗରର ଜଣେ ଯୁବକକୁ ସରକନ୍ତରା ଗ୍ରାମର କେତେଜଣ ଯୁବକ କିଛିମାସ ତଳେ ମାଡ ମାରି ହତ୍ୟା କରିଥିଲେ। ଏହି ହତ୍ୟାପଛରେ ଅଗ୍ନି, ଆକାଶ ଓ ବଳିଆଙ୍କ ହାତ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଅଗ୍ନି, ତାଙ୍କ ଭାଇ ଆକାଶଙ୍କ ସହ ବଳିଆ ଓ ଅନ୍ୟ ଜଣେ ଯୁବକ ରଘୁନାଥନଗର ଅଟୋଷ୍ଟାଣ୍ଡ ନିକଟରେ ଖଣ୍ଡା ବୁଲାଇଥିଲେ। ଫଳରେ ରଘୁନାଥନଗରର କେତେଜଣ ଯୁବକ ଅଗ୍ନିଙ୍କୁ କାବୁ କରି ନିର୍ଘାତ ମାଡ ମାରିଥିଲେ। ପୋଲିସ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଥାନାକୁ ନେଇଥିଲା ଓ ପରେ ହସ୍ପିଟାଲରେ ଚିକିତ୍ସା କରିବା ପରେ ଛାଡି ଦେଇଥିଲା। ପୋଲିସ ଟଙ୍କା ନେଇ ତାଙ୍କୁ ଛାଡି ଦେଇଥିବା ଅଭିଯୋଗ କରି ରଘୁନାଥନଗରର କେତେଜଣ ଯୁବକ ବଳିଆଙ୍କ ହୋଟେଲକୁ ଭାଙ୍ଗି ଦେଇଥିଲେ। ଏହା ପରେ ଆକାଶ, ବଳିଆ ଏବଂ ଅନ୍ୟ ୨ଜଣ ଦୁଇଟି ବାଇକରେ ଆସି ଡୁମୁଡୁମା ଛକରେ ଥିବା ରଘୁନାଥନଗରର କେତେଜଣ ଲୋକଙ୍କ ଦୋକାନ ଉପରେ ବୋମାମାଡ କରିଥିଲେ। ଏହା ପ୍ରତିବାଦରେ ରଘୁନାଥପୁରବାସୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ଅଭିଯୁକ୍ତଙ୍କୁ ପୋଲିସ ଛାଡ଼ିଦେଇଥିବାରୁ ଗ୍ରାମବାସୀ ଉତ୍ତେଜିତ ହୋଇ ପୋଲିସକୁ ଆକ୍ରମଣ କରିଥିଲେ।

# ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ନୀତି, ଆଦର୍ଶକୁ ଆପଣେଇବା ଉଚିତ




ଓଡିଏମ୍ ପବ୍ଲିକ ସ୍କୁଲରୁ ବାହାରିଥିବା ପଦଯାତ୍ରା।

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ଓଡିଏମ୍ ପବ୍ଲିକ ସ୍କୁଲ ଏବଂ ଗାନ୍ଧୀ ଗ୍ଲୋବାଲ ଫ୍ୟାମିଲିର ମିଳିତ ସହଯୋଗରେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ସତ୍ୟ ଓ ଅହିଂସାର ପୂଜାରୀ ତଥା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ଶାନ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ଇନ୍‌ଫୋସିଟି ରୋଡ୍, ପଟିଆ ଛକ, କୋୟଲ୍ କ୍ୟାମ୍ପସ୍, ଶିଶୁ ବିହାର ଦେଇ ପ୍ରତ୍ୟାବର୍ତ୍ତନ କରିଥିଲା। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି. କେ. ଦାସ ଏବଂ ସଦସ୍ୟା ଡ. ଜ୍ୟୋସ୍ନା ମହାପାତ୍ର ଅତିଥିଭାବେ ଯୋଗଦେଇ ଗାନ୍ଧିଜୀଙ୍କ ନୀତି, ତ୍ୟାଗପୁତ ଜୀବନାଦର୍ଶକୁ ଛାତ୍ରୀଛାତ୍ରମାନେ ଅନୁସରଣ କରିବାକୁ ଉପଦେଶ ଦେଇଥିଲେ। ଅଧକ୍ଷ ଡ. ମୀନକେତନ ତାଙ୍କ ଅଭିଭାଷଣରେ ‘ସ୍ୱଚ୍ଛତା ହିଁ ଈଶ୍ୱରଙ୍କ ପ୍ରତୀକ’- ମହାତ୍ମା ଗାନ୍ଧୀଙ୍କ ପ୍ରଣିତ ସ୍ୱଚ୍ଛତା ସମସ୍ତଙ୍କ ଜୀବନରେ ଧେୟ ହେଉ ବୋଲି ପ୍ରେରଣା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ଖଦିବସ୍ତ୍ର, ବକ୍ତୃତା, ପ୍ରବନ୍ଧ ଲିଖନ, ସ୍ଲୋ ସାଇକେଲିଂ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ଉପାଧକ୍ଷ ରାଜେଶ ପାଢ଼ୀ ଏବଂ ଉପସ୍ଥିତ ଅତିଥିମମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କୁନିକୁନି ପିଲାମାନଙ୍କୁ ନେଇ ଗାନ୍ଧିଜୀଙ୍କ ଜୀବନୀ ଆଧାରିତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧକ୍ଷା ଝିନୁକ୍ ଦତ୍ତାରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଶବରୀ କଲଚରାଲ ସୋସାଇଟି ପକ୍ଷରୁ ନନ୍ଦନକାନନଠାରେ ମଙ୍ଗଳବାର ଆୟୋଜିତ ‘ସ୍ୱଚ୍ଛ ଭୁବନେଶ୍ୱର, ସବୁଜ ଭୁବନେଶ୍ୱର’ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଦସ୍ୟ ଓ ଅନ୍ୟମାନେ।

■ପ୍ରଶାନ୍ତ ନନ୍ଦଙ୍କ ପୁଅ କାରକୁ ବୋମାମାଡ଼ ଘଟଣା

## ରୁଜୁ ହେଲା ମାମଲା, ହୋଇଥିଲା ଗୁଳି

**ଖୋର୍ଦ୍ଧା ଅଫିସ,୨।୧୦**

ଖୋର୍ଦ୍ଧା ଜିଲା ବେଗୁନିଆ ଗୋରୁହାଟ ପଡିଆ ନିକଟରେ ସୋମବାର ରାତିରେ ରାଜ୍ୟସଭା ସଦସ୍ୟ ତଥା ବିଜେଡି ମୁଖପାତ୍ର ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭଙ୍କ କାର ଉପରକୁ ବୋମାମାଡ ହୋଇଥିଲା। ଏହି ଘଟଣାକୁ ନେଇ କାର୍ ଡ୍ରାଇଭର ବାଙ୍କୀ-ଡମପଡା ଗାଁର ଅକ୍ଷୟ ପରିଡା ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବୋମା ମାଡ଼ ସହ ଦୁର୍ବୃତ୍ତମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ବୋଲେରୋରେ ଆସିଥିବା ଦୁର୍ବୃତ୍ତମାନେ ବୋମା ମାଡ଼ କରିଥିବାବେଳେ ବାଇକ୍‌ରେ ଆସିଥିବା ଯୁବକ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ରାଜନେତାଙ୍କ ସମ୍ପୃକ୍ତି ଥିବା ଓ ସେମାନଙ୍କୁ ଜୀବନରୁ ମାରିଦେବାକୁ ଯୋଜନା ହୋଇଥିଲା ବୋଲି ପରିଡ଼ା ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୧୪୭, ୧୪୩, ୩୪୧, ୩୨୩, ୩୨୪, ୨୯୪, ୫୦୬, ୪୨୭, ୧୪୯ ଆଇପିସି, ଏକ୍ସପ୍ଲୋସିଭ ୯(ବି), ୨୫, ୨୭ ଆର୍ମସ ଆକ୍ଟରେ ନଂ. ୧୬୪/୧୮ରେ ମାମଲା ରୁଜୁ କରି ତଦନ୍ତକୁ ବଢ଼ାଇଛି। ଏସ୍‌ପି ଦୀପ୍ତି ରଞ୍ଜନ ରାୟ କହିଛନ୍ତି, ବୋମାମାଡରେ କାରର କାଚ ଭାଙ୍ଗି ଥିବା ପ୍ରମାଣ ମିଳିନାହିଁ। ପୂର୍ବ ବିବାଦକୁ ନେଇ ବର୍ତ୍ତମାନର ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ସମର୍ଥକ ଏଭଳି କାଣ୍ଡ କରିଥିବା ଅଭିଯୋଗକାରୀ ଓ ସମର୍ଥକମାନେ ସନ୍ଦେହ କରୁଛନ୍ତି। ସାଇଣ୍ଟିଫିକ ଟିମ ତଦନ୍ତ କରିଥିବା ସେ କହିଛନ୍ତି।

## ଆୟକର ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨।୧୦(ବ୍ୟୁରୋ)**

ପ୍ରଧାନମନ୍ତ୍ରୀଙ୍କ ‘ସ୍ୱଚ୍ଛତା ହିଁ ସେବା’ ଆହ୍ୱାନକୁ କାର୍ଯ୍ୟରେ ରୂପାୟନ କରିବା ନିମନ୍ତେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଆୟକର ବିଭାଗ କର୍ମଚାରୀଙ୍କ ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ରାଜସ୍ୱ ବିହାରସ୍ଥିତ ସମସ୍ତ ସରକାରୀ କାର୍ଯ୍ୟାଳୟ, କେନ୍ଦ୍ରୀୟ ରାଜସ୍ୱ କଲୋନୀ, ଆୟକର ଭବନ ସମ୍ମୁଖ ୧୬ନଂ. ଜାତୀୟ ରାଜପଥକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ସେହିପରି ବହୁ ବର୍ଷ ଧରି ଅଳିଆ, ଆବର୍ଜନାରେ ପରିପୂର୍ଣ୍ଣ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ଓ ଶହୀଦନଗରକୁ ସଂଯୋଗ କରୁଥିବା ଅଣ୍ଡରପାସ୍(ଗଳି ରାସ୍ତା)କୁ ବିଭାଗୀୟ କର୍ମଚାରୀମାନେ ସମ୍ପୂର୍ଣ୍ଣ ଭାବେ ସଫେଇ କରିଥିଲେ। ଏଥିସହ ରାଜସ୍ୱ ବିହାରର ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥର କିଛି ଅଂଶକୁ ମଧ ପରିଷ୍କାର କରିଥିଲେ। ଆଗାମୀ ଦିନରେ ଏଭଳି ସ୍ୱଚ୍ଛ ଭାରତ ଅଭିଯାନ ଚାଲୁ ରହିବ ବୋଲି ଆୟକର ବିଭାଗର ସ୍ଥାନୀୟ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ପାଇଁ ରାଜ୍ୟସ୍ତରୀୟ ଆନ୍ଦୋଳନ

**ଭୁବନେଶ୍ୱର,୨।୧୦(ବ୍ୟୁରୋ)**

ଜଗବନ୍ଧୁ ଜରାଶ୍ରମ ଓ ଏମ୍‌ବିଏସ୍ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହଭାଗିତାରେ ପ୍ଲାଷ୍ଟିକ୍‌ମୁକ୍ତ ଆନ୍ଦୋଳନ ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିବା ଏହି ରାଜ୍ୟସ୍ତରୀୟ ଅଭିଯାନ ଅଧୀନରେ ଭୁବନେଶ୍ୱର ଏବଂ ଭୁବନେଶ୍ୱର ବାହାରେ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ନିୟନ୍ତ୍ରଣ କରିବା ଲାଗି ଲୋକଙ୍କୁ ସଚେତନ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବହୁ ସାମାଜିକ କର୍ମୀ, ଶିକ୍ଷାବିତ୍, ଯୁବକ ସଂଘର କର୍ମକର୍ତ୍ତା ଏକାଠି ହୋଇ ୩୫ ନମ୍ବର ୱାର୍ଡର ରାସ୍ତା ସଫେଇ କରିବା ସହିତ ବୁଦ୍ଧ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ। ଏହାସହ ପଦଯାତ୍ରା ମାଧ୍ୟମରେ କ୍ଷୁଦ୍ର, ମଧ୍ୟମ ବ୍ୟବସାୟୀ ତଥା ଉପଭୋକ୍ତାଙ୍କ ମଧ୍ୟରେ ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କିତ ସଚେତନତା ସୃଷ୍ଟି କରି କପଡ଼ା ତିଆରି ବ୍ୟାଗ୍ ବଣ୍ଟନ କରିଥିଲେ।

ସମାବେଶରେ ଓଡ଼ିଶା ବିଜ୍ଞାନ ଓ ପରିବେଶ ବିକାଶ ସମିତି ଅଧକ୍ଷ କୃଷ୍ଣଚନ୍ଦ୍ର ଆଇଚ ସଭାପତିତ୍ୱ କରି ସନ୍ତୁଳିତ ପରିବେଶ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସଭାପତି କୃପାସିନ୍ଧୁ ସାହୁ ଦୈନନ୍ଦିନ ଜୀବନରେ ଅତ୍ୟଧିକ ପ୍ଲାଷ୍ଟିକ୍ ବ୍ୟବହାର ପ୍ରଦୂଷଣର କାରଣ ଓ ସେଥିରୁ ମୁକ୍ତ ହେବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ବିଏସ୍‌ଏନ୍‌ଏଲ୍‌ର ମହାପ୍ରବନ୍ଧକ ପଦ୍ମଚରଣ ନାୟକ। କର୍ପୋରେଟର ଦେବାଶିଷ ସିଂ ଭୁବନେଶ୍ୱରରେ ପ୍ଲାଷ୍ଟିକ୍ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ସବୁପ୍ରକାର ପ୍ରଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅମିତ୍ କୁମାର କର, ପ୍ରଫୁଲ୍ଲ କୁମାର ଦାସ, ପ୍ରେମାନନ୍ଦ ବିଶ୍ୱାଳ, ଅମ୍ବୁଜ କୁମାର ଶତପଥୀ, ଅଶୋକ କୁମାର ନାୟକ, ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମଧୁମିତା ଦାଶ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଜଗବନ୍ଧୁ ଜରାଶ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶୁତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଜନ କୁଟିରରେ ରକ୍ତଦାନ ଶିବିର

**ଭୁବନେଶ୍ୱର, ୨।୧୦ (ବ୍ୟୁରୋ)**

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜାଗ୍ରତ ଭାରତ ଟ୍ରଷ୍ଟ ଓ ମହେନ୍ଦ୍ର ଏଡୁକେଶନ ଆଣ୍ଡ୍ ଚାଇଲଡ୍ ଅର୍ଗାନାଇଜେଶନ (ଏମ୍‌ଇସିଓ)ର ମିଳିତ ଉଦ୍ୟମରେ ଓଲ୍ଡ ଟାଉନ୍‌ସ୍ଥିତ ଶ୍ରୀରାମନଗରଠାରେ ଶ୍ରୀଗୁରୁସଂଘ ଭଜନ କୁଟିରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଠର ମହନ୍ତ, ଶ୍ରୀରାମନଗର ଉନ୍ନୟନ କମିଟି ସଭାପତି, ଜାଗ୍ରତ ଭାରତ ଟ୍ରଷ୍ଟର ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ଏମ୍‌ଇସିଓର ସମ୍ପାଦକ ଉଷା ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ।

## ପୂର୍ବତଟ ରେଳ ଇଞ୍ଜିନିୟର ସଂଘ ଅଧିବେଶନ




**ଭୁବନେଶ୍ୱର,୨।୧୦**

ପୂର୍ବତଟ ରେଳ ଇଞ୍ଜିନିୟର ସଂଘର ୧୦ମ ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ମଞ୍ଚେଶ୍ୱରସ୍ଥିତ ଉପେନ୍ଦ୍ର ଭଞ୍ଜ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରେଲୱେ ନିରାପତ୍ତା ତଥା ସମୟାନୁବର୍ତ୍ତିତା ଉପରେ ଏଥିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ଲାଗୁ କରିବା ନେଇ ପୂର୍ବତଟ ରେଳପଥର ଉପମହାପ୍ରବନ୍ଧକ ଇଂ ରାଜୀବ ଶର୍ମା ସୂଚନା ଦେଇଥିଲେ। ଗତ ଦୁଇବର୍ଷରେ ରେଳ ଲାଇନ ମରାମତି ଲାଗି ଆବଶ୍ୟକ ହେଉଥିବା ସମୟ ମଧ୍ୟରୁ ମାତ୍ର ୬୦% ସମୟ ଦିଆଯାଇଥିବା ବେଳେ ଏହା ଯଥେଷ୍ଟ ନୁହେଁ ବୋଲି ସଂଘର ସମ୍ପାଦକ ଇଂ ବିଷ୍ଣୁ ପ୍ରସାଦ ଦାସ ମତ ଦେଇଥିଲେ। ନିରାପତ୍ତା କାର୍ଯ୍ୟ ଯଦି ଠିକ୍ ଭାବେ କରାଯାଏ, ସମୟାନୁବର୍ତ୍ତିତାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସଂଘର ସଭାପତି ଇଂ ବବିନ ମହାନ୍ତି କହିଛନ୍ତି। ସର୍ବଭାରତୀୟ ରେଳ ଇଞ୍ଜିନିୟର ମହାସଂଘର ଉପସମ୍ପାଦକ ଇଂ ବିଶ୍ୱନାଧମ୍ ପୁରୁଣା ଉପକରଣର ନବୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ନିରାପତ୍ତା କ୍ଷେତ୍ରରେ କାର୍ଯ୍ୟରତ ଇଞ୍ଜିନିୟର ଏବଂ କର୍ମଚାରୀଙ୍କୁ ସମସ୍ତ ସୁବିଧା ପ୍ରଦାନ ଉପରେ ମହାସଂଘର ସଭାପତି ଇଂ ସଞ୍ଜୀବ କୁମାର ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମୁଖ୍ୟ ଇଞ୍ଜିନିୟର ଇଂ ଲକ୍ଷ୍ମୀନାରାୟଣ, ମଞ୍ଚେଶ୍ୱର ମରାମତି କାରଖାନାର ମୁଖ୍ୟ ଅଧିକାରୀ ଇଂ ପି.କେ ପୋଦ୍ଦାର ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳ, ଦକ୍ଷିଣ ପୂର୍ବ ରେଳ, ଦକ୍ଷିଣ କେନ୍ଦ୍ର ରେଳ ଓ ପୂର୍ବ କେନ୍ଦ୍ର ରେଳ ଜୋନ୍‌ରୁ ୨୫୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଯୋଗ ଦେଇଥିଲେ।

■ କାର୍‌ରୁ ଶିକ୍ଷୟିତ୍ରୀଙ୍କ ମୃତଦେହ ମିଳିବା ଘଟଣା

# କାର୍‌କୁ ଧକ୍କା ଦେଇଥିଲା ହାଇୱା

■ପୋଲିସ ହାତରେ ଦୁର୍ଘଟଣା ବେଳର ସିସିଟିଭି ଫୁଟେଜ
■ଦୁର୍ଘଟଣା ପରେ ପୁଅକୁ ନେଇ ଫେରାର ଥିଲେ ସ୍ୱାମୀ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଶ୍ରୀରାମ ବଜାର ନିକଟରୁ ସୋମବାର ଏକ କାରରୁ ଶିକ୍ଷୟିତ୍ରୀ ତନୁଜା ଆଇଚି(୩୨)ଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କାରଟିକୁ ଏକ ହାଇୱା ଧକ୍କା ଦେଇଥିବା ଜଣାପଡ଼ିଛି। ଦୁର୍ଘଟଣା ସମୟର ସିସିଟିଭି ଫୁଟେଜ ମଙ୍ଗଳବାର ପୋଲିସ ହାତରେ ଲାଗିଛି। ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ, ତନୁଜାଙ୍କ ସ୍ୱାମୀ ସଂଗ୍ରାମ ଆଇଚି କାରକୁ ଚଲାଉଥିଲେ। ରାତି ପ୍ରାୟ ୨ଟାରେ ଏକ ହାଇୱା କାର୍‌କୁ ଧକ୍କା ଦେଇଥିଲା। ଫଳରେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ସଂଗ୍ରାମ କାରକୁ ଆଗକୁ ଟିକେ ନେଇଯାଇ ୬ବର୍ଷର ପୁଅକୁ କାର ଭିତରୁ ଉଠାଇନେବା ସହ ଡୋର ବନ୍ଦ କରି ଫେରାର ହୋଇଯାଇଥିଲେ। ପୋଲିସ ମଙ୍ଗଳବାର କାରକୁ ଯାଞ୍ଚ କରିବା ପରେ କାରରୁ ଖଣ୍ଡା ଓ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ଏ ନେଇ ପୋଲିସ ଦଫା ୩୦୪(ମୃତ୍ୟୁମୁଖରେ ଛାଡ଼ି ଚାଲିଆସିବା)ରେ ସଂଗ୍ରାମଙ୍କ ନାମରେ ଏକ ମାମଲା ରୁଜୁ କରି ତାଙ୍କୁ ଖୋଜୁଛି। କ’ଣ ପାଇଁ ସଂଗ୍ରାମ ସ୍ତ୍ରୀ ତନୁଜାଙ୍କୁ ମୃତ୍ୟୁମୁଖରେ ଛାଡି ଚାଲିଗଲେ ତାହା ସବୁଠୁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସଂଗ୍ରାମଙ୍କୁ ଗିରଫ କରାଯିବା ପରେ ଘଟଣା ଉପରୁ ପରଦା ଉଠିବ ବୋଲି ପୋଲିସ କହିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଉକ୍ତ କାରକୁ ଏକ ହାଇୱା ପଛରୁ ଧକ୍କା ଦେଇଥିଲା। ଫଳରେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସଂଗ୍ରାମ ସ୍ତ୍ରୀଙ୍କୁ ମୃତ୍ୟୁମୁଖରେ ଛାଡି ଚାଲିଯାଇଥିବାରୁ ତାଙ୍କ ବିରୋଧରେ ଦଫା ୩୦୪ରେ ଏକ ମାମଲା ରୁଜୁ ହୋଇଛି। ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି ବୋଲି ସେ କହିଛନ୍ତି।




ଦୁର୍ଘଟଣାଗ୍ରସ୍ତ କାର୍।

ସୂଚନାଯୋଗ୍ୟ, ସୋମବାର ସକାଳୁ ସାମନ୍ତରାପୁର ମହାବୀର ବଜାର ନିକଟରେ ଏକ କାର ଭିତରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବିବାହ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗୁଥିଲା। ତେଣୁ ସଂଗ୍ରାମ ସ୍ତ୍ରୀ ତନୁଜାଙ୍କୁ ହତ୍ୟା କରିଥିବା ତନୁଜାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ତନୁଜା ସାମନ୍ତରାପୁର ଛକରେ ଥିବା ଏକ ଘରୋଇ ସ୍କୁଲରେ ଚାକିରି କରୁଥିବା ବେଳେ ସଂଗ୍ରାମ ଠିକାଦାର ଭାବେ କାମ କରୁଥିଲେ।

# ଏ ମାସର କୃଷିସୂଚନା





### ତୈଳବୀଜ

**ସୋରିଷ ସଅଳ କିସମ** (ତୋରିଆ) : ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ ।

– ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ଲାଗି ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

– ଅକ୍ଟୋବର ୧୦ ତାରିଖ ସୁଦ୍ଧା ଅଣଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

**ଚିନାବାଦାମ :-** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇ ଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

– ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୩୦ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି ଓ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

**ସୂର୍ଯ୍ୟମୁଖୀ :-** ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା-ମଡର୍ନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପି.ଏ.ସି.-୩୬ ଓ ଏମ୍.ଏସ୍.ଏଫ୍.ଏଚ୍.-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

– ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା କ୍ୟାପ୍‌ଟାନ୍ ଗୁଣ୍ଡ ମିଶାଇ ବିହନ ବିଶୋଧନ କରନ୍ତୁ କିମ୍ବା ୨ ଗ୍ରାମ୍ କାର୍ବେ‌ାସିନ୍ ସହିତ ଥିରାମ୍ ୧ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

**ରାଶି:** ଡିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ ଗୋଳାଇ ବିଶୋଧନ କରନ୍ତୁ ।

– ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ । **ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ଫଳଚାଷ:** ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ।

– ମାଟିର ବତର ଦେଖି ୧୦-୧୫ ଦିନରେ ଜଳ ସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଣ୍ଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୨ ମି.ଲି. / ଲିଟର ପାଣିରେ) ସିଞ୍ଚନ କରନ୍ତୁ।

**ଫୁଲଚାଷ:** ତରଳ ଖତ – ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

– ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଚଳିତ ମାସ ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ସେବତୀ – ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) ।

ଗୋଲାପ – ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଣ୍ଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

ଗ୍ଲାଡ଼ିଓଲସ୍ – ଏହାର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।

**–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## କୁକୁଡ଼ା ପାଳନ

■ ବର୍ଷାଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ ।

■ ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ ।

■ କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ



ସେଣ୍ଟିଗ୍ରେଡ୍ ରହିବା ଆବଶ୍ୟକ।

■ ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

## ପନିପରିବା ଚାଷ



**ଆ**ଳୁ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କୁଇଣ୍ଟାଲ୍ ବିହନ ଦରକାର ହୁଏ । ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ।

– ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ସକାଶେ ୩ ଗ୍ରାମ୍ ବ୍ଲାଇଟକ୍ସ-୫୦ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

– ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

– ସଅଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

– ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଲି ଜମିରେ ବିଭିନ୍ନ ପ୍ରକାର ଶୀତଦିନିଆ ପନିପରିବା, ଶାଗ ଓ ଧନିଆପତ୍ର ଚାଷ କରନ୍ତୁ ।

– ଜଳାଭାବ ସ୍ଥାନରେ ପ୍ରଚୁର ପରିମାଣରେ କୋଶଳା ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।

– ପିଆଜ ତଳି ପ୍ରସ୍ତୁତି ଲାଗି ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

## ମାଛଚାଷ

**ବ**ର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ଗୋପାଳନ

**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ଗୋମଡ଼କ ବା ଗୋବସନ୍ତ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଗୁହାଳର ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ।

### ଛେଳି ମେଣ୍ଢା ପାଳନ

– ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିକ୍ସ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟର ଟକ୍ସେମିଆ, ପି.ପି.ଆର୍. ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।



## ଧାନଫସଲର ମାଟିଆଗୁଣ୍ଡି ପୋକ ନିୟନ୍ତ୍ରଣ



**ଦେବବ୍ରତ ପାଣିଗ୍ରାହୀ**

**ମା**ଟିଆଗୁଣ୍ଡି ପୋକ ଓଡ଼ିଶାର ଉଭୟ ଖରିଫ ଓ ରବି ଧାନଫସଲର ମାରାତ୍ମକ ପୋକଙ୍କ ମଧ୍ୟରୁ ଅନ୍ୟତମ । ଆମ ରାଜ୍ୟରେ ୨୦୧୭ ଖରିଫ ଧାନ ଫସଲର ଏହି କୀଟ ବ୍ୟାପକ କ୍ଷତି ଘଟାଇଥିଲା। ଚଳିତବର୍ଷ ଖରିଫ ଧାନ ଫସଲରେ ମଧ୍ୟ ଏହି କୀଟର ଆକ୍ରମଣ ରାଜ୍ୟର କେତେକ ଅଞ୍ଚଳରେ ଅତ୍ୟଧିକ ହେବାର ସୂଚନା ମିଳୁଛି। ସେପ୍ଟେମ୍ବର ଚତୁର୍ଥ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଓଡ଼ିଶାର ଜଳବାୟୁ ଓ ଧାନ ଫସଲରୁ ମିଳୁଥିବା ଖାଦ୍ୟ ଏହି ପୋକର ବଂଶବୃଦ୍ଧି ପାଇଁ ଅନୁକୂଳ ହୋଇଥିବା ଯୋଗୁ ଆଗାମୀ ଦିନରେ ଏହାର ପ୍ରାଦୁର୍ଭାବ ଯଥେଷ୍ଟ ବଢି ବ୍ୟାପକ କ୍ଷତି ହେବା ଅନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଚାଷୀଙ୍କ ଅବଗତି ନିମନ୍ତେ ଏହି ମାରାତ୍ମକ କୀଟର ସଫଳ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ସମନ୍ୱିତ ନିୟନ୍ତ୍ରଣ ପ୍ରଣାଳୀ ବିଷୟରେ ସୂଚିତ କରାଯାଉଛି।

–ବର୍ତ୍ତମାନ ଓଡ଼ିଶାରେ ଅଧିକ ଆକ୍ରମଣାତ୍ମକ ବଂଶଜ, ବହୁଦୂର ଯାତ୍ରା କରିବାର କ୍ଷମତା, ବ୍ୟବହୃତ କୀଟନାଶକ ସହିଷ୍ଣୁ ପୋକଗୋଷ୍ଠୀର ଉପସ୍ଥିତି ରହିଛି ଓ ଅଧିକ ଡେଣାଧାରୀ ପୋକର ଉତ୍ପତ୍ତିର ସୂଚନା ମିଳୁଛି। ସେପ୍ଟେମ୍ବର ଶେଷ ସପ୍ତାହରୁ ନଭେମ୍ବର ଦ୍ୱିତୀୟ ସପ୍ତାହ ମଧ୍ୟରେ ଅପେକ୍ଷାକୃତ ପାଣିପାଗ ଓ ଧାନଫସଲରୁ ମିଳୁଥିବା ଖାଦ୍ୟ ଏହାର ପ୍ରଜନନ ଓ ବଂଶବୃଦ୍ଧି ପାଇଁ ଅନୁକୂଳ ।

–ଅଧିକ ଅମଳ ଆଶାରେ ଅଜ୍ଞତାବଶତଃ ଗଛକୁ ଗଛ କମ୍ ଦୂରତାରେ ରୋଇବା, ଅଧିକ ଯବକ୍ଷାରଜାନ ଓ କମ୍ ପଟାସ ସାରର ପ୍ରୟୋଗ ଅଧିକ ଅଣ୍ଡା ଦେଇ



ବଂଶବୃଦ୍ଧିର ଆଶଙ୍କା ଓ ଅଧିକ ରସ ଶୋଷଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ସାରିଛି।

**ଆକ୍ରମଣଜନିତ ଲକ୍ଷଣ ଓ ଜୀବନଚକ୍ର:** ଏହା ଏକ ଛୋଟ ଧୂସର, ମାଟିଆ ଓ ବାଦାମୀରଙ୍ଗର କୀଟ, ସାଧାରଣତଃ ଏମାନେ ଧାନକ୍ଷେତର ପାଣି ଉପରକୁ ଥିବା ଧାନଗଛର ମୂଳ ଅଂଶରେ ବହୁସଂଖ୍ୟାରେ ରହନ୍ତି ଓ ରସ ଶୋଷି ଖାଆନ୍ତି। ସାଧାରଣତଃ ଏମାନେ ସ୍ଥିର ନ ରହି ମଝିରେ ମଝିରେ ଡେଇଁଥାନ୍ତି। ପତ୍ରାଚ୍ଛଦର ବାହାର ଅଂଶକୁ ଚିରି ଏହା ମଧ୍ୟରେ ଏମାନେ ଅଣ୍ଡା ଦେଇଥାନ୍ତି। ଏହି କଟା ସ୍ଥାନ ବାଦାମୀରଙ୍ଗର ହୋଇଥାଏ ଓ ଅଣ୍ଡା ଦେବା ସ୍ଥାନକୁ ସୂଚାଏ। ଅଣ୍ଡାରୁ ଅର୍ଭକ (ଛୋଟ ପୋକ) ୭-୧୦ ଦିନ ମଧ୍ୟରେ ବାହାରିଥାନ୍ତି ଓ ରସଶୋଷଣ ଆରମ୍ଭ କରନ୍ତି। ଜୀବନକାଳ ମଧ୍ୟରେ ଏମାନେ ୫ ଥର ଦେହରୁ କାତି ଛାଡି ବଢନ୍ତି ଓ ୧-୫ଟି କ୍ରମବର୍ଦ୍ଧିଷ୍ଣୁ ଜୀବନଚକ୍ର ଅତିବାହିତ କରି ୧୨-୧୩ ଦିନରେ ବୟସ୍କ ପୋକରେ ପରିଣତ ହୁଅନ୍ତି ଓ ଏହାର ୬-୩ ଦିନ ପରେ ମାଈପୋକ ଅଣ୍ଡା ଦେବା ଆରମ୍ଭ କରେ। ଅନୁକୂଳ ବାତାବରଣରେ ପୋକ ସଂଖ୍ୟା କମ୍ ଥାଇ ଅଧିକ ଖାଦ୍ୟ ଥିଲେ ବୟସ୍କ ପୋକଙ୍କ ଡେଣା ନ ଥାଏ। କିନ୍ତୁ ପୋକ ସଂଖ୍ୟା ବଢିଲେ ଅଧିକ ଡେଣା ଥିବା ପୋକ ସୃଷ୍ଟି ହୁଅନ୍ତି ଓ ନୂଆ ଅଞ୍ଚଳକୁ ଉଡିଯାଇ ଫସଲକୁ ଆକ୍ରମଣ କରନ୍ତି। ବହୁସଂଖ୍ୟକ ପୋକ ଏକ ସମୟରେ ଧାନଗଛର ମୂଳ ଭାଗକୁ ଆକ୍ରମଣକରି ରସ ଶୋଷି ନେଇ ଖଣ୍ଡିଆ କରିଦେବା ଯୋଗୁ ଖାଦ୍ୟ ଓ ପାଣି ଉପରି ଭାଗକୁ ଯାଇପାରେନାହିଁ। ତା'ପରେ ଗଛର ପତ୍ର ଆସ୍ତେ ଆସ୍ତେ ହଳଦିଆ ପଡିଯାଏ। ପୁନଶ୍ଚ ପୋକ ସଂଖ୍ୟା ବଢି ଅଧିକ ପରିମାଣରେ ଖାଇବା ଯୋଗୁ ଧାନଗଛ ଶୁଖି ମରିଯାଏ। ଫସଲ କିଆରିରେ ଗଛଗୁଡିକ ଚକଡା ଚକଡା ଧରି ମରିଯିବାରୁ ଓ ସବୁ ଗଛ ଶୁଖିଯିବାରୁ ନିଆଁ ଧାସରେ ଗଛ ପୋଡିଯିବାର ଭ୍ରମ ସୃଷ୍ଟିକରେ ଯାହାକୁ 'ଶସ୍ୟ ପୋଡ଼ା' ବା 'ହୋପର ବର୍ନ' ବୋଲି କୁହାଯାଏ ଓ ଏହି କୀଟକୁ 'ଚକଡ଼ା ପୋକ' କୁହାଯାଏ।

*–ସହଯୋଗୀ ଗବେଷଣା ନିର୍ଦ୍ଦେଶକ, ଆଞ୍ଚଳିକ ଗବେଷଣା ଓ ଜ୍ଞାନକୌଶଳ ସମ୍ପ୍ରସାରଣ କେନ୍ଦ୍ର, ମହିଷାପାଟ, ଢେଙ୍କାନାଳ, ମୋ:୯୪୩୭୨୭୨୦୦୯*

ପ୍ରଥମ ପୃଷ୍ଠାରୁ...

### ଅଣ୍ଡରଟେକିଂ ଲେଖିବେ...

ସବୁ ନିଯୋଗ ୩ ମାସ ମଧ୍ୟରେ କର୍ମକର୍ତ୍ତା ନିର୍ବାଚନ କରି ତାହାର ତାଲିକା ଦେବାକୁ ଏଥିରେ ଉଲ୍ଲେଖ ରହିଛି।

ଏହି ସର୍ତ୍ତଗୁଡ଼ିକ ହେଲା (୧) ନିଯୋଗର ସମସ୍ତ ସଦସ୍ୟ ଶ୍ରୀମନ୍ଦିରରେ ସେମାନଙ୍କର ସେବା ପାଳି ଦିନମାନଙ୍କରେ ସ୍ୱତଃପ୍ରବୃତ୍ତ, ଶୁଦ୍ଧପୂତ ଭାବେ ଏବଂ ନିଷ୍ଠାର ସହିତ ଧାର୍ଯ୍ୟ ସମୟରେ ଶ୍ରୀଜୀଉଙ୍କ ସେବା ସମ୍ପାଦନ କରିବେ। (୨) ନିଯୋଗର କୌଣସି ସଦସ୍ୟ ଶ୍ରୀମନ୍ଦିର ପରିସରରେ କୌଣସି ବ୍ୟକ୍ତିଙ୍କୁ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଅସୌଜନ୍ୟ ବ୍ୟବହାର କରିବେ ନାହିଁ କିମ୍ବା ଅଶାଳୀନ ଭାଷା ଓ ଭାବଭଙ୍ଗୀ ପ୍ରଦର୍ଶନ କରିପାରିବେ ନାହିଁ। ବିଶେଷକରି ମହିଳା ଦର୍ଶନାର୍ଥୀଙ୍କୁ ସମ୍ମାନ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ। (୩) କୌଣସି ସଦସ୍ୟ ଶ୍ରୀମନ୍ଦିର ପରିସରରେ ଭକ୍ତ ଓ ଦର୍ଶନାର୍ଥୀଙ୍କଠାରୁ ଦାନ, ଦକ୍ଷିଣା ଗ୍ରହଣ କରିପାରିବେ ନାହିଁ କିମ୍ବା ଏଥିପାଇଁ ଜୁଲମ କରିପାରିବେ ନାହିଁ। (୪) ଶ୍ରୀମନ୍ଦିର ପରିସରକୁ କୌଣସି ପ୍ରକାର ମାଦକ ଦ୍ରବ୍ୟ କିମ୍ବା ପାନ ଗୁଟ୍‌ଖା ଆଦି ଆଣିପାରିବେ ନାହିଁ କିମ୍ବା ସେବନ କରିପାରିବେ ନାହିଁ। (୫) ଶ୍ରୀମନ୍ଦିର ପରିସରରେ ମଳ, ମୂତ୍ର ତ୍ୟାଗ କରିବେ ନାହିଁ କିମ୍ବା ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ କୌଣସିଠାରେ ଛେପ ପକାଇବେ ନାହିଁ। (୬) ନିଯୋଗର ପ୍ରତ୍ୟେକ ସଦସ୍ୟ ଶ୍ରୀମନ୍ଦିରର ପବିତ୍ରତା, ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେବେ। ଏହି ବାବଦରେ ଶ୍ରୀମନ୍ଦିର ପ୍ରଶାସନ ଯେଉଁ ନିର୍ଦ୍ଦେଶ ଦେବେ ତାହାକୁ ପାଳନ କରିବେ। (୭) ଶ୍ରୀମନ୍ଦିର ପରିସରକୁ ବାହାରର ନିଷିଦ୍ଧ ଖାଦ୍ୟ ଦ୍ରବ୍ୟ ନେବେ ନାହିଁ କିମ୍ବା ସେବନ କରିବେ ନାହିଁ। (୮) ଶ୍ରୀମନ୍ଦିର ପ୍ରଶାସନ ସମୟକୁ ସମୟ ପ୍ରଣୟନ କରୁଥିବା ନିୟମ ନିର୍ଦ୍ଦେଶନାମାକୁ ବିନା ଦ୍ୱିଧାରେ ପାଳନ କରିବେ। (୯) ଆସନ୍ତା ୩ ମାସ ମଧ୍ୟରେ ଗୁପ୍ତ ଭୋଟ ଜରିଆରେ ଉତ୍ତମ ସଦସ୍ୟମାନଙ୍କୁ ନିଯୋଗର କର୍ମକର୍ତ୍ତା ଭାବେ ନିର୍ବାଚନ କରି ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇବେ। (୧୦) ଏଥିରେ କୌଣସି ଖିଲାପ ହେଲେ ନିୟମ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ନିଯୋଗ ଓ ନିଯୋଗର ସଦସ୍ୟମାନେ ବିନା ଦ୍ୱିଧାରେ ପାଳନ କରିବେ। ଏଭଳି ୧୦ ସୂତ୍ରୀ ସର୍ତ୍ତାବଳୀ ଶ୍ରୀମନ୍ଦିର ପ୍ରଶାସନ ସବୁ ନିଯୋଗକୁ ପଠାଇଛି। ନିଯୋଗର ସଭାପତି, ସମ୍ପାଦକ ଏଥିରେ ଦସ୍ତଖତ କରିବେ।

ଏ ସମ୍ପର୍କରେ ଡ. ପ୍ରଫୁଲ୍ଲ ରଥ କହିଛନ୍ତି, ଆମର ଅଯୋଗ୍ୟତାରୁ ଶ୍ରୀମନ୍ଦିରର ଧର୍ମୀୟ ବ୍ୟବସ୍ଥା ଭିତରକୁ ସୁପ୍ରିମ୍‌କୋର୍ଟଙ୍କୁ ଡାକି ଆଣିଛେ। ସେବାୟତଙ୍କ ଉପରେ ଭକ୍ତ, ସରକାର, ସୁପ୍ରିମ୍‌କୋର୍ଟ ସମସ୍ତେ ଅସନ୍ତୁଷ୍ଟ। ସେବାୟତମାନେ ହେଉଛନ୍ତି ଆଧ୍ୟାତ୍ମିକ ଏବଂ ଧାର୍ମିକ ବ୍ୟକ୍ତି। ସେମାନେ ବିରୋଧରେ ଯଦି ଅଭିଯୋଗ ନ ଥାନ୍ତା ତେବେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା। ତେଣୁ ସର୍ବୋଚ୍ଚ ଅଦାଲତ ଶ୍ରୀମନ୍ଦିରରେ ବିଶୃଙ୍ଖଳାକୁ କିପରି ରୋକାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅଣ୍ଡରଟେକିଂ ମାଗିବା ହେଉ ଅବା ଯାହା ବି ସଂସ୍କାର ପାଇଁ ପଦକ୍ଷେପ ନିଆଯାଉଛି ତାହାକୁ ସମର୍ଥନ କରିବା ଦରକାର।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ପୁରୀ ଆସିଥିଲେ। ୨୧ ଓ ୨୨ ତାରିଖ ଦୁଇଦିନ ଧରି ଶ୍ରୀମନ୍ଦିର ସଂସ୍କାର ମାମଲାରେ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଶ୍ରୀମନ୍ଦିର ପରିଦର୍ଶନ କରି ନିଜେ ବାସ୍ତବ ସ୍ଥିତି ପରଖିଥିଲେ। ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା ପାଇଁ ସବୁ ପକ୍ଷ ଆମିକସ୍ କ୍ୟୁରିଙ୍କ ସମ୍ମୁଖରେ ମତ ରଖିଥିଲେ। ତେଣୁ ଦିଲ୍ଲୀ ଫେରିଯିବା ପରେ ସଂଗୃହୀତ ତଥ୍ୟକୁ ତର୍ଜମା କରି ସେ ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଥିଲେ। ସେବାୟତମାନେ ବିଭିନ୍ନ ସର୍ତ୍ତ ଉପରେ ଅଣ୍ଡରଟେକିଂ ଲେଖି ଦେବା ପରେ ସେ ସୁପ୍ରିମ୍‌କୋର୍ଟରେ ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବେ ବୋଲି ଚିଠିରେ ଉଲ୍ଲେଖ କରିଥିଲେ।

### ନଭେମ୍ବର ପହିଲାରୁ ...

ଅଭିଯାନ ଜୋରଦାର କରିବା ପାଇଁ ନଗର ଉନ୍ନୟନ ବିଭାଗକୁ କୁହାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଏମ୍. ମୁରୁଗୁସେନ କହିଛନ୍ତି। ତେବେ ପଲିଥିନ କଟକଣା ଯୋଗୁ ଖୁଚୁରା ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜରିମାନା ଭୟରେ ଖୁଚୁରା ବ୍ୟବସାୟୀମାନେ ପଲିଥିନ ଆଣିବା ବନ୍ଦ କରିଛନ୍ତି। ଯାହା ଗଚ୍ଛିତ ଅଛି ସେଗୁଡିକୁ ଶେଷ କରିବା ପାଇଁ ଜୋରସୋର ଉଦ୍ୟମ ଚଳାଇଛନ୍ତି। ପରିବା ବ୍ୟବସାୟୀ ନରେନ୍ଦ୍ର ନାୟକ କହିଛନ୍ତି, ସରକାର କଟକଣା ଲଗାଇଥିବାରୁ ଆମେ ଆଉ ପଲିଥିନ ଆଣୁ ନାହୁଁ। ଗରାଖମାନେ ଘରୁ ବ୍ୟାଗ ନେଇ ଆସିଲେ କୌଣସି ଅସୁବିଧା ହେବ ନାହିଁ। ପଲିଥିନ ନ ଥିବାରୁ ବ୍ୟବସାୟ ଟିକେ ମାନ୍ଦା ହୋଇଛି। ଅଧିକ ମୋଟାର ପଲିଥିନବ୍ୟାଗ କିଣିଲେ ଆମକୁ ଖର୍ଚ୍ଚାନ୍ତ ହେବାକୁ ପଡିବ। ତେବେ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି। ଗ୍ରାହକମାନେ ପଲିଥିନରେ ବ୍ୟବହାର୍ଯ୍ୟ ସାମଗ୍ରୀ ନେଉଥିବା ଦେଖାଯାଉଛି। ଗ୍ରାହକ ସୁଧାଂଶୁ ସାହୁ କହିଛନ୍ତି, ପଲିଥିନରେ ଜିନିଷ ନେବା ଅଭ୍ୟାସରେ ପରିଣତ ହୋଇଯାଇଛି। ଏଥିପାଇଁ ଆହୁରି ସମୟ ଲାଗିବ। ପଲିଥିନ ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ସମସ୍ତେ କଟକଣାକୁ ମାନିବା ଦରକାର।

କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମ କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି।

### 'ଗରିବଙ୍କ କଥା...

ଏହା ମୋତେ ବହୁତ ଖୁସି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗରିବ ଲୋକଙ୍କ ସେବା ପାଇଁ କେବେ ବି ଟଙ୍କାର ଅଭାବ ରହିବ ନାହିଁ। ଏହା ଆପଣମାନଙ୍କ ଟଙ୍କା। ଓଡ଼ିଶାବାସୀଙ୍କର ଟଙ୍କା। ଆପଣମାନଙ୍କ ପାଇଁ ଖର୍ଚ୍ଚ କରାଯାଇଛି। ଜଣେ ବି ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ଦେବି ନାହିଁ। ଗାନ୍ଧୀ ଜୟନ୍ତୀରେ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରି ମୁଁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରିଥିଲେ। ସବୁ ଜିଲାର ହିତାଧିକାରୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଯୋଗାଯୋଗ କରାଯାଇଥିଲା। ବଲାଙ୍ଗୀର ବଙ୍ଗମୁଣ୍ଡା, ସୁନ୍ଦରଗଡ଼ର ରାଜଗାଙ୍ଗପୁର, ମୟୂରଭଞ୍ଜର ଖୁଣ୍ଟା ଓ ବାଲେଶ୍ୱରର ଜଳେଶ୍ୱରରେ ହିତାଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଥିଲେ। ବଙ୍ଗମୁଣ୍ଡାର ଅନୁଛାୟା କୁମ୍ଭାର, ରାଜଗାଙ୍ଗପୁରର ଇନ୍ଦୁମତି, ଖୁଣ୍ଟାର ମାମା ମୁର୍ମୁ ଏବଂ ଜଳେଶ୍ୱରର ଜଣେ ଭିନ୍ନକ୍ଷମ ଆନନ୍ଦ ମୁଖି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏହି ସୁବିଧା ପାଇଁ ଧନ୍ୟବାଦ ଦେଇଥିଲେ।

ସଚିବାଳୟରେ ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଯୋଗ ଦେଇଥିଲେ। ଜିଲାସ୍ତରରେ ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାରେ ୧୮ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ୧ ଟଙ୍କାରେ(ପ୍ରତି କିଲୋ) ମୁଣ୍ଡ ପିଛା ୫ କିଲୋ ହିସାବରେ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ୨୦୧୮-୧୯ ଆର୍ଥିକବର୍ଷର ଅତିରିକ୍ତ ବଜେଟରେ ୮୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଗରିବ ଲୋକମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଅକ୍ଟୋବର ୩ରୁ ୧୦ ତାରିଖ ମଧ୍ୟରେ ବ୍ଲକସ୍ତରରେ ଏସ୍‌ଏଫ୍‌ଏସ୍‌ଏସ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମ କରାଯିବ। ସେଠାରେ ବ୍ଲକ ଓ ଜିଲା ଜନପ୍ରତିନିଧିମାନେ ଉପସ୍ଥିତ ରହି ନୂତନ ରାଶନ କାର୍ଡ ବଣ୍ଟନ କରିବା ସହିତ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲିଖିତ ଚିଠି ମଧ୍ୟ ପ୍ରଦାନ କରିବେ। ସମସ୍ତ କଣ୍ଟ୍ରାକ୍ଟର ଗୋଦାମରୁ ଚାଉଳ ନେଇ ଡିଲର ପଏଣ୍ଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ତାରିଖରୁ ହିତାଧିକାରୀମାନେ ନିଜର ଚାଉଳ ସଂଗ୍ରହ କରିବେ।

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 72.91 (↑43) | 36,526.14 (↑299) | 11,008.30 (↑77.85) | 31,475.00 (↓₹75) | 38,950.00 (↓₹150) |

## ସଂକ୍ଷେପରେ

### ମହଙ୍ଗା ହେବ ଗୃହ ଋଣ



**ମୁମ୍ବାଇ,୨-୧୦:** ରିଜର୍ଭ ବ୍ୟାଙ୍କର ମନିଟାରି ପଲିସି କମିଟି(ଏମ୍‌ପିସି)ର ବୈଠକ ପୂର୍ବରୁ କ୍ରମାଗତ ତୃତୀୟ ଥର ଲାଗି ବ୍ୟାଙ୍କମାନେ ସୁଧ ହାର ବଢ଼ାଇଛନ୍ତି। ଚଳିତ ସପ୍ତାହରେ ଏମ୍‌ପିସି ବୈଠକ ହେବାକୁ ଯାଉଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ), ଆଇସିଆଇସିଆଇ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କମ୍ପାନୀ(ଏଚ୍‌ଡିଏଫସି) ସେମାନଙ୍କ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡ ବେସଡ ଲେଣ୍ଡିଂ ରେଟ(ଏମ୍‌ସିଏଲଆର) ଏବଂ ରିଟେଲ ପ୍ରାଇମ ଲେଣ୍ଡିଂ ରେଟ୍‌କୁ ୫ରୁ ୧୦ ବେସିସ୍ ପଏଣ୍ଟ ବୃଦ୍ଧି କରିଛନ୍ତି। ଅନ୍ୟ ଅର୍ଥରେ ବୁଝିଲେ ସେମାନେ ଗୃହ ଋଣ ମହଙ୍ଗା କରିଛନ୍ତି। ଏସ୍‌ବିଆଇ ଏମ୍‌ସିଏଲଆରରେ ୦.୦୫% ବୃଦ୍ଧି କରିଛି। ଏହା ସୋମବାରରୁ ଲାଗୁ ହୋଇଯାଇଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କ ଏମ୍‌ସିଏଲଆରରେ ୦.୧ ପ୍ରତିଶତ ବୃଦ୍ଧି କରିଛି। ଶନିବାର ପିଏନ୍‌ବି ସ୍ୱଳ୍ପ ମିଆଦୀ ଋଣର ଏମ୍‌ସିଏଲଆର୍‌କୁ ୦.୨% ବଢ଼ାଇଛି। ଅନ୍ୟପକ୍ଷରେ ଏଚ୍‌ଡିଏଫସି ଆର୍‌ପିଏଲ୍‌ଆରକୁ ତତ୍କାଳ ପ୍ରଭାବରେ ୦.୧୦ ପ୍ରତିଶତ ବଢ଼ାଇଛି। ଏହି ନିଷ୍ପତ୍ତି ଯୋଗୁ ଗୃହ ଋଣ ନେଉଥିବା ଗ୍ରାହକଙ୍କୁ ଅଧିକ ଇଏମ୍‌ଆଇ ଦେବାକୁ ପଡିବ।

### ଭାରତର ବାଣିଜ୍ୟ ନୀତିକୁ ଟ୍ରମ୍ପଙ୍କ ସମାଲୋଚନା

**ୱାଶିଂଟନ,୨-୧୦:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତର ବାଣିଜ୍ୟ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଭାରତର ବାଣିଜ୍ୟ ନୀତିକୁ ସେ କଠୋର ସଂରକ୍ଷଣବାଦ ସହ ତୁଳନା କରିଛନ୍ତି। ଆମେରିକା ଓ କାନାଡା ମଧ୍ୟରେ ନାଫ୍‌ଟା ଚୁକ୍ତି(ଉତ୍ତର ଆମେରିକା ମୁକ୍ତ ବାଣିଜ୍ୟ ଚୁକ୍ତି) ସ୍ୱାକ୍ଷର ଅବସରରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି ଯେ, ଭାରତ ଓ ବ୍ରାଜିଲ ଭଳି ଦେଶ ବିଶ୍ୱର ଶୀର୍ଷ ଅର୍ଥନୀତି କୁହାଯାଉଥିବା ଆମେରିକା ସହିତ ଭେଦଭାବପୂର୍ଣ୍ଣ ବ୍ୟବହାର କରୁଛନ୍ତି। ଆମେରିକାର ସାମଗ୍ରୀ ଉପରେ ଭାରତ ଅତ୍ୟଧିକ ଶୁଳ୍କ ଲାଗୁ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଏ ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିଛନ୍ତି ଏବଂ ସେ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ବୋଲି ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି। ଆମେରିକା ସହିତ ବାଣିଜ୍ୟ ଚୁକ୍ତି କରି ଭାରତ ତାଙ୍କୁ ଖୁସି କରିବାକୁ ଚାହୁଁଛି ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ ଦିନକ ପୂର୍ବରୁ କହିଥିଲେ।

### ଚଳିତ ଆର୍ଥିକବର୍ଷରେ ଲାଭକୁ ଫେରିବ ପିଏନ୍‌ବି

**ଥିରୁଭାନନ୍ତପୁରମ,୨-୧୦:** ହୀରା ବ୍ୟବସାୟୀ ନୀରବ ମୋଦିଙ୍କ କାରଣରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର କ୍ଷତି ସହିଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଚଳିତ ୨୦୧୮-୧୯ ଆର୍ଥିକ ବର୍ଷରେ ଲାଭକୁ ଫେରିବ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସୁନୀଲ ମେହଟ୍ଟା କହିଛନ୍ତି। ତାଙ୍କ ମତରେ ନୀରବ ମୋଦି ମାମଲା ଏବେ ବ୍ୟାଙ୍କ ପାଇଁ ଅତୀତ ହୋଇଗଲାଣି। ଆସନ୍ତା କ୍ୱାର୍ଟରଗୁଡ଼ିକରେ ବ୍ୟାଙ୍କ ଲାଭ କରିବାକୁ ଯାଉଥିବା ନେଇ ଆକାଉଣ୍ଟରେ ଦେଖିବାକୁ ମିଳିବ। କେରଳ ବନ୍ୟା ପୀଡିତଙ୍କୁ ସହାୟତା ବାବଦରେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ୫ କୋଟି ଟଙ୍କାର ଏକ ଚେକ୍‌କୁ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ ପ୍ରଦାନ କରିଥିଲେ। ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ଉକ୍ତ ଅର୍ଥ ସଂଗ୍ରହ କରାଯାଇଥିଲା। ସେ କହିଛନ୍ତି ଯେ, ନୀରବ ମୋଦି ଋଣ ଠକେଇ ମାମଲାର ପର୍ଦ୍ଦାଫାଶ ପରେ ବ୍ୟାଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଫଳସ୍ୱରୂପ ବ୍ୟାଙ୍କର ଆର୍ଥିକ ସ୍ଥିତି ଧୀରେ ଧୀରେ ସୁଧୁରୁଛି। ହୋଇଥିବା ବଡ଼ଧରଣର କ୍ଷତି କମାଇବାରେ ବ୍ୟାଙ୍କ ସଫଳ ହୋଇଛି। ଉଲ୍ଲେଖଥାଉ କି, ଚଳିତ ଆର୍ଥିକ ବର୍ଷର ଜୁନ୍ କ୍ୱାର୍ଟରରେ ବ୍ୟାଙ୍କର ୯୪୦ କୋଟି ଟଙ୍କାର କ୍ଷତି ହୋଇଛି। ୨୦୧୭-୧୮ରେ ଏହାର ପରିମାଣ ମାତ୍ର ୩୪୨.୪୦ କୋଟି ଟଙ୍କା ଥିଲା।

> ୨୦୩୦ ସୁଦ୍ଧା ଅଣ ଜୀବାଶ୍ମ ଇନ୍ଧନରୁ ୪୦% ଶକ୍ତି ଉତ୍ପାଦନ ଲାଗି ଭାରତ ଲକ୍ଷ୍ୟ ରଖିଛି।
> – ନରେନ୍ଦ୍ର ମୋଦି,ପ୍ରଧାନମନ୍ତ୍ରୀ



> ପାର୍ବଣ ଋତୁରେ ବିକ୍ରି ଲାଗି ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ କମ୍ପାନୀର କ୍ଷମତା ବୃଦ୍ଧିରେ ସହାୟକ ହେବ।
> – କ୍ରିଷ୍ଣା ରାଘବନ, ବରିଷ୍ଠ ଉପସଭାପତି, ଫ୍ଲିପକାର୍ଟ



### ପୁଣି ଆରମ୍ଭ ହେବ ପୁରୁଣା ବ୍ୟବସ୍ଥା

# ନୂଆ ସିମ୍ ପାଇବାକୁ ଲାଗିଯିବ ୭ ଦିନ

**ନୂଆଦିଲ୍ଲୀ,୨-୧୦**

ନୂଆ ମୋବାଇଲ ଫୋନ୍ ସିମ୍ ପାଇଁ ଆଧାର ଦେବା ଜରୁରୀ ନୁହେଁ ବୋଲି ନିକଟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଣୁ ଆଧାର ନ ଦେଇ ଏବେ ନୂଆ ସିମ୍ ନେବା ସହଜ ହେବନି। ଏଥିପାଇଁ ଅନେକ ଧାଁଦୌଡ଼ କରିବାକୁ ପଡ଼ିବ। ନୂଆ ସିମ୍ ପାଇବାକୁ ହେଲେ ପ୍ରାୟ ଏକ ସପ୍ତାହ ଅପେକ୍ଷା କରିବାକୁ ପଡ଼ିବ। ଏଭଳି ବ୍ୟବସ୍ଥା ଆଧାର ଲାଗୁ ହେବା ପୂର୍ବରୁ ଚାଲିଥିଲା।

ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ଟେଲିକମ କମ୍ପାନୀମାନେ ନୂଆ ସିମ୍ ପାଇଁ ଗ୍ରାହକଙ୍କ ଠାରୁ ଆଧାର ନମ୍ବର ନେଇପାରିବେ ନାହିଁ। ଏହି କାରଣରୁ ଏବେ ନୂଆ ସିମ୍ ପାଇବାର ଅପେକ୍ଷା ପ୍ରାୟ ୨୮ ଗୁଣ ବଢ଼ିଯିବ। ଆଧାର ସହାୟତାରେ କମ୍ପାନୀମାନେ ମାତ୍ର ଅଧ ଘଣ୍ଟାଏରେ ନୂଆ ସିମ୍ ଆକ୍ଟିଭେଟ୍ ଅର୍ଥାତ୍ ଚାଲୁ କରିଦେଉଥିଲେ। ଏହି ୩୦ ମିନିଟ୍ ସମୟ ଭିତରେ ସେମାନେ ଆଧାର ସହାୟତାରେ ଗ୍ରାହକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଯାଞ୍ଚ କରି ନେଉଥିଲେ। କିନ୍ତୁ ଏବେ ଏଥିପାଇଁ ୭ ଦିନ ସମୟ ଲାଗିଯିବ। ବିନା ଆଧାରରେ ଏବେ ଟେଲିକମ କମ୍ପାନୀ ତଥ୍ୟର ଯାଞ୍ଚ ପାଇଁ ୨ରୁ ୩ ଦିନ ସମୟ ନେବେ। କମ୍ପାନୀ ପ୍ରତିନିଧି ଗ୍ରାହକଙ୍କ ଠିକଣାରେ ଯାଇ ତାଙ୍କ ଠାରୁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରି ଯାଞ୍ଚ କରିବେ। ଗ୍ରାହକଙ୍କ ସ୍ୱାକ୍ଷର ଥିବା ସମସ୍ତ କାଗଜପତ୍ରକୁ ଯାଞ୍ଚ ଲାଗି ସେମାନେ କମ୍ପାନୀକୁ ପଠାଇବେ। କମ୍ପାନୀ ପୁଣି ଫୋନ୍ ମାଧ୍ୟମରେ ତଥ୍ୟର ଯାଞ୍ଚ କରି ସତ୍ୟତା ପରଖିବେ। ଏହା ପରେ ଯାଇ ଗ୍ରାହକଙ୍କ ସିମ୍‌କୁ ଆକ୍ଟିଭ ଅର୍ଥାତ୍ ଚାଲୁ କରାଯିବ। ସୂଚନାଥାଉ କି, ଇ-କେୱାଇସିରେ ଆଧାର ବ୍ୟବହାର ବନ୍ଦ ପାଇଁ ୧୫ ଦିନ ଭିତରେ ଯୋଜନା ସମ୍ପର୍କରେ ଜଣାଇବାକୁ ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ସମସ୍ତ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଣୁ ଟେଲିକମ କମ୍ପାନୀମାନେ ପୁଣି ଥରେ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଯିବାକୁ ବାଧ୍ୟ ହେବେ।

#### ଦାଖଲ କରିବାକୁ ପଡ଼ିବ ନୂଆ କେୱାଇସି

କେବଳ ଆଧାର ନମ୍ବର ଦେଇ ମୋବାଇଲ ସିମ୍ ନେଇଥିବା ବ୍ୟକ୍ତିବିଶେଷଙ୍କୁ ନିକଟ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ। ଆଧାର ଡିଲିଙ୍କ୍ ବା ସଂଯୋଗ ବିଚ୍ଛିନ୍ନ ହେଲା ପରେ ଗ୍ରାହକଙ୍କୁ ପୁଣି ଥରେ କେୱାଇସି(ନୋ ଇଓର କଷ୍ଟମର) ଫର୍ମ ପୂରଣ କରିବାକୁ ପଡିପାରେ। ଏଥିପାଇଁ ଟେଲିକମ କମ୍ପାନୀମାନେ କହିପାରନ୍ତି। କାରଣ ଆଧାର ନମ୍ବର ଦେଇ ସିମ୍ ନେଇଥିବା ଗ୍ରାହକ ନିଜର ପରିଚୟ, ଠିକଣା ଆଦି ତଥ୍ୟ ସମ୍ବଳିତ କାଗଜପତ୍ର ଟେଲିକମ କମ୍ପାନୀଙ୍କୁ ଦାଖଲ କରି ନ ଥିଲେ। ଲିଙ୍କ୍ କଟି ଯିବା କ୍ଷେତ୍ରରେ କମ୍ପାନୀମାନେ ଏଣିକି ସମସ୍ତ କାଗଜପତ୍ର ମାଗିବା ଥୟ। ମିଳିଥିବା ସୂଚନାନୁଯାୟୀ ଆଧାର ଡିଲିଙ୍କ୍ ବା ସଂଯୋଗ କାଟିବାକୁ ଚାହୁଁଥିବା ଗ୍ରାହକଙ୍କୁ ଅନ୍ୟ କୌଣସି ପ୍ରମାଣପତ୍ର ଦାଖଲ କରିବାକୁ ପଡିବ। ଏଥିରେ ଡ୍ରାଇଭିଂ ଲାଇସେନ୍ସ, ପାର୍ସପୋର୍ଟ, ରାଶନ କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସବୁକ୍, ଇଲେକ୍ଟ୍ରି ବିଲ୍ ଆଦି ହୋଇପାରେ। ତେବେ ଏ ସମ୍ପର୍କରେ ଟେଲିକମ୍ କମ୍ପାନୀମାନେ ଖୁବଶୀଘ୍ର ନିଷ୍ପତ୍ତି ନେବେ।



### ଚାରି ବର୍ଷର ସର୍ବୋଚ୍ଚ ସ୍ତରରେ ଅଶୋଧିତ ତେଲ

## ଓପେକ୍ ବିରୋଧରେ ଆଣ୍ଟି ଟ୍ରଷ୍ଟ ବିଲ୍ ଆଣିବ ଆମେରିକା

**ୱାଶିଂଟନ,୨-୧୦**

ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ୪ ବର୍ଷର ସର୍ବୋଚ୍ଚ ସୀମା ଛୁଇଁବା ପରେ ଆମେରିକାର ଚେତା ପଶିଛି। ମଙ୍ଗଳବାର ବ୍ରେଣ୍ଟ କ୍ରୁଡ ଦର ବ୍ୟାରେଲ ପିଛା ୮୪.୬୧ ଡଲାର ରହିଛି। ଏହା ୪ ବର୍ଷର ସର୍ବୋଚ୍ଚ ସ୍ତର ୮୫.୪୫ ଡଲାର ଛୁଇଁଥିଲା। ତୈଳ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଉତ୍ପାଦକ ଦେଶ ଓପେକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆମେରିକା ଏବେ ଅଣ୍ଟାଭିଡିଛି। ଓପେକକୁ ଦଣ୍ଡିତ କରିବା ଲାଗି 'ନୋପେକ୍' ନାମରେ ଆମେରିକା ସଂସଦରେ ଏକ ଆଣ୍ଟିଟ୍ରଷ୍ଟ ବିଲ୍ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ବୁଧବାର ୟୁଏସ୍ ସିନେଟ୍ ସବ୍‌କମିଟି ଏହି ନୋପେକ୍ ବିଲ୍ ସମ୍ପର୍କରେ ଶୁଣାଣି କରିବେ। ଆମେରିକା କଂଗ୍ରେସରେ ଏହି ବିଲ୍ ଅନୁମୋଦନ ଲାଭ କଲେ ଓପେକ୍ ଦେଶକୁ ପୂର୍ବରୁ ମିଳୁଥିବା ସୁରକ୍ଷାକୁ ହଟାଇ ଦିଆଯିବ ଏବଂ ଆମେରିକା ସହଜରେ ସେ ଦେଶଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଓପେକ୍ ଦେଶଗୁଡିକ ତେଲ ଓ ଗ୍ୟାସ୍ ଉତ୍ପାଦନ କମାଇଲେ ଏହା ବିରୋଧରେ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଏହି ନୋପେକ୍ ବିଲ୍‌କୁ ଆମେରିକାର ବହୁ ପୂର୍ବତନ ରାଷ୍ଟ୍ରପତି ବିରୋଧ କରିଥିଲେ। କିନ୍ତୁ ବର୍ତ୍ତମାନର ପ୍ରଶାସନ ଏହି ବିଲ୍ ସପକ୍ଷରେ ରହିଛି। କାରଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୈଳ ଉତ୍ପାଦନ କମ୍ ହେଉଥିବା ନେଇ ଓପେକ୍ ଦେଶକୁ ବାରମ୍ବାର ଚେତାଇ ଆସୁଛନ୍ତି ଏବଂ ସମାଲୋଚନ କରୁଛନ୍ତି।

## ବୀମା ବ୍ରୋକିଂ: ୧୦୦% ଏଫଡିଆଇ ପାଇଁ ବିଚାର

**ନୂଆଦିଲ୍ଲୀ,୨-୧୦**

କେନ୍ଦ୍ର ସରକାର ବୀମା ବ୍ରୋକିଂ କ୍ଷେତ୍ରରେ ୧୦୦ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ସରକାରଙ୍କ ଏପରି ପଦକ୍ଷେପ ଦ୍ୱାରା ଏହି କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏଫଡିଆଇ ନୀତିରେ ବୀମା କ୍ଷେତ୍ରରେ ୪୯% ବିଦେଶୀ ନିବେଶକୁ ଅନୁମତି ଦିଆଯାଇଛି। ଉଦ୍ୟୋଗ ନୀତି ଏବଂ ପ୍ରୋତ୍ସାହନ ବିଭାଗ (ଡିଆଇପିପି)ର ସଂଜ୍ଞା ଅନୁଯାୟୀ ଏଫଡିଆଇ ନୀତିରେ ବୀମା ବ୍ରୋକିଂ, ବୀମା କମ୍ପାନୀ, ତୃତୀୟ ପକ୍ଷ ପ୍ରଶାସକ,ସର୍ଭେୟର ଏବଂ କ୍ଷତି ଆକଳନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି। ବୀମା ବ୍ରୋକିଂକୁ ୧୦୦% ଏଫଡିଆଇ ଲାଗୁ ହୋଇଥିବା ଅନ୍ୟ ମଧ୍ୟସ୍ଥ ସଂସ୍ଥାଙ୍କ ଭଳି ସମାନ ଦୃଷ୍ଟିରେ ଦେଖିବା ଉଚିତ୍ ବୋଲି ବିଭିନ୍ନ ସମୟରେ ଦାବି ହୋଇଆସୁଛି। ନିକଟରେ ଉଚ୍ଚସ୍ତରୀୟ ଆନ୍ତଃ ମନ୍ତ୍ରଣାଳୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା।

## ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ୪ ନିର୍ଦ୍ଦେଶକଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ

**ନୂଆଦିଲ୍ଲୀ,୨-୧୦**

ଋଣରେ ବୁଡ଼ି ରହିଥିବା ଇନଫ୍ରାଷ୍ଟ୍ରକଚର୍ ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ର ୪ ଜଣ ନିର୍ଦ୍ଦେଶକ ଅବସରପ୍ରାପ୍ତ ରବି ପାର୍ଥସାରଥି, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ପୂର୍ବତନ ଉପାଧ୍ୟକ୍ଷ ହରି ଶଙ୍କରନ, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ପୂର୍ବତନ ଏମ୍‌ଡି ରମେଶ ବାୱା ଏବଂ ଡାଇରେକ୍ଟର କେ.ରାମଚାନ୍ଦଙ୍କ ବିରୋଧରେ କେନ୍ଦ୍ର ସରକାର ବିମାନ ବନ୍ଦରରେ ଲୁକ୍‌ଆଉଟ ନୋଟିସ ଜାରି କରିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ନିଜ ଆବେଦନରେ କେନ୍ଦ୍ର ସରକାର ଦର୍ଶାଇଥିଲେ ଯେ, ଉପରୋକ୍ତ ୪ ଜଣ ନିର୍ଦ୍ଦେଶକ ଦେଶ ଛାଡ଼ି ପଳାଇବାର ସମ୍ଭାବନା ରହିଛି। ସେହି କାରଣରୁ ସରକାର ସେମାନଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରିଛନ୍ତି। ଚିକିତ୍ସା ଲାଗି ପାର୍ଥସାରଥି ଏବେ ଲଣ୍ଡନରେ ଥିବା ବେଳେ ଅନ୍ୟ ୩ ଜଣ ତଦନ୍ତ ଶେଷ ପର୍ଯ୍ୟନ୍ତ ବିଦେଶ ଯାଇପାରିବେ ନାହିଁ।

## ହିରୋ ମୋଟୋକର୍ପର ବିକ୍ରି ରେକର୍ଡ

**ନୂଆଦିଲ୍ଲୀ,୨-୧୦**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଗୋଟିଏ ମାସରେ ରେକର୍ଡ ସଂଖ୍ୟକ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। କମ୍ପାନୀ ୨୦୧୮ ସେପ୍ଟେମ୍ବରରେ ୭.୬୯ ଲକ୍ଷ ଯାନ (ସ୍କୁଟର ଏବଂ ବାଇକ୍) ବିକ୍ରି କରିଥିବା ସୂଚନା ଦେଇଛି। ହିରୋ ମୋଟୋକର୍ପ ୫ମଥର ଲାଗି ଗୋଟିଏ ମାସରେ ୭ ଲକ୍ଷ ୟୁନିଟରୁ ଅଧିକ ଯାନ ବିକ୍ରି କରିଛି । ଚଳିତ ଆର୍ଥିକ ବର୍ଷ ତୃତୀୟ ଥର ଲାଗି କମ୍ପାନୀ ଏହି ସଫଳତା ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀର ବିକ୍ରି ୪.୨ ନିୟୁତ ୟୁନିଟ୍ ରହିଛି। ପାର୍ବଣ ସମୟରେ ଭଲ ବିକ୍ରି ନେଇ ଏହା ଆଶାବାଦୀ ରହିଛି। ଏହା ନୂଆ କରି ପ୍ରିମିୟମ ସେଗମେଣ୍ଟରେ ଏକ୍ସଟ୍ରିମ ୨୦୦ ଆର୍ ବାଇକ ବଜାରକୁ ଆଣିଥିବା କମ୍ପାନୀ ପକ୍ଷରୁ ପ୍ରକାଶ।

## ଗୋଦ୍‌ରେଜ ଆପ୍ଲାଏନ୍ସ ପକ୍ଷରୁ ପାର୍ବଣ ଅଫର

**ନୂଆଦିଲ୍ଲୀ,୨-୧୦**

ପ୍ରମୁଖ କମ୍ପାନୀ ଗୋଦ୍‌ରେଜ ଆପ୍ଲାଏନ୍ସ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ବିଭିନ୍ନ ବର୍ଗରେ ୪୦ ନୂଆ ଉତ୍ପାଦ ବଜାରକୁ ଆସିଛି। ଗୋଦ୍‌ରେଜ୍ ବର୍ତ୍ତମାନ ପ୍ରିମିୟମ୍ ପୋର୍ଟଫୋଲିଓ ଉପରେ ନଜର ରଖିଥିବା ପ୍ରକାଶ କରିଛି। ରେଫ୍ରିଜରେଟର, ୱାଶିଂମେଶିନ, ଚେଷ୍ଟ ଫ୍ରିଜର ଭଳି ଅନ୍ୟ ବର୍ଗରେ ନୂଆ ଉତ୍ପାଦ ଶୃଙ୍ଖଳାକୁ ଏହା ବୃଦ୍ଧି କରିଛି। ସ୍ୱତନ୍ତ୍ର ଅଫର ଦ୍ୱାରା ଗ୍ରାହକମାନେ ୬୦ ଟଙ୍କା ଦେଇ ଗୋଦରେଜ୍ ଆପ୍ଲାଏନ୍ସର ପ୍ରିମିୟମ ଉତ୍ପାଦମାନ ଲାଭ କରିବାକୁ ସକ୍ଷମ ହେବେ। ବଳକା ଅର୍ଥକୁ ଗ୍ରାହକ ବିନା ସୁଧ ଇଏମ୍‌ଆଇ ଭାବେ ପ୍ରଦାନ କରିପାରିବେ। ଅଫର ଅକ୍ଟୋବର ୧ ଠାରୁ ନଭେମ୍ବର ୧୫ ଯାଏ ଚାଲିବ। ପାର୍ବଣ ସମୟରେ କମ୍ପାନୀ ୩୦% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଫ୍ରଷ୍ଟ ଫ୍ରି ଏବଂ ପ୍ରିମିୟମ୍ ଡାଇରେକ୍ଟ କୁଲ୍ କ୍ଷେତ୍ରରେ ଏହା ୩୨ ପ୍ରଡକ୍ଟ ଏବଂ ୱାଶିଂ ମେଶିନ କ୍ଷେତ୍ରରେ ୧୦ ପ୍ରଡକ୍ଟ ବଜାରକୁ ଆଣିଛି। ଗ୍ରାହକ ଆକର୍ଷକ ଫାଇନାନ୍ସ ସୁବିଧା ସହ ୯୯୯ ଟଙ୍କା ଦେଇ ଫ୍ରିଜ, ୱାଶିଂ ମେଶିନ, ମାଇକ୍ରୋୱେଭ୍ ନେଇ ପାରିବେ। ସେହିଭଳି ୨୪୯୯ ଟଙ୍କା ଦେଇ ଏସି, ଚେଷ୍ଟ ଫ୍ରିଜର ପାଇପାରିବେ। ଏହା ସହ ବିଭିନ୍ନ ଆକର୍ଷକ ଉପହାର ଜିତିବାର ସୁଯୋଗ ମଧ୍ୟ ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ। ଆବଶ୍ୟକତା ଆଧାରରେ ସର୍ବୋତ୍ତମ ଉତ୍ପାଦ ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା ଗୋଦରେଜ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ତଥା ଉପସଭାପତି କମଲ ନନ୍ଦୀ ସୂଚନା ଦେଇଚନ୍ତି। ମୂଲ୍ୟ ଯୁକ୍ତ ଉତ୍ପାଦ ଦ୍ୱାରା ଗ୍ରାହକଙ୍କ ଜୀବନରେ ଖୁସି ଆଣିବା ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ସଞ୍ଜୀବ ଜୈନ ସୂଚନା ଦେଇଛନ୍ତି।

## ଟାଟା ଏସ୍ ଗୋଲ୍ଡ ପକ୍ଷରୁ 'ଘର ଲାଓ ଗୋଲ୍ଡ' କଣ୍ଟେଷ୍ଟ

**ଭୁବନେଶ୍ୱର,୨ -୧୦**

ଟାଟା ମୋଟର୍ସ ପକ୍ଷରୁ ଏହାର କ୍ଷୁଦ୍ର ବାଣିଜ୍ୟିକ ଯାନ ଏସ୍ ଗୋଲ୍ଡ ଲାଗି 'ଘର ଲାଓ ଗୋଲ୍ଡ' କଣ୍ଟେଷ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାରେ ୫ ଭାଗ୍ୟଶାଳୀ ବିଜେତାଙ୍କୁ ବଲିଉଡ ଷ୍ଟାର ଅକ୍ଷୟ କୁମାରଙ୍କ ସହ ସାକ୍ଷାତ କରିବାର ସୁଯୋଗ ମିଳି ପାରିବ। ଏହା ସହ ସେମାନେ ୩.୭୮ ଲକ୍ଷ ଟଙ୍କାର ଟାଟା ଏସ୍ ଗୋଲ୍ଡ କିଣିବାର ସୁଯୋଗ ପାଇପାରିବେ। ସେହିଭଳି ସପ୍ତାହରେ ପ୍ରତିଯୋଗୀ ଅତିରିକ୍ତ ୫ ହଜାର ଟଙ୍କାର ପୁରସ୍କାର ଜିତି ପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀଙ୍କୁ ୫ ସହଜ ପ୍ରଶ୍ନର ଉତ୍ତର ରଖିବାକୁ ପଡିବ। ଏହା ପରେ ସର୍ଟ ଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କୁ ଚୟନ କରାଯିବ। ଟାଟା ମୋଟର୍ସର ଏସ୍‌ଗୋଲ୍ଡ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ବିଶେଷ ଭାବେ ସକ୍ଷମ ହେଉଥିବା କମ୍ପାନୀର ବାଣିଜ୍ୟିକ ଯାନ ବିଜନେଶ ୟୁନିଟ ମାର୍କେଟିଂ ଏବଂ ବ୍ରାଣ୍ଡ କମ୍ୟୁନିକେଶନ ମୁଖ୍ୟ ୟୁ.ଟି. ରାମ ପ୍ରସାଦ ସୂଚନା ଦେଇଛନ୍ତି।



# ନୂତନତ୍ୱ ସହ ସେବା ଯୋଗାଉଛି ପାତ୍ର ଇଲେକ୍ଟ୍ରୋନିକ୍ସ

**ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଇଲେକଟ୍ରୋନିକ୍ସ ଆପ୍ଲାଏନ୍ସର ବ୍ୟବହାରରେ ଏବେ ବିଶେଷ ଅଭିବୃଦ୍ଧି ହେଉଥିବା ନଜରକୁ ଆସିଛି। ଗ୍ରାମାଞ୍ଚଳ ବଜାରରେ ଏହି ପ୍ରଡକ୍ଟ ପ୍ରତି ଏବେ ଚାହିଦା ବଢ଼ିଛି। ବଡ ସହର ବାଦ୍ ତୃଣମୂଳ ସ୍ତର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସେଲରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଛି। ଇଲେକଟ୍ରୋନିକ୍ସ ସାମଗ୍ରୀ ରିଟେଲିଂ କ୍ଷେତ୍ରରେ ପାତ୍ର ଇଲେକଟ୍ରୋନିକ୍ସ ଏକ ପରିଚିତ ବ୍ରାଣ୍ଡ। ବ୍ୟବସାୟ ଅଭିଜ୍ଞତା ତଥା ବିଭିନ୍ନ ଯୋଜନା ସମ୍ପର୍କରେ ଏହାର ସ୍ୱତ୍ୱାଧିକାରୀ କୈଳାସ ପାତ୍ର 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତ୍‌କାର...**

**■ ଇଲେକ୍ଟ୍ରୋନିକ୍ସ ବାଣିଜ୍ୟ ସହ କେମିତି ଯୋଡି ହେଲେ?**

ହ୍ୱାଇଟ୍‌ଗୁଡ ବାଣିଜ୍ୟରେ ପ୍ରବେଶ କରିବା ପୂର୍ବରୁ କଟକର ପିଠାପୁରର ୮୦ ବର୍ଗଫୁଟର ଏକ ଛୋଟ ଦୋକାନ କରିଥିଲି। ଏଠାରେ ଇଲେକଟ୍ରୋନିକ୍ସ ସ୍ପେୟାରପାର୍ଟସ ଉପଲବ୍ଧ ହେଉଥିଲା। ଏହା ପରେ ପରେ ୨୦୦୩ରେ ବାଦାମବାଡିରେ ହ୍ୱାଇଟ୍‌ଗୁଡର ଏକ ଅତ୍ୟାଧୁନିକ ଶୋ'ରୁମ ସ୍ଥାପନ କରିଥିଲୁ। ତା'ପରଠାରୁ ଏ କ୍ଷେତ୍ରରେ ଯାତ୍ରା ଅବ୍ୟାହତ ରହିଛି। ପ୍ରଥମେ ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସ ସହ ଯୋଡି ହୋଇଥିଲୁ।

**■ ଜଣେ ସଫଳ ବ୍ୟବସାୟୀ ଭାବେ ସଂଘର୍ଷକୁ କିଭଳି ବିଚାର କରନ୍ତି?**

ବ୍ୟବସାୟକୁ ଛିଡା କରିବାରେ ଅନେକ ସଂଘର୍ଷ କରିବାକୁ ପଡିଛି। ପ୍ରଥମେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ୪୫ ହଜାର ଟଙ୍କା ଋଣ ନେଇ ବାଣିଜ୍ୟ କାରବାର ଆରମ୍ଭ କରିଥିଲି। ଏହାପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ରାସ୍ତା ଅତିକ୍ରମ କରିଛି। ବାଣିଜ୍ୟରେ ଅଭିଜ୍ଞତା ଲାଭ କରିଛି। ପାତ୍ର ଇଲେକଟ୍ରୋନିକ୍ସ ଏବେ ଏକ ପରିଚିତ ବ୍ରାଣ୍ଡ। ଅନେକ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଛି। ସଫଳତା ଲାଗି ନିରନ୍ତର କଠିନ ପରିଶ୍ରମ ଲୋଡା।

**■ ଉନ୍ନତ ଗ୍ରାହକ ସେବାକୁ ନେଇ କ'ଣ ମତ ଦେବେ?**

ଗ୍ରାହକ ସେବାକୁ ମୂଳରୁ ପ୍ରାଥମିକତା ଭାବେ ଗ୍ରହଣ କରିଛୁ। ସେବାରେ ନୂତନତ୍ୱକୁ ଅଗ୍ରାଧିକାର ଦେଇ ଆସୁଛୁ। ହ୍ୱାଇଟଗୁଡ କ୍ଷେତ୍ରରେ ଓଡିଶାରେ ପ୍ରଥମେ ଲାର୍ଜ ସାଇଜ ଶୋ'ରୁମ କନସେପ୍ଟ ନ ଥିଲା। ଏହାକୁ ରାଜ୍ୟରେ ପ୍ରଥମେ ଆରମ୍ଭ କରିଥିଲୁ। ଗ୍ରାହକ ଶୋ'ରୁମ ଆସି ପ୍ରଡକ୍ଟଗୁଡିକୁ କିଭଳି ଭଲ ଭାବେ ଦେଖି ପାରିବେ, ତୁଳନା କରିପାରିବେ ସେ ନେଇ ଡିସପ୍ଲେ ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିଥିଲୁ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇ ଦେଉଛୁ। ଏବେ ୩୫ କମ୍ପାନୀ ସହ ଯୋଡି ହୋଇ ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ କରାଉଛୁ। ସେହିଭଳି ନୂଆ କରି ଫର୍ନିଚର ସେଗ୍‌ମେଣ୍ଟରେ ପ୍ରବେଶ କରିଛୁ।

**■ ପାତ୍ର ଇଲେକଟ୍ରୋନିକ୍ସ କାହିଁକି ଭିନ୍ନ ?**

ଗ୍ରାହକଙ୍କୁ ବେଷ୍ଟ ପ୍ରାଇସ ପ୍ରଦାନ କରିବା ସହ ପ୍ରତ୍ୟକ୍ଷ ସମ୍ପର୍କରେ ରହୁଛୁ। ୬୦୦ରୁ ଅଧିକ କର୍ମଚାରୀଙ୍କ ଦ୍ୱାରା ସେବା ଯୋଗାଣ ହେଉଛି। ଗ୍ରାହକଙ୍କ ସୁବିଧା ଅସୁବିଧାକୁ ପ୍ରତ୍ୟକ୍ଷ ଭାବେ ବିଚାର କରୁଛୁ। ଏଥିଲାଗି ସେମାନଙ୍କ ଭଲ ପାଇବା ଏବଂ ଆଦୃତି ମିଳିଛି। ଗ୍ରାହକଙ୍କ ବିଶ୍ୱାସ ସହ ଆଗକୁ ବଢୁଛୁ। ଉନ୍ନତ ସର୍ଭିସ ତଥା ଡେଲିଭରି ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ସବୁ ବେଳେ ନୂଆ ମାର୍କେଟିଂ କନସେପ୍ଟ ନେଇ ଗ୍ରାହକଙ୍କ ସହ ଯୋଡି ହେବାକୁ ପ୍ରୟାସରତ। ଏହି ଧାରାରେ ପ୍ରଥମେ ବାଲିଯାତ୍ରାରେ ସ୍ୱତନ୍ତ୍ର ଷ୍ଟଲ ଭଳି ପଦକ୍ଷେପ ନେଇଥିଲୁ।

**■ ହ୍ୱାଇଟଗୁଡ୍ କ୍ଷେତ୍ରରେ ବର୍ତ୍ତମାନ ବଡ ବଡ କମ୍ପାନୀ ଲାର୍ଜ ଫର୍ମାଟ୍ ଷ୍ଟୋର ଦ୍ୱାରା ଲାଷ୍ଟମାଇଲ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ ଜାରି ରଖଛନ୍ତି। ଏପରି କ୍ଷେତ୍ରରେ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି?**

ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ବିଭିନ୍ନ କମ୍ପାନୀ ଯୋଜନା ହାତକୁ ନେଉଛନ୍ତି। ଆମେ ଏଦିଗ ପ୍ରତି ସଚେତନ ରହିଛୁ। ଗ୍ରାହକଙ୍କୁ ଆମ ସହ ବାନ୍ଧି ରଖିବା ଲାଗି କାର୍ଯ୍ୟପନ୍ଥା ଗ୍ରହଣ କରୁଛୁ। ଗ୍ରାମାଞ୍ଚଳରେ ଚାହିଦା ଏବେ ଦ୍ରୁତ ଭାବେ ବୃଦ୍ଧି ହେଉଛି। ଏହି ଆଧାରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଶୋ'ରୁମ ମାନ ଖୋଲିଛୁ। ବର୍ତ୍ତମାନ ୧୫ ଶୋ'ରୁମ ଦ୍ୱାରା ସେବା ଯୋଗାଣ ଜାରି ରହିଛି। ଯେଉଁ ସ୍ଥାନରେ ବଜାର ନାହିଁ ସେ ସ୍ଥାନରେ ନୂଆ ବଜାର ସୃଷ୍ଟି କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଟ୍ରେଣ୍ଡକୁ ଅନୁଯାୟୀ ଆଗାମୀ ଦିନରେ ନୂଆ ଶୋ'ରୁମ ଖୋଲିବା ଯୋଜନା ରହିଛି। ବଜାର ଚାହିଦାକୁ ଧ୍ୟାନରେ ରଖି ଏ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

**■ ପାର୍ବଣରେ କିଛି ଅଫର ଆଣିବେ କି?**

ନିଶ୍ଚିତ। ବିଭିନ୍ନ ପ୍ରଡକ୍ଟ ଉପରେ ଉପହାର, ସ୍ୱତନ୍ତ୍ର ଯୋଜନା ଦ୍ୱାରା ବିଭିନ୍ନ କମ୍ପାନୀର ଏଲ୍‌ଇଡି (୪୩ ଇଞ୍ଚରୁ ଉର୍ଦ୍ଧ୍ୱ) କ୍ରୟରେ ୩୦ ହଜାର ଟଙ୍କା ମୂଲ୍ୟର ସୋଫାସେଟ୍, ଏସି କ୍ରୟରେ ୨୨ ହଜାର ଟଙ୍କା ମୂଲ୍ୟର ଡବଲ ବେଡ୍ ମିଳୁଛି। ସେହିଭଳି ଫ୍ରିଜ ସହ ୨୨,୬୨୨ ଟଙ୍କା ମୂଲ୍ୟର ୱାର୍ଡରୋବ, ଦୈନିକ ଲକି ଡ୍ର, ଗିଫ୍ଟ ଭାଉଚର, କ୍ୟାସବ୍ୟାକ୍, ଇଜି ଇଏମ୍‌ଆଇ (ସର୍ବାଧିକ ୩୬ଟି ପର୍ଯ୍ୟନ୍ତ) ଭଳି ଅନ୍ୟ ପଦକ୍ଷେପ ସାମିଲ ରହିଛି। ଏହା ବାଦ୍ ପ୍ରଡକ୍ଟ ଉପରେ ଇନସ୍ୟୁରାନ୍ସ, ଏକ୍ସଟେଣ୍ଡେଡ୍ ୱାରେଣ୍ଟି ମଧ୍ୟ ପ୍ରଦାନ କରାଯାଉଛି।

**■ ଗ୍ରାହକଙ୍କୁ କ'ଣ କହିବେ?**

ଆମେ ପ୍ରତିବର୍ଷ ପାର୍ବଣକୁ ଗ୍ରାହକଙ୍କ ସହ ପାଳନ କରିଥାଉ। ପାର୍ବଣ ଉପଲକ୍ଷେ ଗ୍ରାହକଙ୍କୁ ଶୁଭେଚ୍ଛା ପ୍ରଦାନ କରୁଛି। ଭଲରେ ପାର୍ବଣକୁ ପରିବାର ସହ ପାଳନ କରନ୍ତୁ। ଲୋକଙ୍କ ଜୀବନରେ ସୁଖ ସମୃଦ୍ଧି ନେଇ ମା'ଙ୍କ ନିକଟରେ ପ୍ରାର୍ଥନା କରୁଛି।

“ଲଗାତର ଭଲ ପ୍ରଦର୍ଶନ ସତ୍ତ୍ୱେ ମୋତେ ଡେଭିସ କପ୍ ଟିମ୍‌ରେ ସ୍ଥାନ ମିଳିଲାନି । ବର୍ଷ ଶେଷ ସୁଦ୍ଧା ଟପ୍ ୬୦ ର୍‍ୟାଙ୍କିଂ ମଧ୍ୟରେ ସ୍ଥାନ ପାଇବା ମୋର ଲକ୍ଷ୍ୟ ରହିଛି।

–ଜୀବନ ନେଦୁନଚେଝିୟାନ, ଭାରତୀୟ ଟେନିସ ଖେଳାଳି



“କ୍ରିଷ୍ଟିଆନୋ ରୋନାଲ୍‌ଡୋ ଚାମ୍ପିୟନ୍ସ ଲିଗ୍‌ର ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି ସତ କିନ୍ତୁ ଏହା ତାଙ୍କୁ ପରବର୍ତ୍ତୀ ମ୍ୟାଚ ପାଇଁ ରିଚାର୍ଜ କରାଇବ ।

–ମାସିମିଲିଆନୋ ଆଲେଗ୍ରି, ଜୁଭେଣ୍ଟସ କୋଚ୍



## ସିଆଇସି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରାଯିବ

ନୂଆଦିଲ୍ଲୀ, ୨।୧୦(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ସୂଚନା ଅଧିକାର ଆଇନ (ଆରଟିଆଇ) ପରିସରଭୁକ୍ତ କରିବାକୁ ସେଣ୍ଟ୍ରାଲ ଇନ୍‌ଫର୍ମେସନ କମିଶନ (ସିଆଇସି) ନେଇଥିବା ନିଷ୍ପତ୍ତିକୁ ଏବେ ଚ୍ୟାଲେଞ୍ଜ୍ କରାଯିବ। ବିସିସିଆଇର ପଦାଧିକାରୀମାନେ ସିଆଇସିର ଏହି ନିଷ୍ପତ୍ତିକୁ ବିରୋଧ କରି ଆବେଦନ କରିବେ। ଏ ସଂକ୍ରାନ୍ତରେ ଅଧିକାରୀମାନେ କ୍ରିକେଟ ପ୍ରଶାସକ କମିଟି (ସିଓଏ)କୁ ଦାୟୀ କରିଛନ୍ତି। ସିଓଏ ଜାଣିଶୁଣି ଏହି ମାମଲାକୁ ହେୟଜ୍ଞାନ କରିବା ଫଳରେ ଏଭଳି ପରିସ୍ଥିତି ଉପୁଜିଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ତେଣୁ ସିଓଏର ଭୂମିକା ନେଇ ବୋର୍ଡ ତରଫରୁ ପ୍ରଶ୍ନ କରାଯାଇଛି।

ସିଆଇସିର ଏହି ନିଷ୍ପତ୍ତି ବିସିସିଆଇକୁ ଏକ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍)ରେ ପରିଣତ କରିଛି। ତେବେ ବିସିସିଆଇ ନିଜକୁ ସବୁ ବେଳେ ଏକ ଅଟୋନୋମସ ବା ସ୍ୱୟଂଶାସିତ ସଂସ୍ଥା ରୂପେ ପରିଚୟ ଦେଇଆସିଛି। ଯାହା ଫଳରେ ଆରଟିଆଇ ପରିସର ଭୁକ୍ତ ନ ହେବା ପାଇଁ ଯୁକ୍ତି କରି ଆସିଛି। କିନ୍ତୁ ଏବେ ଯେଉଁ ପରିସ୍ଥିତି ଉପୁଜିଛି ଏଥିପାଇଁ ବିସିସିଆଇ ସିଓଏକୁ ଦାୟୀ କରିଛି।

ଏ ସଂକ୍ରାନ୍ତରେ ସିଓଏ ଜାଣିଶୁଣି ଅବହେଳା କରିଛି ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପୁଣି ଆରଟିଆଇ ଆକ୍ଟ ଅନୁସାରେ ବିସିସିଆଇ ସୂଚନା ସଂକ୍ରାନ୍ତୀୟ ଆବେଦନ ପାଇଁ ୧୫ ଦିନ ମଧ୍ୟରେ ପ୍ରଶାସନିକ ବ୍ୟବସ୍ଥାକୁ ଅନଲାଇନ ଓ ଅଫଲାଇନରେ ଉପଲବ୍ଧ କରାଇବାକୁ ସିଆଇସି ନିର୍ଦ୍ଦେଶ ଦେଇଛି।

ଗତ ଜୁଲାଇ ୧୦ ତାରିଖରେ ସିଆଇସିର ଏକ ଶୁଣାଣି ହୋଇଥିଲା। ସେତେବେଳେ ବିସିସିଆଇ କାହିଁକି ଆରଟିଆଇ ପରିସର ଭୁକ୍ତ ହେବ ନାହିଁ ସେ ନେଇ ପ୍ରଶ୍ନ ପଚରାଯାଇଥିଲା। ତେବେ ସେତେବେଳେ ବିସିସିଆଇ ତରଫରୁ କୌଣସି ଉତ୍ତର ଦିଆଯାଇ ନ ଥିଲା। ଏବେ ବିସିସିଆଇ ନିକଟରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ବିନୋଦ ରାଏ, ଡାଏନା ଇଦୁଲଜୀଙ୍କୁ ନେଇ ଗଠିତ ସିଓଏ ନିର୍ବାଚନ ପୂର୍ବରୁ ବିସିସିଆଇକୁ ଆର୍‌ଟିଆଇ ପରିସରଭୁକ୍ତ କରିବାକୁ ପ୍ରୟାସ କରିଛନ୍ତି ବୋଲି ବୋର୍ଡର ଜଣେ ଅନ୍ୟ ଅଧିକରୀ କହିଛନ୍ତି।

ବିସିସିଆଇ ଆଂଶିକ ଭାବେ ଆରଟିଆଇ ପରିସରଭୁକ୍ତ ଚାହୁଁଛି ବୋଲି ଆମେ ଶୁଣିବାକୁ ପାଇଛୁ। ତେବେ ଦଳ ଚୟନ ଓ ଅନ୍ୟ ବିଷୟରେ ବୋର୍ଡ ତରଫରୁ କିଛି କୁହାଯାଉନାହିଁ। ପୁଣି ଯଦି ବିସିସିଆଇ ଚ୍ୟାଲେଞ୍ଜ କରେ ତେବେ ସେଥିରୁ କୌଣସି ଫଳ ମିଳିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି।

ବିସିସିଆଇ ଯଦି ଆରଟିଆଇ ପରିସରଭୁକ୍ତ ହେଲେ କିଭଳି ପରିସ୍ଥିତି ଉପୁଜିବ ସେ ନେଇ ଅଧିକାରୀ ଜଣକ କେତୋଟି ପ୍ରଶ୍ନ ପଚାରିଛନ୍ତି। ଦଳ ଚୟନ ପକ୍ରିୟାରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜମାନଙ୍କ ଭୂମିକା ରହିଥିଲା କି ନା ସେ ନେଇ ପ୍ରଶ୍ନ ଉଠିବ। ପୁଣି ଶେୟାର ହୋଲ୍ଡିଂ ପ୍ୟାଟର୍ନ୍ସ ଓ ଅର୍ଥ ନିବେଶ ନେଇ ମଧ୍ୟ ପ୍ରଶ୍ନ ଉଠିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ପୁଣି କେତେଜଣ ଅଧିକାରୀଙ୍କ ବ୍ୟକ୍ତିଗତ ଆଚରଣ ଓ କର୍ମ କ୍ଷେତ୍ରରେ ମହିଳାଙ୍କୁ ଦୁର୍ବ୍ୟବହାର କରାଯିବା ନେଇ ମଧ୍ୟ ପ୍ରଶ୍ନ ଉଠିବ।

ସେହିପରି ଭାରତୀୟ ଦଳର ଜଣେ ଜୁନିୟର କ୍ରିକେଟର ଜଣେ ସିନିୟର କ୍ରିକେଟରଙ୍କ ମ୍ୟାନେଜମେଣ୍ଟ ଫାର୍ମ ସହିତ ସମ୍ପର୍କରେ ଥିଲେ ତାଙ୍କୁ ଦଳରେ ଅଧିକ ଦିନଧରି ସାମିଲ କରାଯିବା ନେଇ ମଧ୍ୟ ପ୍ରଶ୍ନ ଉଠିବ। ସିଇଓ ଏହି ପ୍ରଶ୍ନଗୁଡିକର ଉତ୍ତର ଦେଇ ପାରିବ କି ନା ସେ ନେଇ କିଛି କୁହାଯାଇ ପାରିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅପବ୍ୟବହାର କରାଯାଉଛି ଓ ଏହା ନିହାତି ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଅନ୍ୟପଟେ ବୋର୍ଡରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବାକୁ ସିଓଏ ବଦ୍ଧପରିକର ବୋଲି ବିନୋଦ କହିଛନ୍ତି। ତେବେ ସିଆଇସିର ନିର୍ଦ୍ଦେଶ ନେଇ ବିନୋଦ କିଛି କହିନାହାନ୍ତି। ସିଆଇସିର ନିର୍ଦ୍ଦେଶ ତଥା ରାୟକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରାଯାଉଛି ଓ ଖୁବଶୀଘ୍ର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଓଏ ପକ୍ଷରୁ କୁହାଯାଇଛି।

## ସେମିଫାଇନାଲ୍‌ରେ ସନ୍‌ରାଇଜ, ରୋଭର୍ସ

କଟକ ଅଫିସ,୨।୧୦

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡିଭିଜନ ଲିଗ୍‌ର ସୁପର ଲିଗ୍ ମୁକାବିଲା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟର ପ୍ରଥମ ଦୁଇଟି ମ୍ୟାଚ୍‌ରେ ସନ୍‌ରାଇଜ୍ କ୍ଲବ ଓ ରୋଭର୍ସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜ କ୍ଲବ ୩–୦ ଗୋଲରେ ସନ୍‌ସାଇନକୁ ହରାଇଥିଲା। ଦଳ ପକ୍ଷରୁ ମହମ୍ମଦ ଫାୟାସ ୨୮ତମ ମିନିଟରେ, ଦୀନେଶ ଲାକ୍ରା ୫୧ତମ ଓ ଗୁରୁପ୍ରୀତ ସିଂ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୧–୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇଥିଲା । ଦଳ ପକ୍ଷରୁ ୩୦ତମ ମିନିଟରେ ଏ. ଗୁପ୍ତା ଏକମାତ୍ର ଗୋଲ ସ୍କୋର କରିଥିଲେ ।

## ସଂକ୍ଷେପରେ

### ରାଜ୍ୟ ତୀରନ୍ଦାଜୀ ଚାମ୍ପିୟନଶିପ୍ ୬ରୁ

**କଟକ ଅଫିସ,୨।୧୦:** ରାଜ୍ୟ ତୀରନ୍ଦାଜୀ ଆସୋସିଏଶନ ଓ ଭଦ୍ରକ ଜିଲା ତୀରନ୍ଦାଜୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚଳିତମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ତୀରନ୍ଦାଜୀ ଚାମ୍ପିୟନଶିପ ଭଦ୍ରକର ଓଲାଙ୍ଗ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ୧୮ଟି ୟୁନିଟରୁ ପ୍ରାୟ ୨୬୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଇଣ୍ଡିଆନ, କମ୍ପାଉଣ୍ଡ, ରିକର୍ଭ ରାଉଣ୍ଡରେ ପ୍ରତିଯୋଗିତା ହେବ । ଉଭୟ ପୁରୁଷ ଓ ମହିଳା ବର୍ଗର ସିନିୟର, ଜୁନିୟର ବିଭାଗରେ ପ୍ରତିଯୋଗିତା ହେବା ସହ ଏଥିରୁ ଆସନ୍ତା ଜାତୀୟ ଚାମ୍ପିୟନଶିପ ନିମନ୍ତେ ରାଜ୍ୟ ଦଳ ବଛାଯିବ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି ।

### ରୋନାଲ୍‌ଡୋ ବଳାତ୍କାର ମାମଲା
### ପୋଲିସ ପୁଣି ତଦନ୍ତ କରିବ

**ମିଲାନ, ୨।୧୦:** ଷ୍ଟାର ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ବିରୋଧରେ ହୋଇଥିବା ବଳାତ୍କାର ମାମଲାର ପୁନଃ ତଦନ୍ତ କରିବ ଲାସ୍ ଭେଗାସ ପୋଲିସ। କ୍ୟାଥରିନ୍ ମେଓର୍ଗା ନାମ୍ନୀ ୩୪ ବର୍ଷୀୟା ମହିଳା ଅଭିଯୋଗ କରିଛନ୍ତି ୨୦୦୯ରେ ପର୍ତ୍ତୁଗିଜ୍ ଫୁଟ୍‌ବଲ ଷ୍ଟାର ୟୁଏସ ସିଟିସ୍ଥିତ ଏକ ହୋଟେଲ ପ୍ରକୋଷ୍ଠରେ ତାଙ୍କୁ ବଳାତ୍କାର କରିଥିଲେ। ୨୦୧୦ରେ କୋର୍ଟ ବାହାରେ ଉଭୟଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ସଲାସୁତରା ହୋଇଥିଲା। ଘଟଣାକୁ ସାଧାରଣରେ ପ୍ରକାଶ ନ କରିବାକୁ ରୋନାଲ୍‌ଡୋ କ୍ୟାଥରିନ୍‌ଙ୍କୁ ୩୭୫,୦୦୦ ଡଲାର (୨୮୮,୦୦୦ ପାଉଣ୍ଡ) ଦେବାକୁ ରାଜି ହୋଇଥିଲେ। ଜର୍ମାନୀର ଡର୍ ସ୍ପିଗେଲ ନାମକ ଏକ ମାଗାଜିନ୍‌ରେ ପ୍ରକାଶିତ ଏ ସମ୍ପର୍କିତ ଖବରକୁ ରୋନାଲ୍‌ଡୋ କିନ୍ତୁ ଖଣ୍ଡନ କରିଛନ୍ତି। ମାଗାଜିନ୍ ବିରୋଧରେ ମକଦ୍ଦମା କରିବେ ବୋଲି ସେ ତାଙ୍କ ଏଜେଣ୍ଟଙ୍କ ଜରିଆରେ ଚେତାବନୀ ଦେଇଛନ୍ତି।

### ଆର୍ଜେଣ୍ଟିନା ଗଲା ଭାରତୀୟ ହକି ଦଳ

**ନୂଆଦିଲ୍ଲୀ,୨।୧୦(ପି.ଟି.):** ଆର୍ଜେଣ୍ଟିନା ରାଜଧାନୀ ବୁଏନ୍‌ସ ଆରିଜଠାରେ ଚଳିତ ମାସ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଯୁବ ଅଲିମ୍ପିକ ଗେମ୍ସ ଲାଗି ଭାରତୀୟ ପୁରୁଷ ଓ ମହିଳା ହକି ଦଳ ମଙ୍ଗଳବାର ଗସ୍ତ କରିଛନ୍ତି। ପ୍ରଥମ ଥର ଲାଗି ଯୁବ ଅଲିମ୍ପିକ୍ସର ହକି ଇଭେଣ୍ଟରେ ଭାରତୀୟ ଦଳ ଅଂଶଗ୍ରହଣ କରିବାକୁ ଯାଉଛି। ଭାରତୀୟ ମହିଳା ଦଳ ପୁଲ ଏ’ରେ ସ୍ଥାନ ପାଇଥିବାବେଳେ ୭ ତାରିଖରେ ଅଷ୍ଟ୍ରିଆ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ସେହିଭଳି ପୁଲ ବି’ରେ ସ୍ଥାନ ପାଇଥିବା ଭାରତୀୟ ପୁରୁଷ ଦଳ ତା’ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। “ଆମେ ଯୁବ ଅଲିମ୍ପିକ୍ସ ଲାଗି ଭଲ ପ୍ରସ୍ତୁତି କରି ଆସିଛୁ। ଦଳରେ ସାମିଲ ଥିବା ୯ ଜଣ ଖେଳାଳି ସିନିୟର ୫-ଏ- ସାଇଡ୍ ଟୁର୍ନାମେଣ୍ଟରେ ଖେଳି ସାରିଛନ୍ତି। ଏହା ଆମ ଦଳର ପ୍ରତ୍ୟେକ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ, ଯାହାକି ଆମକୁ ଭଲ ଫଳାଫଳ ପାଇଁ ଦରକାର’’ ବୋଲି ମହିଳା ଦଳର କୋଚ୍ ବଲଜିତ ସିଂ ସାଇନି କହିଛନ୍ତି। ପୁରୁଷ ଦଳର କୋଚ୍ କାରିଆପ୍ପା କହିଛନ୍ତି, ଆମେ କଡ଼ା ଅଭ୍ୟାସ କରିଛୁ। ଏହି ସମ୍ମାନଜନକ ଇଭେଣ୍ଟରେ ଭଲ ଫଳାଫଳ ପାଇଁ ଆଶାବାଦୀ ଅଛୁ। ଟୁର୍ନାମେଣ୍ଟରେ ପ୍ରତ୍ୟେକ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସେମାନଙ୍କ ଅନ୍ତର୍ଜାତୀୟ କ୍ୟାରିୟର ନିର୍ଭର କରେ। ଏଥିନେଇ ଦଳୀୟ ଖେଳାଳିମାନେ ସଚେତନ ଅଛନ୍ତି।



ଲକ୍ଷ୍ନୌରେ ଅନୁଷ୍ଠିତ ଜାତୀୟ କ୍ଲାସିକ୍ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଭାଗନେଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ପ୍ରତିଯୋଗୀମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ମଙ୍ଗଳବାର ଉତ୍କଳ କରାଟେ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

■ ପିସିବି କ୍ଷତିପୂରଣ ମାମଲା

## ବୟାନ ରଖିଲେ ସଲମନ ଖୁର୍ସିଦ

ଦୁବାଇ, ୨।୧୦ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିରୋଧରେ ପାକିସ୍ତାନ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ପିସିବି) ପକ୍ଷରୁ କରାଯାଇଥିବା କ୍ଷତିପୂରଣ ମାମଲାର ଚାଲିଥିବା ଶୁଣାଣିର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଡିସ୍‌ପ୍ୟୁଟ୍ ରିଜୋଲୁଶନ କମିଟି ମାମଲାର ଶୁଣାଣି କରୁଥିବା ବେଳେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସଲମନ ଖୁର୍ସିଦଙ୍କ ଉପସ୍ଥିତି ପିସିବିକୁ ଚକିତ କରିଥିଲା। ଖୁର୍ସିଦ ହେଉଛନ୍ତି ନିଜେ ଜଣେ ଆଇନଜ୍ଞ। ଭାରତ ଓ ପାକିସ୍ତାନ ୨୦୧୫ରୁ ୨୦୨୩ ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବେ ବୋଲି ଉଭୟ ଦେଶର କ୍ରିକେଟ ବୋର୍ଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ପିସିବି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡଠାରୁ ୪୪୭ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛି। ଶୁଣାଣି ବେଳେ ଖୁର୍ସିଦ ଉପା–୨ ସରକାରଙ୍କ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ଯୋଗୁ ଭାରତୀୟ କ୍ରିକେଟ ଦଳକୁ ପାକିସ୍ତାନ ଗସ୍ତ ପାଇଁ ସରକାରୀ ଅନୁମତି ନ ଥିଲା ବୋଲି ସେ ଦର୍ଶାଇଥିଲେ। ସୀମା ଆରପାରିରୁ ଆତଙ୍କବାଦୀ କାର୍ଯ୍ୟକଳାପ ସ୍ଥଗିତ ନ ହେଲା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ କ୍ରିକେଟ ସମ୍ଭବ ନୁହେଁ ବୋଲି ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। ଖୁର୍ସିଦ ୨୦୧୪ ପର୍ଯ୍ୟନ୍ତ କ୍ଷମତାରେ ଥିବା ଉପା–୨ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ।

■ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ

## ଭାରତର ବୃହତ୍ ବିଜୟ

ଢାକା, ୨।୧୦ (ପି.ଟି.)

ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ୯୨ରନର ଶତକୀୟ ପାଳି ଓ ବାମହାତୀ ସ୍ପିନର ସିଦ୍ଧାର୍ଥ ଦେଶାଇଙ୍କ ୪ ଉଇକେଟ ସଫଳତା ସହାୟତାରେ ଭାରତ ଏଠାରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ମ୍ୟାଚରେ ଆଫଗାନିସ୍ତାନକୁ ୫୧ ରନରେ ପରାସ୍ତ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୫.୩ ଓଭରରେ ୨୨୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ୪୫.୪ ଓଭରରେ ୧୭୦ ରନ କରି ଅଲଆଉଟ ହେବା ସହ ପରାଜୟବରଣ କରିଛି। ଯଶସ୍ୱୀ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୨୨୨ ରନ ଟାର୍ଗେଟର ପିଛା କରି ଆଫଗାନିସ୍ତାନ ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦୁଇ ଓପନର ରିୟାଜ ହୁସେନ ଓ ରାହମନୁଲ୍ଲା ଗୁର୍ବାଜ ୩୭ ରନ ସଂଗ୍ରହ କରିଥିଲେ। ସେହିପରି ସୁଲିମାନ ଅରବାଜାଇ ୧୫, ବସିର ଖାଁ ୨୯, କାଇସ୍ ଅହମ୍ମଦ ୧୨ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଦେଶାଇ ସର୍ବାଧିକ ୪, ହର୍ଷ ତ୍ୟାଗୀ ୩, ସମୀର ଚୌଧୁରୀ ୨ ଓ ଆୟୁଷ ବାଦୋନୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ଯଶସ୍ୱୀ ସର୍ବାଧିକ ୯୨ (୯୩ ବଲ, ୧୩ ଚୌକା, ୧ଛକା), ବାଦୋନୀ ୬୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ସେହିପରି ଅଧିନାୟକ ପବନ ଶାହ ୧୨, ଉଇକେଟ କିପର ବ୍ୟାଟ୍ସମ୍ୟାନ ସିମରନ ସିଂ ୧୭, ହର୍ଷ ତ୍ୟାଗୀ ୧୧ ରନ କରିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ କାଇସ୍ ଅହମ୍ମଦ ଓ ଅଜମାତୁଲ୍ଲା ଓମରଜାଇ ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୪୫.୩ ଓଭରରେ ୨୨୧ ଅଲଆଉଟ (ଯଶସ୍ୱୀ– ୯୨, ବାଦୋନୀ– ୬୫, ଓମରଜାଇ– ୩/୪୬, ଅହମ୍ମଦ– ୩/୩୩)। ଆଫଗାନିସ୍ତାନ ୪୫.୪ ଓଭରରେ ୧୭୦ ଅଲଆଉଟ, (ରିୟାଜ– ୪୭, ଗୁରବାଜ– ୩୭, ବସିର– ୨୯, ଦେଶାଇ– ୪/୩୭, ତ୍ୟାଗୀ– ୩/୪୦, ସମୀର– ୨/୧୮)।

## ଶୀର୍ଷସ୍ଥାନ ବଜାୟ ଲକ୍ଷ୍ୟରେ ଭାରତ

**ଦୁବାଇ, ୨।୧୦ (ପି.ଟି):** ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୪–୧ ବ୍ୟବଧାନରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଂର ଶୀର୍ଷସ୍ଥାନ ବଜାୟ ରଖିଛି। ଗୁରୁବାରଠାରୁ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ଏହି ଘରୋଇ ସିରିଜରେ ଭଲ ପ୍ରଦର୍ଶନ କରି ଭାରତ ତା’ର ନମ୍ବର ୧ ସ୍ଥାନ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଶୀର୍ଷ ସ୍ଥାନ ବଜାୟ ରଖିବାକୁ ହେଲେ ଭାରତ ଏବେ କୌଣସି ପଏଣ୍ଟ ନ ହରାଇବାକୁ ଚେଷ୍ଟା କରିବ।

ଭାରତ ଏବେ ୧୧୫ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଆଗାମୀ ସିରିଜରେ ୱେଷ୍ଟଇଣ୍ଡିଜକୁ ୨–୦ରେ ପରାସ୍ତ କରିପାରିଲେ ଭାରତ ଗୋଟିଏ ପଏଣ୍ଟ ଲାଭ କରିବ। ତେବେ ଯଦି ୨–୦ରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୁଏ ଭାରତର ପଏଣ୍ଟ ସଂଖ୍ୟା ୧୦୮କୁ ଖସିବ। ଏପରି ସ୍ଥଳେ ଅଷ୍ଟ୍ରେଲିଆ ୨–୦ରେ ପାକିସ୍ତାନକୁ ହରାଇଲେ ଭାରତକୁ ହଟାଇ ୧ ନମ୍ବର ସ୍ଥାନ ହାସଲ କରିବ। ସେହିପରି ୨–୦ରେ ୱେଷ୍ଟଇଣ୍ଡିଜ ସିରିଜ ଜିତିଲେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଥିବା ତା’ର ବ୍ୟବଧାନକୁ କମାଇବାକୁ ସକ୍ଷମ ହେବ। କିନ୍ତୁ ର୍‍ୟାଙ୍କିଂରେ ୱେଷ୍ଟଇଣ୍ଡିଜ୍ ଉନ୍ନତି ନ କରି ପୂର୍ବପରି ଅଷ୍ଟମ ସ୍ଥାନରେ ରହିବ।

ରବିବାରଠାରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ପାକିସ୍ତାନ ଆୟୋଜକ ଦଳ ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଅବତୀର୍ଣ୍ଣ ହେବ। ଉଭୟ ଦଳ ନିକଟରେ ର୍‍ୟାଙ୍କିଂରେ ଉନ୍ନତି ଆଣିବାର ସୁଯୋଗ ରହିଛି। ୨–୦ରେ ଅଷ୍ଟ୍ରେଲିଆକୁ ପରାସ୍ତ କଲେ ପାକିସ୍ତାନ ଶ୍ରୀଲଙ୍କାକୁ ହଟାଇ ଷଷ୍ଠ ସ୍ଥାନ ଅଧିକାର କରିବ। ତେବେ ଯଦି ଅଷ୍ଟ୍ରେଲିଆ ୧–୦ରେ ସିରିଜ ଜିତିଲେ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଅଧିକାର କରିବ।

ଦୁଇଟିଯାକ ଟେଷ୍ଟ ଜିତିଲେ ପାକିସ୍ତାନ ୯୭ ପଏଣ୍ଟ ପାଇ ଡେସିମାଲ ପଏଣ୍ଟରେ ଶ୍ରୀଲଙ୍କା ଆଗରେ ରହିବ।

### ଆଇସିସି ଟେଷ୍ଟ ର୍‍ୟାଙ୍କିଂ

## ପାଇଲଟ୍ ହେବା ଲାଗି କ୍ରିକେଟ ଛାଡ଼ିଲେ କାର୍ଟର

**ସେଣ୍ଟ୍ରାଲ,୨।୧୦:** ହଂକଂ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ରିସ କାର୍ଟରଙ୍କ କ୍ୟାରିୟର ଏବେ ଟେକ୍ ଅଫ୍ କରିବାକୁ ଯାଉଛି। କିନ୍ତୁ ଜଣେ କ୍ରିକେଟର ଭାବେ ନୁହେଁ। ୨୧ ବର୍ଷୀୟ ଖେଳାଳି ଏବେ ପାଇଲଟ୍ ହେବାର ଇଚ୍ଛା ପୂରଣ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଯାଉଛନ୍ତି। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ କାର୍ଟର ହଂକଂ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେ ଅଷ୍ଟ୍ରେଲିଆକୁ ଫେରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଠାରେ ସେ ନିଜ ଫ୍ଲାଇଟ ସ୍କୁଲରେ ଅଧ୍ୟୟନ ଶେଷ କରିପାରିବେ। ସେ ହଂକଂ କ୍ରିକେଟ (ସିଏର୍‌କେ) ସହ ଚୁକ୍ତି କରିଥିବା ସତ୍ତ୍ୱେ ଏଭଳି ନିଷ୍ପତ୍ତି ନେଇଛନ୍ତି। କାରଣ ଏଠାରେ କ୍ରିକେଟ ଖେଳିବା ପାଇଁ ସୁଯୋଗ ଖୁବ କମ୍। ମୁଁ ସର୍ବଦା ଜଣେ ପାଇଲଟ୍ ହେବାକୁ ଚାହୁଁଥିଲି। କ୍ରିକେଟ ଲାଗି ପାଠପଢ଼ାକୁ ପଛରେ ରଖିଥିଲି। ମାତ୍ର ଏବେ ଚିନ୍ତା କରୁଛି, ମୁଁ ସର୍ବଦା ଯାହା ଚାହୁଁଛି ତାହାକୁ ଗୁରୁତ୍ୱ ଦେବାର ସମୟ ଆସିଯାଇଛି। ହଂକଂରେ ଅର୍ଥ ଅଭାବରୁ ଜଣେ କ୍ରିକେଟର ହେବା କଷ୍ଟକର। ଏଠାକାର ଲୋକେ କଠିନ ପରିଶ୍ରମ କରି କ୍ରିକେଟ ଖେଳୁଛନ୍ତି। ମାତ୍ର ସେମାନଙ୍କୁ ସମର୍ଥନ ମିଳୁନହିଁ। ହଂକଂରେ ଜନ୍ମିତ କାର୍ଟର ୨୦୧୫ରେ କ୍ୟାରିୟର ଆରମ୍ଭ କରିଥିଲେ। ଏପର୍ଯ୍ୟନ୍ତ ସେ ୧୧ ଦିନିକିଆ ଖେଳିଛନ୍ତି। ସେ ଅନ୍ତିମ ଥର ଭାରତ ବିପକ୍ଷ ଏସିଆ କପ୍‌ର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିଥିଲେ। “କାର୍ଟରଙ୍କ ଭଳି ଖେଳାଳିଙ୍କୁ ଦଳରେ ରଖିବା ସହଜ ନୁହେଁ। କାରଣ ହଂକଂଠାରେ ରହିବା ଓ ଚଳିବା ବିଶ୍ୱରେ ସବୁଠୁ ମହଙ୍ଗା। ସେହି ହିସାବରେ କ୍ରିକେଟରଙ୍କୁ ଚୁକ୍ତିରେ ଅର୍ଥ ମିଳୁନାହିଁ। ଏଣୁ କ୍ରିକେଟ ଖେଳି କ୍ୟାରିୟର କରିବା କିମ୍ବା ପରିବାର ଚଳାଇବା ସମ୍ଭବ ହେଉନାହିଁ’’ ବୋଲି କୋଚ୍ ସିମନ କୁକ କହିଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**
**ଗଞ୍ଜାମ - ୭୬୧୦୨୦**

ନଂ. ୨୦୮୦ ତା୦୧।୧୦।୨୦୧୮

**ବିଜ୍ଞାପନ**

ଏତଦ୍ୱାରା ଛତ୍ରପୁର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଛତ୍ରପୁର ଏନ୍.ଏ.ସି. ଅଞ୍ଚଳରେ ଥିବା ରିକାପଲ୍ଲୀ ହାଟ ନିକଟରେ ଥିବା ୧୨ ଗୋଟି ଦୋକାନ ଗୃହ ଏବଂ ଅପରବସ୍‌ଷ୍ଟାଣ୍ଡରେ ଥିବା ୪ ଗୋଟି ଦୋକାନ ଗୃହ ୦୧, ୦୬, ୦୭ ଓ ୦୮ ଏହିପରି ସର୍ବମୋଟ ୧୬ ଗୋଟି ଦୋକାନ ଗୃହକୁ ମାସିକ ଲାଇସେନ୍ସ ଫିଜ୍ ସ୍ୱତ୍ୱରେ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଛତ୍ରପୁର ଅଞ୍ଚଳର ବାସିନ୍ଦା ଏହି କାର୍ଯ୍ୟାଳୟରୁ ଆସନ୍ତା ତା୦୩।୧୦।୨୦୧୮ଠାରୁ ୧୫।୧୦।୨୦୧୮ ପର୍ଯ୍ୟନ୍ତ ୧୦ ଘଣ୍ଟା ଠାରୁ ୫ ଘଣ୍ଟା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ନିର୍ବାହୀ ଅଧିକାରୀଙ୍କ ନାମରେ ଟ.୫୦୦/– ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ଟଙ୍କା ଦାଖଲ କରି ଆବେଦନ ଫର୍ମ ନେଇପାରିବେ। ଉକ୍ତ ଫର୍ମ ଆସନ୍ତା ତା୦୩।୧୦।୨୦୧୮ରିଖଠାରୁ ତା୧୫।୧୦।୨୦୧୮ରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଅପରାହ୍ଣ ୫ ଘଣ୍ଟା ସମୟ ପର୍ଯ୍ୟନ୍ତ ଦାଖଲ କରିବେ। ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ତା୨୦।୧୦।୨୦୧୮ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଆବେଦନପତ୍ରଗୁଡିକୁ ଯାଞ୍ଚ କରାଯିବ। ସମ୍ପୂର୍ଣ୍ଣ ନିୟମାବଳୀ ଓ ସର୍ତ୍ତ କାର୍ଯ୍ୟାଳୟରୁ କ୍ରୟ କରିଥିବା ନିବିଦା ପତ୍ରରେ ଉଲ୍ଲେଖ କରାଯାଇଛି।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର, ଗଞ୍ଜାମ



**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287

813-O

**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender /16-2018-19/BPR

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 16-2018-19/BPR | Road Works | 17 Nos. | From Rs. 93.84 lakhs to Rs. 203.57 Lakhs | "B" or "A" Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 16-2018-19/BPR | 05.10.2018 at 10.00 AM | 25.10.2018 upto 3.00 PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0029/1819 *Sd./- J.Beura, Superintending Engineer, R.W.Circle, Berhampur*



**NOTIFIED AREA COUNCIL, TARBHA**
No. 1441 Date: 01.10.2018

**QUOTATION CALL NOTICE**

The Executive Officer, NAC, Tarbha invites Sealed Quotations from the intending Firms/ Manufacturers/ Suppliers for Supply of E-VEHICLE GARBAGE CONTAINER of any Reputed Company make to NAC, Tarbha as per the description below. The quotation should be submitted by Regd. Post/Speed Post/ in person by dated 12.10.2018 upto 1.00 P.M. which will be opened on the same day at 4.00 P.M. in presence of the quotationer or their authorized representative. The quotation must be accompanied with following documents, failing which the quotation shall be rejected out rightly. The rate must be included with all taxes and transportation.

1. Valid PAN Card
2. Valid GST
3. Company Registration Certificate
4. EMD amounting to Rs. 5000/- vide DD/ Banker's Cheque

DESCRIPTION

3 Wheeler E-Vehicles (Battery Running) with 800 KG Capacity Container including 1 Unit Battery and other Accessories complete.

The authority reserves the right to reject any or all the quotations without assigning any reason thereof.

**Sd./- Executive Officer, N.A.C., Tarbha**

“ଏମ୍‌ଏସ୍‌କେ ପ୍ରସାଦଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ଜାତୀୟ ଦଳ ମନୋନୟନ ବେଳେ କେଉଁ ମାନଦଣ୍ଡ ଅନୁସରଣ କରୁଛନ୍ତି, ତାହା ବୁଝିବା କଷ୍ଟକର।
–ହରଭଜନ ସିଂ, ସିନିୟର ଅଫ୍ ସ୍ପିନର



“ପୃଥ୍ୱୀ ଶ’ ରଣ୍‌ଜୀ ଟ୍ରଫିରେ ମୁମ୍ବାଇ ତରଫରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥାନ୍ତି, ଭାରତୀୟ ଦଳ ତାଙ୍କଠାରୁ ସେପରି ପ୍ରଦର୍ଶନ ଆଶା କରୁଛି।
–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟ ଉପ ଅଧିନାୟକ



## ସଂକ୍ଷେପରେ

### ୟୁଥ୍ ଅଲିମ୍ପିକ୍ସରେ ଭାଗନେବେ ସ୍ନେହା

**ବାରିପଦା ଅଫିସ,୨।୧୦:** ଆର୍ଜେଣ୍ଟିନାରେ ଅକ୍ଟୋବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ୟୁଥ୍ ଅଲିମ୍ପିକ ଗେମ୍ସ ଅନୁଷ୍ଠିତ ହେବ। ଏଥିପାଇଁ ଭାରୋତ୍ତୋଳିକା ସ୍ନେହା ସୋରେନ ମଙ୍ଗଳବାର ନୂଆଦିଲ୍ଲୀରୁ ଆର୍ଜେଣ୍ଟିନା ଅଭିମୁଖେ ଯାତ୍ରା କରିଛନ୍ତି। ସେ ୪୮ କିଗ୍ରା ବର୍ଗରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସ୍ନେହା ମୟୂରଭଞ୍ଜ ଜିଲା ନଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମର କୋଚ୍ ପରେଶଚନ୍ଦ୍ର ମହାନ୍ତଙ୍କ ଅଧୀନରେ ଅଭ୍ୟାସ କରୁଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ନାରାୟଣ ସାହୁ, ମୟୂରଭଞ୍ଜ ଜିଲା ଚେୟାରମ୍ୟାନ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସଭାପତି ନବକୁମାର ସାହୁ, ସମ୍ପାଦକ ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ସ୍ନେହାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ପାରା ଏସିଆନ ଗେମ୍ସ ବ୍ୟାଡ୍‌ମିଣ୍ଟନରେ ଭାଗନେବେ ପ୍ରମୋଦ



**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି):** ଇଣ୍ଡୋନେସିଆର ଜାକର୍ତ୍ତାଠାରେ ୨୦୧୮ ଏସିଆନ ପାରା ଗେମ୍ସ ଚଳିତ ମାସ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଅଂଶଗ୍ରହଣ କରିବେ। ମଙ୍ଗଳବାର ଖେଳାଳି ଭାବେ ପ୍ରମୋଦ ଓ ଟିମ୍ ଅଫିସିଆଲ ଭାବେ ଶିବ ପ୍ରସାଦ ଦାସ ଜାକର୍ତ୍ତା ଯାତ୍ରା କରିଛନ୍ତି। ପ୍ରତିଯୋଗିତାରେ ଭାରତରୁ ମୋଟ ୧୮ ଖେଳାଳି ଓ ୬ ଅଫିସିଆଲ ଭାଗନେବେ। ପୂର୍ବରୁ ହୁଇଲ୍ ଚେୟାର ଫେନ୍‌ସିଂରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୨ ପ୍ରତିଯୋଗୀ ଭି.ରମେଶ ରାଓ ଏବଂ ରାଖାଲ କୁମାର ସେଠୀ ଜାକର୍ତ୍ତା ଯାଇଛନ୍ତି।

### ଜାମସେଦପୁର ଏଫ୍‌ସି ବିଜୟୀ

**ବମ୍ବେ, ୨।୧୦ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଜାମସେଦପୁର ଏଫ୍‌ସି ବିଜୟ ସହ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଦଳ ୨-୦ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି। ଦଳ ପକ୍ଷରୁ ସ୍ପାନିଶ ଖେଳାଳି ମାରିଓ ଆର୍କ୍ୱେସ (୨୮ତମ ମିନିଟ) ଏବଂ ପାବ୍‌ଲୋ ମୋର୍ଗାଡୋ (୯୦+୫ ମିନିଟ)ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ।

# ପ୍ରୋ–କବାଡ଼ି: ମନସ୍ୱିନୀ ରେଫରି

**ରସୁଲପୁର,୨।୧୦(ଡି.ଏନ.ଏ.)**

ଯାଜପୁର ଜିଲା କବାଡି ଆସୋସିଏଶନର କ୍ରୀଡାବିତ୍ ତଥା ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ମନସ୍ୱିନୀ ସାହୁ କବାଡି ରେଫରିଭାବେ ଖେଳ ପରିଚାଳନା ଦିଗରେ ପାଦେ ଆଗକୁ ବଢିଛନ୍ତି । ଭାରତରେ ଅନ୍ତର୍ଜାତୀୟ କବାଡି ତାରକାମାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ପ୍ରୋ–କବାଡି ପ୍ରତିଯୋଗିତା(ସିନିୟର) ପରିଚାଳନା ପାଇଁ ମନସ୍ୱିନୀଙ୍କୁ ସ୍ୱୀକୃତି ମିଳିଛି। ଚଳିତ ମାସ ୭ତାରିଖରେ ହେବାକୁ ଥିବା ୬ଷ୍ଠ ପ୍ରୋ–କବାଡି ଲିଗ୍ ପରିଚାଳନା ପାଇଁ ସେ ଚେନ୍ନାଇ ଯାତ୍ରା କରିବେ । ଅକ୍ଟୋବର ୪ରେ ଚେନ୍ନାଇରେ ପହଞ୍ଚି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେ ଚେନ୍ନାଇ, ଉତ୍ତରପ୍ରଦେଶ, ଜୟପୁର, ଅହମ୍ମଦାବାଦ, ପୁଣେ, ଦିଲ୍ଲୀ ଆଦି ୬ଟି ସ୍ଥାନରେ ମ୍ୟାଚ୍ ପରିଚାଳନା କରିବେ । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଲିଙ୍କନ ଫାର୍ମାସିଉଟିକାଲର ଜୋନାଲ ମାନେଜର ଅଭୟ ମହାନ୍ତି, ଶ୍ରାବଣୀ ମହାନ୍ତି, ଓଡିଶା କବାଡି ଆସୋସିଏଶନର ସଂପାଦକ ଅଜୟ ବେହେରା, ଯାଜପୁର ଜିଲା ଆଥେଲେଟିକ୍ ଆସୋସିଏଶନର ସଂପାଦକ ସମ୍ବିତ୍ ମହାନ୍ତି, ଯାଜପୁର କବାଡି ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସହ–ସମ୍ପାଦକ ସମରେନ୍ଦ୍ର ଦାଶ, ବରିଷ୍ଠ ସଦସ୍ୟ ବିଭୁକଲ୍ୟାଣ ଦାସ, ଶାନ୍ତନୁ ମଳିକ, କ୍ରୀଡା ଶିକ୍ଷକ ଅନାଦି ସାହୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏଥି ସକାଶେ ଆସୋସିଏଶନ ପକ୍ଷରୁ ମନସ୍ୱିନୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଛି ।



ମଙ୍ଗଳବାର ମନସ୍ୱିନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସେପ୍ଟେମ୍ବର ୧୬ ରୁ ୧୮ ପର୍ଯ୍ୟନ୍ତ ମୁମ୍ବାଇଠାରେ ପ୍ରୋ–କବାଡି ରେଫରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଓଡିଶାରୁ ୨ଜଣ ମହିଳା ମନୋନୀତ ହୋଇଥିଲେ । ଯାଜପୁର ଜିଲା ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ପାଳସାହି ଗ୍ରାମର ନାରାୟଣ ସାହୁଙ୍କ ଝିଅ ମନସ୍ୱିନୀ ଏହି ଶିବିରକୁ ମନୋନୀତ ହୋଇଥିଲେ । ପ୍ରଶିକ୍ଷଣ ଶିବିରରେ ତାଙ୍କ ଖେଳ ପରିଚାଳନା ଦକ୍ଷତା ପର୍ଯ୍ୟବେକ୍ଷକଙ୍କୁ ଆକର୍ଷିତ କରିଥିଲା । ଏଥି ପୂର୍ବରୁ ୨୦୧୬ ମସିହାରୁ ସର୍ବଭାରତୀୟ କବାଡି ଫେଡରେଶନ୍ ପକ୍ଷରୁ ଆୟୋଜିତ ଖେଳ ପରିଚାଳନା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେବେଠାରୁ ସେ ବହୁ ସର୍ବଭାରତୀୟ କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଖଣ୍ଡିତରଠାରେ ଆୟୋଜିତ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଛଡା ମଧ୍ୟପ୍ରଦେଶ, ରାଇଗଡ, ରାୟପୁର, ଭାଟପରା ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ସର୍ବଭାରତୀୟ କବାଡି ପ୍ରତିଯୋଗିତାର ଖେଳଗୁଡିକୁ ସଫଳତାର ସହ ପରିଚାଳନା କରିବାର ଅନୁଭୂତି ତାଙ୍କ ନିକଟରେ ରହିଛି। ମନସ୍ୱିନୀ ତାଙ୍କର ସଫଳତା ପାଇଁ ଓଡିଶା କବାଡି ଆସୋସିଏଶନ, ଯାଜପୁର କବାଡି ଆସୋସିଏଶନ, ଲିଙ୍କନ ଫାର୍ମାସିଉଟିକାଲ ଭଳି ଅନୁଷ୍ଠାନର ବିଶେଷ ଅବଦାନ ରହିଛି ବୋଲି କହିଛନ୍ତି। ଏହାଛଡା ମା, ବାପାଙ୍କ ଆଶୀର୍ବାଦ, କବାଡି ପ୍ରଶିକ୍ଷକ କୃଷ୍ଣକାନ୍ତ ପଣ୍ଡା ଓ ପ୍ରଶଂସକଙ୍କ ପ୍ରେରଣା ପାଇ ସେ ସଫଳତା ଅର୍ଜନ କରିଛନ୍ତି ବୋଲି କହିଛନ୍ତି।

# ଟେନିସ୍ ଖେଳାଳିଙ୍କ ଡୋପ୍ ଟେଷ୍ଟ

**ନୂଆଦିଲ୍ଲୀ, ୨।୧୦ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଏହାର ଜାଲକୁ ସଂପ୍ରସାରିତ କରିଛି। ସ୍ଥାନୀୟ ଡେଲ୍‌ଟା କମ୍ପ୍ଲେକ୍ସଠାରେ ଜାତୀୟ ଟେନିସ୍ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଟେନିସ ଖେଳାଳିଙ୍କଠାରୁ ସାମ୍ପଲ ସଂଗ୍ରହ କରିଛି। ସୋମବାର ଅର୍ଜୁନ କାଢେ, ସିଦ୍ଧାନ୍ତ ବନ୍ଥିଆ, ଇସାକ୍ ଇକ୍‌ବାଲ ଏବଂ ପୂର୍ବତନ ୧୪ ବର୍ଷରୁ କମ୍ ଚାମ୍ପିୟନ ଅଜୟ ମଳିକଙ୍କ ସମେତ ୨୦ଜଣ ଖେଳାଳିଙ୍କଠାରୁ ରକ୍ତ ଓ ମୂତ୍ର ସାମ୍ପଲ ସଂଗ୍ରହ କରାଯାଇଛି। କେତେଜଣ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ ପୂର୍ବରୁ ଏବଂ ଅନ୍ୟମାନଙ୍କୁ ମ୍ୟାଚ ପରେ ସାମ୍ପଲ ସଂଗ୍ରହ କରାଯାଇଥିଲା ବୋଲି ନାଡା ମୁଖ୍ୟ ନବୀନ ଅଗ୍ରୱାଲ ସୂଚନା ଦେଇଛନ୍ତି। କେବଳ ନ୍ୟାଶନାଲ ଚାମ୍ପିୟନଶିପ୍ ନୁହେଁ ଚଳିତବର୍ଷ ଇଣ୍ଟରନ୍ୟାନାଲ ସର୍କିଟରେ ପ୍ରତିଯୋଗିତା ବାହାରେ ନାଡା ଭାରତର ଟପ୍ ଖେଳାଳିମାନଙ୍କର ଡୋପ୍ ଟେଷ୍ଟ କରାଇଛି। ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଅଙ୍କିତା ରାଇନା ଏବଂ ଟପ୍ ପୁରୁଷ ସିଙ୍ଗଲ୍ସ ଖେଳାଳି ୟୁକି ଭାମ୍ବ୍ରିଙ୍କ ଅବସ୍ଥିତି ସମ୍ପର୍କରେ ନାଡା ଖୋଜ ଖବର ନେଇଥିଲା। ସେମାନଙ୍କର ଡୋପ୍ ଟେଷ୍ଟ ମଧ୍ୟ କରାଇଥିଲା।

# ସାଇଁଶୋ ଚାମ୍ପିୟନ

**କଣ୍ଟାପଡା, ୨।୧୦ (ଡି.ଏନ୍.ଏ.):** ଗାନ୍ଧୀ ଜୟନ୍ତୀ ଅବସରରେ ବରାହୀପୁର ଗୋପୀନାଥ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ତଣ୍ଡିକଣାର କୃଷକ ବନ୍ଧୁ ଫୁଟବଲ ଟିମକୁ ଟାଇବ୍ରେକର ୬–୫ ଗୋଲରେ ହରାଇ ସାଇଁଶୋ ଫୁଟବଲ ଟିମ ଚାମ୍ପିୟନ ହୋଇଛି। ପ୍ରଥମ କ୍ୱାର୍ଟରରେ ବଜାର ସାହିକୁ ହରାଇ ତଣ୍ଡିକଣା ଫୁଟବଲ ଟିମ ସେମିରେ ପ୍ରବେଶ କରିଥିବାବେଳେ ୨ୟ କ୍ୱାର୍ଟରରେ କୁରାଙ୍ଗକୁ ହରାଇ ବରାହୀପୁର, ୩ୟ କ୍ୱାର୍ଟରରେ ପୁରଣକୁ ହରାଇ ସାଇଁଶୋ ଓ ୪ର୍ଥ କ୍ୱାର୍ଟରରେ ଗବବସ୍ତକୁ ହରାଇ ଗୋବିନ୍ଦପୁର ସେମିରେ ପ୍ରବେଶ କରିଥିଲେ। ପ୍ରଥମ ସେମି ଫାଇନାଲରେ ବରାହୀପୁରକୁ ୪–୩ ଟାଇବ୍ରେକରରେ ହରାଇ ତଣ୍ଡିକଣା ଓ ୨ୟ ସେମିରେ ଗୋବିନ୍ଦପୁରକୁ ୨–୦ ଟାଇବ୍ରେକରରେ ହରାଇ ସାଇଁଶୋ ଫାଇନାଲରେ ପ୍ରବେଶ କରିଥିଲା। ଟୁର୍ନାମେଣ୍ଟକୁ ବ୍ରହ୍ମାନନ୍ଦ ଦାସ, ସଞ୍ଜୀବ ଦାସ ଓ ଚିତ୍ତରଞ୍ଜନ ପ୍ରଧାନ ପରିଚଳନା କରିଥିଲେ। ବିଜୟୀ ଦଳକୁ ୨୦୦୦ ଓ ରନର୍ସ ଅପକୁ ୧୦୦୦ଟଙ୍କା ପୁରସ୍କାର ଦିଆଯାଇଥିଲା।

■ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜ

# ଇଂଲଣ୍ଡକୁ ହରାଇଲା ଭାରତ



ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଟି୨୦ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍।

**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଭାରତ–ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜ ଆରମ୍ଭ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୭ ଉଇକେଟରେ ଇଂଲଣ୍ଡକୁ ହରାଇ ୧–୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଏଡ୍ ହୋସେଲ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଓଡ଼ିଶାର ନକୁଳ ନାୟକ ପ୍ରଥମ ବଲ୍‌ରେ ମ୍ୟାଟ ଡିନ୍‌ଙ୍କୁ ଆଉଟ କରି ଭାରତ ପାଇଁ ଚମତ୍କାର ଆରମ୍ଭ କରିଥିଲେ। ମାତ୍ର ଲ୍ୟୁକ ସଗ୍ ଓ ପିଟର ବ୍ଲୁଇଟ ସତର୍କତାର ସହ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ମଧ୍ୟଭାଗରେ ଭାରତୀୟ ବୋଲରମାନେ ରନହାରରେ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇଥିଲେ ହେଁ ଶେଷ ଭାଗରେ ଜଷ୍ଟିନ ୧୦ ବଲ୍‌ରୁ ୨୨ ରନ କରିବାରୁ ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୫୦ ରନ କରିବାକୁ ସକ୍ଷମ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ପିଟର ସର୍ବାଧିକ ୪୦ ରନ ସ୍କୋର କରିଥିଲେ। ଭାରତର ଆରମ୍ଭ ବହୁତ ବଢ଼ିଆ ରହିଥିଲା। ସୁନୀଲ ରମେଶ ଓ ନକୁଳ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ବିଜୟକୁ ସହଜ କରି ଦେଇଥିଲେ। ନକୁଳ ୨୭ ରନ କରି ଆଉଟ ହୋଇଥିବାବେଳେ ରମେଶ ୧୦୮ ରନରେ ଅପରାଜିତ ରହିଥିଲେ। ଭାରତ ମାତ୍ର ୧୨.୩ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ସିରିଜର ପରବର୍ତ୍ତୀ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

# ପାରା ଏସିଆନ ଗେମ୍ସ: ଥାଙ୍ଗାଭେଲୁ ଜାତୀୟ ପତାକା ବାହକ

**ନୂଆଦିଲ୍ଲୀ, ୨।୧୦ (ପି.ଟି.):** ଅକ୍ଟୋବର ୬ରୁ ୧୩ ପର୍ଯ୍ୟନ୍ତ ଜାକର୍ତ୍ତାଠାରେ ତୃତୀୟ ପାରା ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଜାତୀୟ ପତାକା ଧରିବା ଲାଗି ମଙ୍ଗଳବାର ରିଓ ପାରାଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଥାଙ୍ଗାଭେଲୁ ମାରିୟାପ୍ପାନଙ୍କୁ ମନୋନୀତ କରାଯାଇଛି। ଆଥଲେଟ୍, କୋଚ୍, ସହଯୋଗୀ ଷ୍ଟାଫ, ତତ୍ତ୍ୱାବଧାରକ ଏବଂ ଅଫିସିଆଲଙ୍କ ସମେତ ୩୦୨ ଜଣିଆ ଦଳ ଜାକର୍ତ୍ତା ପାରା ଏସିଆନ ଗେମ୍ସ ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଏଣ୍ଟ୍ରି ଫି’ ପଇଠ କରି ନ ଥିବାରୁ ପ୍ରଥମ ପର୍ଯ୍ୟାୟରେ ସୋମବାର ଜାକର୍ତ୍ତାଠାରେ ପହଞ୍ଚିଥିବା ଭାରତୀୟ ପ୍ରତିନିଧି ଦଳଙ୍କୁ ଗେମ୍ସ ଭିଲେଜ ମଧ୍ୟକୁ ଛଡ଼ା ଯାଇ ନ ଥିଲା। ମାତ୍ର ପରବର୍ତ୍ତୀ କାଳରେ ଏହି ସମସ୍ୟାର ସମାଧାନ ହୋଇଯାଇଛି।




# ପରାଜୟ ସହ ବାଦ୍ ପଡ଼ିଲା ଓଡ଼ିଶା

**କଟକ ଅଫିସ,୨।୧୦**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ନୂଆଦିଲ୍ଲୀରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ମଙ୍ଗଳବାର ଛତିଶଗଡ଼ଠାରୁ ଓଡ଼ିଶା ୪୮ରନ୍‌ରେ ପରାସ୍ତ ହେବା ପରେ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ଏଲିଟ୍ ଗ୍ରୁପ–ବିରେ ସ୍ଥାନ ପାଇଥିବା ଓଡ଼ିଶା ଏପର୍ଯ୍ୟନ୍ତ ୬ ମ୍ୟାଚ୍ ଖେଳି ୧ ବିଜୟ ଓ ୧ ଡ୍ର ଓ ୪ ପରାଜୟ ସହ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି । ହାତରେ ୨ଟି ମ୍ୟାଚ୍ ବାକି ରହିଛି । ଆସନ୍ତା ୪ରେ ଓଡ଼ିଶା ସୌରାଷ୍ଟ୍ରକୁ ଭେଟିବ । ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଓଡ଼ିଶା ଛତିଶଗଡ଼ ବିପକ୍ଷ ମ୍ୟାଚ୍ ଜିତିବା ଆବଶ୍ୟକ ଥିଲା । ଏହି ଗ୍ରୁପ୍‌ରେ ଦିଲ୍ଲୀ, ଆନ୍ଧ୍ରପ୍ରଦେଶ ୬ଟି ଲେଖାଏ ମ୍ୟାଚ୍‌ରୁ ଓ ହାଇଦ୍ରାବାଦ ୭ଟି ମ୍ୟାଚ୍‌ରୁ ୧୮ ପଏଣ୍ଟ ଲେଖାଏ ହାସଲ କରି ପଏଣ୍ଟ ଟେବୁଲରେ ଅଗ୍ରଣୀ ରହିଛନ୍ତି ।

ଛତିଶଗଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓପନର ରିଷଭ ତିୱାରୀ ଓ ଆଶୁତୋଷ ସିଂ ପ୍ରଥମ ଉଇକେଟ ଭାଗୀଦାରିରେ ୪୭ରନ୍ ଯୋଡ଼ିଥିଲେ । ରିଷଭଙ୍କୁ ୨୫ରନ୍‌ରେ ଗୋବିନ୍ଦ ପୋଦ୍ଦାର ଏଲବିଡବ୍ଲ୍ୟୁ କରି ଦଳ ନିମନ୍ତେ ପ୍ରଥମ ବ୍ରେକଥ୍ରୁ ଦେଇଥିଲେ। ଆଶୁତୋଷଙ୍କ ୩୮ ଓ ଅଧିନାୟକ ହରପ୍ରିତ ସିଂ ଭାଟିଆଙ୍କ ୪୩ରନ ବଳରେ ଦଳ ୧୦୦ରନ୍ ଅତିକ୍ରମ କରିଥିଲା । ଓଡ଼ିଶା ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ଛତିଶଗଡ଼ର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନଙ୍କ ଉଇକେଟ ଦଖଲ କରିବା ଫଳରେ ଦଳ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଅମନଦୀପ ଖାରେ ୨୯, ସୁମିତ ରୁଇକାର ୧୬, ସକିବ ଅହମ୍ମଦ ୩୮ରନ୍ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ଛତିଶଗଡ଼ ସମସ୍ତ ଉଇକେଟ ହରାଇ ୨୧୨ ରନ୍ କରିଥିଲା । ଓଡ଼ିଶା ପକ୍ଷରୁ ଅନୁରାଗ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ବିପ୍ଲବ ସାମନ୍ତରାୟ, ପପୁ ରାୟ, ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି । ଜବାବରେ ଓଡ଼ିଶା ୨୩ରନ୍‌ରେ ୨ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା । ଓପନର ଅନୁରାଗ ଷଡ଼ଙ୍ଗୀ ୨୧ ଓ ଅଧିନାୟକ ଗୋବିନ୍ଦ ୧ରନ୍‌ରେ ଆଉଟ ହୋଇଥିଲେ । ପରେ ଅନ୍ୟତମ ଓପନର ରାଜେଶ ଧୂପର ଓ ପୂର୍ବତନ ଅଧିନାୟକ ବିପ୍ଲବ ସାମନ୍ତରାୟଙ୍କ ମଧ୍ୟରେ ୬୭ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ସୃଷ୍ଟି ହୋଇଥିଲା । ମାତ୍ର ରାଜେଶ ଓ ବିପ୍ଲବ ଉଭୟ ୩୮ରନ୍ ଲେଖାଏ କରିଥିବା ବେଳେ ପ୍ୟାଭିଲିୟନ ଫେରିଯିବା ପରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ପରେ କ୍ରିଜକୁ ଆସିଥିବା ଶୁଭ୍ରାଂଶୁ ସେନାପତି ୨, ସୁଜିତ ଲେଙ୍କା ୧୬, ଅଭିଷେକ ରାଉତ ୯ରନ୍‌ରେ ଆଉଟ ହୋଇଥିଲେ । ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ପ୍ରୟାସ ସିଂ ୨୫ରନ୍ କରିଥିବା ବେଳେ ଦୀପକ ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ ୩ରନ୍ ଲେଖାଏ ଓ ପପୁ ରାୟ ୬ରନ୍‌ରେ ଆଉଟ ହୋଇଥିଲେ । ଫଳରେ ଓଡ଼ିଶା ୧୬୪ରନ୍‌ରେ ଅଲଆଉଟ ହୋଇଥିଲା । ଛତିଶଗଡ଼ ପକ୍ଷରୁ ପଙ୍କଜ ରାଓ ଓ ଶିବେନ୍ଦ୍ର ସିଂ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ ।

### ବିଜୟ ହଜାରେ ଟ୍ରଫି

### ଯୋଗଦେଲେ ରୋଶନ, ଆଶୁତୋଷ, ଶୁଭମ

ଚଳିତ ବିଜୟ ହଜାରେ ଟ୍ରଫିର ବଳକା ଦୁଇଟି ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି । ଦଳରେ ରହିଥିବା ପେସ୍ ବୋଲର ଦେବବ୍ରତ ପ୍ରଧାନଙ୍କ ସ୍ଥାନରେ ଆଶୁତୋଷ ଦାସ, ଉଇକେଟ କିପର ସୁଜିତ ଲେଙ୍କାଙ୍କ ସ୍ଥାନରେ ପି.ରୋଶନ କୁମାର ରାଓ ଓ ସ୍ପିନର କ୍ରିଷ୍ଣା ପଲାଇଙ୍କ ସ୍ଥାନରେ ଶୁଭମ ନାୟକଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ସୂଚନା ଦେଇଛନ୍ତି ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ

# ବାୟୋଟେକ୍ନୋଲଜିରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଓଡ଼ିଶା

## ରାଜ୍ୟ ବାହାରେ ହେବ ରୋଡ୍ ଶୋ'

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ପ୍ରଥମେ ପର୍ଯ୍ୟଟନ ଓ ତା'ପରେ ଶିଳ୍ପ, ଆଉ ଏବେ ବାୟୋଟେକ୍ନୋଲଜି ସେକ୍ଟର ଉପରେ ନଜର ପକାଇଛନ୍ତି ରାଜ୍ୟ ସରକାର। ବାୟୋଟେକ୍ନୋଲଜି କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଶା ବାହାରେ ରୋଡ୍ ଶୋ' କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଚଳିତ ମାସରେ ବାଙ୍ଗାଲୋର ଏବଂ ହାଇଦ୍ରାବାଦରେ ଦୁଇଟି ଶୋ' କରାଯିବାକୁ ସ୍ଥିର ହୋଇଛି। ଓଡ଼ିଶାରେ ଏଗ୍ରିକଲ୍‌ଚର ବାୟୋଟେକ୍ନୋଲଜି, ବାୟୋଫାର୍ମା, ବାୟୋମ୍ୟାଟେରିଆଲ୍, ବାୟୋଇନ୍‌ଫର୍ମେଟିକ୍ସ ଆଦି କ୍ଷେତ୍ରରେ ବିପୁଳ ସୁଯୋଗ ରହିଥିବା ବେଳେ ପୁଞ୍ଜିନିବେଶ ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରମୁଖ ବାୟୋଟେକ୍ନୋଲଜି କମ୍ପାନୀମାନଙ୍କୁ ରାଜ୍ୟ ପ୍ରତି ଆକୃଷ୍ଟ କରିବାକୁ ଏହି ରୋଡ୍ ଶୋ'ର ଆୟୋଜନ କରାଯିବ।

ଦେଶର ଶ୍ରେଷ୍ଠ ୫ ବାୟୋଟେକ୍ ହବ୍ ରାଜ୍ୟ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିବାକୁ ୨୦୧୬ ନଭେମ୍ବର ମାସରେ ଓଡ଼ିଶା ସରକାର ନୂତନ ବାୟୋଟେକ୍ନୋଲଜି ପଲିସିର ଡ୍ରାଫ୍ଟ ଲୋକାର୍ପଣ କରିଥିଲେ। ଇଣ୍ଡଷ୍ଟ୍ରିଆଲ ପଲିସି ରିଜୋଲ୍ୟୁଶନରେ ବାୟୋଟେକ୍ନୋଲଜିକୁ ଏକ ଗୁରୁତ୍ୱପୂର୍ଣ୍ଣ ସେକ୍ଟର ଭାବେ ବିବେଚନା କରାଯାଇଥିଲା। ରାଜ୍ୟରେ ରହିଥିବା ଉତ୍କୃଷ୍ଟ ପ୍ରାକୃତିକ ଓ ଜୈବ ସମ୍ବଳକୁ ଦୃଷ୍ଟିରେ ରଖି ଆଗାମୀ କିଛିବର୍ଷ ମଧ୍ୟରେ ଓଡ଼ିଶାକୁ ବାୟୋଟେକ୍ନୋଲଜି ହବ୍‌ରେ ପରିଣତ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେହିଭଳି ଏକ ବାୟୋଟେକ୍ନୋଲଜି ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ହାଇଦ୍ରାବାଦସ୍ଥିତ ବାୟୋଟେକ୍ନୋଲଜି କମ୍ପାନୀ ଭାରତ ବାୟୋଟେକ୍ ସହ ସହବନ୍ଧିତା କରିଥିଲେ। ଏହି କ୍ରମରେ ରୋଡ୍ ଶୋ' ମାଧ୍ୟମରେ ଓଡ଼ିଶାରେ ଥିବା ଉତ୍କୃଷ୍ଟ ଭିତ୍ତିଭୂମିର ପ୍ରଚାର ପ୍ରସାର କରାଯିବାକୁ ଏବେ ସ୍ଥିର ହୋଇଛି।

ଆସନ୍ତା ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମ ଭାବେ ଏହି ରୋଡ୍ ଶୋ' କରାଯିବ। ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳ, ବିସ୍ତୃତ ଉପକୂଳ ଅଞ୍ଚଳ ଏବଂ କୃଷିବହୁଳ ଅଞ୍ଚଳରେ ବିପୁଳ ଜୈବ ସମ୍ବଳ ରହିଥିବା ବେଳେ ରୋଡ୍ ଶୋ'ରେ ଏହାକୁ ପ୍ରାଥମିକତା ଦିଆଯିବ। ଅଧିକରୁ ଅଧିକ ପୁଞ୍ଜିନିବେଶ ସୃଷ୍ଟି କରି କିଭଳି ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇପାରିବ, ତାହା ମଧ୍ୟ ଏହାର ମୂଳଲକ୍ଷ୍ୟ ରହିବ। ଭୁବନେଶ୍ୱରରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ବହୁ ଗବେଷଣା ପ୍ରତିଷ୍ଠାନ ରହିଥିବାରୁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ସେହିଭଳି ପ୍ରତିଷ୍ଠା ହେବାକୁ ଥିବା ବାୟୋଟେକ୍ନୋଲଜି ପାର୍କ ପୁଞ୍ଜିନିବେଶକାରୀଙ୍କ ପାଇଁ ବିଶେଷ ଲାଭଦାୟକ ହେବ। ସ୍ୱାସ୍ଥ୍ୟ, କୃଷି, ମତ୍ସ୍ୟସମ୍ପଦ, ସାମୁଦ୍ରିକ ଉତ୍ପାଦ, ଟୀକାଦ୍ରବ୍ୟ, ମେଡିକାଲ ଉପକରଣ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ଇଣ୍ଡଷ୍ଟ୍ରୀ ଉପରେ ଅଧିକ ଫୋକସ୍ କରାଯିବ। ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍‌ର ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା, ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ଡ. ସଂଘମିତ୍ରା ପତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ରାଶିଦ୍ ଖାନ୍ ପ୍ରମୁଖ ଏହି ରୋଡ୍ ଶୋ'ରେ ଯୋଗଦେଇ କମ୍ପାନୀମାନଙ୍କ ସହ ଆଲୋଚନା କରିବେ। ଓଡ଼ିଶା ସରକାର ଏଫ୍‌ଆଇସିଆଇ ସହ ମିଳିତ ଭାବେ ପୁଞ୍ଜିନିବେଶକାରୀଙ୍କ ସମ୍ମିଳନୀ ଆୟୋଜନ କରିବେ।

# ମାଟିତଳୁ ଅଷ୍ଟଧାତୁ କାଳୀମୂର୍ତ୍ତି ଉଦ୍ଧାର



ସାକ୍ଷୀଗୋପାଳ, ୨।୧୦ (ଡି.ଏନ୍.ଏ.): ସତ୍ୟବାଦୀ ଥାନା ବଳପୁର ପଞ୍ଚାୟତ ମହାରଣା ସହିର ଜନୈକ ବ୍ୟକ୍ତିଙ୍କ ଘର ଅଗଣାରୁ ଗୋଟିଏ ଅଷ୍ଟଧାତୁରେ ନିର୍ମିତ କାଳୀମୂର୍ତ୍ତି ସୋମବାର ରାତିରେ ଉଦ୍ଧାର କରାଯାଇଛି। ତାଙ୍କ ଘରେ ଦୀର୍ଘଦିନ ଧରି ଅଘଟଣ ଘଟିବା ପରେ ସେ ଚିନ୍ତିତ ହୋଇପଡିଥିଲେ। ସ୍ଥାନୀୟ ଜଣେ ପଣ୍ଡିତଙ୍କ ସହିତ ଆଲୋଚନା କରିବାପରେ ଅଗଣା ମାଟି ଖନନ କରାଯାଇଥିଲା। ମାଟିତଳୁ ଅଷ୍ଟଭୁଜା କାଳୀ ପ୍ରତିମା ଶିବଙ୍କ ଛାତିରେ ପାଦରଖି ଦଣ୍ଡାୟମାନ ହୋଇଥିବା ଦେଖିବାକୁ ମିଳିଛି। ଦେବୀ ପ୍ରତିମାଙ୍କୁ ଦେଖିବାପାଇଁ ସେଠାରେ ଭିଡ଼ ଲାଗିଛି।

# ନାବାଳିକାଙ୍କୁ ଅପହରଣ କରି ବିକିଦେଲେ ଦମ୍ପତି

■ କଟକରୁ ଧରାପଡିଲେ ଅପହର୍ତ୍ତା, ନାବାଳିକାଙ୍କ ପତ୍ତା ମିଳୁନି

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଖଣ୍ଡଗିରି ଥାନା ଭରତପୁର ଲେନ୍-୫ରେ ରହୁଥିବା ଜଣେ ନାବାଳିକାଙ୍କୁ ସେଠାରେ ଭଡାରେ ରହୁଥିବା ଏକ ଦମ୍ପତି ଅପହରଣ କରି ନେଇଥିଲେ। ପରେ ସେମାନେ କଟକରେ ନାବାଳିକାଙ୍କୁ ରଖି ନିର୍ଯାତନା ଦେବା ସହ ଦେହ ବ୍ୟବସାୟ କରୁଥିବା ଜଣେ ଦଲାଲକୁ ବିକ୍ରି କରି ଦେଇଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖଣ୍ଡଗିରି ପୋଲିସ କଟକରେ ଚଢାଉ କରି ଅପହର୍ତ୍ତା ଦମ୍ପତିଙ୍କୁ ସୋମବାର ଧରିଥିବାବେଳେ ନାବାଳିକାଙ୍କୁ ଉଦ୍ଧାର କରାଯାଇନାହିଁ। ପୋଲିସ ଦମ୍ପତିଙ୍କୁ ଅଟକ ରଖି ପଚରାଉଚରା କରୁଛି। କିନ୍ତୁ ସେମାନେ ନାବାଳିକାଙ୍କ ସମ୍ପର୍କରେ ପୋଲିସକୁ କୌଣସି ତଥ୍ୟ ଦେଉନାହାନ୍ତି।

ସୂଚନା ଅନୁଯାୟୀ, ଭରତପୁର ବସ୍ତିରେ ନାବାଳିକା ପରିବାର ସହ ରହୁଥିଲେ। ତାଙ୍କ ଘର ନିକଟରେ ଏକ ଦମ୍ପତି ଘର ଭଡା ନେଇ ରହୁଥିଲେ। ୬ମାସ ତଳେ ରାତିରେ ନାବାଳିକା ବାହାରକୁ ଆସିଥିବାବେଳେ ଉକ୍ତ ଦମ୍ପତି ତାଙ୍କୁ ଅପହରଣ କରି ନେଇଥିଲେ। ତାଙ୍କୁ ଅପହରଣ କରି ନେବା ପରେ କଟକରେ ରଖି ନିର୍ଯାତନା ଦେଉଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଖୋଜାଖୋଜି କରି ନ ପାଇବାରୁ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ରଖି ମାମଲା ରୁଜୁ ନ କରି ଖୋଜିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଦମ୍ପତି କଟକରେ ଜଣେ ଦେହ ଦଲାଲ ଯୁବତୀଙ୍କୁ ବିକ୍ରି କରି ଦେଇଥିଲେ। ଏହା ପରେ ଝିଅ ଉକ୍ତ ଦଲାଲଙ୍କ ନିକଟରୁ ଫେରାର ହୋଇଯାଇଥିବା ଅଭିଯୁକ୍ତ ଦମ୍ପତି ନାବାଳିକାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଏକଥା ଶୁଣି ପୋଲିସକୁ ଜଣାଇଥିଲେ। ପୋଲିସ କଟକରେ ଚଢାଉ କରି ଉକ୍ତ ଦମ୍ପତିଙ୍କୁ କାବୁ କରି ଭୁବନେଶ୍ୱର ଆଣିଥିଲା। ସେମାନେ ଝିଅକୁ ବିକ୍ରି କରି ଦେଇଥିବା ପୋଲିସ ପଚରାଉଚରା ବେଳେ ତଦନ୍ତରୁ ଜାଣିବାକୁ ପାଇଛି। କିନ୍ତୁ ପୋଲିସ ନାବାଳିକାଙ୍କୁ ଖୋଜିବା ପାଇଁ ଏବେ କୁନ୍ଥୁ କୁନ୍ଥୁ ହେଉଛି। ତାଙ୍କୁ ଖୋଜିବା ଲାଗି ପୋଲିସ ପରିବାର ଲୋକଙ୍କୁ କହୁଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।








ସଦ୍‌ଗୁଣ ଓ ଶିଷ୍ଟତା ଏଭଳି ଯୋଡି ହୋଇ ରହିଥାନ୍ତି ଯେ, ଗୋଟିକୁ ଅନ୍ୟଠାରୁ ଅଲଗା କରିଦେଇ ହେବ ନାହିଁ।

-ଶିଶେରୋ



## ସଂକ୍ଷେପରେ

### ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କଟକ ସଦର,୨।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ବେଣ୍ଟକାର ପଞ୍ଚାୟତ ଧୂଳିଶ୍ୱର ଗ୍ରାମର ବୈଷ୍ଣବ ପାତ୍ର(୭୦)ଙ୍କ ମୃତଦେହକୁ ମଙ୍ଗଳବାର ଅଗ୍ନିଶମ ବିଭାଗ ସ୍ଥାନୀୟ ସିଡୁଆ ନଦୀରୁ ଉଦ୍ଧାର କରିଛି। ୪୨ମୌଜା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇଛି। ସୂଚନାଥାଉକି, ସୋମବାର ଅପରାହ୍ନରେ ବୈଷ୍ଣବ ନଦୀରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁ ତାଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ଖବରପାଇ କଟକ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ ବୈଷ୍ଣବଙ୍କ ପତ୍ତା ପାଇ ନ ଥିଲେ।

### ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତିପୀଠରେ ଗାନ୍ଧୀ ଜୟନ୍ତୀ

**କଟକ ଅଫିସ, ୨।୧୦:** ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତିପୀଠରେ ଜିଲା ପ୍ରଶାସନ, କଟକ ମହାନଗର ନିଗମ ଓ ଗାନ୍ଧୀସ୍ମୃତି ସଂସଦ ସହଯୋଗରେ ୧୫୦ତମ ଗାନ୍ଧୀ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଗାନ୍ଧୀସ୍ମୃତି ସଂସଦ ସଭାପତି ତଥା ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲାପାଳ ଅଗ୍ରୱାଲ କହିଲେ, ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାକୁ ଆମେ ନିଜ ଜୀବନରେ ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ନିଜେ ପରିବର୍ତ୍ତନ ହେବା ସହ ଦେଶ ତଥା ସମାଜର ସାମୂହିକ ସ୍ୱାର୍ଥ ସାଧନ ହୋଇପାରିବ। ଗାନ୍ଧିଜୀଙ୍କ ସ୍ୱଚ୍ଛତା, ମାନବସେବାକୁ ଜୀବନର ବ୍ରତ ଭାବେ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ।
ସିଏମ୍‌ସି ମେୟର ମୀନାକ୍ଷୀ ବେହେରା ସମ୍ମାନନିତ ଅତିଥି ଭାବେ ଯୋଗଦେଇ ମନ ଭିତରୁ କ୍ରୋଧ ଦୂର କରି ଅହିଂସାକୁ ଆପଣାଇବା, ଗାନ୍ଧିଜୀଙ୍କ ଗାଥାର ଗୁଣଗାନ କରିବା ଓ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ କହିଥିଲେ। ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ଗାନ୍ଧିଜୀଙ୍କ ଚିନ୍ତାଧାରା ସବୁବେଳେ ଆଲୋକ, ଆଦର୍ଶ ଓ ଦିଶା ଦେଖାଇବ ବୋଲି ପ୍ରକାଶ କରିବା ସହ ତାଙ୍କ ପାଇଁ ଭାରତ ବିଶ୍ୱରେ ଏକ ମହାନ ଦେଶ ହିସାବରେ ସବୁବେଳେ ପରିଗଣିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସୂଚନା ଓ ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସର୍ବଧର୍ମ ପ୍ରାର୍ଥନା ସଭାରେ ଶୁକଦେବ ସ୍ୱାଇଁ ଗୀତାପାଠ, ସନ୍ଦୀପ ନାୟକ ବାଇବେଲ ଓ ମହମ୍ମଦ କାଶିପ୍ ହଲିମ କୋରାନ ପାଠ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ , ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଶୁତୋଷ ପାଇକରାୟ ଧନ୍ୟବାଦ ଦେଇଥିଲେ।

## ■ ମିଥ୍ୟା ଉପସ୍ଥାନରେ ଚାଲିଛି ବିଦ୍ୟାଳୟ

# କଟକ ଜିଲାରେ ୧୫ହଜାର ପିଲାଙ୍କ ଠିକଣା ମିଳୁନି

**କଟକ ଅଫିସ, ୨।୧୦**

- ■ ନାଁ ଲେଖାଇଛନ୍ତି ଯେତିକି ପଢୁନାହାନ୍ତି ସେତିକି
- ■ ୟୁ-ଡାଇସ ଓ ଏସ୍‌ଡିଏମ୍‌ଆଇଏସ୍ ତଥ୍ୟରୁ ମିଳିଲା ଜାଲିଆତି
- ■ ବିଭିନ୍ନ ଶିକ୍ଷା ଯୋଜନା ଅର୍ଥକୁ ହରିଲୁଟ କରାଯାଉଛି

ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ ଖାତା ଯେଉଁ ତଥ୍ୟ ଦେଉଛି ତାହା ବାସ୍ତବ ନୁହେଁ। କାରଣ ଯେତିକି ପିଲା ନାମ ଲେଖାଇଥିବା ବିଦ୍ୟାଳୟଗୁଡ଼ିକ ଦର୍ଶାଉଛନ୍ତି ସେତିକି ପିଲାଙ୍କ ତଥ୍ୟ ମିଳୁନାହିଁ। ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇଫର୍ମେଶନ ସିଷ୍ଟମ ଫର୍ ଏଜୁକେଶନ (ୟୁ-ଡାଇସ୍) ଓ ଷ୍ଟୁଡେଣ୍ଟ ଡାଟାବେସ୍ ମ୍ୟାନେଜମେଣ୍ଟ ଇନଫର୍ମେଶନ ସିଷ୍ଟମ୍ (ଏସ୍‌ଡିଏମ୍‌ଆଇଏସ୍)ର ତଥ୍ୟରୁ ଏଭଳି ଫରକ୍ ଦେଖିବାକୁ ମିଳିଛି। ଦୁଇଟିଯାକ ତଥ୍ୟକୁ ମେଳ କଲାବେଳକୁ କଟକ ଜିଲାରେ ୧୫, ୭୫୭ ପିଲାଙ୍କ ଠିକଣା ମିଳୁନାହିଁ। ଉକ୍ତ ତଥ୍ୟ ସ୍ପଷ୍ଟ କରୁଛି ଯେ ବିଦ୍ୟାଳୟଗୁଡ଼ିକ ମିଥ୍ୟା ଉପସ୍ଥାନରେ ଚାଲିଛି। ଅନ୍ୟପକ୍ଷରେ ଶିକ୍ଷାକୁ ସାର୍ବଜନୀନ କରିବା ସହିତ ସମସ୍ତଙ୍କୁ ଶିକ୍ଷାସ୍ରୋତରେ ସାମିଲ କରିବା ପାଇଁ ସରକାର ଯେଉଁସବୁ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହା ଏଭଳି ଜାଲ୍ ଉପସ୍ଥାନ ଯୋଗୁ ହରିଲୁଟ ହେଉଛି। ମୁଖ୍ୟତଃ ମଧାହ୍ନଭୋଜନ, ବହି ଓ ପୋଷାକ ଆଦି ନିମନ୍ତେ ଯୋଗାଇ ଦିଆଯାଉଥିବା ଅର୍ଥର ବାସ୍ତବ ଖର୍ଚ୍ଚକୁ ନେଇ ସନ୍ଦେହ ଉପୁଜିଛି।

ସୂଚନାଥାଉକି, ଏସ୍‌ଡିଏମ୍‌ଆଇଏସ୍‌ରେ ଜିଲାର ପ୍ରତ୍ୟେକ ସ୍କୁଲର ଡାଟାବେସ୍ ପ୍ରସ୍ତୁତ ହୋଇଥାଏ। ବିଦ୍ୟାଳୟର ପିଲା ସଂଖ୍ୟା, ଶିକ୍ଷକ ସଂଖ୍ୟା ଓ ଭିତ୍ତିଭୂମି ଆଦି ଏହି ଡାଟାବେସ୍‌ରେ ରହିଥାଏ। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁ-ଡାଇସ୍ ମାଧ୍ୟମରେ ପିଲାଙ୍କ ଆଧାର ଲିଙ୍କ୍ କରାଯିବାକୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅନୁଯାୟୀ କଟକ ଜିଲାରେ ଏସ୍‌ଡିଏମ୍‌ଆଇଏସ୍ ତଥ୍ୟରେ ବଡ଼ଧରଣର ଅମେଳ ରହିଥିବା ସାମ୍ନାକୁ ଆସିଥିଲା। କେତେକ ବ୍ଲକରେ ଉପସ୍ଥାନରେ ଯେତିକି ପିଲା ଦର୍ଶାଯାଇଛି ତାହାଠୁ ଅଧିକ ପିଲାଙ୍କ ତଥ୍ୟ ଏସ୍‌ଡିଏମ୍‌ଆଇଏସ୍‌ରେ ଦେଖିବାକୁ ମିଳିଛି। ଉଦାହରଣ ଭାବେ ୨୦୧୭-୧୮ରେ ନିଶ୍ଚିନ୍ତକୋଇଲି ବ୍ଲକରେ ମୋଟ ୯୦୦୭ ଜଣ ପିଲାଙ୍କ ନାମ ବିଦ୍ୟାଳୟ ଉପସ୍ଥାନ ଖାତାରେ ଥିବାବେଳେ ଏସ୍‌ଡିଏମ୍‌ଆଇଏସ୍‌ରେ ୯୦୯୩ ପିଲାଙ୍କ ତଥ୍ୟ ରହିଛି। ସେହିପରି ଡମପଡ଼ା ବ୍ଲକରେ ୭୫୨୨ ପିଲାଙ୍କ ନାମ ଉପସ୍ଥାନ ଖାତାରେ ଥିବାବେଳେ ଏସ୍‌ଡିଏମ୍‌ଆଇଏସ୍‌ରେ ୮୦୩୨ ପିଲାଙ୍କ ତଥ୍ୟ ରହିଛି। ବାଙ୍କୀ ବ୍ଲକରେ ବିଦ୍ୟାଳୟ ଉପସ୍ଥାନ ଖାତାରେ ୮୦୧୧ ପିଲା ଥିବାବେଳେ ଏସ୍‌ଡିଏମ୍‌ଆଇଏସ୍‌ରେ ୮୦୮୩ ପିଲାଙ୍କ ତଥ୍ୟ ରହିଛି। ତେବେ ଉପସ୍ଥାନ ଖାତାଠାରୁ ଏସ୍‌ଡିଏମ୍‌ଆଇଏସ୍‌ରେ ଅଧିକ ପିଲାଙ୍କ ତଥ୍ୟକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ମୋଟ ୧୪୧୭୩୧ ଜଣ ପିଲା ପଢୁଥିବା ଉପସ୍ଥାନ ଖାତାରେ ଦର୍ଶାଯାଇଥିଲା। ମାତ୍ର ଏସ୍‌ଡିଏମ୍‌ଆଇଏସ୍ ତଥ୍ୟରେ ୧୨୫୯୭୪ ପିଲା ପଢୁଥିବା ଦର୍ଶାଯାଇଛି। ତେବେ ଏସ୍‌ଡିଏମ୍‌ଆଇଏସ୍‌ରେ ନାଁ ନ ଥିବା ପିଲାଙ୍କ ମଧ୍ୟରେ କଟକ ସହରରେ ସର୍ବାଧିକ ୫୦୦୬ ପିଲା ଥିବାବେଳେ ନରସିଂହପୁରରେ ୨୯୯୭, ମାହାଙ୍ଗାରେ ୨୩୦୦, କଣ୍ଟାପଡ଼ାରେ ୧୪୦୨, କଟକ ସଦରରେ ୬୪୭, ଚୌଦ୍ୱାର ପୌରାଞ୍ଚଳରେ ୭୩, ବାରଙ୍ଗରେ ୧୩୮୧, ବଡ଼ମ୍ବାରେ ୮୦, ବାଙ୍କୀ ଏନ୍‌ଏସିରେ ୯୨, ଆଠଗଡ଼ରେ ୧୧୯, ଆଠଗଡ଼ ଏନ୍‌ଏସିରେ ୩୫ ଓ ଚାରବାଟିଆ ଏଆର୍‌ସି ଅଞ୍ଚଳର ୨୦ ପିଲା ରହିଛନ୍ତି। ଏ ସମ୍ପର୍କରେ ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଏଲୋରା ଭାରତୀ ଜେନା କୁହନ୍ତି, ଆମେ ଏବେ ପୁଣି ଥରେ ଏହି ତଥ୍ୟକୁ ଯାଞ୍ଚ କରୁଛୁ। ଯେହେତୁ ଅଧିକାଂଶ ପିଲା ଆଧାର ଲିଙ୍କ୍ କରିନାହାନ୍ତି ତେଣୁ ତଥ୍ୟ ଅମେଳ ରହୁଛି। କଟକ ସହରର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜନୈକ ପ୍ରଧାନଶିକ୍ଷକଙ୍କ କହିବାନୁଯାୟୀ, ଆଧାର ନ ଥିଲେ ବିଦ୍ୟାଳୟରେ ଆଡ୍‌ମିଶନ କରାଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ଅନେକ ପିଲାଙ୍କ ଆଧାର କାର୍ଡ ନ ଥିବାରୁ ଏ ନେଇ ଅସୁବିଧା ଉପୁଜିଥିଲା। ଏବେ ସୁପ୍ରିମକୋର୍ଟ ଆଧାର ନ ଥିଲେ ଆଡମିଶନ କରିବାରେ କୌଣସି ଅସୁବିଧା ନ ଥିବା କହିବା ପରେ ଆମେ କେବଳ ଅଡୁଆରେ ଘାଣ୍ଟି ହେଉଛୁ ବୋଲି କହିଛନ୍ତି। ତେବେ ମିଥ୍ୟା ଉପସ୍ଥାନ ମାଧ୍ୟମରେ ସରକାରୀ ଅର୍ଥ ହରିଲୁଟ ହେଉଥିବା ନେଇ ଯେଉଁ ଚର୍ଚ୍ଚା ଲାଗି ରହିଥିଲା ତାହାକୁ ଏହି ତଥ୍ୟ ଅମେଳ ଘଟଣା ପ୍ରମାଣିତ କରୁଛି।



ଦୋଳମୁଣ୍ଡାଇ ଛକଠାରୁ ମଙ୍ଗଳବାର ରୋଟାରି କ୍ଲବ ଅଫ୍ ଇଷ୍ଟ ଓ ବାବା ସାଗର ଦାସ ବିଦ୍ୟାପୀଠ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ପଲିଥିନ ମୁକ୍ତ ଭାରତର ସଚେତନତା ଶୋଭାଯାତ୍ରା।

### ଡ୍ରିମ୍‌ସରେ ଗାନ୍ଧୀ ଜୟନ୍ତୀ

**କଟକ ଅଫିସ, ୨।୧୦**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛତା ଓ ପଲିଥିନମୁକ୍ତ ଗ୍ରାମ ଗଠନ ନିମନ୍ତେ ଏକ ସଚେତନତା ରାଲି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ମୁଖ୍ୟ ଏକାଡେମିକ ଭବନ ନିକଟରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଡିଗ୍ରୀ ଇଞ୍ଜିନିୟରିଂ ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ପଲିଟେକ୍‌ନିକ ନିର୍ଦ୍ଦେଶକ ଲୋକନାଥ ବେହେରା, ହୋଟେଲ ମ୍ୟାନେଜମେଣ୍ଟ ଅଧକ୍ଷ ଆଶିଷ କୁମାର ସ୍ୱାଇଁ, ଡ. ଅଜିତ୍ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

**ଭାଜପା କଟକ ନଗର ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ**

ଭାଜପା କଟକ ନଗର ଜିଲା ତରଫରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମଙ୍ଗଳବାର ବକ୍ସି ବଜାର ଛକରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସମୀର ଦେ ଅଳିଆ ଆବର୍ଜନାପୂର୍ଣ୍ଣ କଟକକୁ ପୁନର୍ବାର ଧବଳ ଟଗର କରିବାକୁ ହେଲେ ସ୍ୱଚ୍ଛତା ପ୍ରଥମେ ନିଜ ଘରୁ ଆରମ୍ଭ କରିବା ପାଇଁ ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ସାଧାରଣ ସମ୍ପାଦକ ଦୟାନିଧି ଲେଙ୍କା, ଗୀତାରାଣୀ ଦାସ, ଶ୍ରୀତମ ଦାସ, ରାଶ୍ମିରେଖା ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ, ୨ ଗିରଫ

**କଟକ ଅଫିସ, ୨।୧୦:**

କଟକରୁ ବିଭିନ୍ନ ଦୋକାନରୁ ଲୁଗାପଟା ଚୋରି କରି ଅନ୍ୟ ଏକ ଦୋକନରେ ବିକ୍ରି କରୁଥିବା ଅଭିଯୋଗରେ ଉଭୟ ଚୋର ଏବଂ ବ୍ରିକି କରୁଥିବା ଦୋକନୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ବାଦାମବାଡି ଥାନା ପୋଲିସ। ସେମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅନ୍ତର୍ଗତ ବେଲପୋଦର ଅଞ୍ଚଳର ତପନ କୁମାର ପାତ୍ର(୩୦) ଏବଂ ଜଙ୍କିଆ ଥାନା ଅନ୍ତର୍ଗତ ମାଣିକପୁରପାଟଣା ଅଞ୍ଚଳର ଅଜୟ ସାହୁ(୩୨)। ପୋଲିସ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଲୁଗାପଟା ଜବତ କରିବା ସହ ଦଫା ୪୫୭, ୩୮୦, ୪୧୧, ୩୪ ରେ ନଂ. ୨୨୦/୧୮ରେ ମାମଲା ରୁଜୁ କରିଛି। ତେବେ ତପନଙ୍କ ନାମରେ ବାଦାମବାଡି ଥାନାରେ ୪ ଟି ଚୋରି ମାମଲା ଥିବା ପୋଲିସ ସୂଚନା ଦେଇଛି।

### କଟକ ଇଲେକ୍ଟ୍ରିକାଲ ଟ୍ରେଡର ସଂଘର ପ୍ରତିଷ୍ଠା ଦିବସ




**କଟକ,୨-୧୦**

କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ ସଂଘର ୨୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତି ସତ୍ୟ ନାରାୟଣ ଗୋଏଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋହନଲାଲ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନରେ ସଫେଇ କାର୍ଯ୍ୟକ୍ରମ, ବିଭିନ୍ନ ବିଦ୍ୟାଳୟରେ ପାଠ୍ୟ ଉପକରଣ ଓ ଆସବାବପତ୍ର ବଣ୍ଟନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ରହିଛି। ଏହି ଅବସରରେ ଏକ ଲକି ଡ୍ର ଅନୁଷ୍ଠିତ ହୋଇଥିବା ବେଳେ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ନନ୍ଦୀ, ଆଇନଜୀବୀ ପ୍ରଭାତ କୁମାର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଶୈଳେଶ କୁମାର ବର୍ମା, ପୂର୍ବତନ ସଭାପତି ପୀତବାସ ସାହୁ, ହରିରାମ ଶର୍ମା, କୈଳାସ ଚନ୍ଦ୍ର ସାହୁ, ନକୁଳ ସାହୁ, ଭାରତ ଭୂଷଣ ପାତ୍ର, ଗୋବିନ୍ଦ ଲାଲ ଶର୍ମା, ମହେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ପାଇଁ ଗାନ୍ଧୀ ବିଚାରର ଆବଶ୍ୟକତା ରହିଛି

**କଟକ ଅଫିସ/ଫୁଲନଖରା, ୨।୧୦(ଡି.ଏନ୍.ଏ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ କଟକ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଛି। ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ ଶାସ୍ତ୍ରୀଙ୍କ ଫଟୋରେ ଉପସ୍ଥିତ ନେତୃବୃନ୍ଦମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସେଠାରେ କଟକ ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଭାରୀ ଜିତେନ୍ଦ୍ର ସିଂ, ଭକ୍ତ ଦାସ, ଶରତ ରାଉତ, ଶରତ ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ଶର୍ମା, ଡି. ରାଜୁ, ମୁସ୍ତାଫା ଅଲ୍ଲି, ବିଜୟଲକ୍ଷ୍ମୀ ସାହୁ, ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଆଜିର ବିଶ୍ୱ ପାଇଁ ଗାନ୍ଧୀ ବିଚାରର ଆବଶ୍ୟକତା ଓ ଗାନ୍ଧୀ ହତ୍ୟାକାରୀ ରାଜନୈତିକ ଦଳକୁ ଦୃଢ ସମାଲୋଚନା କରିଥିଲେ। ଏହି ଅବସରରେ ଗାନ୍ଧୀପଲ୍ଲୀସ୍ଥିତ କୁଷ୍ଠାଶ୍ରମରେ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଜିଲାର ବୟୋଜ୍ୟେଷ୍ଠ କଂଗ୍ରେସ ନେତାମାନଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା।



ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଗେଟ୍ ସମ୍ମୁଖରେ ମଦମୁକ୍ତ ଓଡ଼ିଶା ପାଇଁ ଦସ୍ତଖତ ଅଭିଯାନ ସାମିଲ ହୋଇଥିବା କର୍ମକର୍ତ୍ତା।

**ଆପ୍‌ର ଗାନ୍ଧୀ ଜୟନ୍ତୀ**

ସକାଳ ୧୦ଟାରେ ଆମ୍ ଆଦ୍‌ମୀ ପାର୍ଟି କଟକ ନଗର ଓ ରାଜ୍ୟ ସଂଖ୍ୟାଲଘୁ ବିଭାଗର ଆବାହକ ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ନଗର କାର୍ଯ୍ୟାଳୟରେ ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଏକ ପଦଯାତ୍ରାରେ ବାହାରି ପୁରୀଘାଟସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାତ୍ମା ଗାନ୍ଧୀଙ୍କୁ ଆପ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସୋମବାର ବକ୍ସିବଜାର ବାରପଥର ଅଞ୍ଚଳରେ ଘରେ ଦୀପ ଦେଉଥିବା ସମୟରେ ନିଆଁ ଲାଗିଯାଇଥିବାରୁ ଦିବ୍ୟାଙ୍ଗ ନାବାଳିକା ବି. ଆରତୀଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଆରତୀଙ୍କ ପରିବାରକୁ ଏବଂ ୫ ବଖରା ଘରପୋଡ଼ି ଯାଇଥିବା ସମସ୍ତ ପରିବାରଙ୍କୁ ସାକ୍ଷାତ କରି ଆପ୍ ପକ୍ଷରୁ ସାନ୍ତ୍ୱନା ଦିଆଯାଇଥିଲା।

**ଗାନ୍ଧୀଭବନରେ ଜୟନ୍ତୀ**

ଉତ୍କଳ ଗାନ୍ଧୀ ସ୍ମାରକ ନିଧି ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକସ୍ତରରେ ଗଠିତ ଗାନ୍ଧୀ: ୧୫୦ ସମିତି ମାନଙ୍କ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ କଟକ ବାଖରାବାଦସ୍ଥିତ ପ୍ରାଦେଶିକ କାର୍ଯ୍ୟାଳୟଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଜୀଙ୍କର ହତ୍ୟା କରାଯାଇପାରେ କିନ୍ତୁ ଗାନ୍ଧୀବାଦର ହତ୍ୟା କରାଯାଇପାରେନା ବୋଲି ବକ୍ତାମାନେ କହିଥିଲେ। କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ରାଷ୍ଟ୍ରୀୟ ଉପ ସଭାନେତ୍ରୀ ଗାୟତ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାଶ, କମ୍ୟୁନିଷ୍ଟ ନେତା କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ।

**ମଦମୁକ୍ତ ଓଡ଼ିଶା ପାଇଁ ଦସ୍ତଖତ ଅଭିଯାନ**

ଶ୍ରୀରାମଚନ୍ଦ୍ର ଭଞ୍ଜ ଡାକ୍ତରଖାନା ସମ୍ମୁଖରେ ଉତ୍କଳ ସର୍ବୋଦୟ ମଣ୍ଡଳ, ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ଓ ଶୋଭନୀୟ ଶିକ୍ଷାଶ୍ରମର ମିଳିତ ସହଯୋଗରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମଦମୁକ୍ତ ଓଡ଼ିଶା ପାଇଁ ଦସ୍ତଖତ ଆରମ୍ଭ ହୋଇଛି। ୧୯୫୬ ମସିହାରେ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡିଶା ନିଶାନିବାରଣ ଆଇନ୍ ନାମକ ଏକ ବିଲ୍ ଆଣିଥିଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ। ବରଂ ରାଜସ୍ୱ ଆଦାୟ ନାମରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ମଦ ଦୋକାନ ଖୋଲିବାରେ ଲାଗିଛନ୍ତି। ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଦାବିରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଉତ୍କଳ ସର୍ବୋଦୟ ମଣ୍ଡଳ ସମେତ ବହୁ ଗାନ୍ଧୀବାଦୀ ସଂଗଠନ ଲଢାଇ ଜାରି ରଖିଛନ୍ତି। ଗାନ୍ଧୀ ଜୟନ୍ତୀଠାରୁ ନିଶା ପ୍ରସାରଣକୁ ବନ୍ଦ କରିବା ପରିପ୍ରେକ୍ଷୀରେ ଜନସାଧାରଣଙ୍କଠାରୁ ଦସ୍ତଖତ ଅଭିଯାନ ସଂଗ୍ରହ ଚାଲିଛି। ଏହା ପ୍ରତି ଅଞ୍ଚଳର ବିଧାୟକମାନଙ୍କୁ ପ୍ରଦାନ କରାଯିବ ଓ ସେମାନେ ଯେଭଳି ଭାବରେ ବିଧାନସଭାରେ ଏ ବିଷୟରେ ଆଲୋଚନା କରିବେ। ଶୋଭନୀୟ ଶିକ୍ଷାଶ୍ରମର ବନଲତା ଦେବୀ, ଚୌଧୁରୀ ପ୍ରତାପ କେଶରୀ ମିଶ୍ର, ରବୀନ୍ଦ୍ର ମହାନ୍ତି, କିଶୋର ଚନ୍ଦ୍ର ଜେନା, କୈଳାସ ସାହୁ, ମଧୁମିତା ରାୟଚୌଧୁରୀ, ସବ୍ୟସାଚୀ ମିଶ୍ର, ରୀନା ମହାନ୍ତି, ମାଳତୀ ପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି, କୈଳାସ ରାଉତ ପ୍ରମୁଖ ଏହି ଦସ୍ତଖତ ଅଭିଯାନରେ ସାମିଲ ଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ଓ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ଦେବାଶିଷ


@ ସଞ୍ଜୀବ


@ ଉମାକାନ୍ତ


@ ବିକାଶ


@ ସୁଶ୍ରୀ


@ ଦେବୀଦତ୍ତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ସେତେବେଳେ ଭଗବାନଙ୍କୁ ରଡିଛାନି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ। -ଶିରିଡ଼ି ସାଇବାବା



## ସଂକ୍ଷେପରେ

### ମା'ଚର୍ଚ୍ଚିକାଙ୍କ ଷୋଡ଼ଶ ପୂଜା ଆରମ୍ଭ



**ବାଙ୍କୀ,୨।୧୦(ସ୍ୱ.ପ୍ର.):** ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ମଙ୍ଗଳବାର ପ୍ରଭାତରୁ ଶାରଦୀୟ ଦୁର୍ଗାପୂଜା ଷୋଡ଼ଶ ଉପଚାରରେ ଆରମ୍ଭ ହୋଇଛି। ପ୍ରତିବର୍ଷ ଏହି ପୂଜା ୧୬ଦିନ ହେଉଥିବା ବେଳେ ଚଳିତ ବର୍ଷ ୧୫ଦିନ ହେବ। ଭୋର ୪ଟାରେ ପହଡ଼ ଖୋଲାଯାଇ ମଙ୍ଗଳଆଳତି ଓ ପଞ୍ଚଅବକାଶ କରାଯାଇ ଶ୍ରଦ୍ଧାଳୁଙ୍କ ଦର୍ଶନ ହୋଇଥିଲା। ପୂର୍ବାହ୍ନରେ ବାଙ୍କୀ ରାଜା ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ର ରାଜଗୁରୁ ଶ୍ୟାମସୁନ୍ଦର ମହାପାତ୍ରଙ୍କୁ ବରଣ କରିବା ପରେ ମନ୍ଦିର ସେବାସୀଙ୍କ ଦ୍ୱାରା ମହାନଦୀର ରେଣୁକା ତୁଠରୁ ସହସ୍ର କୁମ୍ଭ ଜଳ ଅଣାଯାଇ ମା'ଙ୍କ ଭୃଙ୍ଗାରୀ ସ୍ନାନ କରାଯାଇଥିଲା। ପରେ ମାଜଣା କରାଯାଇ ଦେବୀ ଚର୍ଚ୍ଚିକାଙ୍କୁ ବେଶ ଓ ଗହଣା ଲାଗି କରାଯାଇଥିଲା। ଗହଣା ଲାଗିପରେ ଜଗତ୍ ଜନନୀଙ୍କୁ ଶ୍ରୀମହାପ୍ରସାଦ ସମର୍ପଣ କରାଯାଇ ମନ୍ଦିର ଉପରେ ନେତ ବନ୍ଧା ହୋଇଥିଲା। ଏହାପରେ ସୂର୍ଯ୍ୟପୂଜା, କଳସ ପୂଜା, ଦ୍ୱାରପାଳ ପୂଜା ଓ ଠାକୁରାଣୀଙ୍କ ବଲ୍ଲଭ ପୂଜା ସମ୍ପନ୍ନ କରାଯାଇ ଉପାଧି ଭୋଗ (ଅଧାଭୋଗ) କାର୍ଯ୍ୟ ସମ୍ପାଦିତ ହୋଇ ମାଣ୍ଡଅ ଧୂପ ଅର୍ପଣ କରାଯାଇଥିଲା। ଦ୍ୱିପ୍ରହରରେ ଆମିଷ ସହିତ ଶଙ୍ଖୁଡି ଭୋଗ ଦେବୀଙ୍କୁ ଅର୍ପଣ କରାଯାଇ ପହଡ ବନ୍ଦ ପୂର୍ବରୁ ଖଞ୍ଜାହାଣ୍ଡି ଭୋଗ ଶେଷ ହୋଇଥିଲା। ଅପରାହ୍ନ ୫ଟାରେ ପହଡ଼ ଖୋଲାଯାଇ ଦେବୀଙ୍କ ବେଶ ପରେ ଭକ୍ତଙ୍କ ଦର୍ଶନପାଇଁ ଦ୍ୱାର ଉନ୍ମୁକ୍ତ ରହିଥିଲା। ସନ୍ଧ୍ୟା ଓ ରାତି ଧୂପ ଦିଆଯାଇ ପ୍ରଥମ ଦିନର ପୂଜା ଶେଷ କରାଯାଇଥିଲା।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ନରସିଂହପୁର,୨।୧୦(ଡି.ଏନ.ଏ):** ନରସିଂହପୁର ବ୍ଲକ କାନପୁର ଥାନା ଏକଡାଳ ପଞ୍ଚାୟତ ମୁରାରୀପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମନୋଜ ସାମଲ(୨୬)। ଗ୍ରାମରେ ଯାଇଥିବା ୧୧ କେ.ଭି ବିଦ୍ୟୁତ୍ ତାରରେ କୌଣସି କାରଣରୁ ସେ ଲାଗିଯାଇ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଘଟଣାରେ ଯୁବକଙ୍କ ବାପା ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି। ତାଙ୍କ ପୁଅକୁ କାନପୁର ସେସୁ ବିଭାଗର ଜଣେ କର୍ମଚାରୀ ଲାଇନ ଖରାପ ହୋଇଥିବା କହି ଘରୁ ଡାକି ନେଇ କାମରେ ଲଗାଇଥିଲେ। ଏହି ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ କାନପୁର ସେସୁ ବିଭାଗ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଓଝା କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଏହାପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖବର ପାଇ କାନପୁର ପୋଲିସ ମୃତଦେହ ଜବତ କରି ନରସିଂହପୁର ଡାକ୍ତରଖାନାରେ ରଖିଛି।

### ଗ୍ରାଜୁଏଟସ୍ କ୍ଲବ ପକ୍ଷରୁ ରକ୍ତଦାନ, ସଚେତନତା ଶିବିର



**ଆଠଗଡ଼,୨।୧୦(ସ୍ୱ.ପ୍ର.):** ଆଠଗଡ଼ର ଅଗ୍ରଣୀ ଯୁବକ ସଂଘ ଗ୍ରାଜୁଏଟସ୍ କ୍ଲବ ପକ୍ଷରୁ ରକ୍ତଦାନ ଓ ସଚେତନତା ଶିବିର ମଙ୍ଗଳବାର ଆଠଗଡ ସହରସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ନିରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସ୍ୱାଇଁଙ୍କ ସମେତ ଆଠଗଡ ଉପଜିଲାପାଳ ଅମୀୟ କୁମାର ସାହୁ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାନର ବିଶେଷତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କ୍ଲବ ସଭ୍ୟ ସୁଧୀରଞ୍ଜନ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ପ୍ରମୋଦ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। କଟକ କେନ୍ଦ୍ରୀୟ ରେଡ୍‌କ୍ରସ ଦ୍ୱାରା ପରିଚାଳିତ ରକ୍ତଦାନ ଶିବିରରେ ୧୦୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସଂସ୍ଥାର ଡା. ଚନ୍ଦ୍ରିକା ପ୍ରସାଦ ଦାଶଙ୍କ ଦ୍ୱାରା ରକ୍ତଦାନ ଶିବିର ପରିଚାଳିତ ହୋଇଥିଲା।

# ଯୁବକଙ୍କୁ ମାଡ଼ମାରି ବସଉଠ କରାଇଲେ

**ନରସିଂହପୁରରେ କଙ୍ଗାରୁକୋର୍ଟ**
- ଗାଁର ଗୁପ୍ତ କଥା ବାହାରେ ପ୍ରକାଶ କରୁଥିବାରୁ ଆକ୍ରମଣ
- ଅଭିଯୁକ୍ତଙ୍କୁ ଗିରଫ କରିନି ପୋଲିସ
- ଭୟରେ ଯୁବକଙ୍କ ପରିବାର

**ନରସିଂହପୁର,୨।୧୦(ସ୍ୱ.ପ୍ର.)**

ଗାଁ ସଭାରେ ନୀରବ ନରହି ନିଜର ମତ ଦେବା ଜଣେ ଦଳିତ ସମ୍ପ୍ରଦାୟ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏପରି କି ସମ୍ପୃକ୍ତ ଯୁବକଙ୍କୁ ସଭା ମଝିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ଘଟଣା ନରସିଂହପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିବାରୁ ପୋଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନରସିଂହପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ସୋମବାର ରାତି ୯ଟା୩୦ରେ ନରସିଂହପୁର ବ୍ଲକ ନୂଆପଡ଼ା ଗ୍ରାମରେ ଗ୍ରାମସଭା ହୋଇଥିଲା। ଏଥିରେ ଗ୍ରାମର ଯୁବକ ସୁନୀଲ କୁମାର ଦେବତା(୩୦)ଙ୍କୁ ଡକାଯାଇ ଗାଁର ଗୁପ୍ତ କଥା ବାହାରେ ପ୍ରକାଶ କରୁଥିବା ନେଇ ପଚରା ଯାଇଥିଲା। ତେବେ ସୁନୀଲ ଗାଁର କୌଣସି ଗୁପ୍ତ କଥା ପ୍ରଚାର କରୁ ନ ଥିବା କହିଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କିଛି ଲୋକ ହଠାତ ଉତ୍‌କ୍ଷିପ୍ତ ହୋଇ ସଭାରୁ ଉଠି ତାଙ୍କୁ ବିଧାଗୋଇଠା ସହ ପ୍ରବଳ ମାଡ଼ ମାରିଥିଲେ। ଏତିକିରେ ସେମାନଙ୍କ ରାଗ ଶାନ୍ତ ନ ହେବାରୁ ୧୦ଥର କାନ ଧରି ବସଉଠ କରାଇଥିଲେ। ଏପରି କି ସୁନୀଲଙ୍କ ହାତ ଗୋଡ ବାନ୍ଧି ଗ୍ରାମର ବିବେକାନନ୍ଦ, ବବି ମିଶ୍ର, ମୁରଲୀ ବେହେରା ମିଳିତ ଭାବେ ଆକ୍ରମଣ କରିଥିଲେ। ଉପସ୍ଥିତି କିଛି ଲୋକ ଏହାକୁ ବିରୋଧ କରିଥିଲେ। ମାତ୍ର ସୁନୀଲଙ୍କୁ ସୁରକ୍ଷା ଦେବା ପାଇଁ କେହି ବାହାରି ନ ଥିଲେ। ତେବେ ସେହି ରାତିରେ ଥାନାରେ ଲିଖିତ ଅଭିଯୋଗ ହୋଇ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ। ଫଳରେ ଅଭିଯୁକ୍ତମାନଙ୍କୁ ପୋଲିସ ସୁରକ୍ଷା ଦେଉଥିବା ସୁନୀଲଙ୍କ ପରିବାର ଅଭିଯୋଗ କରିଛନ୍ତି। ସୁନୀଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଗିରଫ୍ ହୋଇ ନ ଥିବାରୁ ତାଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ନରସିଂହପୁର ଥାନା ଅଧିକାରୀ ଓ ଆଠଗଡ ଏସଡିପିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ଥାନା ଏସ୍‌ଆଇ ପ୍ରସନ୍ନ କୁମାର ଦଳାଇ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ–୧୧୩/୧୮ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଦଳିତ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବହୁଜନ ସମାଜ ପାର୍ଟି ନରସିଂହପୁର ବ୍ଲକ ସଭାପତି ଚଗଲା ବାଘ କହିଛନ୍ତି।



ଷୋଳପୂଜା ଲାଗି ଗନ୍ତାଘରୁ ମା' ଭଟ୍ଟାରିକାଙ୍କ ଆୟୁଧ ଏବଂ ଘଟକୁ ସେବାସୀମାନେ ନେଉଛନ୍ତି।

## ମା' ଭଟ୍ଟାରିକାଙ୍କ ପୀଠ ଉତ୍ସବମୁଖର

**ବଡ଼ମ୍ବା,୨।୧୦(ଡି.ଏନ.ଏ.)**

ବଡ଼ମ୍ବାର ଶଶାଙ୍ଗ ଗ୍ରାମବାସିନୀ ମହାମାୟା ମା' ଭଟ୍ଟାରିକାଙ୍କ ଷୋଳଦିନ ବ୍ୟାପୀ ଶାରଦୀୟ ପୂଜା ମଙ୍ଗଳବାରରୁ ଆରମ୍ଭ ହୋଇଛି। ଦେବୀଙ୍କ ଏହି ପାର୍ବଣ ପୂଜା ଲାଗିପୀଠ ଉତ୍ସବମୁଖର ହୋଇପଡ଼ିଛି। ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ସମେତ ବହୁ ରାଜନୈତିକ ନେତୃବୃନ୍ଦ ମା'ଙ୍କ ଏହି ସ୍ୱତନ୍ତ୍ର ଉତ୍ସବରେ ସାମିଲ ହୋଇଛନ୍ତି। ଯଥାରୀତି ଅନୁସାରେ ଦେବୀଙ୍କ ଦୈନନ୍ଦିନ ପୂଜା ପ୍ରତ୍ୟୁଷରୁ ଆରମ୍ଭ ହୋଇଥିଲା। ଅପରାହ୍ନରେ ବର୍ଣ୍ଣାଢ୍ୟ ପଟୁଆରରେ ମା'ଙ୍କ ଆୟୁଧ ଏବଂ ପାର୍ବଣ ଘଟକୁ ସେବାସୀମାନେ ଶଶାଙ୍ଗ ଗ୍ରାମସ୍ଥିତ ଗନ୍ତାଘରୁ ମନ୍ଦିରକୁ ବିଜେ କରାଇଥିଲେ। ଏହି ପାରମ୍ପରିକ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇଥିଲେ। ଚିତ୍ତାକର୍ଷକ ପଟୁଆରରେ ଆଦିବାସୀ କଳସୀ ନୃତ୍ୟ ଓ ସଙ୍କୀର୍ତ୍ତନ ସାଙ୍ଗକୁ ବାଘନାଚ ଏବଂ ଆତସବାଜି ଫୁଟାଯାଇଥିଲା। ଭଟ୍ଟାରିକାଙ୍କ ୧୮ଘର ସେବାସୀ ପରିବାରର ପରିଚାଳନାରେ ଏହି ପଟୁଆର କରାଯାଇଥିବା ସେବାୟତ ସମାଜ ସଭାପତି ହରିହର ରଣା ଏବଂ ସମ୍ପାଦକ ଦୁର୍ଯ୍ୟୋଧନ ରଣା ପ୍ରକାଶ କରିଛନ୍ତି। ସେବାୟତ ସମାଜର ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପଟୁଆର ଦେଖିବାକୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ଭଟ୍ଟାରିକା ଉନ୍ନୟନ ପରିଷଦ ସଦସ୍ୟଙ୍କ ସମେତ ଅଞ୍ଚଳର ଯୁବସମାଜ ଏବଂ ବୁଦ୍ଧିଜୀବୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଘଣ୍ଟନାଦ, ହରିବୋଲ ହୁଳହୁଳି ଏବଂ ଶଙ୍ଖମହୁରୀ ଧ୍ୱନିରେ ଅପରାହ୍ନ ପ୍ରାୟ ସାଢେ ୪ଟାରେ ମୁଖ୍ୟ ମନ୍ଦିରରେ ମା'ଙ୍କ ଆୟୁଧ (ଖର୍ପର) ଏବଂ ଘଟ ପ୍ରବେଶ କରିଥିଲା। ମୂଳାଷ୍ଟମୀ ତିଥିରୁ ଅନୁଷ୍ଠିତ ଉତ୍ସବ ଅବସରରେ ମା' ଭଟ୍ଟାରିକାଙ୍କଠାରେ ୧୬ଦିନ ବ୍ୟାପି ସ୍ୱତନ୍ତ୍ର ସୁନାବେଶ ହେବ। ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବକୁ ତହସିଲଦାର ଅନିଲ କୁମାର ପଟ୍ଟନାୟକ ପରିଚାଳନା କରୁଛନ୍ତି। କଡ଼ା ସୁରକ୍ଷାରେ ମା'ଙ୍କ ସୁନାବେଶ ଲାଗି ଗହଣା ସବୁକୁ ବଡ଼ମ୍ବା ସବ୍‌ଟ୍ରେଜେରିରୁ ମନ୍ଦିର ଅଣାଯାଇଥିଲା। ପର୍ବପୂଜକ ଶିରିଶ କୁମାର ରଣା, ସହଯୋଗୀ ସାମଲ ରଣା ଓ ସାଥୀ ସେବାସୀମାନେ ନିଷ୍ଠାର ସହିତ ବ୍ରତ ପାଳି ଦେବୀଙ୍କ ଏହି ଆଶ୍ୱିନ ପର୍ବକୁ ଯଥାରୀତି ପାଳନ କରିବେ। ମା'ଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯିବାସହ ପାର୍ବଣ ସମୟରେ ପ୍ରତ୍ୟହ ତିନିଧୂପ ଲାଗି କରାଯିବ। ଦେବୀଙ୍କୁ ବାଳା, କନ୍ୟା ଏବଂ ବୃଦ୍ଧା ଏଭଳି ତିନି ରୂପରେ ପୂଜା କରାଯିବା ବିଧି ରହିଛି। ଏତଦ୍ ବ୍ୟତିରେକେ ପର୍ବ ସମୟରେ ପ୍ରତ୍ୟହ ସନ୍ଧିପୂଜା, ଚଣ୍ଡିପାଠ ସମେତ ଜଗତ କଲ୍ୟାଣ ନିମିତ୍ତ ମା'ଙ୍କଠାରେ ରାତ୍ର ପହଡ଼ ପୂର୍ବରୁ ଶାନ୍ତିପଣା ଲାଗି କରାଯିବା ବ୍ୟବସ୍ଥା କରାଯାଇଥିବା ମନ୍ଦିର ସେବାସୀମାନେ ପ୍ରକାଶ କରିଛନ୍ତି।

## ଭସାଣିବେଳେ ଗଣ୍ଡଗୋଳ ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

**ନେମାଳ,୨।୧୦(ଡି.ଏନ.ଏ)**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ବନ୍ଧୁପୁର ପଞ୍ଚାୟତ ସଆଁଳପୁର ଗ୍ରାମରେ ଗତ ରବିବାର ମା' ମଙ୍ଗଳାଙ୍କ ଭସାଣି ଉତ୍ସବ ଚାଲିଥିଲା। ତେବେ ଏହି ସମୟରେ ସେହିଗ୍ରାମର ରବୀନ୍ଦ୍ରନାଥ ଦାସ ଓ ଗୋକୁଳାନନ୍ଦ ପାତ୍ର ଏହାକୁ ବିରୋଧ କରିଥିଲେ। ପରେ ଶୋଭାଯାତ୍ରାକାରୀ ଓ ରବୀନ୍ଦ୍ର ଏବଂ ଗୋକୁଳାନନ୍ଦଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ରବୀନ୍ଦ୍ରଙ୍କ ପୁଅ ବିରଞ୍ଚି ଓ ତାଙ୍କର କେତେଜଣ ସହଯୋଗୀ ଭସାଣି ଉତ୍ସବ ନିକଟରେ ଗଣ୍ଡଗୋଳ କରିଥିଲେ। ସ୍ଥାନୀୟ ମୁରବୀ ଶ୍ରେଣୀୟ ବ୍ୟକ୍ତି ଘଟଣାର ଆପୋଷ ସମାଧାନ ପାଇଁ ଉଭୟଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରେ ସାଆଁଳପୁର ଗ୍ରାମର ୧୦/୧୨ ଜଣ ଯୁବକ ପହଞ୍ଚି ଗ୍ରାମର ମହିଳାଙ୍କୁ ଗାଳି ଗୁଲଜ କରିଥିଲେ। ଏହି ସମୟରେ ଗ୍ରାମରେ ପୁରୁଷମାନେ ଭସାଣି ଶୋଭାଯାତ୍ରାରେ ଯାଇଥିବାରୁ ଏକ ବଡ ଧରଣର ଗଣ୍ଡଗୋଳକୁ ଏଡାଇ ଦିଆଯାଇଥିଲା। ତେବେ ଘଟଣାକୁ ଆପୋଷ ଆଲୋଚନା ପାଇଁ ଉଦ୍ୟମ ଚାଲିଥିଲା ବେଳେ ତାହା ସଫଳ ହୋଇ ନ ଥିଲା। ଉଭୟ ପକ୍ଷରୁ ନେମାଳ ଥାନାରେ ଅଭିଯୋଗ ହେବା ସହିତ ସାଆଁଳପୁର ଗ୍ରାମର ଶତାଧିକ ମହିଳା ମଙ୍ଗଳବାର ଥାନା ଘେରାଉ କରିବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ନରସିଂହପୁରଠାରେ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇଥିବା କର୍ମକର୍ତ୍ତା।

**ଆଠଗଡ଼,୨।୧୦(ସ୍ୱ.ପ୍ର.)**

ଆଠଗଡ ବ୍ଲକରେ ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ସହର ଉପକଣ୍ଠ ଦୋରଡ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଦୋରଡ, ଈଶ୍ୱରା, ଚୁନପଦା, ଗୁଣ୍ଡିଚାପୁର, ତରସିଙ୍ଗ ଗ୍ରାମଦେଇ ଗୋପୀନାଥପୁରସ୍ଥିତ ହାଟପଡିଆଠାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ସ୍ୱାଇଁଙ୍କ ସମେତ ଆଠଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର, ମହିଳା ବିଜେଡି ଉପସଭାନେତ୍ରୀ ଅଶାନ୍ତି ବେହେରା, ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ବାସନ୍ତୀ ରାଉଳ, ଆଠଗଡ ଏନଏସି ମହିଳା ବିଜେଡି ଅଧକ୍ଷା ରଞ୍ଜିତା ଭକ୍ତା, ମିତା ରାଉତ, ସରପଞ୍ଚ ଶୁଭ୍ରକାନ୍ତ ନାଏକ, ଯୁବନେତା କୁମାର ଅଂଶୁମାନଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ସମର୍ଥକ ପଦଯାତ୍ରାରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏଥିସହ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

**ନରସିଂହପୁର,(ଡି.ଏନ.ଏ.):** ନରସିଂହପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପଦଯାତ୍ରା ମାଳିସାହି, ହରିଜନସାହି, ଗୋପପୁର, ଦନ୍ତାରିଆ, ବଡଭୁଇଁ ଗ୍ରାମରେ ପହଞ୍ଚିଥିଲା। ସେଠାରେ ଲୋକଙ୍କୁ ଆମ ଗାଁ, ଆମ ବିକାଶ ସମ୍ପର୍କରେ ଅବଗତ କରାଯାଇଥିଲା। ପଦଯାତ୍ରାରେ ସ୍ଥାନୀୟ ଜନସାଧାରଣ, ମହିଳା, ଯୁବକ ସାମିଲ ହୋଇଥିଲେ। ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ନିର୍ମଳ ଜେନା, ବିଜେଡି ନେତା ନାରୟଣ ନାୟକ, ଦୁର୍ଗା ପ୍ରସାଦ ମିଶ୍ର, ଶରତ କୁମାର ସାହୁ, ବିକାଶ ମହାପାତ୍ର, ଦିଲୀପ ମହାନ୍ତି, ସରପଞ୍ଚ ବାଇଧର ସାହୁ ପଦଯାତ୍ରାରେ ସାମିଲ ହୋଇଥିଲେ।

**ସାଲେପୁର,(ଡି.ଏନ.ଏ.):** ସାଲେପୁର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସାଲେପୁର ବ୍ଲକ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଦଯାତ୍ରାରେ କର୍ମୀମାନେ ଶିଶୁଆ ପଞ୍ଚାୟତର ବାହାରପଡ଼ା, ଶିଶୁଆ, ପୁରୁଷୋତ୍ତମପୁର ସମେତ ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ନଇଗୁଆଁ ପଞ୍ଚାୟତର ବିଭିନ୍ନ ରାଜସ୍ୱ ଗ୍ରାମ ଏବଂ ପଡ଼ା ଗ୍ରାମମାନଙ୍କୁ ଯାଇ ଲୋକଙ୍କୁ ପଦଯାତ୍ରାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଗାଁର ବିଭିନ୍ନ ଛକସ୍ଥାନମାନଙ୍କରେ ପଥପ୍ରାନ୍ତ ସଭା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁଆ ଡାକବଙ୍ଗଳା ପରିସରରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବେହେରାଙ୍କ ସହ ଅନ୍ୟ ନେତୃବୃନ୍ଦ ପୁଷ୍ପମାଲ୍ଯ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଏକ ବିରାଟ ଶୋଭାଯାତ୍ରାରେ ଗାଁ ଗାଁ ବୁଲି ଲୋକଙ୍କୁ ଭେଟିଥିଲେ। ପଦଯାତ୍ରାରେ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ଜ୍ୟୋତିରେଖା ନାୟକ, ସଞ୍ଜିତ୍ ଦାଶ, ସଲାଉଦ୍ଦିନ୍ ଖାନ୍, ଚିତ୍ତରଞ୍ଜନ ମହାନ୍ତି, ଗଣେଶ୍ୱର ସେଠୀ, ବୁଲୁ ସାହୁ, ନେତ୍ରାନନ୍ଦ ପରିଡ଼ା, ଗୋବିନ୍ଦ ମହାନ୍ତି ଓ ମଞ୍ଜୁଲତା ଦାସଙ୍କ ସମେତ ଶିଶୁଆ ଓ ନଇଗୁଆଁ ପଞ୍ଚାୟତର ବହୁ କର୍ମୀ ସାମିଲ ହୋଇଥିଲେ।

# ଗାନ୍ଧୀପୀଠରେ ଏକାଠି ହେଲେ ନେତା, ସାମାଜିକ ସଂଗଠକ

**ନିଶ୍ଚିନ୍ତକୋଇଲି/ମାହାଙ୍ଗା/ଲଳିତଗିରି, ୨।୧୦(ସ୍ୱ.ପ୍ର./ଡି.ଏନ.ଏ.)**

ମଙ୍ଗଳବାର ମାହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏଥିପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ପଣଷପଡ଼ିଆସ୍ଥିତ ଗାନ୍ଧୀଜୀଙ୍କ ପୀଠ ଉତ୍ସବମୁଖର ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀଙ୍କଠାରୁ ଆରମ୍ଭ କରି ସାମାଜିକ ସଙ୍ଗଠକମାନେ ସ୍ମୃତିପୀଠକୁ ଆସି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆମ ମାହାଙ୍ଗା ସାମାଜିକ ଅନୁଷ୍ଠାନ ପକ୍ଷରୁ ଏକ ଶୋଭାଯାତ୍ରା ଅମରେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ନିକଟରୁ ବାହାରି ଗାନ୍ଧୀ ଛକରେ ପହଞ୍ଚିଥିଲା। ପରେ ସେଠାରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଅଶୋକ ଓଝା ଯୋଗ ଦେଇଥିଲେ। ସବିତା ସାମଲ, ରବୀନ୍ଦ୍ର ସେଠୀ, ବିନୋଦିନୀ ବେହେରା, ରଞ୍ଜନ ବେହେରା ଓ ଜ୍ୟୋତି ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗାନ୍ଧୀ ସ୍ମୃତି ଭବନର ଶିଳାନ୍ୟାସ କରାଯିବା ସହ ଏକ ଅଙ୍ଗନୱାଡି କେନ୍ଦ୍ରର ଶିଳାନ୍ୟାସ କରାଯାଇଥିଲା। ପ୍ରଭାତରୁ ବର୍ଷିୟାନ ନେତା କ୍ଷୀରୋଦ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଷୀରୋଦ ପଣ୍ଡା, ରମେଶ ସ୍ୱାଇଁ, ଶରତ ଚନ୍ଦ୍ର ଭୂୟାଁ, ପ୍ରଫୁଲ୍ଲ କୁମାର ମହାପାତ୍ର ଓ ପ୍ରମୋଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ ସମୀର ସାମଲ, ଗଦାଧର ପଣ୍ଡା, ତ୍ରିବିକ୍ରମ ସ୍ୱାଇଁ, ଅମରେନ୍ଦ୍ର ନାରାୟଣ ଦାସ, କଣ୍ଠଶିଳ୍ପୀ କୁମାର ଜାନୁ ଓ ଜାହିର ମହମ୍ମଦ ପ୍ରମୁଖ ଯୋଗଦେଇ ମାହାତ୍ମା ଗାନ୍ଧୀଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ, ଦିଲୀପ ରାଉତ, ହିମାଂଶୁ ମଲ୍ଲ ଓ ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ରାମଚନ୍ଦ୍ର ମଲ୍ଲିକ, ପ୍ରଦୀପ୍ତ ପଣ୍ଡା, ଜ୍ଞାନେନ୍ଦ୍ର ରାଉତ ଓ ଭରତ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକରେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ସାହୁ, ସତ୍ୟନାରାୟଣ ପଣ୍ଡା ଓ ସର୍ବେଶ୍ୱର ସିଂହଙ୍କ ସମେତ କର୍ମଚାରୀମାନେ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ସାଲେପୁର,(ଡି.ଏନ.ଏ.):** ସାଲେପୁରର ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ବିଡିଓ ଶିବବ୍ରତ ଘୋଷ, ସାମାଜିକ ସୁରକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଖବରଦାତା ଶାରଦା ପଣ୍ଡା, ଅରବିନ୍ଦ ଭୂୟାଁ, ହୃଷୀକେଶ ମଲ୍ଲିକ, ତାରକାନ୍ତ ନାୟକ ଓ କମଳାକାନ୍ତ ଜେନା ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ବିଡିଓ ଘୋଷ ସାଲେପୁର ବାଜାରର କଲେଜରୋଡ୍‌ରେ ଅବସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ କୁଆଁପାଳ ଛକଠାରେ ଅବସ୍ଥିତ ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ




ନିଶ୍ଚିନ୍ତକୋଇଲି ପଣଷପଡ଼ିଆସ୍ଥିତ ଗାନ୍ଧିଜୀଙ୍କ ପୀଠରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ବୋଦାମୁଣ୍ଡାଇ ବଜାରଠାରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ସାଲେପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି।

### ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଗାନ୍ଧୀ ଜୟନ୍ତୀ ଅବସରରେ ସାଲେପୁର ବ୍ଲକ ମାଳଶାସନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ, ଉତ୍କଳଗୌରବ ମଧୁସୂଦନ ଦାସ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସରପଞ୍ଚ ସ୍ନେହଲତା ସ୍ୱାଇଁ, ସମିତିସଭ୍ୟା ଦେବକୀ ଜେନାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ବରିଷ୍ଠ ନାଗରିକ, ଯୁବ, ଛାତ୍ରମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ପକ୍ଷରୁ ପ୍ରଶାନ୍ତ ଲେଙ୍କା, ବିପିନବିହାରୀ ଜେନାଙ୍କ ନେତୃତ୍ୱରେ ବହୁ ଯୁବକ ସାମିଲ୍ ହୋଇ ଗାଁ ରାସ୍ତାକୁ ସଫେଇ କରିଥିଲେ।

### ମଧୁବାବୁଙ୍କ ଜନ୍ମପୀଠରେ ଗାନ୍ଧିଜୀଙ୍କ ଫଟୋ ପ୍ରଦର୍ଶନୀ

ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ଜନ୍ମପୀଠରେ ସାଲେପୁର ବ୍ଲକ ଗାନ୍ଧୀ ୧୫୦ କମିଟି ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। କମିଟି ଅବାହକ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ପୌରୋହିତ୍ୟରେ ଉକ୍ତ ପ୍ରଦର୍ଶନୀକୁ ଉପଦେଷ୍ଟା କମିଟି ସଦସ୍ୟ ଗୋଲଖ ଚନ୍ଦ୍ର ଦାଶ, ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ସୁଜିତାବ୍ ଶତପଥୀ, ଅବତନ ଷଡ଼ଙ୍ଗୀ, ପରମାନନ୍ଦ ମୁଦୁଲି ଓ ବିଜୟ କୁମାର ଶତପଥୀ ପ୍ରମୁଖ ମିଳିତଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କମିଟି ସଦସ୍ୟମାନେ ସ୍ୱାଧୀନତା କ୍ଷେତ୍ରରେ ମହାତ୍ମା ଗାନ୍ଧୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ସାହୁ, ହେମନ୍ତ ସାମଲ ଓ ନରେନ୍ଦ୍ର ଦଳାଇ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ ଗ୍ରାମବାସୀ ଏହି ଫଟୋ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।

**ବାଙ୍କୀ,(ସ୍ୱ.ପ୍ର.):** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ପୁଷ୍ପପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ ଦାଶ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ପଣ୍ଡିତ ଗୋବିନ୍ଦ ରଥଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୂଚନା କେନ୍ଦ୍ର କାର୍ଯ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ଲୋକସମ୍ପର୍କ ଅଧିକାରୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଶରତ ଚନ୍ଦ୍ର ବାରିକ, ଅରବିନ୍ଦ ହରିଚନ୍ଦନ ଓ ଦୁର୍ଯ୍ୟୋଧନ ପରିଡାଙ୍କ ସମେତ ପାଠିକାପାଠକାମାନେ ଆଲୋଚନାରେ ଅଂଶ ଗ୍ରହଣ କରି ଗାନ୍ଧୀଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ। ସେହିପରି ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପକ୍ଷରୁ ଏନସିସି, ଆକାଶ ବାହିନୀ ଓ ସ୍ଥଳବାହିନୀ କ୍ୟାଡେଟ୍‌ଙ୍କ ଦ୍ୱାରା ସଫେଇ କାର୍ଯ୍ୟ ହୋଇଥିଲା। ଶେଷରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମନୋନିତ କରାଯାଇଥିଲା। ଶିକ୍ଷକ କାହ୍ନୁଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଦୟାନୀଧି ମହାପାତ୍ର, ନିବେଦିତା ସ୍ୱାଇଁ, ଚିତ୍ରରେଖା ମିଶ୍ର, ପୁନମ୍ କୁମାରୀ ଗୁପ୍ତା, ଅନୁପମା ସାହୁ, ବିଷ୍ଣୁପ୍ରିୟା ସ୍ୱାଇଁ ଓ ମିନୁଶ୍ରୀ ମଲ୍ଲିକ ପ୍ରମୁଖ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନର ବିଭିନ୍ନ ଦିଗ, ସ୍ୱଚ୍ଛତା, ସତ୍ୟ ଓ ଅହିଂସା ସମ୍ପର୍କରେ ଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଅନୁରୂପ ଭାବେ ଡମପଡ଼ା ଆଦର୍ଶବିଦ୍ୟାଳୟ ତରଫରୁ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା।

**ବଡ଼ମ୍ବା,(ଡି.ଏନ.ଏ.):** ବଡ଼ମ୍ବା ବ୍ଲକର ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସଂଗ୍ରାମୀ ବେନୁ ବେହେରା, ପୂଜ୍ୟପୂଜା ପରିଷଦ ସଭାପତି ବିରଜା ଚରଣ ପଟ୍ଟନାୟକ, ଉଦୟନାଥ ମିଶ୍ର, ପ୍ରାଣଯୋଗ ପ୍ରତିଷ୍ଠାନ ସଭାପତି ଚନ୍ଦ୍ରଶେଖର ମହାନ୍ତି, ବିକାଶ ପରିଷଦ ସଭାପତି ସନ୍ତୋଷ ପଟ୍ଟନାୟକ, ଆଇନଜୀବୀ କୈଳାସଚନ୍ଦ୍ର ଜେନା, ଦେବରାଜ ପାଟ୍ଟଶାଣୀ, ମନୋଜ ମହାନ୍ତି ପ୍ରମୁଖ ଶ୍ରଦ୍ଧାସୁମନ ଜଣାଇ ଏହି ମହାନ ଆତ୍ମାଙ୍କ ସ୍ତୁତିଚାରଣ କରିଥିଲେ। ସେହିପରି ବଡ଼ମ୍ବା ବ୍ଲକ ପ୍ରଶାସନ, ସତ୍ୟସାଇ ସେବା ଅନୁଷ୍ଠାନ ଏବଂ ପୋଲିସ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଛି। ଅନୁରୂପଭାବେ ଭଟ୍ଟାରିକା ମନ୍ଦିର ସନ୍ନିକଟରେ ବଡ଼ମ୍ବା ମଣ୍ଡଳ ଭାଜପା ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇଥିବା ଦଳ ପଦାଧିକାରୀ ସୂଚନା ଦେଇଛନ୍ତି।



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ସେତେବେଳେ ଭଗବାନଙ୍କୁ ରଡିଛାନି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ। -ଶିରିଡ଼ି ସାଇବାବା

## ସଂକ୍ଷେପରେ

### ନିଶା ମୁକ୍ତ ନେଇ ସଚେତନତା ସଭା

ଚୌଦ୍ୱାର,୨।୧୦(ଡି.ଏନ୍.ଏ.): ଚୌଦ୍ୱାର ବ୍ଲକ ନଖରା, ଶାଳଗାଁ ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ମଙ୍ଗଳବାର ନଖରା ଯାତ୍ରା ପଡିଆ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେଶନ ଓ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସଦସ୍ୟମାନେ ଏକତ୍ରିତ ହୋଇ ନିଶା ନିବାରଣ ଉପରେ ଆଲୋଚନା କରିଥିଲେ। ଏହି ଅଞ୍ଚଳରେ କିପରି ନିଶା କାରବାର ବନ୍ଦ କରାଯିବ ସେ ନେଇ ଉପସ୍ଥିତ ପଞ୍ଚାୟତବାସୀ ସଙ୍କଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ପା ଦାଶ, କିରଣ ବାଳା ନାୟକ, ପ୍ରମିଳା ଓଝା, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଗୋଷ୍ଠୀ ପାଇଖାନା ଉଦ୍‌ଘାଟିତ

ଚୌଦ୍ୱାର,୨।୧୦(ଡି.ଏନ୍.ଏ.): ଏଚ୍ ଆଣ୍ଡ ଏମ୍ ଫାଉଣ୍ଡେଶନ, ପ୍ରାକ୍ଟିକାଲ ଆକ୍ସନ, ରୁଚିକା ସୋସିଆଲ୍ ସର୍ଭିସ ଅର୍ଗାନାଇଜେଶନ ଓ ଚୌଦ୍ୱାର ମ୍ୟୁନିସିପାଲିଟିର ମିଳିତ ସହଯୋଗରେ ଚୌଦ୍ୱାର ମ୍ୟୁନିସିପାଲିଟିର ୪ନଂ, ୮ନଂ, ଓ ୧୭ନଂ. ୱାର୍ଡରେ ନିର୍ମାଣ ହୋଇଥିବା ଗୋଷ୍ଠୀ ପାଇଖାନା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଟକ-ଚୌଦ୍ୱାର ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣକୃଷ୍ଣ ଜେନା, ଅଚ୍ୟୁତ୍ ଲ୍ୟୁଟେଲ, ବିରୁପାକ୍ଷ ଦିକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଚୌଦ୍ୱାର ସହରକୁ ସ୍ୱଚ୍ଛ ଚୌଦ୍ୱାର ଭାବେ ଗଢ଼ି ତୋଳିବା ଦିଗରେ ପ୍ରାକ୍ଟିକାଲ ଆକ୍ସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ବିଧାୟକ ବିଶ୍ୱାଳ କହିଥିଲେ।

### ଖବରଦାତାଙ୍କୁ ଆକ୍ରମଣର କାର୍ଯ୍ୟାନୁଷ୍ଠାନ ଦାବି

ଚୌଦ୍ୱାର,୨।୧୦(ଡି.ଏନ୍.ଏ.): ଗତ କିଛିଦିନ ହେବ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯେପରି ଆକ୍ରମଣ କରାଯାଉଛି ଏ ନେଇ ଚୌଦ୍ୱାର ଖବରଦାତାମାନେ ଦୃଢ଼ନିନ୍ଦା କରିଛନ୍ତି। କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ଦାବି କରି ମଙ୍ଗଳବାର ସନ୍ଧ୍ୟାରେ ସମସ୍ତ ଗଣମାଧ୍ୟମର ପ୍ରତିନିଧି କଳାବ୍ୟାଚ ପରିଧାନ କରିବା ସହ ଚୌଦ୍ୱାର ସାମ୍ବାଦିକ ଏକତା ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ଚୌଦ୍ୱାର ଥାନା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଚୌଦ୍ୱାର ଅଂଞ୍ଚଳର ସମସ୍ତ ଖବରଦାତା ଏଥିରେ ସାମିଲ ହୋଇଥିଲେ।

### ଆୟୁଷ୍ମାନ ଯୋଜନାରେ ସାମିଲ ପାଇଁ ପଥପ୍ରାନ୍ତ ସଭା

ନିଆଳି,୨।୧୦(ଡି.ଏନ୍.ଏ.): ନିଆଳି ବ୍ଲକ ଅନ୍ତର୍ଗତ ୨୦ନଂ ଓ ୨୧ ନଂ ଜୋନ୍‌ରେ ଭାଜପାର ଆୟୁଷ୍ମାନ ଯୋଜନାରେ ଜନଜାଗରଣ ପାଇଁ ଏକ ରଥ ପରିକ୍ରମା କରାଯାଇଥିଲା। ଏହି ଅବସରରେ ବିଲାସୁଣୀସ୍ଥିତ ସାଇ ମନ୍ଦିରରୁ ରଥ ବାହାରି ବିଲାସୁଣୀ, ପୁଇଁଚନ୍ଦା, ସିଠାଲୋ, ଦିଘି, କୂଳଶ୍ରୀ ଦେଇ ଏରଞ୍ଚଠାରେ ପହଁଞ୍ଚିଥିଲା। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ନେତା ସୁଶାନ୍ତ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ପ୍ରତିଭା ଶତପଥୀ, ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ବ୍ରହ୍ମାନନ୍ଦ ମିଶ୍ର, ରାଜ୍ୟ କୃଷକ ମୋର୍ଚ୍ଚାର ସଦସ୍ୟ ରବି ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କର ଏହି ଆୟୁଷ୍ମାନ ଯୋଜନାରେ ଓଡିଶାବାସୀ ସାମିଲ୍ ହେବା ପାଇଁ ସେମାନେ ଆହ୍ୱାନ ଦେବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏଥିସହ ଦସ୍ତଖସ୍ତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇ ଏଥିରେ ସାମିଲ୍ ହୋଇଥିଲେ। ଆଗାମୀ ୬ ତାରିଖ ପର୍ଯ୍ୟନ୍ତ ଏହି ଆୟୁଷ୍ମାନ ରଥ ନିଆଳି ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

### ବରିଷ୍ଠ ନାଗରିକ ମଞ୍ଚର ବୈଠକ

କଣ୍ଟାପଡ଼ା,୨।୧୦(ଡି.ଏନ୍.ଏ.): ଅଡଶପୁରସ୍ଥିତ ଜୟଦେବ ସାଧନା ପୀଠରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଦେବଦତ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ପାଇଁ ପରିଚୟପତ୍ର, ୧୦୦୦ଟଙ୍କା ଭତ୍ତା ବୃଦ୍ଧି, ସ୍ୱାସ୍ଥ୍ୟବୀମା, ପ୍ରତି ବ୍ଲକରେ ଜରାନିବାସ ଓ ଗ୍ରାମାଞ୍ଚଳ ବରିଷ୍ଠ ନାଗରିକଙ୍କୁ ସୁବିଧା ଦିଆଯିବ ବୋଲି ବୈଠକରେ କହିଥିଲେ।

# ଯୁବକଙ୍କୁ ମାଡ଼ମାରି ବସଉଠ କରାଇଲେ

**ନରସିଂହପୁରରେ କଙ୍ଗାରୁକୋର୍ଟ**
- ଗାଁର ଗୁପ୍ତ କଥା ବାହାରେ ପ୍ରକାଶ କରୁଥିବାରୁ ଆକ୍ରମଣ
- ଅଭିଯୁକ୍ତଙ୍କୁ ଗିରଫ କରିନି ପୋଲିସ
- ଭୟରେ ଯୁବକଙ୍କ ପରିବାର

ନରସିଂହପୁର,୨।୧୦(ସ୍ୱ.ପ୍ର.)

ଗାଁ ସଭାରେ ନୀରବ ନରହି ନିଜର ମତ ଦେବା ଜଣେ ଦଳିତ ସମ୍ପ୍ରଦାୟ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏପରି କି ସମ୍ପୃକ୍ତ ଯୁବକଙ୍କୁ ସଭା ମଝିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ଘଟଣା ନରସିଂହପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିବାରୁ ପୋଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନରସିଂହପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ସୋମବାର ରାତି ୯ଟା୩୦ରେ ନରସିଂହପୁର ବ୍ଲକ ନୂଖାପଡ଼ା ଗ୍ରାମରେ ଗ୍ରାମସଭା ହୋଇଥିଲା। ଏଥିରେ ଗ୍ରାମର ଯୁବକ ସୁନୀଲ କୁମାର ଦେବତା(୩୦)ଙ୍କୁ ଡକାଯାଇ ଗାଁର ଗୁପ୍ତ କଥା ବାହାରେ ପ୍ରକାଶ କରୁଥିବା ନେଇ ପଚରା ଯାଇଥିଲା। ତେବେ ସୁନୀଲ ଗାଁର କୌଣସି ଗୁପ୍ତ କଥା ପ୍ରଚାର କରୁ ନ ଥିବା କହିଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କିଛି ଲୋକ ହଠାତ ଉତ୍‌କ୍ଷିପ୍ତ ହୋଇ ସଭାରୁ ଉଠି ତାଙ୍କୁ ବିଧାଗୋଇଠା ସହ ପ୍ରବଳ ମାଡ଼ ମାରିଥିଲେ। ଏତିକିରେ ସେମାନଙ୍କ ରାଗ ଶାନ୍ତ ନ ହେବାରୁ ୧୦ଥର କାନ ଧରି ବସଉଠ କରାଇଥିଲେ। ଏପରି କି ସୁନୀଲଙ୍କ ହାତ ଗୋଡ ବାନ୍ଧି ଗ୍ରାମର ବିବେକାନନ୍ଦ, ବବି ମିଶ୍ର, ମୁରଲୀ ବେହେରା ମିଳିତ ଭାବେ ଆକ୍ରମଣ କରିଥିଲେ। ଉପସ୍ଥିତି କିଛି ଲୋକ ଏହାକୁ ବିରୋଧ କରିଥିଲେ। ମାତ୍ର ସୁନୀଲଙ୍କୁ ସୁରକ୍ଷା ଦେବା ପାଇଁ କେହି ବାହାରି ନ ଥିଲେ। ତେବେ ସେହି ରାତିରେ ଥାନାରେ ଲିଖିତ ଅଭିଯୋଗ ହୋଇ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ। ଫଳରେ ଅଭିଯୁକ୍ତମାନଙ୍କୁ ପୋଲିସ ସୁରକ୍ଷା ଦେଉଥିବା ସୁନୀଲଙ୍କ ପରିବାର ଅଭିଯୋଗ କରିଛନ୍ତି। ସୁନୀଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଗିରଫ୍ ହୋଇ ନ ଥିବାରୁ ତାଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ନରସିଂହପୁର ଥାନା ଅଧିକାରୀ ଓ ଆଠଗଡ ଏସଡିପିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ଥାନା ଏସ୍‌ଆଇ ପ୍ରସନ୍ନ କୁମାର ଦଳାଇ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ-୧୧୩/୧୮ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଅନ୍ୟପକ୍ଷରେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଦଳିତ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବହୁଜନ ସମାଜ ପାର୍ଟି ନରସିଂହପୁର ବ୍ଲକ ସଭାପତି ଚଗଲା ବାଘ କହିଛନ୍ତି।

■ ରାଶନ କାର୍ଡ ବଣ୍ଟନ ବେଳେ ଅସନ୍ତୋଷ

# ସିଏମସି ମେୟରଙ୍କ ଭାଷଣରେ ରହିଲାନି ତାଳମେଳ

କଟକ ଅଫିସ, ୨।୧୦

୧୫୦ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କଟକରେ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଛନ୍ତି ମନ୍ତ୍ରୀ ଉଷା ଦେବୀ। ମଙ୍ଗଳବାର ଶହୀଦ ଭାବନଠାରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହାନଗର ନିଗମ ଅଞ୍ଚଳର କେତେଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ବେଳେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଯେଉଁ ହିତାଧିକାରୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସେମାନଙ୍କ କାର୍ଡ ପାଇପାରିନାହାନ୍ତି ସେମାନଙ୍କୁ ମେୟର ମିନାକ୍ଷୀ ବେହେରା ବୁଝାଶୁଝା କରିଥିଲେ। ତେବେ ମଞ୍ଚରେ ମେୟର ବେହେରା ନିଜ ଭାଷଣରେ ବହୁତ କିଛି ଭୁଲ କହିଥିଲେ। ଯେମିତିକି ଗାନ୍ଧୀଜୀଙ୍କର ଏହା ୫୦ତମ ଜନ୍ମତିଥି ବୋଲି କହିଥିଲେ। ସେହିପରି ନିଆଳି ବିଧାୟକ ପ୍ରମୋଦ ମଲ୍ଲିକଙ୍କୁ ମହାପାତ୍ର ବୋଲି କହିଥିବା ବେଳେ ପ୍ରଭାତ ବିଶ୍ୱାଳଙ୍କୁ ପ୍ରଭାତ ତ୍ରିପାଠୀ ବୋଲି ସମ୍ବୋଧନ କରିଥିଲେ। ମେୟରଙ୍କ ଏଭଳି ଭାଷଣ ବେଳେ ବିଧାୟକ ବିଶ୍ୱାଳ ତାଙ୍କ ମୁହଁକୁ କିଛି ସମୟ ଚାହିଁଥିଲେ। ଏହି କାର୍ଯ୍ୟକ୍ରମରେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, କଟକ ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳ, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଏବଂ ଡେପୁଟି ମେୟର ପ୍ରମୁଖ ଉପସ୍ଥିତ ଥିଲେ।

# ଖୁଦୁରୁକୁଣୀ ଭସାଣିକୁ ନେଇ ଗଣ୍ଡଗୋଳ, ଥାନାରେ ଉତ୍ତେଜନା

କଟକ ଅଫିସ,୨।୧୦

ମାଲଗୋଦାମ ଥାନା ଅନ୍ତର୍ଗତ ପିଲିଗ୍ରୀମ୍ ରୋଡ ଦାସସାହି ଅଞ୍ଚଳରେ ଖୁଦୁରୁକୁଣୀ ଭସାଣିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ଗୋଷ୍ଠୀରୁ ୩ ଜଣ ବ୍ୟକ୍ତି ଆହତ ହୋଇଥିବା ବେଳେ ଏହାକୁ ନେଇ ମାଲଗୋଦାମ ଥାନାରେ ପରିସରରେ ମଙ୍ଗଳବାର ଉତ୍ତେଜନା ପରିବେଶ ସୃଷ୍ଟି ହୋଇଛି। ଶେଷରେ ପୋଲିସର ହସ୍ତକ୍ଷେପ ପରେ ଝଗଡାର ଆପୋଷ ସମାଧାନ ହୋଇଥିବା ପୋଲିସ କହିଛି।

ସୋମବାର ରାତିରେ ଦାସ ସାହି ଅଞ୍ଚଳରେ ଖୁଦୁରୁକୁଣୀଭସାଣି ପାଳନ କରାଯାଉଥିବା ବେଳେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡା ହୋଇଥିଲା। ଯୁକ୍ତିତର୍କରୁ ମାରପିଟ୍ ପର୍ଯ୍ୟନ୍ତ କଥା ଯାଇଥିଲା। ଏହାକୁ ନେଇ ଉଭୟଗୋଷ୍ଠୀ ପକ୍ଷରୁ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଥାନା ପରିସରରେ ଉଭୟଗୋଷ୍ଠୀର ମହିଳାଙ୍କ ସମେତ ଶତାଧିକ ସମର୍ଥନ ରୁଣ୍ଡ ହୋଇଥିଲେ। ଗଣ୍ଡଗୋଳ କରିଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ଉଭୟପକ୍ଷ ଦାବି କରିଥିଲେ। ପରେ ପୋଲିସ ଲୋକଙ୍କୁ ବୁଝାଇଶୁଝାଇ ସେମାନଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ କରିଥିଲା।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ



ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

କଣ୍ଟାପଡା/ ଚୌଦ୍ୱାର/ ନିଆଳି/ ଖୁଣ୍ଟୁଣୀ, ୨।୧୦(ଡି.ଏନ୍.ଏ.)

ଅଡଶପୁରସ୍ଥିତ ଯୁ.ଏନ୍. ମହାବିଦ୍ୟାଳୟର ଯୋଗ ଓ ସ୍ୱାସ୍ଥ୍ୟ ପରିଚାଳନା ବିଭାଗ ପକ୍ଷରୁ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଫେସର ଗୋଲେଖ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥିଭାବେ ଓ ପ୍ରଫେସର ହିମାଂଶୁ ଶେଖର ମହାପାତ୍ର, ପ୍ରଫେସର ଅକ୍ଷୟ କୁମାର ବେହେରା, ପ୍ରଫେସର ରାକେଶ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ମାଝି ପରିଚାଳନା କରିଥିଲେ।

ସେହିପରି ଚୌଦ୍ୱାର ପୌରପାଳିକା, ହିନ୍ଦ୍ ସେବକ ସଂଘ,ବିଭିନ୍ନ ବ୍ୟବସାୟୀ ସଙ୍ଗଠନ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀଛକସ୍ଥିତ ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମେତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ନେତୃତ୍ୱରେ ଶିଶୁ ସଦନର ଶତାଧିକ ପିଲା ଓ କର୍ମଚାରୀ ଶିଶୁସଦନରୁ ଶୋଭାଯାତ୍ରାରେ ଯାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗାନ୍ଧିଜୀଙ୍କ ଅହିଂସା ମାର୍ଗରେ ପରିଚାଳିତ ହୋଇ ରାଷ୍ଟ୍ରର ବିକାଶ ପାଇଁ କାର୍ଯ୍ୟ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ପ୍ରାଣକୃଷ୍ଣ ଜେନା, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ସ୍ତମ୍ଭକାର ସୁକାନ୍ତ କୁମାର ମହାନ୍ତି, କାଉନ୍‌ସିଲର ବିଷ୍ଣୁ ଚରଣ ପରିଡ଼ା, କରୁଣାକର ସାହୁ, ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ, ଦିଲୀପ କୁମାର ସାହୁ, ଅଜୟ କୁମାର ବେହେରା, କିରଣବାଳା ନାୟକ, ମୀନା ଚୌଧୁରୀ, ଦେବେନ୍ଦ୍ର ଖୁଣ୍ଟିଆ, ସୁବୋଧ ନାୟକ, ବିମଳ ବେଉରା, ସ୍ମୃତିରଞ୍ଜନ ମହାପାତ୍ର, ମନୋଜ ପ୍ରତାପଦେବ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ନିଆଳିସ୍ଥିତ ଗୁରୁକୃପା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଦିବସ ପାଳନ କରିବା ସହ ଛାତ୍ରୀଛାତ୍ରମାନେ ନୂଆଗାଁ ଓମ୍‌ଫେଡ୍ ଛକ, ନୀଳକଣ୍ଠେଶ୍ୱର ମନ୍ଦିର ପରିସର ଆଦି ରାସ୍ତାଘାଟ ସଫେଇ କରିଥିଲେ। ସେହିପରି ନିଆଳି ହାଇସ୍କୁଲ, ରାମେଶ୍ୱର ନୋଡାଲ୍ ବିଦ୍ୟାପୀଠ, ପ୍ରଜାପତି ବ୍ରହ୍ମାକୁମାରୀ ନିଆଳି ଉପସେବା କେନ୍ଦ୍ର ପକ୍ଷରୁ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ନିଆଳି ପଞ୍ଚାୟତ ପକ୍ଷରୁ ନିଶା ନିବାରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ନିଆଳିକୁ ନିଶାମୁକ୍ତ କରିବା ପାଇଁ ସରପଞ୍ଚ ପ୍ରଶାନ୍ତ ସିଂହଙ୍କ ନେତୃତ୍ୱରେ ଏକ ଦସ୍ତଖସ୍ତ ଅଭିଯାନ କରାଯାଇଥିଲା। ମହଙ୍ଗଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ଅଲଣା ପଞ୍ଚାୟତର ବିଜୁ ଯୁବବାହିନୀ ସହଯୋଗରେ ୟୁନିକ୍ ହସ୍ପିଟାଲ କଟକ ପକ୍ଷରୁ ମହଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ପୋଖରୀଗାଁ ପଞ୍ଚାୟତ ପକ୍ଷରୁ ନିଶା ନିବାରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱଜିତ୍ ଖଟେଇଙ୍କ ନେତୃତ୍ୱରେ ଉକ୍ତ ପଞ୍ଚାୟତର ବିଜୁ ଯୁବବାହିନୀର ସଭ୍ୟମାନେ ମହାତ୍ମା ଗାନ୍ଧୀଙ୍କ ଫଟୋକୁ ଧରି ଗାଁ ଗାଁ ବୁଲି ନିଶା ନିବାରଣ ଉପରେ ନାରାବାଜି କରି ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହିପରି ନିଆଳି ସ୍ଥିତ ରାଜେନ୍ଦ୍ର ଦେଶୀ ଗବେଷଣା କେନ୍ଦ୍ର ତରଫରୁ ଗାନ୍ଧୀଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ଗାନ୍ଧୀଙ୍କ ଆଦର୍ଶରେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

ଆଠଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଖଡି ବାଞ୍ଛେଶ୍ୱର ମନ୍ଦିର ପରିସରରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନରେନ୍ଦ୍ର ସାହୁ, ସନ୍ତୋଷ ସାହୁ, ବ୍ରଜରାଜ ଖଟୁଆ, ସନ୍ତୋଷ ବାରିକ, ନିତ୍ୟାନନ୍ଦ ସୂତାର, ଭାଗ୍ୟଦୀପ ଥାଟୋଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଖଡି ଲକ୍ଷ୍ମୀନାରାୟଣ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ମନ୍ଦିର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମଦ ବନ୍ଦ କରିବାକୁ ବିଧାୟକଙ୍କୁ ଦାବିପତ୍ର

କଣ୍ଟାପଡ଼ା, ୨।୧୦(ଡି.ଏନ୍.ଏ.)

୧୫୦ତମ ଗାନ୍ଧୀ ଜୟନ୍ତୀ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ମଞ୍ଚ ପକ୍ଷରୁ ନିଆଳି ବିଧାୟକ ପ୍ରମୋଦ ମଲିକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଏହି ଅବସରରେ ନିଶା ନିବାରଣ ମଞ୍ଚର ସଦସ୍ୟମାନେ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ନିଶାର କୁପ୍ରଭାବ ଉପରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଗତ ୧ମାସ ଧରି ସଦସ୍ୟମାନେ ନିଶା ବିରୋଧରେ ସ୍ୱାକ୍ଷର ସଂଗ୍ରହ କରିଥିଲେ। ଏହି ସ୍ୱାକ୍ଷର ପତ୍ରକୁ ଦାବିପତ୍ର ମାଧ୍ୟମରେ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମିଳିତ ଓଡିଶା ନିଶା ନିବାରଣ ଯୁବବାହିନୀର ପ୍ରମୁଖ କର୍ମକର୍ତ୍ତା ଲଲାଟେନ୍ଦୁ ପାତ୍ର ଓ ଅତିଶ କୁମାର ରାଉତ ପରିଚାଳନା କରିଥିଲେ।

### ପ୍ଲାଷ୍ଟିକ, ପଲିଥିନ ମୁକ୍ତ ଅଭିଯାନ

କଟକ ସଦର, ୨।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ମଙ୍ଗଳବାର ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି। ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ କନ୍ଦରପୁର ବଜାର ଜନଜାତି ସାହିରେ ଘରଘର ବୁଲି ଏହି ସାମଗ୍ରୀ ବ୍ୟବହାର ନ କରିବା ପାଇଁ କହିଥିଲେ। କନ୍ଦରପୁର ବଜାରରେ ପଡିଥିବା ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀକୁ ଏକତ୍ରିତ କରାଯାଇଥିଲା। ଏହି ଅଭିଯାନ ପର୍ଯ୍ୟାୟକ୍ରମେ ଅନ୍ୟ ଅଞ୍ଚଳକୁ ସମ୍ପ୍ରସାରିତ କରାଯିବ ବୋଲି ଏନଏସଏସ ସଂଯୋଗ ସଂଗ୍ରାମ କେଶରୀ ଜଗଦେବ କହିଛନ୍ତି। ଅଭିଯାନକୁ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ସରୋଜ କୁମାର ସୁବୁଦ୍ଧି, ଅଲେଖ ଚନ୍ଦ୍ର ସାହୁ, ପ୍ରଣତୀ ପଟ୍ଟନାୟକ, ବିଷ୍ଣୁପ୍ରିୟା ରାଉତରାୟ, ସ୍ମିତା ମହାନ୍ତିଙ୍କ ସମେତ ଦୁଃଶାସନ ବେହେରା, ପ୍ରଦୀପ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କଟକସ୍ଥିତ ବାଉଁଶଗାଳିଠାରେ ମଙ୍ଗଳବାର ଶ୍ରୀ ଶ୍ରୀ ଷୋଳପୁଅ ମା' ଘଟ ବିସର୍ଜନ ଶୋଭାଯାତ୍ରାରେ ବାହାରିଥିବା କାଳିବେଶଧାରୀ ଭକ୍ତ।

■ କଟକରେ ବରିଷ୍ଠ ନାଗରିକ ଦିବସ

# ବୟସ୍କଙ୍କୁ ସମ୍ମାନ ଦେବା ଆମ ସଂସ୍କୃତି

କଟକ ଅଫିସ, ୨।୧୦

ସୋମବାର ସନ୍ଧ୍ୟାରେ କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ଶତାବ୍ଦୀ ଭବନଠାରେ ଆନ୍ତର୍ଜାତିକ ବୟୋବୃଦ୍ଧ ଦିବସ ପାଳନ ହୋଇଥିଲା। ମହାସଭାର ସଭାପତି ଡା. କୃପାସିନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶକୁ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ ଉଦ୍‌ଘାଟନ କରିଥିଲେ। ବୟସ୍କ ମନୋଭାବ ପରିତ୍ୟାଗ କରି ଏହି ବୟସରେ କାର୍ଯ୍ୟକ୍ଷମ ରହିବାକୁ ସେ ପରାମର୍ଶ ଦେଇଥିଲେ। ଅବସର ପରେ ଗାଁକୁ ଯାଇ ବିଗିଡି ଯାଉଥିବା ସେଠାକାର ପରିବେଶକୁ ସଜାଡିବା ପାଇଁ ଉଦ୍ୟମ କରିବାକୁ ଜଷ୍ଟିସ ନାଇଡୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ସର୍ବଭାରତୀୟ ହିନ୍ଦ୍ ସେବକ ସଙ୍ଘର ସଭାପତି ଦାମୋଦର ସାହୁ କହିଥିଲେ ଯେ, ଦେବ ପ୍ରୀତି ରହିଲେ ପରିଣତ ବୟସରେ ଅଶାନ୍ତି ଆସିବ ନାହିଁ। ଶ୍ରଦ୍ଧା, ପ୍ରେମ, ମମତା ଭିତରେ ବୟୋଜ୍ୟେଷ୍ଠମାନେ ରହିପାରିଲେ ଓ ଆଖି, କାନ ଖୋଲା ରଖି ପାଟି ବନ୍ଦ କଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଙ୍ଘର ସଭାପତି କୃପାସିନ୍ଧୁ ସାହୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଖବରଦାତା ଅରୁଣ କୁମାର ପଣ୍ଡା ପରାମର୍ଶ ଦେଇ କହିଲେ, ବୟସ୍କ ଲୋକେ କମ୍ ଆଶା କରନ୍ତୁ। ପରିବର୍ତ୍ତିତ ପରିସ୍ଥିତିରେ ବରିଷ୍ଠମାନଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ ପ୍ରତି ସମାଜ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ବାର କାଉନ୍‌ସିଲର ସଭାପତି ଡ. ଟହଲି ଚରଣ ମହାନ୍ତି କହିଲେ, ବୟୋବୃଦ୍ଧଙ୍କୁ ସମ୍ମାନ ଦେବାକୁ ପୂର୍ବରୁ ସରକାରୀ ସ୍ତରରେ ଯେଉଁ ଯୋଜନା ସବୁ ଆରମ୍ଭ ହୋଇଥିଲା ତାହାର ଉଚିତ୍ କାର୍ଯ୍ୟକାରିତା ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ମହାସଭାର ମୁଖପତ୍ର ଗୁରୁଜନ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକାର ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରି ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ କହିଥିଲେ ଯେ, ଓଡ଼ିଶାରେ ଆଜି ପ୍ରତି ଜିଲା ପ୍ରଶାସନ ପକ୍ଷରୁ ବୟୋବୃଦ୍ଧ ଦିବସ ପାଳନ ହେଉଥିବା ବେଳେ କଟକ ପ୍ରଶାସନ କେବେ କରିବ ତାହାର ସୂଚନା ନାହିଁ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର ଭାଷଣ ଦେଇ ସିଡିଏରେ ବୟସ୍କଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର ନିର୍ମାଣ ହେବ ବୋଲି କହିଥିଲେ।

**ସିଡିଏରେ ହେବ ଚିତ୍ତବିନୋଦନ କେନ୍ଦ୍ର**

■ ଶହୀଦ ଭବନରେ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ

# ଜିଲାର ୩୩,୯୮୪ ପରିବାର ସାମିଲ

କଟକ ଅଫିସ, ୨।୧୦



ମନ୍ତ୍ରୀ ଉଷା ଦେବୀ ଜଣେ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରୁଛନ୍ତି।

କଟକରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ ମଙ୍ଗଳବାର ହୋଇଛି। ସନ୍ଧ୍ୟାରେ ସ୍ଥାନୀୟ ଶହୀଦଭବନଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ ଯୋଜନା, ସମନ୍ୱୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଉଷା ଦେବୀ ରାଜ୍ୟ ସରକାରଙ୍କ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନା ଅନୁଯାୟୀ, ଅକ୍ଟୋବର ୨ ରୁ କାର୍ଯ୍ୟକାରୀ କରାଯାଇଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ନୂଆ ଖାଉଟି କାର୍ଡରେ ଯୋଗ୍ୟ ପରିବାରକୁ କିଗ୍ରା ପ୍ରତି ୧ ଟଙ୍କା ମୂଲ୍ୟରେ ମାସିକ ମୁଣ୍ଡପିଛା ୫ କିଗ୍ରା ଚାଉଳ ଯୋଗାଇ ଦିଆଯିବ। କଟକ ଜିଲାରେ ଏହି ନୂଆ ଯୋଜନାରେ ୩୩,୯୮୪ ପରିବାର ସାମିଲ ହୋଇଛନ୍ତି। ୨୦୧୧ ଜନଗଣନା ପରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ହୋଇଥିବା ଜଣେ ହେଲେ ବି ଯୋଗ୍ୟ ପରିବାରକୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଥିଲେ। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାର ୩୩,୯୮୪ ଯୋଗ୍ୟ ପରିବାରର ୮୮,୩୧୨ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇବେ ବୋଲି କହିଥିଲେ। ଏହି ଯୋଗ୍ୟ ପରିବାରମାନଙ୍କୁ ବ୍ଲକ, ସହରାଞ୍ଚଳରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପର୍ଯ୍ୟାୟକ୍ରମେ କାର୍ଡ ବଣ୍ଟନ କରାଯିବ। ଏହାବାଦ ଯଦି ଯୋଗ୍ୟ ପରିବାର କୌଣସି କାରଣରୁ ବାଦ ପଡ଼ିଥାନ୍ତି ସେମାନେ ନିଜର ଆଧାର କାର୍ଡ ସହ ପୁନର୍ବାର ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିପାରିବେ ବୋଲି ଅଗ୍ରୱାଲ କହିଥିଲେ। ମନ୍ତ୍ରୀ ଉଷା ଦେବୀ ଏହି ଅବସରରେ କଟକ ମହାନଗର ନିଗମ ଅଞ୍ଚଳର ଅନେକ ହିତାଧିକାରୀଙ୍କୁ ପ୍ରତୀକାତ୍ମକ ଭାବେ କାର୍ଡ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ନିଆଳି ବିଧାୟକ ପ୍ରଫେସର (ଡାକ୍ତର) ପ୍ରମୋଦ କୁମାର ମଲ୍ଲିକ, ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମେୟର ମିନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ କୁମାର ବାରିକ, ଅତିରିକ୍ତ ଜିଲାପାଳ ହରିଶ ଚନ୍ଦ୍ର ନାୟକ, ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୩ ଅକ୍ଟୋବର, ୨୦୧୮



ସଦ୍‌ଗୁଣ ଓ ଶିଷ୍ଟତା ଏଭଳି ଯୋଡି ହୋଇ ରହିଥାନ୍ତି ଯେ, ଗୋଟିକୁ ଅନ୍ୟଠାରୁ ଅଲଗା କରିଦେଇ ହେବ ନାହିଁ।

- ଶିଶେରୋ



## ସଂକ୍ଷେପରେ

### ନିଶାକୁ ନା ସଚେତନତା



ଖୋର୍ଦ୍ଧା ଅଫିସ,୨।୧୦:ନିଶାକୁ ଦୂରେଇ ଦେବା ଉଦ୍ଦେଶ୍ୟରେ ନିଶାକୁ ନା ସଚେତନତା ବୈଠକ ଓ ଶୋଭାଯାତ୍ରା ଖୋର୍ଦ୍ଧା ବ୍ଲକର ଟାଙ୍ଗିଆପଡା ପଞ୍ଚାୟତରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିଶାମୁକ୍ତ ଅଭିଯାନକୁ ସଫଳ କରିବାକୁ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଏକ ବୈଠକ କରାଯାଇ ନିଶା ବ୍ୟବହାର କରିବେ ନାହିଁ ବୋଲି ଶପଥ କରାଯାଇଛି। ଅନ୍ୟପକ୍ଷେ ସ୍କୁଲ ଛାତ୍ରୀଛାତ୍ର ଓ ବିଜୁ ଯୁବ ବାହିନୀ ପକ୍ଷରୁ ନିଶାକୁ ନା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି।

### ବରିଷ୍ଠ ନାଗରିକ ଦିବସରେ ଆଲୋଚନା ଚକ୍ର

ଖୋର୍ଦ୍ଧା ଅଫିସ,୨।୧୦ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ଖୋର୍ଦ୍ଧାରେ ଆଇନ ସଚେତନତା ଶିବିର ଓ ବାଣପୁର ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରେ ତାଲୁକ୍ ଆଇନ ସେବା କମିଟିର ଅଧକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲାଜଜ୍ ଧନୁର୍ଦ୍ଧର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ସିଭିଲ ଜଜ ସିନିୟର ଡିଭିଜନ ବିକାଶ ଚନ୍ଦ୍ର ଦେ, ସିଭିଲି ଜଜ ଜୁନିଅର ଡିଭିଜନ ଶ୍ରଦ୍ଧାଞ୍ଜଳୀ ରାୟ, ଏସଡିଜିଏମ୍ ସଙ୍ଗୀତା ପାତ୍ର, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢୀ, ଜେଏମ୍ଏଫସି ଶାଶ୍ୱତୀ ମହାପାତ୍ର, ଖୋର୍ଦ୍ଧା ଆଇନଜୀବୀ ସଂଘର ପ୍ରଭାତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଣପୁରରେ ପ୍ରାଧିକରଣର ଅଧକ୍ଷ ତଥା ସବ୍‌ଜଜ୍ ଦିଲୀପ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ନାଗରିକ ସଂଘର ସଭାପତି ସତ୍ୟନାରାୟଣ ମହାପାତ୍ର, ଓକିଲ ସଂଘର ସଭାପତ ଗୌରିଶଙ୍କର ଷଡଙ୍ଗୀ, ସମ୍ପାଦକ ଜଗନ୍ନାଥ ଭୋଳ, ବରିଷ୍ଠ ନାଗରିକ ସଂଘର ଉପସଭାପତି କେଦାରେଶ୍ୱର ନନ୍ଦ ପ୍ରମୁକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ଆଇନ ଓ ଏହାର କାର୍ଯ୍ୟକାରିତା ଉପରେ ଟିପ୍ପଣି ଦେଇଥିଲେ।

### ନିଶା ନିବାରଣ ଓ ପ୍ଲାଷ୍ଟିକ ହଟାଓ ଅଭିଯାନ



ନିରାକାରପୁର,୨।୧୦(ଡି.ଏନ.ଏ.)-ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଲେଣ୍ଡୁ ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ମଙ୍ଗଳବାର ନିଶା ନିବାରଣ ଓ ପ୍ଲାଷ୍ଟିକ ହଟାଓ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାର ସଦସ୍ୟମାନେ ହାତରେ ଫ୍ଲାକାର୍ଡ଼ ଧରି ନିଶା ବିରୋଧରେ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନତା ପୂର୍ବକ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧକ୍ଷା ତୃପ୍ତି ଆଚାର୍ଯ୍ୟ, ସରପଞ୍ଚ ପବିତ୍ର କୁମାର ଦାଶ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଆଚାର୍ଯ୍ୟ, ଲେଣ୍ଡୁ କାର୍ଯ୍ୟନିର୍ବାହୀ ବିକ୍ରମ କେଶରୀ ପାହାଡ଼ସିଂହ, ଯୁବ ବାହିନୀର ପଞ୍ଚାୟତ ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ ଓ ସମ୍ପାଦକ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଛଣଗିରି ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ସୋମନାଥ ପ୍ରଧାନ, ସମ୍ପାଦକ ଦୀପକ ରଞ୍ଜନ ପରିମାଣିକ ଓ କୋଷାଧକ୍ଷ ରାଜେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୨।୧୦ (ଡି.ଏନ.ଏ.)
ବେଗୁନିଆ ବ୍ଲକ ଅଞ୍ଚଳରେ ଜଣେ ସୁନାମଧନ୍ୟ ଶିକ୍ଷାବିତ୍ ଉପେନ୍ଦ୍ର ଦାସଙ୍କୁ ଭୁବନେଶ୍ୱରସ୍ଥିତ ରୋଟାରୀ କ୍ଲବ ପକ୍ଷରୁ ରାଷ୍ଟ୍ର ନିର୍ମାଣକାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଏହି ଶିକ୍ଷାବିତ୍‌ଙ୍କୁ ସୋମବାର ବେଗୁନିଆ ଅଞ୍ଚଳର ଶିକ୍ଷକ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନଙ୍କ ମହଲରୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଦାସ ବିଗତଦିନରେ ବହୁ ଅନୁଷ୍ଠାନ ପକ୍ଷରୁ ପରିବେଶ ପ୍ରେମୀ, ବିଜ୍ଞାନ ଶିକ୍ଷକ ଓ ସୁବକ୍ତା ଭାବେ ଅନେକ କୃତିତ୍ୱ ଅର୍ଜନ କରିଥିଲେ। ଏବେ ମଧ ସେ ବେଗୁନିଆ ବ୍ଲକ ପଙ୍ଗାରସିଂହ ଦଧିବାମନ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ କରୁଛନ୍ତି।

■ ପ୍ରଶାନ୍ତ ନନ୍ଦଙ୍କ ପୁଅ କାରକୁ ବୋମାମାଡ଼ ଘଟଣା

# ମାରିଦେବାକୁ ହୋଇଥିଲା ଉଦ୍ୟମ

## ଥାନାରେ ଅଭିଯୋଗ କଲେ ଡ୍ରାଇଭର

ଖୋର୍ଦ୍ଧା ଅଫିସ,୨।୧୦

ଖୋର୍ଦ୍ଧା ଜିଲା ବେଗୁନିଆ ଗୋରୁହାଟ ପଡିଆ ନିକଟରେ ସୋମବାର ରାତି ପ୍ରାୟ ୮ଟା୪୫ ମିନିଟ୍‌ରେ ରାଜ୍ୟସଭା ସଦସ୍ୟ ତଥା ବିଜେଡିର ମୁଖପାତ୍ର ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭଙ୍କ କାର ଉପରକୁ ବୋମାମାଡ ହୋଇଥିଲା। ଏପରି କି ତାଙ୍କୁ ମାରିଦେବାକୁ ଯୋଜନା କରି ୨ ରାଉଣ୍ଡ ଗୁଳି ଦୁର୍ବୃତ୍ତମାନେ ଚଳାଇଥିଲେ। ଏହି ଘଟଣାରେ କାର ଡ୍ରାଇଭର ବାଙ୍କୀ-ଡମପଡା ଗାଁର ଅକ୍ଷୟ ପରିଡା ବୋମାମାଡ ଓ ଗୁଳି ଚାଳନା କରାଯାଇଥିବା ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି। ଏହି ବୋମାମାଡ ଘଟଣାରେ ରିଷଭଙ୍କ ସମେତ ଅନ୍ୟ ସହଯୋଗୀ ମନୋରଞ୍ଜନ ମନ୍ତ୍ରୀ, ସାଙ୍ଗ ସୁକୁମାର ମହାପାତ୍ର, ଡ୍ରାଇଭର ପରିଡା ପ୍ରମୁଖ ୩ ଜଣ ବର୍ତ୍ତୀ ଯାଇଥିଲେ। ତେବେ ସାମାନ୍ୟ ଭାବେ ଆହତ ହୋଇ ୪ ଜଣ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ବୋମାମାଡରେ କାରର ଆଗ ଓ ପଛପାଖ କାଚ ଭାଙ୍ଗି ଯାଇଥିଲା।

ଅଭିଯୋଗ ଅନୁସାରେ ରିଷଭ ବୋଲଗଡ ବ୍ଲକର ଅନନ୍ତାପଲ୍ଲୀ ଗାଁରେ ତୁମ ଆମ କ୍ଲବର ସାଂସ୍କୃତିକ ସଭା କାର୍ଯ୍ୟରେ ଯୋଗଦେବା ପରେ ପିତୁକୁଳି ଦେଇ ୫୭ ନଂ. ଜାତୀୟ ରାଜପଥରେ କାର (ନଂ. ଓଆର୦୨ ବିୟୁ ୧୨୮୦)ରେ ଭୁବନେଶ୍ୱର ଫେରୁଥିଲେ। ପିତୁକୁଳି ବଜାରରେ ଏକ ଧଳା ରଙ୍ଗର ବୋଲେରୋ (ନଂ. ଓଡି୦୨ ବିଟି ୧୦୦୧) ରାସ୍ତା ନିକଟରେ ଅଟକି ରହିଥିଲା। ରିଷଭଙ୍କ କାର ପହଞ୍ଚିବା କ୍ଷଣି ବୋଲେରୋ ଭିତରୁ ୭ରୁ ୮ଜଣ ମୁଖାଧାରୀ ଓହ୍ଲାଇ ମାରଣାସ୍ତ୍ର ଧରି ସେମାନଙ୍କ ଆଡକୁ ମାଡ଼ି ଆସିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ଡ୍ରାଇଭର କାରକୁ ବୁଲାଇ ବେଗୁନିଆ ଆଡକୁ ଫେରିଯାଉଥିଲେ। ମାତ୍ର ଦୁର୍ବୃତ୍ତମାନେ ବୋଲେରୋରେ ପିଛା କରିଥିଲା। ବେଗୁନିଆ ଗୋରୁହାଟ ପଡିଆ ନିକଟରେ ସେମାନେ ପହଞ୍ଚିବାବେଳକୁ ଉକ୍ତ ବୋଲେରୋଟି ପୂର୍ବରୁ ସେଠାରେ ପହଞ୍ଚି ସାରିଥିଲା। ୭ରୁ ୮ ଜଣ ମୁଖାଧାରୀ ବୋଲେରୋରୁ ବାହାରି ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ପଛରୁ ଆସୁଥିବା ୨ ବାଇକ୍ ଚାଳକ ୨ଟି ବୋମା କାର ଉପରକୁ ଫୋପାଡି ଥିଲେ। ଏଥିରେ କାରର ଆଗ ଓ ପଛପାଖ କାଚ ଭାଙ୍ଗି ନଷ୍ଟ ହୋଇଯାଇଥିଲା। ଅନ୍ୟପକ୍ଷେ ଅଭିଯୋଗରେ ରହିଛି ଆକ୍ରମଣ ସମୟରେ ଆକ୍ରମଣକାରୀ ଜଣେ ନେତାଙ୍କ ନାମ ନେଇ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କହୁଥିଲେ କଣ୍ଟାକୁ ସଫା କରିଦିଅ, ନଚେତ୍ ଆମ ବସ ଆମକୁ ମାରିଦେବେ। ଏହା କହି କାରର ସମ୍ମୁଖକୁ ଠେଙ୍ଗାରେ ପିଟିଥିଲେ। ଘଟଣାସ୍ଥଳରୁ ପଳାଇ ଯାଉଥିବାବେଳେ ପଛପାଖରୁ ୨ ରାଉଣ୍ଡ ଗୁଳି ଚାଳନା ବି ହୋଇଥିଲା। ରିଷଭଙ୍କ ସୂଚନା ଅନୁସାରେ, ମଙ୍ଗଳବାର ସେ ଏସ୍‌ପିଙ୍କୁ ଫେରାଦ ହେବାକୁ ଯାଇଥିଲେ। ଏସ୍‌ପିଙ୍କ ପରାମର୍ଶ ଅନୁସାରେ ତାଙ୍କ କାର୍ ଡ୍ରାଇଭର ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୧୪୭, ୧୪୩, ୩୪୧, ୩୨୩, ୩୨୪, ୨୯୪, ୫୦୬, ୪୨୭, ୧୪୯ ଆଇପିସି, ଏକ୍ସପ୍ଲୋସିଭ ୯(ବି), ୨୫, ୨୭ ଆର୍ମସ ଆକ୍ଟରେ ନଂ. ୧୬୪/୧୮ରେ ମାମଲା ରୁଜୁ କରିଛି। ଏସ୍‌ପି ଦୀପ୍ତି ରଞ୍ଜନ ରାୟଙ୍କ ସୂଚନା ଅନୁସାରେ, ସୋମବାର ରାତିରେ ରିଷଭ ନନ୍ଦଙ୍କ କାର ଭଙ୍ଗାରୁଜା ଖବର ପାଇ ମୁଁ ଓ ଏସ୍‌ଡିପିଓ ଘଟଣା ସ୍ଥଳରେ ପହଞ୍ଚି କାରକୁ ଉଦ୍ଧାର କରାଯାଇଥିଲା। ବୋମାମାଡରେ କାରର କାଚ ଭାଙ୍ଗି ଥିବା ପ୍ରମାଣ ମିଳିନାହିଁ। ସେନସିଟିଭ ଘଟଣାକୁ ଆଖି ଆଗରେ ରଖି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ପୂର୍ବ ବିବାଦକୁ ନେଇ ବର୍ତ୍ତମାନର ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ସମର୍ଥକ ଏଭଳି କାଣ୍ଡ କରିଥିବା ଅଭିଯୋଗକାରୀ ଓ ସମର୍ଥକମାନେ ସନ୍ଦେହ କରୁଛନ୍ତି। ସାଇଣ୍ଟିଫିକ ଟିମ ତଦନ୍ତ କରି ଫେରିଯାଇଛି ବୋଲି ସେ କହିଛନ୍ତି।



ରିଷଭ ଏସପିଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ

# ଉପକୃତ ହେବେ ଜିଲାର ୧୯ ହଜାର ୪୬ ପରିବାର

## ୧୪୦ ହିତାଧିକାରୀଙ୍କୁ କାର୍ଡ ବାଣ୍ଟିଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଖୋର୍ଦ୍ଧା ଅଫିସ, ୨।୧୦

କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଭଳି ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫଏସ୍ଏସ୍) ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରିଛନ୍ତି। ଏ ଅବସରରେ ଖୋର୍ଦ୍ଧା ଜିଲା ସଦର ମହକୁମାର ଗୀତା ଭବନ ସମ୍ମୁଖ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ସଭା କରାଯାଇଛି। ଏଥିରେ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନକୁ ବାଦ୍ ଦେଇ ଖୋର୍ଦ୍ଧା ଜିଲାର ୧୦ ବ୍ଲକ, ୨ ମ୍ୟୁନିସିପାଲିଟି, ୪ ଏନଏସିର ୧୪୦ ହିତାଧିକାରୀଙ୍କୁ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କାର୍ଡ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୧୫ ହଜାର ୬୮୦ ଲୋକ ଉପକୃତ ହେବାର ରହିଛି। ଏଥିରୁ ପ୍ରଥମ ପର୍ଯ୍ୟାୟରେ ୧୯ହଜାର ୪୬ ପରିବାରର ୬୩, ୬୭୪ ଲୋକଙ୍କୁ ସାମିଲ କରାଯାଇଛି। ୫ ତାରିଖଠାରୁ ଚାଉଳ ହିତାଧିକାରୀ ନେଇ ପାରିବେ। ୧୦ ତାରିଖ ସୁଦ୍ଧା କାର୍ଡ ବଣ୍ଟନ ଶେଷ ହେବାର ରହିଛି। କିଛି ଦିନର ବ୍ୟବଧାନ ପରେ ପୁଣି ୨ୟ ପର୍ଯ୍ୟାୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହେବାର ରହିଛି।



ମନ୍ତ୍ରୀ ବିକ୍ରମ ଆରୁଖ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

### ଦୋକାନ ଘର ଜଳିଗଲା

କୃଷ୍ଣପ୍ରସାଦ,୨।୧୦(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକବାଟ ଗାଁରେ ନିଆଁ ଲାଗି ୨ ଟି ଦୋକାନ ଘର ଜଳିଯାଇଛି। ସୋମବାର ବିଳମ୍ବିତ ରାତିରେ ବିପିନ ପଣ୍ଡାଙ୍କ ଦୋକାନ ଜଳିଯାଉଥିବା ବେଳେ ସ୍ଥାନୀୟ ଲୋକେ ନିଆଁକୁ ଆୟତ କରି ନ ପାରି ମାଲୁଦ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ କରିଥିଲେ ମଧ ସେତେବେଳକୁ ଅନେକ ସାମଗ୍ରୀ ପୋଡ଼ି ଯାଇଥିଲା । ତେବେ ନିଆଁ ଲାଗିଯିବାରୁ ବିପିନଙ୍କର ପ୍ରାୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡ଼ିଯାଇଥିବା କୁହାଯାଇଛି।

### ଜଟଣୀ ମ୍ୟୁନିସିପାଲିଟିର ବିଧାୟକଙ୍କ ପ୍ରତିନିଧି ହେଲେ ପୂର୍ବତନ ପୌରାଧକ୍ଷ

ଜଟଣୀ,୨।୧୦(ଡି.ଏନ୍.ଏ)

ଜଟଣୀ ମ୍ୟୁନିସିପାଲିଟି ପାଇଁ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଭାବେ ପୂର୍ବତନ ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ ମନୋନୀତ ହୋଇଛନ୍ତି। ଏ ନେଇ ଜଟଣୀ ବିଧାୟକ ଭାଗୀରଥି ବଡ଼ଜେନା ଖୋର୍ଦ୍ଧା ଜିଲାପାଳ, ସ୍ଥାନୀୟ ମ୍ୟୁନିସିପାଲିଟିକୁ (ପତ୍ର ସଂଖ୍ୟା-୭୨୦/୧୮) ଲିଖିତ ଭାବେ ସଂଗ୍ରାମଙ୍କ ନାମ ସୁପାରିସ କରିଛନ୍ତି। ମ୍ୟୁନିସିପାଲିଟିର ନିର୍ବାଚିତ କାଉନ୍‌ସିଲ ଓ ପୌରାଧକ୍ଷଙ୍କ କାର୍ଯ୍ୟକାଳ ଅବଧି ରବିବାର ସରିବାର ଗୋଟିଏ ଦିନ ପରେ ସୋମବାର ବିଧାୟକଙ୍କ ପ୍ରତିନିଧି ଭାବେ ସଂଗ୍ରାମ ମନୋନୀତ ହେବା ଘଟଣା ବିଶେଷ କରି ସ୍ଥାନୀୟ ବିଜେଡି ଶିବିରରେ ଚର୍ଚ୍ଚାର ବିଷୟ ହୋଇଛି।

# ଓଡ଼ିଆ ପଞ୍ଚାୟତରେ ଗ୍ରାମସଭା

ନିରାକାରପୁର,୨।୧୦(ଡି.ଏନ.ଏ.)

ଟାଙ୍ଗୀ ବ୍ଲକ ନିରାକାରପୁର ଓଡ଼ିଆ ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ସରପଞ୍ଚ ହୃଷୀକେଶ ରାଉତରାୟ,ଏକଜ୍‌କ୍ୟୁଟିଭ ଅଫିସର ଦାଶରଥି ପ୍ରତିହାରୀ ଓ ଜିଆର୍‌ଏସ୍ ସ୍ୱାଗତିକା ପାହାଡ଼ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା ଭଳି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଡିଆ ପଞ୍ଚାୟତ ଗ୍ରାମସଭାରେ ଅତିଥି ଭାବେ ସରପଞ୍ଚ ମମତା ବେହେରା, ଜିଆର୍‌ଏସ୍ ନିରଞ୍ଜନ ଦଳେଇ ଓ ଏକ୍‌ଜିକ୍ୟୁଟିଭ ଅଫିସର ଦାଶରଥି ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ସହସମ୍ପାଦକ ଜନ୍ମେଜୟ ପାଇକରାୟ ଓ ଦ୍ୱାରିକାନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଶାରଦୀୟ ପାର୍ବଣ

# ମା' ଭଗବତୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ

ବାଲୁଗାଁ,୨।୧୦(ଡି.ଏନ.ଏ.)

ତନ୍ତ୍ରପୀଠଭାବେ ପ୍ରସିଦ୍ଧ ଲାଭ କରିଥିବା ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ ପୀଠରେ ଶାରଦୀୟ ପାର୍ବଣ ଉପଲକ୍ଷେ ମଙ୍ଗଳବାରଠାରୁ ଷୋଡ଼ଶ ଦିନାତ୍ମକ ଶାରଦୀୟ ମହୋତ୍ସବ ପୂଜା ଆରମ୍ଭ ହୋଇଛି।ଏହି ଅବସରରେ ସମଗ୍ର ବାଣପୁର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଗତ ଭାଦ୍ରବ ଶୁକ୍ଳପକ୍ଷ ଲଳିତା ସପ୍ତମୀ ତିଥିରେ ମା'ଭଗବତୀଙ୍କ କାଠି ଠାକୁରାଣୀ ଶାରଦୀୟ ପାର୍ବଣ ଉପଲକ୍ଷେ ଶେଷ ପର୍ଯ୍ୟାୟରେ ଚିଲିକା ମଧ୍ୟସ୍ଥ ପୂର୍ବ ଦିଗବାରଣୀ ଭଉଣୀ କାଳିଜାଈଙ୍କୁ ନିମନ୍ତ୍ରଣ କରିବାକୁ ଯାଇଥିଲେ । ସେଠାରେ ପାଣିତୋଳା ଉତ୍ସବ ଅନୁଷ୍ଠିତ ହେବା ସହ କାଳିଜାଈଙ୍କ ଆଜ୍ଞାମାଳ ନେଇ ବାଣପୁରରେ ପହଞ୍ଚିବା ପରେ ଉକ୍ତ ଦିନ ଠାରୁ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରେ ଦେବୀ ଶୟନରେ ଥିଲେ । ମା'ଙ୍କ ଷୋଡ଼ଶ ଦିନାତ୍ମକ ପାର୍ବଣ ତଥା ଶାରଦୀୟ ପୂଜା ପାଇଁ ମଙ୍ଗଳବାର ଅପରାହ୍ନରେ ଦେବୀଙ୍କୁ ମନ୍ତ୍ର ମୁତାବକ ଉତ୍ଥାପନ କରାଯାଇଥିଲା । ଦକ୍ଷେଶ୍ୱର ମନ୍ଦିରରେ ପୂଜା ପାଉଥିବା ମା' କନକ ଦୁର୍ଗା ଓ ଦେବୀ ଭଗବତୀଙ୍କୁ ୧୦୮ ସୁଗନ୍ଧ ଜଳ କୁମ୍ଭରେ ଅଭିଷିକ୍ତ କରାଯାଇ ନୂତନ ବସ୍ତ୍ର ଲାଗି କରାଯାଇଥିଲା । ସନ୍ଧ୍ୟାରେ ଦେବୀ ଭଗବତୀ ଓ କନକ ଦୁର୍ଗାଙ୍କୁ ଦକ୍ଷେଶ୍ୱର ମନ୍ଦିରରୁ ସେବାୟତଙ୍କ ଗହଣରେ ବାଣପୁର ବଜାର ପରିଭ୍ରମଣ କରାଯିବା ପରେ ଭଗବତୀ ପୀଠରେ ଥିବା ଭିତର ପର୍ବ ଗୃହକୁ ବିଜେ କରାଯାଇଥିଲା । ମଙ୍ଗଳବାର ଠାରୁ ମା'ଭଗବତୀଙ୍କ କାଠି ଠାକୁରାଣୀଙ୍କୁ ସେବାୟତମାନେ ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତ୍ୟହ ରାତ୍ରୀରେ ଦକ୍ଷେଶ୍ୱରଙ୍କ ମନ୍ଦିରରୁ ଭଗବତୀଙ୍କ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରିବେ । ଏହି ସମୟରେ ମାଆଙ୍କ ପୀଠରେ ନରବଳୀ ପ୍ରତିକାତ୍ମକଭାବେ ବଳିନୃତ୍ୟ ଅନୁଷ୍ଠିତ ହୋଇଥାଏ। ବିଳମ୍ବିତ ରାତ୍ରିପର୍ଯ୍ୟନ୍ତ ଏହାକୁ ଦର୍ଶନ କରିବା ପାଇଁ ପ୍ରବଳ ଜନସମାଗମ ଦେଖାଯାଇଥାଏ। ସୋମବାର ବିଳମ୍ବିତ ରାତ୍ରରେ ମା ଙ୍କ ନରବଳୀ ପ୍ରତିକାତ୍ମକ ବଳୀ ଜେନା ଶରଣାପନ୍ନ ହୋଇଛନ୍ତି । ସେହିପରି ଦୂତିବାମନ ଓଷା ଅବସରରେ ଚିଲିକା ଓ ବାଣପୁର ବ୍ଲକର ବିଭିନ୍ନ ଦେବୀପୀଠରେ ୧୬ ଦିବସୀୟ ଶାରଦୀୟ ପୂଜା ଆରମ୍ଭ ହୋଇଛି। ଏଣୁ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପାର୍ବଣ ଅବକାଶରେ ମହକି ଉଠିଛି। ସେହିପରି ଚିଲିକା ମଧ୍ୟସ୍ଥ କାଳିଜାଇ ପାହାଡରେ ମା' କାଳିଜାଈଙ୍କ ପୀଠ, ଭାଲେରୀ ପାହାଡସ୍ଥିତ ମା' ନାରାୟଣୀ, ସୋଲରୀ ପାହାଡ ସ୍ଥିତ ମା' ସିଦ୍ଧେଶ୍ୱରୀ, ସଲପଡିହ ଶୂଳିଆପାହାହ ସ୍ଥିତ ମା' ପାଣ୍ଡବାଶୁଣୀ ଦେବୀ ପୀଠରେ ଶାରଦୀୟ ୧୬ ପୂଜା ଆରମ୍ଭ ହୋଇଛି।



ମା' ଭଗବତୀ।



ପୂଜା ପାଉଥିବା କାଠି ଠାକୁରାଣୀ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଦେବାଶିଷ



@ ସଞ୍ଜୀବ



@ ଉମାକାନ୍ତ



@ ବିକାଶ



@ ସୁଶ୍ରୀ



@ ଦେବୀଦତ୍ତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବାଲୁଗାଁରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବାଲୁଗାଁ,୨।୧୦(ଡି.ଏନ.ଏ.):** ଚିଲିକା ନିର୍ବାଚନ ମଣ୍ଡଳୀ ଅଧୀନ ଚିଲିକା ବ୍ଲକ ଓ ବାଲୁଗାଁ ଏନଏସିର ମିଳିତ ସହଯୋଗରେ ବିଜୁ ଜନତା ଦଳର ପଦଯାତ୍ରା ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ବାଲୁଗାଁ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରୁ ବାହାରି ସମସ୍ତ ୱାର୍ଡ଼ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପଥପ୍ରାନ୍ତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକୁ ଜନସାଧାରଣଙ୍କୁ ଜଣାଇବା ସହ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଅବଗତ କରାଯାଇଥିଲା। ଏହି ପଦଯାତ୍ରାରେ ଚିଲିକା ବ୍ଲକ୍ ବିଜେଡ଼ି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଏମପି ପ୍ରତିନିଧି ରମେଶ ଚନ୍ଦ୍ର ମହାପାତ୍ର, ବିଜେଡ଼ି ଯୁବ ସଭାପତି ମହେଶ ବିଶ୍ୱାଳ, ଅଭିମନ୍ୟୁ ସ୍ୱାଇଁ, ସୁକାନ୍ତ ମାଝୀ, ସନ୍ତୋଷ ପାଇକରାୟ, ବାଣପୁର ବିଜେଡ଼ି ସଭାପତି ଭବାନୀ ଶଙ୍କର ବଳିୟାରସିଂହ, ସୁକାନ୍ତ ଭୋଳ, ସତ୍ୟନାରାୟଣ ପ୍ରଧାନ, ବାଣପୁର ଏନଏସି ଉପାଧ୍ୟକ୍ଷ ଦାଶରଥି ସାହୁ, ଅର୍ଜୁନ ବିଶ୍ୱାଳ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତରାୟଙ୍କ ସମେତ ଶତାଧିକ କର୍ମୀ ପଦଯାତ୍ରାରେ ଯୋଗଦେଇଥିଲେ।

### ଡେଙ୍ଗୁ ସଚେତନତା ଶୋଭାଯାତ୍ରା

**ଖୋର୍ଦ୍ଧା ଅଫିସ,୨।୧୦:** ଗାନ୍ଧୀ ଜୟନ୍ତୀରେ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ ଓ ଗାଇଡ୍ ସଙ୍ଗଠନ ପକ୍ଷରୁ ଡେଙ୍ଗୁ ସଚେତନତା ରାଲି କରାଯାଇଛି। ଏହାକୁ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ ଉଦ୍‌ଘାଟନ କରିଥିଲେ। ରାଲି ବିଜେବି ହାଇସ୍କୁଲରୁ ବାହାରି ସହର ପରିକ୍ରମା କରି ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚିଥିଲା। ସେଠାକୁ ବିଭିନ୍ନ ବିଦ୍ୟାଳୟରୁ ଆସି ସ୍କାଉଟ ଓ ଗାଇଡ୍‌ମାନେ ଚିକିତ୍ସାଳୟ ପରିସର ସଫେଇ କରାଯାଇଛି ବୋଲି ଜିଲା ସମ୍ପାଦକ ପଠାଣୀ ଆଗ୍ରାସିଂ ସୂଚନା ଦେଇଛନ୍ତି।

### କମ୍ପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମର ଉଦ୍‌ଘାଟନ

**ନିରାକାରପୁର,୨।୧୦(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱରକୁ ଡିଜିଟାଲ ରାମେଶ୍ୱରରେ ପରିଣତ କରିବା ପାଇଁ ସମସ୍ତଙ୍କ ନିମନ୍ତେ କମ୍ପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଶିକ୍ଷାବିତ ବଂଶୀଧର ଜଗଦେବ, ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ, ବୀରବର ରଥ, ଚକ୍ରଧର ତ୍ରିପାଠୀ, ସମିତି ସଭ୍ୟ ବିପିନ କୁମାର ଜୟସିଂହ ଓ ସମାଜସେବୀ ବିଶ୍ୱମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରାମେଶ୍ୱରକୁ ୨୦୨୦ ସୁଦ୍ଧା ରାଜ୍ୟର ଅଗ୍ରଣୀ ଡିଜିଟାଲ ଗ୍ରାମରେ ପରିଣତ କରିବାକୁ ଗ୍ରାମବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଦୀପ୍ତରଞ୍ଜନ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବୀରେନ୍ଦ୍ର ପଟ୍ଟନାୟକ, ଚନ୍ଦ୍ରମୋହନ ପଟ୍ଟନାୟକ ଓ ବିଭୂଦ ମଙ୍ଗରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବୋଲଗଡ଼, ବାଣପୁରରେ ରହିଛି ଗାନ୍ଧୀଙ୍କ ସ୍ମୃତିର ପଦଚିହ୍ନ

**ଖୋର୍ଦ୍ଧା ଅଫିସ,୨।୧୦**

ଜାତିର ପିତା ମହାତ୍ମା ଗାନ୍ଧୀ ଖୋର୍ଦ୍ଧା ଜିଲାର ବୋଲଗଡ ଓ ବାଣପୁରକୁ ଆସିଥିଲେ। ଗାନ୍ଧୀ ନାହାନ୍ତି, ହେଲେ ବଞ୍ଚି ରହିଛି ସ୍ମୃତି। ବାଣପୁରରେ ଗାନ୍ଧୀ କରିଥିବା ସଭାର ମୂକ ସାକ୍ଷୀ ସେଇ ବରଗଛ ଏଯାବତ ସ୍ମୃତିଚାରଣ କରୁଛି। ସେହିପରି ବୋଲଗଡରେ ଗାନ୍ଧୀ ଜୟନ୍ତୀରେ ସ୍ମୃତିଚାରଣ କରି ଗାନ୍ଧୀଙ୍କ ବୋଲଗଡ ଆଗମନର ବାର୍ତ୍ତାକୁ ଏଯାବତ ବଣ୍ଟନ ଚାଲିଛି। ବୋଲଗଡର ନାରାୟଣ ସେବା ସଂଘ ପକ୍ଷରୁ ନିଶା ନିବାରଣ ସଚେତନତା ପ୍ରତିବର୍ଷ କରାଯାଉଛି। ୧୯୨୭ ଡିସେମ୍ବର ୮ ର ଘଟଣା। ଗାନ୍ଧୀ ଅବିଭକ୍ତ ପୁରୀ ଜିଲାରେ ପାଦଦେଇ ବାଣପୁରକୁ ଆସିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ର ଓ ତାଙ୍କ ସହକର୍ମୀ ତାଙ୍କୁ ପାଛୋଟି ବାଣପୁରର ଅସ୍ଥାୟୀ ଆଶ୍ରମରେ ରଖାଇଥିଲେ। ସେହି ଆଶ୍ରମ ସ୍ଥାନରେ ଥିଲା ଏକ ବରଗଛ। ସମ୍ପୃକ୍ତ ସ୍ଥାନରେ ଗାନ୍ଧୀ ସଭା କରି କହିଥିଲେ ଭଗବାନଙ୍କ ବ୍ୟତୀତ ଅନ୍ୟ କାହାକୁ ଭୟ କର ନାହିଁ। ସଭାରେ ଇଂରେଜଙ୍କ ଦମନଲୀଳା ଓ ଆତଙ୍କରାଜ ସ୍ଥାନ ପାଇଥିଲା। ସବୁ ଶୁଣି ଗାନ୍ଧୀ ଭୟଭୀତ ନ ହୋଇ ନିର୍ଭୀକ ହେବାକୁ ପରାମର୍ଶ ଦେଇ କହିଥିଲେ। ସେଦିନର ଗାନ୍ଧୀଙ୍କ ଭାଷଣ ସ୍ଥାନୀୟ ବାସିନ୍ଦାକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଥିଲା। ସେହି ସଭାରେ ୨୨୫ ଟଙ୍କା ସଂଗ୍ରହ କରାଯାଇ ଗାନ୍ଧିଜୀଙ୍କୁ ଦିଆଯାଇଥିଲା। ବାଣପୁରର ଆଦିବାସୀମାନେ ଭେଟି ଦେଇଥିବା ପନିପରିବା ସଭାରେ ନିଲାମ ହୋଇଥିଲା। ସେହିଦିନ ରାତ୍ରୀ ଯାପନ କରି ୯ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରହିଥିଲେ। ତେବେ ଗାନ୍ଧୀ ଅସୁସ୍ଥ ହୋଇପଡିବାରୁ ଗସ୍ତ କାର୍ଯ୍ୟରେ କାଣ୍ଟଛାଟ କରି ବୋଲଗଡ ରଖାଯାଇଥିଲା। ୯ ତାରିଖରେ ଗାନ୍ଧିଜୀ ପହଞ୍ଚିବା ପରେ ଅସୁସ୍ଥତା ଅନୁଭବ କରିବାରୁ ୩ଦିନ ବୋଲଗଡରେ ରହି ଯାଇଥିଲେ। ରହଣି ସମୟରେ ଲୋକଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ନିକଟସ୍ଥ ଚୁଡା ଗାଁକୁ ଯାଇ ସେଠାରେ ମହିଳାଙ୍କୁ ଅରଟରେ ସୂତା କାଟିବାକୁ କହିଥିଲେ। ଏଠାରେ ହିନ୍ଦୁ ମୁସଲମାନ ଏକାଠି ରହୁଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ। ଛୁଆଁ ଅଛୁଆଁ ଭେଦଭାବ ନ ରଖିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏଭଳିସ୍ଥଳେ ଖୋର୍ଦ୍ଧା ଜିଲାରେ ଦୁଇବର୍ଷ ଧରି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ହେବ। ଏ ଅବସରରେ ଏକ ପ୍ରସ୍ତୁତି ଉତ୍ସବ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ପାଳନ ଉତ୍ସବ ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟଗୁଡିକରେ ପ୍ରଭାତ ଫେରୀ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ଆଦି ପ୍ରତିଯୋଗିତା କରାଯିବ। ଛୋଟ ଛୋଟ ପିଲାମାନଙ୍କୁ ଗାନ୍ଧିଜୀଙ୍କ ଉପରେ କାହାଣୀମାନ କୁହାଯିବା ସହ ଗାନ୍ଧୀ ବେଶ ପ୍ରତିଯୋଗିତା ବିଦ୍ୟାଳୟରେ ହେବ। ସେହିପରି ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନ ସଫେଇ, ବୃକ୍ଷରୋପଣ, ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସଫେଇ, ରଙ୍ଗ ଦେବା, ମାଲ୍ୟାର୍ପଣ କରାଯିବ ବୋଲି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଗାନ୍ଧୀଙ୍କ ସ୍ମୃତିଚାରଣ କରୁଥିବା ବରଗଛ ମୂଳେ ଏକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ଭଲ ହୁଅନ୍ତା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗାନ୍ଧୀଙ୍କ ସ୍ମୃତି ଚାରଣ ପାଇଁ ଆଲୋଚନା ଭିତ୍ତିରେ କାର୍ଯ୍ୟ କରିବାକୁ ଗାନ୍ଧୀ ଜୟନ୍ତୀ ଉପଯୁକ୍ତ ଦିବସ ବୋଲି କୁହାଯାଇଛି।



ବୋଲଗଡ଼ରେ ପୂଜା ପାଉଥିବା ଗାନ୍ଧୀମୂର୍ତ୍ତି।



ବାଣପୁର ଗାନ୍ଧୀସ୍ମୃତିରେ ବରଗଛ ଚାନ୍ଦିନୀ ନଷ୍ଟ ହୋଇଯାଇଛି।

# ଗ୍ରାମସଭାକୁ ଅଣଦେଖା

**ଖୋର୍ଦ୍ଧା ଅଫିସ, ୨।୧୦**

ଗାନ୍ଧୀ ଜୟନ୍ତୀରେ ଗ୍ରାମସଭା କରାଇବା ବାଧ୍ୟତାମୂଳକ ରହିଛି। ତେବେ ଖୋର୍ଦ୍ଧା ଜିଲାର ସବୁ ପଞ୍ଚାୟତରେ ଗ୍ରାମସଭା ହେଉନି। କିନ୍ତୁ ସରକାରଙ୍କୁ ଦିଆଯାଉଥିବା ରିପୋର୍ଟରେ ଗାନ୍ଧୀ ଜୟନ୍ତୀରେ ଗ୍ରାମସଭା କରାଯାଉଛି। ଗ୍ରାମସଭା ନ କରି କାଗଜାତରେ ସବୁକିଛି ଠିକଠାକ୍ ଚାଲୁଥିବା ଦର୍ଶାଯାଉଥିବା ଅଭିଯୋଗ ରହିଛି। ମଙ୍ଗଳବାର ଖୋର୍ଦ୍ଧା ବ୍ଲକର ୫ଟି, ଜଟଣୀ ବ୍ଲକର ୩ଟି, ଟାଙ୍ଗୀ ବ୍ଲକର ୨ଟି ପଞ୍ଚାୟତ ପରିକ୍ରମା କରାଯାଇଥିଲା। ହେଲେ ଏଥିରୁ ଟାଙ୍ଗିଆପଡା ପଞ୍ଚାୟତରେ ଗ୍ରାମସଭା ହେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟ ପଞ୍ଚାୟତଗୁଡିକରେ ଗ୍ରାମସଭା ନେଇ ଲୋକଙ୍କୁ କୁହାଯାଇନି। ତେବେ ଏ ନେଇ ଜଣେ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଆଇନ ଅନୁଯାୟୀ ସବୁ କାମ କରିବା ସମ୍ଭବ ନୁହେଁ। ତଥାପି ଆଇନକୁ ସମ୍ମାନ ଜଣାଇ କାଗଜାତରେ ସବୁ କିଛି ଠିକଠାକ କରାଯାଉଛି। ଟାଙ୍ଗିଆପଡା ସରପଞ୍ଚ କଲ୍ୟାଣୀ ଦଳେଇ କୁହନ୍ତି, ଆମ ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀରେ ଗ୍ରାମସଭା କରାଯାଇଛି।

**ସବୁ ପଞ୍ଚାୟତରେ ହେଲାନି**

ବାଣପୁରର ସୁଦାମ ପ୍ରଧାନ କୁହନ୍ତି, ଆମ ବ୍ଲକର ଗୋଟିଏ ବା ଦୁଇଟି ପଞ୍ଚାୟତକୁ ଛାଡି ଦେଲେ ଗ୍ରାମସଭାର ନାଁ ଗନ୍ଧ ନାହିଁ। ପଚାରିଲେ ସରପଞ୍ଚଙ୍କ ରୋଷର ଶିକାର ହେବାକୁ ପଡୁଛି। ପ୍ରତିବାଦ ନ କରି ହଁ ରେ ହଁ ମରାଯାଉଛି। ଯାଞ୍ଚ କରାଗଲେ ଏହାର ପ୍ରକୃତ ରହସ୍ୟ ଜଣାପଡନ୍ତା। ହେଲେ ସବୁ ରାଜନୀତିର ଦୋଷ। ରାଜନୀତି କାରଣରୁ ଶାସକ ଦଳକୁ ସମସ୍ତଙ୍କର ଭୟ। ଏଣୁ ଯାଞ୍ଚ ହେଲେ ସୁଫଳ ମିଳିବନି। ସରକାରୀ ସ୍ତରରେ ଏହାକୁ କଡାକଡି କରା ନ ଗଲେ ଏପରି ଅବ୍ୟବସ୍ଥା ଦୂରିଭୂତ ହେବ ନାହିଁ। ଖୋର୍ଦ୍ଧାର ରାମଚନ୍ଦ୍ର ସାହୁ କୁହନ୍ତି, ଗ୍ରାମସଭା ପାଇଁ ଡେଙ୍ଗୁରା ଦେବାର ନିୟମ ରହିଛି। ହେଲେ ଡେଙ୍ଗରା ନ ଦେଇ କି ପ୍ରକାରର ଗ୍ରାମସଭା ହେବ। ସବୁ ଚଳି ଯାଉଛି। କଥା ଧରିଲେ ଅସୁବିଧା। ଗାନ୍ଧୀ ଜୟନ୍ତୀରେ ଗ୍ରାମସଭା କରାଯାଉନାହିଁ। ଏକଥା ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଜାଣି ଚୁପ ରୁହନ୍ତି।

# ପଲିଥିନ ମୁକ୍ତ ଚିଲିକା ଆହ୍ୱାନ




କାଳିଜାଇ ମତ୍ସ୍ୟଜୀବୀ ବ୍ୟବସାୟୀ ସଂଘ ପକ୍ଷରୁ ପଲିଥିନ୍ ମୁକ୍ତ ଚିଲିକା ସଚେତନତା ଅଭିଯାନ ।

**ବାଲୁଗାଁ,୨।୧୦(ଡି.ଏନ.ଏ.)**

ଗାନ୍ଧୀ ଜୟନ୍ତୀ ଅବସରରେ ଚିଲିକା ମା କାଳିଜାଇ ମତ୍ସ୍ୟ ଆସୋସିଏଶନ ବାଲୁଗାଁ ତରଫରୁ ସ୍ୱଚ୍ଛ ଭାରତ ବନାମ ସ୍ୱଚ୍ଛ ଚିଲିକା ଅଭିଯାନ ଆରମ୍ଭ ହୋଇଛି । ପୂର୍ବରୁ ବହୁବାର ସଂଘ ତରଫରୁ ଚିଲିକାକୁ ପଲିଥିନ୍ ମୁକ୍ତ କରିବା ପାଇଁ ସଭା କରାଯିବା ସହ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଫଳରେ ୬୦ ରୁ ୭୦ ପ୍ରତିଶତ ପଲିଥିନ ବ୍ୟବହାର ଏ ଅଞ୍ଚଳରେ ଏକ ପ୍ରକାର ବନ୍ଦ ହୋଇଯାଇଥିଲା । ମଙ୍ଗଳବାର ଏହି ପରିପ୍ରେକ୍ଷୀରେ ବାଲୁଗାଁ ଚିଲିକା କୂଳକୁ ପଲିଥିନମୁକ୍ତ କରିବା ପାଇଁ ସଫେଇ କରାଯାଇଛି । ମତ୍ସ୍ୟ ଆସୋସିଏଶନର ସଭାପତି ଜୟନ୍ତ କୁମାର ସ୍ୱାଇଁ , ସମ୍ପାଦକ ଶଙ୍କର୍ଷଣ ରଥଙ୍କ ନେତୃତ୍ୱରେ ଅନୁଷ୍ଠାନର ଲକ୍ଷ୍ମୀଧର ତରାଇ, ପୂର୍ବତନ ସମ୍ପାଦକ ମହେଶ୍ୱର ପଣ୍ଡା ପ୍ରମୁଖ ସଭ୍ୟମାନେ ମିଳିମିଶି ଚିଲିକା କୂଳକୁ ସଫେଇ କରିବା ସହ ସଂପୂର୍ଣ୍ଣ ଚିଲିକାକୁ ପଲିଥିନ ମୁକ୍ତ କରିବା ପାଇଁ ସମସ୍ତ ବ୍ୟବସାୟ ଅନୁଷ୍ଠାନ ଓ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

### ଦୁଇବର୍ଷ ଧରି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନର ଶୁଭାରମ୍ଭ

# ଗାନ୍ଧୀଙ୍କୁ ମନେ ପକାଇଲେ, ଶାସ୍ତ୍ରୀଙ୍କୁ ଭୁଲିଗଲେ



ଜିଲାସ୍ତରୀୟ ଗାନ୍ଧୀଜୟନ୍ତୀରେ ମଞ୍ଚାସୀନ ଅତିଥି।

**ଖୋର୍ଦ୍ଧା ଅଫିସ,୨।୧୦**

ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିବାବେଳେ ଦୁଇବର୍ଷ ଧରି ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନର ଶୁଭାରମ୍ଭ ମଙ୍ଗଳବାର ହୋଇଯାଇଛି। ଏହି ଅବସରରେ ଜିଲା ସଂସ୍କୃତି ଭବନ ପରିସରରେ ସର୍ବଧର୍ମ ପ୍ରାର୍ଥନା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଜନ୍ମ ଦିବସରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଜିଲା ପ୍ରଶାସନ ମନେ ପକାଇଛି। କିନ୍ତୁ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଭୁଲି ଯାଇଛି। ବିଗତବର୍ଷ ଗୁଡିକରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କର ଏକାଠି ଜୟନ୍ତୀ ପାଳନ କରାଯାଉଥିଲା। ଆଲଟମେଣ୍ଟ ନ ଥିବା ଦର୍ଶାଇ ଜିଲା ଓ ସୂଚନା ଲୋକ ସମ୍ପର୍କ ବିଭାଗ, ଜିଲା ସଂସ୍କୃତି କାର୍ଯ୍ୟାଳୟ ଶାସ୍ତ୍ରୀଙ୍କ ଜୟନ୍ତୀକୁ ଭୁଲି ଯାଇଛି। ଗାନ୍ଧୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୀତା, ବାଇବେଲ ଓ କୋରାନ୍ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ପୌରୋହିତ୍ୟ କରି ଗାନ୍ଧିଜୀଙ୍କ ଆଦର୍ଶ ଓ ଚିନ୍ତାଧାରା ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ ମୁଖ୍ୟଅତିଥି ଓ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ତଥା ଜିଲା ସଂସ୍କୃତି ଅଧିକାରୀ ବରଦା ପ୍ରସନ୍ନ ଦାସ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ବଳିଦାନ, ତ୍ୟାଗ ଓ ନିରାଡମ୍ବର ଜୀବନଶୈଳୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ, ସାହିତ୍ୟିକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ଗାନ୍ଧୀଙ୍କ ଆଦର୍ଶ ଓ ବାଣୀର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ର ସଂଯୋଜନା ଓ ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ପକ୍ଷରୁ ଭୋର ସାଢ଼େ ୪ ଟାରେ ରାମଧୁନ ଗାନ କରାଯାଇଥିଲା।

### ବେଗୁନିଆ କଲେଜ ଛାତ୍ର ସଂସଦ ନିର୍ବାଚନ ନାମାଙ୍କନପତ୍ର ଦାଖଲ ଆଜି

**ବେଗୁନିଆ,୨।୧୦(ଡି.ଏନ.ଏ.)**

ଆଗାମୀ ୨୦୧୮-୧୯ ବର୍ଷ ପାଇଁ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ବେଗୁନିଆ କଲେଜର ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କଲେଜ ଅଧକ୍ଷ କୈଳାସ ଚନ୍ଦ୍ର ମିଶ୍ରଙ୍କ ପକ୍ଷରୁ ବିଜ୍ଞପ୍ତିରେ ଆସନ୍ତା ୩ ତାରିଖରେ ପିଲାମାନେ ନାମାଙ୍କନପତ୍ର ଦାଖଲ ଓ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୪ ତାରିଖରେ ଯାଞ୍ଚ ପରେ ଅପରାହ୍ନ ୫ଟା ବେଳକୁ ଚୂଡାନ୍ତ ପ୍ରାର୍ଥୀପତ୍ର ତାଲିକା ଘୋଷଣା କରାଯିବ। ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ପିଲାମାନେ ଭୋଟ ପ୍ରଚାର କରିବେ। ୧୦ ତାରିଖରେ କଲେଜ ପରିସରରେ ଅନୁଷ୍ଠିତ ସଭାରେ ମୁଁ କାହିଁକି ଭୋଟରେ ଛିଡା ହୋଇଛି ବୋଲି ପ୍ରାର୍ଥୀମାନେ ନିଜ ନିଜର ବିବୃତି ଦେବେ। ସେହିପରି ୧୧ ତାରିଖ ୮ଟାରୁ ୨ଟା ପର୍ଯ୍ୟନ୍ତ ମତଦାନ ପରେ ଗଣତି କରାଯାଇ ବିଜେତାଙ୍କ ନାମ ଘୋଷଣା। ୧୨ ତାରିଖ ବିଜେତାମାନେ ଦାୟିତ୍ୱ ଗ୍ରହଣ କରିବେ।

### ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ, ୨ ଗିରଫ

**କଟକ ଅଫିସ, ୨।୧୦**

କଟକରୁ ବିଭିନ୍ନ ଦୋକାନରୁ ଲୁଗାପଟା ଚୋରି କରି ଅନ୍ୟ ଏକ ଦୋକନରେ ବିକ୍ରି କରୁଥିବା ଅଭିଯୋଗରେ ଉଭୟ ଚୋର ଏବଂ ବିକ୍ରି କରୁଥିବା ଦୋକାନୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ବାଦାମବାଡି ଥାନା ପୋଲିସ। ସେମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅନ୍ତର୍ଗତ ବେଲପୋଦର ଅଞ୍ଚଳର ତପନ କୁମାର ପାତ୍ର(୩୦) ଏବଂ ଜଙ୍କିଆ ଥାନା ଅନ୍ତର୍ଗତ ମାଣିକପୁରପାଟଣା ଅଞ୍ଚଳର ଅଜୟ ସାହୁ(୩୨)। ପୋଲିସ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଲୁଗାପଟା ଜବତ କରିବା ସହ ଦଫା ୪୫୭, ୩୮୦, ୪୧୧, ୩୪ ରେ ନଂ. ୨୨୦/୧୮ରେ ମାମଲା ରୁଜୁ କରିଛି। ତେବେ ତପନଙ୍କ ନାମରେ ବାଦାମବାଡି ଥାନାରେ ୪ ଟି ଚୋରି ମାମଲା ଥିବା ପୋଲିସ ସୂଚନା ଦେଇଛି।

# ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକଙ୍କ ଗଣ ଅନଶନ

**ଖୋର୍ଦ୍ଧା ଅଫିସ,୨।୧୦**

ଗାନ୍ଧୀ ଜୟନ୍ତୀକୁ ସରକାର ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି। ହେଲେ ଖୋର୍ଦ୍ଧା ଜିଲାର ଶତାଧିକ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଅନଶନରେ ବସିଛନ୍ତି। ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ ଅଧ୍ୟାପକ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଗତ ଅଗଷ୍ଟ ୧୬ ରୁ ଭୁବନେଶ୍ୱରରେ ଚାଲୁ ରହିଛି। ବର୍ତ୍ତମାନର ଆନ୍ଦୋଳନ ୪୮ ଦିନରେ ପହଞ୍ଚି ଥିବାବେଳେ ସମାନ ଦାବିକୁ ନେଇ ଶିକ୍ଷକ ଓ ଅଧ୍ୟାପକମାନେ ୪ବର୍ଷ ଧରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ନିକଟରେ ସ୍ଥାନୀୟ ବିଧାୟକଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ଏପରି କି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ହେଲେ ସୁଫଳ ମିଳିଲା ନାହିଁ। କେବଳ ଆଲୋଚନା, ପ୍ରତିଶ୍ରୁତି ଦିଆଯାଇ ପ୍ରତାରଣା କରାଯାଉଛି। ଶିକ୍ଷକ ଅଧ୍ୟାପକ ପାଠ ନ ପଢାଇ ଆନ୍ଦୋଳନରେ ସାମିଲ ହେଉଥିବାବେଳେ ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳ ଖେଳା ଯାଉଛି। ସରକାରଙ୍କ ଅହଙ୍କାର ଓ ଜିଦ୍‌ଖୋର ମନୋଭାବ ଶିକ୍ଷକ, ଅଧ୍ୟାପକଙ୍କ ପରିବାରକୁ ଅନ୍ଧକାରକୁ ଠେଲି ଦେଇଛି। ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନକୁ ଲକ୍ଷ୍ୟ କଲେ ଜାତିର ପିତା ଗାନ୍ଧୀଙ୍କ ସାର୍ବଜନୀନ ଶିକ୍ଷା ପାଇଁ ଥିବା ସ୍ୱପ୍ନ ଓଡ଼ିଶା ମାଟିରେ ଭୂଲୁଣ୍ଠିତ ହୋଇଛି।




ଗଣ ଅନଶନରେ ବସିଥିବା ବ୍ଲକଗ୍ରାଣ୍ଟ ଶିକ୍ଷୟିତ୍ରୀଶିକ୍ଷକମାନେ।

# ବିଭିନ୍ନ ସ୍ଥାନରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଜଟଣୀ,୨।୧୦(ଡି.ଏନ.ଏ.)**

ଗାନ୍ଧୀ ଜୟନ୍ତୀ ପାଇଁ ମଙ୍ଗଳବାର ଜଟଣୀରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ରେଲୱେ ଷ୍ଟେଶନ ନିକଟରୁ ରାମଧୂନ୍ ଗାଡ଼ି ସହ ସଦ୍‌ଭାବନା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ମୃତି କମିଟିର ସଭାପତି ବିଭୂତି ଭୂଷଣ ମିଶ୍ର, କଳିଙ୍ଗ ସାହୁଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଏଥିରେ ସାମିଲ ହୋଇଥିଲେ। ସେହିପରି ଜଟଣୀ ୟୁଥ୍ ଫେଡେରେଶନ, ବରିଷ୍ଠ ନାଗରିକ ମଞ୍ଚ, ଜଟଣୀ ସାହିତ୍ୟ ସଂସଦ, ଜଟଣୀ କଲେଜ ଯୁକ୍ତ ୨ ଶ୍ରେଣୀର ୧୯୯୦ ବ୍ୟାଚ୍‌ର ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିବା ସହ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପତଞ୍ଜଳି ଯୋଗ ସମିତି ପକ୍ଷରୁ ଉତ୍ତରାୟଣୀ ମନ୍ଦିରରୁ ଗାନ୍ଧୀ ପାର୍କପର୍ଯ୍ୟନ୍ତ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କୈଳାସ ଖଣ୍ଡେଲୱାଲ, ଜବାହରଲାଲ ସୁବୁଦ୍ଧି ଓ ଆଦିନାରାୟଣ ଖଣ୍ଡୁଆଳ ଏହାର ନେତୃତ୍ୱ ନେଇଥିଲେ। ଖୋର୍ଦ୍ଧାରୋଡ ରେଲୱେ ମହିଳା କଲ୍ୟାଣ ସଙ୍ଗଠନ ପକ୍ଷରୁ ଦିବ୍ୟଜୀବନ ସଂଘ ଆରୋଗ୍ୟ କେନ୍ଦ୍ର ପରିସରରେ ୪୬ ଜଣ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ଶିଖା ଅଗ୍ରୱାଲ ଓ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଠାରେ ଥିବା ରହମଦ୍ ଟ୍ରଷ୍ଟର ସଦସ୍ୟମାନେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଗୋପବନ୍ଧୁ ସ୍କୁଲ ପରିସର ସଫେଇ କରିଥିଲେ। ଖୋର୍ଦ୍ଧାରୋଡ ଟିକେଟ ଚେକିଂ ଷ୍ଟାଫ୍ ଆସୋସିଏଶନ୍ ଓ ରେଲୱେ ପୋଲିସ ମିଳିତ ଭାବେ ଷ୍ଟେଶନ ପରିସର ସଫେଇ କରିବା ସହ ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ଆସୋସିଏଶନ୍‌ର ମଣ୍ଡଳ ସମ୍ପାଦକ ଏଲ୍.ଡି. ମହାନ୍ତି, ରେଲୱେ ଥାନା ଅଧିକାରୀ ସନ୍ତୋଷ କୁମାର ବାହିନୀପତି ଏହାର ନେତୃତ୍ୱ ନେଇଥିଲେ। ସ୍ଥାନୀୟ ଗାନ୍ଧୀ ପାର୍କରେ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଉପରୋକ୍ତ ସଙ୍ଗଠନ ସହ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ରବୀନ୍ଦ୍ର ପ୍ରସାଦ ମିଶ୍ର, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଶ୍ୟାମ ସୁନ୍ଦର ତ୍ରିପାଠୀ, ଗୌରୀପ୍ରସାଦ ସିଂ, ସୁଦୀପ୍ତ ରାୟ, ଜଟଣୀ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଲଳିତା କପୁର, ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାନ୍ଧିଜୀଙ୍କ ଫଟୋଚିତ୍ରରେ ଡିଭିଜନର ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲ, ଅନ୍ୟ ଅଧିକାରୀ ଓ କର୍ମଚାରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବ୍ୟବହାର ନ କରିବା ବିଷୟବସ୍ତୁ ଉପରେ ରେଲୱେ ମେକାନିକାଲ ବିଭାଗର କର୍ମଚାରୀ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଡିଭିଜନର ଅନ୍ୟାନ୍ୟ ଷ୍ଟେଶନ ଓ ରେଲୱେ ଅଞ୍ଚଳରେ ସ୍ୱଚ୍ଛତା ଓ ପ୍ଲାଷ୍ଟିକର ଭୟାବହତା ଉପରେ ରେଲୱେ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିଲା।

**ଖୋର୍ଦ୍ଧା ଅଫିସ:** ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଖୋର୍ଦ୍ଧା ନଗର ଭାଜପା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ପରିଷ୍କାର କରାଯାଇଛି। ନଗର ସଭାପତି ଦିଲୀପ କୁମାର ହୋତାଙ୍କ ନେତୃତ୍ୱରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ମହାତ୍ମା ଗାନ୍ଧୀ, ଲାଲାବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜିତୁ ମିତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ରଶ୍ମିରାଣୀ ମିଶ୍ର, ରୀତାରାଣୀ ବେହେରା, ସୁଷମା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଖଣ୍ଡେୟତରାୟ ଓ ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ସେହିଭଳି ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ କଦଳୀବାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି। ଏଠାରେ ପ୍ରଭାତ ଫେରି ପରେ ଏକ ସଭା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ପ୍ରଶାନ୍ତ ପାଇକେରାଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ସ୍ୱାଗତିକା ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଶିଶିର ପରିଡା, ଖୋର୍ଦ୍ଧା ବ୍ଲକ ସଭାପତି ପଦ୍ମ ଚରଣ ରାୟ ପ୍ରମୁଖ ଯୋଗ ଦେଇଥିଲେ।

**ଟାଙ୍ଗୀ(ଖୋର୍ଦ୍ଧା)(ଡି.ଏନ.ଏ.):** ଜାତିରଜନକ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ଟାଙ୍ଗୀ ବ୍ଲକ୍ ତରଫରୁ ପାଳିତ ହୋଇଯାଇଛି । ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବିଜୟ କୁମାର ଜେନା ଅଧକ୍ଷତା କରିଥିଲେ। ବିଡିଓ ଭାସ୍କର ରଇତ, ଖବରଦାତା ପଦ୍ମନାଭ ବିଶ୍ୱାଳ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ଭଗବାନ ଚମ୍ପତିରାୟ, ଜିଲା ବିଜେଡି ସମ୍ପାଦକ ରଘୁନାଥ ସାହୁ, ବରିଷ୍ଠ ସମାଜସେବୀ କୁବେର କଳସ ଓ ଖବରଦାତା ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ଉଭୟ ମହାପୁରୁଷଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ସମିତି ଅଧକ୍ଷ ଓ ବିଡିଓ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ଓ ସ୍ଥାନୀୟ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ । ବିଜୁ ଯୁବବାହିନୀ ତରଫରୁ ଯୁବ ବିଜେଡି ସଭାପତି ନୀଳକଣ୍ଠ ବେହେରାଙ୍କ ନେତୃତ୍ୱରେ ନିଶାମୁକ୍ତି ସଚେତନତା ରାଲି ଓ ଶୋଭାଯାତ୍ରା ଟାଙ୍ଗୀ ବଜାର ପରିକ୍ରମା କରିଥିଲା।




ଜଟଣୀଠାରେ ଗାନ୍ଧୀ ଓ ଶାସ୍ତ୍ରୀ ସ୍ମୃତି କମିଟି ପକ୍ଷରୁ ସଦ୍‌ଭାବନା ଶୋଭାଯାତ୍ରା।



ସଦ୍‌ଗୁଣ ଓ ଶିଷ୍ଟତା ଏଭଳି ଯୋଡି ହୋଇ ରହିଥାନ୍ତି ଯେ, ଗୋଟିକୁ ଅନ୍ୟଠାରୁ ଅଲଗା କରିଦେଇ ହେବ ନାହିଁ।
–ଶିଶେରୋ



## ସଂକ୍ଷେପରେ

### ଗୋବର୍ଦ୍ଧନ ପୀଠ
### ମା' ବିମଳାଙ୍କ ଷୋଳପୂଜା ଆରମ୍ଭ

**ପୁରୀ ଅଫିସ, ୨।୧୦:** ଗୋବର୍ଦ୍ଧନ ପୀଠର ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ପୀଠରେ ମଙ୍ଗଳବାରଠାରୁ ଷୋଳପୂଜା ଆରମ୍ଭ ହୋଇଛି। ଏହି ଅବସରରେ ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାରଠାରୁ ପ୍ରତ୍ୟେହ ମା'ଙ୍କର ଦୁଇଥର ସ୍ନାନ ଓ ବେଶ ନୀତି ଅନୁଷ୍ଠିତ ହେବ। ପ୍ରାତଃରେ ଚଣ୍ଡୀପାଠ, ସନ୍ଧ୍ୟା ସମୟରେ ଭଗବତୀ ଆରାଧନା ଚାଲିଛି। ପୀଠ ପୁରୋହିତ ପଣ୍ଡିତ ବିଶ୍ୱମ୍ଭର ଦାଶଙ୍କୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତିନିଧି ମନୋଜ କୁମାର ରଥ ଗୁଆ ଟେକି ବରଣ କରିଥିଲେ। ଦୁର୍ଗୋତ୍ସବ ପର୍ଯ୍ୟନ୍ତ ପୀଠ ଆଲୋକମାଳାରେ ଝଲସି ଉଠିବ। ଆଗାମୀ ଦିନରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଷୋଳପୂଜାର ସମସ୍ତ କାର୍ଯ୍ୟକ୍ରମର ପୀଠର ଦେବାଚାର୍ଯ୍ୟ ଗୋପାଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ବିମଳ ମହାପାତ୍ର, ଅଭିଷେକ ହୋତା, ସୂର୍ଯ୍ୟ ନାରାୟଣ ପାଣି, ହରେକୃଷ୍ଣ ଦାଶ ସମ୍ପନ୍ନ କରିଛନ୍ତି।

### ଚନ୍ଦନପୁରରୁ ପୁରୀ ସାଇକେଲ ଶୋଭାଯାତ୍ରା

**ପୁରୀ ଅଫିସ,୨।୧୦:** ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ନିଶା ନିବାରଣ, ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା, ନାରୀ ସଶକ୍ତୀକରଣ, ଜାତିପ୍ରଥା, ଯୌତୁକ ପ୍ରଥା ଉଚ୍ଛେଦ ତଥା ବେକାରୀ ସମସ୍ୟା ଦୂରୀକରଣ ଲକ୍ଷ୍ୟ ନେଇ ଚନ୍ଦନପୁର ଠାରୁ ଶତାଧିକ ଯୁବକ ସାଇକେଲ ଶୋଭାଯାତ୍ରାରେ ବାହାରି ପୁରୀ ଗାନ୍ଧୀଘାଟରେ ପହଞ୍ଚିଥିଲେ। ସେଠାରେ ଗାନ୍ଧୀମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ଶପଥପାଠ କରିଥିଲେ। ସମାଜିକ କର୍ମୀ ଆଲୋକ କୁମାର ଦାଶ ଓ ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ମନୋଜ ବେହେରା, ତ୍ରିଲୋଚନ ଜାଲି, ରାକେଶ ମେକାପଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଯୁବକ ଏହି ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ଦାନ ଉତ୍ସବ ଆରମ୍ଭ

**ପୁରୀ ଅଫିସ, ୨।୧୦ :** ସାମାଜିକ ଅନୁଷ୍ଠାନ ମିଶନ ଓଡ଼ିଶା ଆନୁକୂଲ୍ୟରେ ମଙ୍ଗଳବାର ଠାରୁ ସପ୍ତାହ ବ୍ୟାପୀ ଦାନ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ ରକ୍ତଦାନ, ସ୍ୱାସ୍ଥ୍ୟସେବା, ଅନ୍ନଦାନ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୮ତାରିଖରେ ଏହା ସମାପ୍ତ ହେବ। ଏହି ଅବସରରେ ବେଦିକ ଭିଲ୍ଲା ଆପାର୍ଟମେଣ୍ଟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ ଓ ମିଶନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଗରିବ ଅସହାୟ ଲୋକଙ୍କୁ ବସ୍ତ୍ରଦାନ କରାଯାଇଥିଲା। ଶ୍ରୀରାମ ମନ୍ଦିର ପରିସରରେ ରାମ ମନ୍ଦିର ଟ୍ରଷ୍ଟ ଓ ଲାଏନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟସେବା ଆୟୋଜିତ ହୋଇଥିଲା। ଶତାଧିକ ଲୋକଙ୍କ ବିଭିନ୍ନ ରୋଗର ପରୀକ୍ଷା କରାଯାଇଥିଲା। ଡ. ପ୍ରଭାତ ସାହୁ, ଡା. ବାନାମ୍ବର ସେନାପତି, ଡା. ବିଜୟ କୁମାର ଦାସ ପ୍ରମୁଖ ରୋଗ ପରୀକ୍ଷା କରିଥିଲେ। ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ କେଦାର ମହାପାତ୍ର, ସୌମ୍ୟ ରଞ୍ଜନ ପାତ୍ର, ସତ୍ୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗାନ୍ଧିଜୀଙ୍କ ଅହିଂସା ମାର୍ଗ ବିଶ୍ୱରେ ଶାନ୍ତି ଆଣିବ

**ପୁରୀ ଅଫିସ,୨।୧୦:** ପୁରୀ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଓ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୧୪ତମ ଜନ୍ମତିଥି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଗାନ୍ଧୀ ସ୍ମୃତିପୀଠରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି, ସୁଧାକର ମହପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦୁଇ ମହାନ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ମହାନ୍ତି ଗାନ୍ଧୀଙ୍କ ପଥ ଅନୁସରଣ କରିବା ଲାଗି ଆହ୍ୱାନ କରିଥିଲେ।

# ଶ୍ରୀମନ୍ଦିରରୁ ଆସେ ଖଣ୍ଡୁଆ ପାଟ

**ପୁରୀ ଅଫିସ,୨।୧୦**

ଭୁବନେଶ୍ୱର–ପୁରୀ ଜାତୀୟ ରାଜପଥର ଚାରିନଳାଠାରେ ମା' ବାଟମଙ୍ଗଳାଙ୍କ ପୀଠ ଅବସ୍ଥିତ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପୁରୀକୁ ଆସୁଥିବା ଯାତ୍ରୀମାନେ ପ୍ରଥମେ ମା'ଙ୍କ ମନ୍ଦିର ନିକଟରେ ଅଟକି ମୁଣ୍ଡିଆ ମାରି ଯାଇଥାନ୍ତି। ପୀଠ ସମ୍ପର୍କରେ ମନ୍ଦିରର ମୁଖ୍ୟ ସେବକ ଭାସ୍କର ପଣ୍ଡା କୁହନ୍ତି, ମା' ବାଟମଙ୍ଗଳା ହେଉଛନ୍ତି ମଙ୍ଗଳମୟୀ, ପରମ ବୈଷ୍ଣବୀ ଓ ଲାବଣ୍ୟମୟୀ। ବଉଳମାଳ ପଥରରେ ନିର୍ମିତ ମା'ଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ଅଢେଇଫୁଟ। ମା' ହେଉଛନ୍ତି ଚତୁର୍ଭୁଜା। ମା' ପଦ୍ମାସନା ଭଙ୍ଗୀ ସହ ହସ ହସ ମୁଖରେ ବିରାଜମାନ କରିଛନ୍ତି। ମନ୍ଦିର ସମ୍ମୁଖ ଭାଗରେ ନବଗ୍ରହ, ଗଣେଶ ରହିଛନ୍ତି। ମା'ଙ୍କ ଦକ୍ଷିଣ ପାର୍ଶ୍ୱରେ ଯୋଗମାୟାଙ୍କ ପ୍ରସ୍ତର ମୂର୍ତ୍ତି ଓ ବାମପାର୍ଶ୍ୱରେ ଚଳନ୍ତି ପ୍ରତିମା ଭୁବନେଶ୍ୱରୀଙ୍କ ପିତ୍ତଳ ମୂର୍ତ୍ତି ପୂଜା ପାଉଛନ୍ତି। ବେଢାରେ ଅନ୍ୟାନ୍ୟ ଦେବଦେବୀ ରହିଛନ୍ତି। ଦୈନନ୍ଦିନ ନୀତି ମଧ୍ୟରେ ଭୋର ସାଢେ ୪ଟାରେ ଦ୍ୱାରଫିଟା ହୁଏ। ଏହାପରେ ମଙ୍ଗଳ ଆଳତି, ସ୍ନାନ, ସୂର୍ଯ୍ୟପୂଜା, ବଲ୍ଲଭଭୋଗ ହୋଇଥାଏ। ମା'ଙ୍କ ଚନ୍ଦନ ବେଶ ପରେ ମଧ୍ୟାହ୍ନ ଧୂପରେ ଅନ୍ନ, ଡାଲମା, ଶାଗ, ବେସର, ଖିରି ଏବଂ ୩ଟି ଏଣ୍ଡୁରି ଭୋଗ ହୋଇଥାଏ। ସନ୍ଧ୍ୟା ଆଳତି ପରେ ରାତି ୯ଟାରେ ରାତ୍ର ଧୂପରେ ଖେଚୁଡି, ଡାଲମା, ଶାଗ, ଖିରି, କାକରା ଭୋଗ ହୋଇ ପହୁଡ଼ ହୋଇଥାଏ।

ମୁଖ୍ୟ ସେବକଙ୍କ ସୂଚନା ଅନୁଯାୟୀ, ଶାରଦୀୟ ଦଶହରା ଉପଲକ୍ଷେ ମା'ଙ୍କ ପୀଠରେ ମଙ୍ଗଳବାରଠାରୁ ଷୋଳପୂଜା ଆରମ୍ଭ ହୋଇଛି। ପ୍ରଥମେ ସହସ୍ର କୁମ୍ଭାଭିଷେକ ହୋଇ ଘଟ ସ୍ଥାପନ କରାଯାଇଥିଲା। ଏହି ଷୋଳପୂଜା ପାଇଁ ମା'ଙ୍କ ନିମନ୍ତେ ଶ୍ରୀମନ୍ଦିର ପକ୍ଷରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଟ, ଚନ୍ଦନ କାଠ ଏବଂ ମାହାର୍ଦ୍ଦ ମିଳିଛି। ୧୬ ଦିନ ଯାକ ଚଣ୍ଡୀପାଠ, ଆହୁତି, ମଧ୍ୟାହ୍ନରେ ଶଙ୍ଖୁଡି ଓ ଏଣ୍ଡୁରି ଭୋଗ ହେବ। ସପ୍ତମୀରେ ମା'ଙ୍କ ଭୁବନେଶ୍ୱରୀ ବେଶ, ଅଷ୍ଟମୀରେ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବ। ନବମୀରେ ବନଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମା' ବାଟମଙ୍ଗଳା। ଷୋଳପୂଜା ଅବସରରେ ଅମାବାସ୍ୟାଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଚଳନ୍ତି ପ୍ରତିମା ମା' ଭୁବନେଶ୍ୱରୀ ବାହାର ବିଜେ କରନ୍ତି। ଏହି ୮ ଦିନ ସନ୍ଧ୍ୟା ଆଳତି ପରେ ଭୁବନେଶ୍ୱରୀ ରାସ୍ତା ପାର ହୋଇ ମନ୍ଦିର ଅପର ପାର୍ଶ୍ୱକୁ ଯାଇଥାନ୍ତି। ସେଠାରେ ଆଳତି ଓ ଫଳମୂଳ ଭୋଗ ପରେ ମା' ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ବୋଲି ମୁଖ୍ୟ ସେବକ ଭାସ୍କର ପଣ୍ଡା ସୂଚନା ଦେଇଛନ୍ତି।

**ମା' ବାଟମଙ୍ଗଳା ପୀଠ**



ମା' ବାଟମଙ୍ଗଳା।



ଖବରଦାତାମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଶାନ୍ତିପୂର୍ଣ୍ଣ ଅନଶନ କରୁଛନ୍ତି।

■ଖବରଦାତାଙ୍କୁ ମାଡ଼ ଘଟଣା

## ଗାନ୍ଧୀମୂର୍ତ୍ତି ତଳେ ଅନଶନ

**ପୁରୀ ଅଫିସ, ୨।୧୦**

ମେଡିକାଲ ଛକସ୍ଥିତ ପେଟ୍ରୋଲ ପମ୍ପରେ ତେଲ ଠକେଇକୁ ନେଇ ଶୁକ୍ରବାର ରାତିରେ ଲୋକେ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠି ଚାଳନା କରିଥିଲା। ଏଥିରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ଏକାଧିକ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିଲେ। ମଙ୍ଗଳବାର ଏହାର ପ୍ରତିବାଦରେ ଶତାଧିକ ଗଣମାଧ୍ୟମର ପ୍ରତିନିଧି ଗାନ୍ଧୀଘାଟସ୍ଥିତ ଗାନ୍ଧୀମୂର୍ତ୍ତି ତଳେ ଶାନ୍ତିପୂର୍ଣ୍ଣ ଭାବେ ଅନଶନ କରିଥିଲେ। ଏହି ଅନଶନରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଯୁବ ଏବଂ ଛାତ୍ର କଂଗ୍ରେସ ମଧ୍ୟ ଅନଶନକୁ ସମର୍ଥନ ଜଣାଇଥିଲେ। ଏସପି ସାର୍ଥକ ଷଡ଼ଙ୍ଗୀ କୁହନ୍ତି, ଘଟଣା ଦିନ କେବଳ ଆଇନଶୃଙ୍ଖଳା ଦୃଷ୍ଟିରୁ ଲାଠି ଚାଳନା କରାଯାଇଥିଲା। ଏଥିରେ ବହୁ ଖବରଦାତା ଆହତ ହୋଇଥିଲେ। ମୁଁ ବ୍ୟକ୍ତିଗତ ଭାବେ ସେମାନଙ୍କ ଚିକିତ୍ସା ବିଷୟରେ ସିଡିଏମଓଙ୍କ ସହ ଆଲୋଚନା କରିଛି। ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ପି କହିଛନ୍ତି।

## ଆରମ୍ଭ ହେଲା ଦୁର୍ଗାମାଧବ ଉପାସନା

**ପୁରୀ ଅଫିସ, ୨।୧୦**

ମଙ୍ଗଳବାର ମୂଳାଷ୍ଟମୀଠାରୁ ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ମା' ବିମଳାଙ୍କ ପୀଠ ସମେତ ଅନ୍ୟାନ୍ୟ ଦେବୀ ପୀଠରେ ଆରମ୍ଭ ହୋଇଛି ଷୋଳପୂଜା। ଚଳଚଞ୍ଚଳ ହୋଇପଡିଛି ସମସ୍ତ ଦେବୀ ପୀଠ। ଏଥିସହ ଏହି ଦିନଠାରୁ ଆରମ୍ଭ ହୋଇଛି ଦୁର୍ଗାମାଧବ ଉପାସନା। ମଙ୍ଗଳବାର ଶ୍ରୀମନ୍ଦିରରେ ଅବକାଶ ବଢିବା ପରେ ମହାପ୍ରଭୁଙ୍କ ବେଶରେ ୨ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା। ଶ୍ରୀ ମାଧବଙ୍କୁ ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଭଣ୍ଡାର ଦ୍ୱାରଠାରେ ଭଦ୍ରାସନରେ ଦୁର୍ଗାଦେବୀଙ୍କ ସହମାଧବଙ୍କୁ ଏକତ୍ର ରୁନ୍ଧା ଯାଇଥିଲା। ଏହାପରେ ଦୁର୍ଗାମାଧବ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପରେ ଥିବା ପାଲିଙ୍କିରେ ବିଜେ କରି ବିମଳାଙ୍କ ମନ୍ଦିର ଖଟ ଉପରେ ବିଜେ କରିଥିଲେ। ପୂର୍ବରୁ ଭିତରଚ୍ଛ ମହାପାତ୍ର ରୁପା ପିଙ୍ଗଣରେ କର୍ପୂର ଜଳ ଲାଗି କରାଇଥିଲେ। ଭିତରେ ରାତ୍ର ଚନ୍ଦନ ଲାଗି ହେବା ପରେ ଦୁର୍ଗାମାଧବ ଭଣ୍ଡାର ବିଜେ କରିଥିଲେ। ଏହାକୁ ଦୁର୍ଗାମାଧବ ଉପାସନା କୁହାଯାଏ। ଏହିପରି ଦଶହରା ପର୍ଯ୍ୟନ୍ତ ଦୁର୍ଗାମାଧବ ରୁନ୍ଧା ହୋଇ ରହିବେ। ଦଶହରା ଦିନ ଜଗନ୍ନାଥବଲ୍ଲଭ ମଠରୁ ଫେରିବା ପରେ ରୁନ୍ଧା ଫିଟିଥାଏ। ପ୍ରଥମ ୮ଦିନ ଦୁର୍ଗାମାଧବ ବିମଳାଙ୍କ ମନ୍ଦିରକୁ ବିଜେ କରିଥାନ୍ତି। ନବମ ଦିନଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିର (ଗୁପ୍ତ ଗୁଣ୍ଡିଚା ମଣ୍ଡପ)କୁ ବିଜେ କରିବେ। ଏହାକୁ ଗୁପ୍ତ ଗୁଣ୍ଡିଚା ବା ଶାକ୍ତ ଗୁଣ୍ଡିଚା କୁହାଯାଏ। ଭିତରେ ରାତ୍ର ଚନ୍ଦନ ବଢିଲେ ନାରାୟଣୀ ମନ୍ଦିରରୁ ପାଲିଙ୍କିରେ ଦୁର୍ଗାମାଧବ ଶ୍ରୀମନ୍ଦିର ଭଣ୍ଡାର ଘରକୁ ଫେରିଥାନ୍ତି। ଅନ୍ୟପକ୍ଷରେ ଏହି ଷୋଳପୂଜା ଅବସରରେ କୌଣସି ମହିଳା ମା' ବିମଳାଙ୍କ ମନ୍ଦିରକୁ ଯାଆନ୍ତି ନାହିଁ। ଷୋଳପୂଜା ସମୟରେ ମା'ଙ୍କର ବନଦୁର୍ଗା ବେଶ, ଉଗ୍ରତାରା ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ, ଭୁବନେଶ୍ୱରୀ ବେଶ, ହରଚଣ୍ଡୀ ବେଶ, ବଗଳାମୁଖୀ ବେଶ, ଜୟଦୁର୍ଗା ବେଶ, ସିଂହବାହିନୀ ବେଶ, ମାତଙ୍ଗିନୀ ବେଶ ଓ ଦଶଭୁଜା ଦୁର୍ଗା ବେଶ ହୋଇଥାଏ।



ପୁରୀ ବାସେଳିସାହି ବନଦୁର୍ଗା ଛକସ୍ଥିତ ମା'ମଙ୍ଗଳା ଶ୍ରୀକ୍ଷେତ୍ର ପରିକ୍ରମା କରୁଛନ୍ତି।

## ଶ୍ରୀକ୍ଷେତ୍ର ପରିକ୍ରମା କଲେ ମା' ମଙ୍ଗଳା

**ପୁରୀ ଅଫିସ, ୨।୧୦**

ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଷୋଳପୂଜା। ଏହି ଷୋଳପୂଜାର ପ୍ରଥମ ଦିନ ବାସେଳିସାହି ବନଦୁର୍ଗା ଛକସ୍ଥିତ ମା' ମଙ୍ଗଳା ଶ୍ରୀକ୍ଷେତ୍ର ପରିକ୍ରମା କରିଛନ୍ତି। ସକାଳେ ପୀଠରୁ ଶୋଭାଯାତ୍ରାରେ ବାହାରି ମାର୍କଣ୍ଡ ପୁଷ୍କରିଣୀକୁ ଯାଇଥିଲେ। ସେଠାରେ ମା'ଙ୍କ ସ୍ନାନ ଓ ସହସ୍ର କୁମ୍ଭାଭିଷେକ ସମ୍ପନ୍ନ ହୋଇଥିଲା। ଏହାପରେ ମା' ମାର୍କଣ୍ଡ ମନ୍ଦିର ଗମ୍ଭୀରାକୁ ପ୍ରବେଶ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ଶ୍ରୀକ୍ଷେତ୍ରର ବିଭିନ୍ନ ସାହି ପରିକ୍ରମା କରିଥିଲେ। ମାର୍କଣ୍ଡ ମନ୍ଦିରଠାରୁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଦେଇ ଦକ୍ଷିଣକାଳୀଙ୍କ ପୀଠ, ବାସେଳୀ ଠାକୁରାଣୀଙ୍କ ପୀଠ, ଜମ୍ବେଶ୍ୱର ମହାଦେବଙ୍କ ପୀଠକୁ ଯାଇଥିଲେ। ବାଟରେ ବହୁ ଜଗାରେ ପନ୍ତି ଭୋଗ ହୋଇଥିଲା। ଏହାପରେ ମା' ସ୍ୱମନ୍ଦିରକୁ ବିଜେ କରିଥିଲେ। ଷୋଳପୂଜାର ପ୍ରଥମ ଦିନରେ ମା' ଦୁର୍ଗାମାଧବ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

■ଓଡ଼ିଶା ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା

# ଉପକୃତ ହେବେ ୧ଲକ୍ଷ ହିତାଧିକାରୀ

**ପୁରୀ ଅଫିସ, ୨।୧୦**



କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଜିଲାର ଅନ୍ୟ ବିଧାୟକ ଓ ଅଧିକାରୀମାନେ।

ଗାନ୍ଧୀ ଜୟନ୍ତୀରେ ମଙ୍ଗଳବାର ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ ହୋଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ଜିଲା ପାଇଁ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହି ଯୋଜନାକୁ ଲୋକାର୍ପିତ କରିଛନ୍ତି। ଏହି ଯୋଜନାରେ ଜିଲାର ୧,୦୧, ୮୫୨ ହିତାଧିକାରୀ ଉପକୃତ ହେବେ। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଯୋଗଦେଇ କହିଥିଲେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ବହୁ ଯୋଗ୍ୟ ହିତାଧିକାରୀ ସାମିଲ ହୋଇପାରି ନ ଥିଲେ। ୨୦୧୪ରୁ ୨୦୧୭ ମଧ୍ୟରେ ଜନସଂଖ୍ୟା ଅନୁଯାୟୀ ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଲେ, ଓଡ଼ିଶାର ଗରିବ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଅବଦାନ ସମ୍ପର୍କରେ ଓଡ଼ିଶାବାସୀ ମଧ୍ୟ ଅନୁଭବ କରିଛନ୍ତି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଥିଲେ, ଓଡ଼ିଶାରେ ୨୦ ବର୍ଷ ମଧ୍ୟରେ ବିକାଶମୂଳକ କାର୍ଯ୍ୟକ୍ରମ ମାନ ହୋଇଛି। ଓଡ଼ିଶାର କୌଣସି ଲୋକ ଭୋକରେ ରହିବେ ନାହିଁ ସେଥିପାଇଁ ରାଜ୍ୟ ସରକାର ବଜେଟ୍‌ରେ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କରିଛନ୍ତି। କାର୍ଯ୍ୟକ୍ରମରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ଯୋଗଦେଇ ଓଡ଼ିଶାର ନିଜସ୍ୱ ଖାଦ୍ୟ ଯୋଜନା ଉପରେ ମତ ରଖିଥିଲେ। ଲୋକର୍ପଣ ଉତ୍ସବରେ ଜିଲାର ବିଭିନ୍ନ ବ୍ଲକର ହିତାଧିକାରୀ ଓ ପୁରୀ ମ୍ୟୁନିସିପାଲିଟି ୨୦ ନମ୍ବର ୱାର୍ଡର ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରାଯାଇଥିଲା। ଏଥିରେ ପୁରୀ ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ପୌର ନିର୍ବାହୀ ଅଧିକାରୀ ଶ୍ରୀକନ୍ତ ତରାଇ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।





## ସେଲ୍‌ଫି କର୍ଣ୍ଣର



@ ଦେବାଶିଷ



@ ସଞ୍ଜୀବ



@ ଉମାକାନ୍ତ





@ ବିକାଶ



@ ସୁଶ୍ରୀ



@ ଦେବୀଦତ୍ତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ଅକ୍ଟୋବର, ୨୦୧୮



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ପୁରୀ ଏବେ ଖୋଲା ଶୌଚମୁକ୍ତ ସହର

ପୁରୀ ଅଫିସ, ୨।୧୦: ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀ ସହରର ୱାର୍ଡ ୧୮କୁ ଖୋଲା ଶୌଚମୁକ୍ତ ୱାର୍ଡ ଭାବେ ଘୋଷଣା କରାଯାଇଥିଲା। ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ଆଉ ୩୧ଟି ୱାର୍ଡକୁ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା କରାଯାଇଛି। ପୁରୀ ସହର ଏବେ ଖୋଲା ଶୌଚମୁକ୍ତ ସହରରେ ପରିଣତ ହୋଇଛି। ଏହି ଘୋଷଣା ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ପୌରସଦନଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଏଣିକି କେହି ବାହାରେ ମଳମୂତ୍ର ତ୍ୟାଗ କରିବେ ନାହିଁ। ଯଦି କେହି ଏହାକୁ ଅବମାନନା କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ଜରିମାନା ଆଦାୟ କରାଯିବ ବୋଲି ଜିଲାପାଳ ବକ୍ତବ୍ୟରେ କହିଥିଲେ। ଏଥିରେ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ଏବଂ ପୌରସଂସ୍ଥାର ପୂର୍ବତନ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

### ନିଷିଦ୍ଧ ହେଲା ପଲିଥିନ ଚଢ଼ାଉ ସମୟରେ ମିଳିଲା

ପୁରୀ ଅଫିସ, ୨।୧୦: ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଗାନ୍ଧୀ ଜୟନ୍ତୀରୁ ପୁରୀ ସହରରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏହି କଟକଣାକୁ ସହରବାସୀ କେତେଦୂର ପାଳନ କରୁଛନ୍ତି ତାହାର ସ୍ଥିତି ପରଖିଛନ୍ତି ପ୍ରଶାସନିକ ଅଧିକାରୀ। ମଙ୍ଗଳବାର ସକାଳେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଉପଜିଲାପାଳ ଭବତାରଣ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ପ୍ରମୁଖ ଖଜାପଟି, ଲକ୍ଷ୍ମୀବଜାରର କେତେକ ଦୋକାନରେ ଚଢ଼ାଉ କରିଥିଲେ। ଅଧିକାଂଶ ଦୋକାନରେ ପୂର୍ବ ପରି ପଲିଥିନ ବ୍ୟବହାର ହେଉଥିବା ଯାଞ୍ଚ ବେଳେ ଜଣାପଡିଥିଲା। ସେମାନଙ୍କଠାରୁ ପଲିଥିନ ଜବତ କରାଯିବା ସହ ଭବିଷ୍ୟତରେ ପଲିଥିନ ବ୍ୟବହାର ନ କରିବା ଲାଗି ତାଗିଦ୍ କରାଯାଇଥିଲା। ଏଥିସହ ବଡ଼ଦାଣ୍ଡରେ କେତେକ ଦୋକାନ ଉପରେ ମଧ ଚଢ଼ାଉ ହୋଇଥିଲା। ଅନ୍ୟପକ୍ଷରେ ପଲିଥିନର ବିକଳ୍ପ ଭାବେ ଜିଲା ପ୍ରଶାସନ ପକ୍ଷରୁ ସମୁଦ୍ର କୂଳ ଦିଗବାରିଣୀ ଖୁଣ୍ଟି ନିକଟରେ ୨ଟି ଷ୍ଟଲ ଖୋଲାଯାଇଛି। ଏଥିରେ ପଲିଥିନର ବିକଳ୍ପ ଭାବେ କନା ଏବଂ ଝୋଟର ବ୍ୟାଗ୍ ସହିତ ଭୋଗେଇ ବିକ୍ରି କରାଯାଉଛି। ମହିଳା ସଙ୍ଗଠନ ପକ୍ଷରୁ ମଧ ଏକ ଷ୍ଟଲ ଖୋଲିଛି। ବୁଧବାରଠାରୁ ବିଭିନ୍ନ ଦୋକାନରେ ଚଢ଼ାଉ ଜୋର୍‌ଦାର କରାଯିବା ସହ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଦେଖିବାକୁ ମିଳିଲେ ଜରିମାନା ଆଦାୟ କରାଯିବ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି।

### ନିର୍ବାଚନ ପୂର୍ବରୁ ପିପିଲି କଲେଜ ଅନିର୍ଦ୍ଦିଷ୍ଟକାଳ ବନ୍ଦ

ପିପିଲି,୧।୧୦(ଡି.ଏନ୍.ଏ.)- ଛାତ୍ର ସଂସଦ ନିର୍ବାଚନକୁ ଅଳ୍ପଦିନ ଥିବାବେଳେ ପିପିଲି କଲେଜକୁ ଅନିର୍ଦ୍ଦିଷ୍ଟକାଳ ବନ୍ଦ କରାଯାଇଛି । ପ୍ରକାଶ ଯେ, ଛାତ୍ର ନିର୍ବାଚନକୁ ନେଇ ପିପିଲି କଲେଜ ପରିସର ସବୁବେଳେ ଅଶାନ୍ତ ହୋଇ ଉଠିଥିଲା। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର କଲେଜ ଅଧକ୍ଷ ଡ.ଭୀମସେନ କରଙ୍କ ଅଧକ୍ଷତାରେ ଷ୍ଟାଫ ମିଟିଂ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ସଂସଦ ନିର୍ବାଚନ ସଂକ୍ରାନ୍ତରେ ଆଲୋଚନା ହେବାପରେ ଆଗାମୀ ଦିନରେ ଛାତ୍ର ଅଶାନ୍ତିକୁ ନେଇ ଅଧାଦେଶ ପର୍ଯ୍ୟନ୍ତ କଲେଜକୁ ବନ୍ଦ କରାଗଲା ବୋଲି ଅଧକ୍ଷ ଡ. କର ଘୋଷଣା କରିଛନ୍ତି।

### ଦୃଷ୍ଟିହୀନ ମହିଳାଙ୍କୁ ବଳାତ୍କାର ଉଦ୍ୟମ

ନିମାପଡ଼ା,୨।୧୦(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ବିବାହିତା ଦୃଷ୍ଟିହୀନ ମହିଳା(୪୫)ଙ୍କୁ ମଙ୍ଗଳବାର ରାତିରେ ବଳାତ୍କାର ଉଦ୍ୟମ ଓ ଅସଦାଚରଣ କରାଯାଇଛି। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଘରେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କୁ ବଳାତ୍କାର ଉଦ୍ୟମ ଓ ଅସଦାଚରଣ ପ୍ରଦର୍ଶନ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ. ୨୯୦/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସ୍ୱାଧୀନତାର ସ୍ୱାଦ ଚଖାଇବାକୁ ଆସି ୭ଦିନ ରହିଥିଲେ ଗାନ୍ଧୀ

କଣାସ, ୨।୧୦(ଡି.ଏନ୍.ଏ.)

**୧୫୦ତମ ଗାନ୍ଧୀ ଜୟନ୍ତୀ**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ପୁରୀଜିଲା ଡେଲାଙ୍ଗବ୍ଲକ ବେରବୋଇସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ୧୫୦ତମ ଜୟନ୍ତୀ ଗାନ୍ଧୀ ସ୍ମାରକୀ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସ୍ତମ୍ଭକାର ଗୌରାଙ୍ଗ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଡିନ୍ ଇନଷ୍ଟିଚ୍ୟୁଟ ଅଫ ଗାନ୍ଧିଆନ୍ ଷ୍ଟଡିଜ ୱାର୍ଦ୍ଧାର ସି.ବି.କେ.ଜୋସେଫ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ହିଂସା ଛାଡି ଅହିଂସା ମାର୍ଗ ଆପଣାଇ ସମାଜର ମୁଖ୍ୟ ସ୍ରୋତରେ ଯୁବ ପିଢ଼ି ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତାର ସ୍ୱାଦ ଚଖାଇବା ପାଇଁ ଆସି ଗାନ୍ଧୀଜୀ ୭ଦିନ ବେରବୋଇଠାରେ ରହିଥିଲେ। କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ସଭାରେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଫକିରମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ.କୁମରବର ଦାସ ଯୋଗଦେଇଥିଲେ। ବେରବୋଇ ଗ୍ରାମରେ ୭ଦିନ ୭ରାତି ଗାନ୍ଧୀ କଟାଇଥିବାରୁ ଡେଲାଙ୍ଗ ମାଟି ଗୌରବାନ୍ୱିତ। ଭାରତଛାଡ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ପାଇଁ ହଜାର ହଜାର ଲୋକ ଏହି ଆଦର୍ଶକୁ ପାଳନ କରି ନିଜ ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରିବା ପାଇଁ ଗାନ୍ଧୀଙ୍କୁ ପ୍ରତିଶ୍ରୁତି ଦେଇଥିବାରୁ ଗାନ୍ଧିଜୀ ବେରବୋଇରେ ରହିବାକୁ ଭଲ ପାଇଥିଲେ। ସ୍ୱାଧୀନତାରେ ଅହିଂସାର ନୀତିକୁ ଡେଲାଙ୍ଗ ଅଞ୍ଚଳବାସୀ ଆଦରି ନେଇଥିବାରୁ ଏହା ଏକ ଐତିହାସିକ ଭୂମି ଭାବେ ପରିଚିତ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସମ୍ପାଦକ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ମୁଖ୍ୟବକ୍ତା ପ୍ରଫେସର ହେମେନ୍ଦ୍ର ନାରାୟଣ ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ସଭାପତି ଅକ୍ଷୟକୁମାର ନାୟକ ଏବଂ କସ୍ତୁରବା ସେବାଶ୍ରମ ପରିଚାଳିକା କବିତାରାଣୀ ପରିଡା, ପ୍ରଫୁଲ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଡେଲାଙ୍ଗ ବ୍ଲକର ସମସ୍ତ ସ୍କୁଲ ଓ କଲେଜର ଶିକ୍ଷୟିତ୍ରୀଶିକ୍ଷକ, ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ରମାନେ ଯୋଗଦେଇ ଥିଲେ। ଡ଼େଲାଙ୍ଗ ବ୍ଲକକୁ ମଦମୁକ୍ତ କରିବା ପାଇଁ ୩୦୦୦ରୁ ଉର୍ଦ୍ଧ୍ୱ ଦସ୍ତଖତ କରାଯାଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। କଂଗ୍ରେସର ଦୁର୍ଗାଚରଣ ରାଉତରାୟ, ନିର୍ମଳ ଚନ୍ଦ୍ର ପରିଡ଼ା ଏବଂ ଭାଜପାର ନେତୃମଣ୍ଡଳୀ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସନ୍ଧ୍ୟାରେ ଜ୍ୟୋତି ଡେଲାଙ୍ଗ ଷ୍ଟେସନ ପରିକ୍ରମା କରି ଗାନ୍ଧୀସ୍ମୃତିପୀଠରେ ପହଞ୍ଚିଥିଲା।


ମିଳିତ ଶିକ୍ଷକ, ଅଧ୍ୟାପକ କର୍ମଚାରୀ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରାଯାଇଛି।

## ମିଳିତ ଶିକ୍ଷକ, ଅଧ୍ୟାପକ କର୍ମଚାରୀ ମଞ୍ଚର ଗଣ ଅନଶନ

ପୁରୀ ଅଫିସ, ୨।୧୦:

ବିଭିନ୍ନ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ପୁରୀ ଜିଲା ଶାଖା ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୧୨ଘଣ୍ଟିଆ ଗଣ ଅନଶନ କରାଯାଇଥିଲା। ମୋଟ ୨୫ଶହରୁ ଉର୍ଦ୍ଧ୍ୱ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଏହି ଗଣଧାରଣାରେ ସାମିଲ ହୋଇଥିଲେ। ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ, କଲେଜକୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସମସ୍ତ ସରକାରୀ ସୁବିଧା, ଶିକ୍ଷକ, ଅଧ୍ୟାପକଙ୍କ ଶପଥପାଠ ନିର୍ଦ୍ଦେଶନାମା ପ୍ରତ୍ୟାହାର, ସପ୍ତମ ବେତନ କମିଶନ ଲାଗୁ କରିବା ଲାଗି ସେମାନେ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ଶିକ୍ଷକ ଓ ଅଧ୍ୟାପକମାନେ ତୀବ୍ର ବିରୋଧ କରିଥିଲେ। ମିଳିତ ମଞ୍ଚର ପୁରୀ ଜିଲା ଆବାହକ ମହେନ୍ଦ୍ର କୁମାର ରଣସିଂ, ଶିକ୍ଷକ ଦର୍ପଣ ଯୁଗ୍ମ ସମ୍ପାଦକ ସୁକାନ୍ତ ବେହେରା, ୬୬୨କଲେଜ ବର୍ଗ ସଭାପତି ଜ୍ୟୋସ୍ନାରାଣୀ ବସ୍ତିଆ, ଅକ୍ଷୟ କୁମାର ରାୟସିଂ, ବିଚିତ୍ରାନନ୍ଦ ପାତ୍ର, ସୁରତ ସ୍ୱାଇଁ, କିଶୋର ମହାନ୍ତି, ଯାମିନିକାନ୍ତ ନାୟକ, କୃଷ୍ଣଚନ୍ଦ୍ର ଦାଶ, ବିଶ୍ୱନାଥ ବଳିଆରସିଂ, ମାନସ ରଞ୍ଜନ ସାମନ୍ତରାୟ, ସରୋଜିନୀ ମିଶ୍ର, ଦେବଦତ୍ତ ମିଶ୍ରଙ୍କ ସମେତ ମିଳିତ ମଞ୍ଚର ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଏହି ଅନଶନରେ ସାମିଲ ହୋଇଥିଲେ।

### ନିମାପଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ନିମାପଡ଼ା,୨।୧୦(ଡି.ଏନ୍.ଏ.): ୧୫୦ତମ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ନିମାପଡ଼ା ଏନଏସି ଅଞ୍ଚଳରେ ଶୁଭାରମ୍ଭ ହୋଇଛି। ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏହି ପଦଯାତ୍ରା ବିଜେଡି କାର୍ଯ୍ୟାଳୟରୁ ବାହାରି ବିଭିନ୍ନ ୱାର୍ଡ ପରିକ୍ରମା କରିବା ସହ ନିମାପଡ଼ା ବଡବଜାର, ବସଷ୍ଟାଣ୍ଡ, ଜୟଶ୍ରୀଛକ, ଦୋଳବେଦୀ ଛକ, ମହିଳା କଲେଜ ଛକ, ପତିତପାବନ ପାଟଣା, ନୂଆମଠ ସାହି ଆଦି ଅଞ୍ଚଳରେ ପରିକ୍ରମା କରିଥିଲା। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବ ଏହି ଜନସମ୍ପର୍କ ଯାତ୍ରାର ମୂଳ ଲକ୍ଷ୍ୟ ବୋଲି ବିଧାୟକ ଦାଶ କହିଛନ୍ତି। ଏହି ଶୋଭାଯାତ୍ରାରେ ବିଜେଡ଼ି ନେତାଙ୍କ ସହ ପ୍ରାୟ ୧ହଜାର କର୍ମୀ ସାମିଲ ହୋଇଥିଲେ।



## ମା'ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ଆରମ୍ଭ

କାକଟପୁର, ୨।୧୦(ଡି.ଏନ୍.ଏ.)


କାକଟପୁର ମା' ମଙ୍ଗଳା।

ଅଶ୍ୱିନ ମୂଳାଷ୍ଟମୀ ତିଥି ପାରମ୍ପରିକ ପ୍ରଥାନୁସାରେ ମଙ୍ଗଳବାର କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା। ପ୍ରତ୍ୟୁଷରୁ ମନ୍ଦିର ଖୋଲାଯାଇ ମା'ଙ୍କୁ ଆଳତୀ, ସ୍ନାନ, ମାର୍ଜଣା କରାଯିବାପରେ ପହୁଡ଼ ଫିଟାଯାଇଥିଲା। ପରେ ଅପରାହ୍ନ ୨ଟା ୩୦ରେ ମନ୍ଦିରର ପୁରୋହିତ ସୁରେଶ ତ୍ରିପାଠୀ ଷୋଡ଼ଶ ଉପଚାର ପୂଜାପଣ୍ଡା ଶରତ ଦିକ୍ଷୀତଙ୍କୁ ସଂକଳ୍ପ କରାଇବା ପରେ ମା'ଙ୍କ ଦେବୀ ଉତ୍ଥାପନ ନୀତି ଓ ଜଳାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ୧୦୮ କଳସୀ ଜଳରେ ଚୁଆ, ମହୁ, ହଳଦୀ, ଅଗୁରୁ, ଗଙ୍ଗାଜଳ ପ୍ରଭୃତି ମିଶାଇ ଜଳକୁ ଶୁଦ୍ଧ ଓ ସୁବାସିତ କରାଯିବା ପରେ ମା'ମଙ୍ଗଳାଙ୍କୁ ସ୍ନାନ କରାଯାଇଥିଲା। ସ୍ନାନପରେ ମା'ଙ୍କୁ ବସ୍ତ୍ର, ପୁଷ୍ପ ଏବଂ ଚନ୍ଦନ ଲାଗି ହୋଇଥିଲା। ଏହାପରେ ସପ୍ତମୁଖୀ ଦୀପରେ ଆଳତୀ ସହିତ ନୈବେଦ୍ୟ ଅର୍ପଣ ହୋଇ ମା'ଙ୍କ ଦର୍ଶନ ପାଇଁ ପହୁଡ଼ ଫିଟାଯାଇଥିଲା। ସନ୍ଧ୍ୟା ପୂର୍ବରୁ ବଲ୍ଲଭ ନୀତି ସାଙ୍ଗକୁ ଦ୍ୱାରପାଳ ପୂଜା, ସିଂହପୂଜା, ସୂର୍ଯ୍ୟପୂଜା ଓ ସକାଳଧୂପ ଅନୁଷ୍ଠିତ ହୋଇଥିଲା। ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ନୀତି ପରେ ମନ୍ଦିର ପହୁଡ଼ ପଡ଼ିଥିଲା। ମନ୍ଦିର ପରିସରରେ ସପ୍ତଶତୀ ଚଣ୍ଡୀ ପାଠ କରାଯାଇଥିବାବେଳେ ମନ୍ଦିର ଭିତରେ ଅଖଣ୍ଡ ଦୀପ ସ୍ଥାପନ କରାଯାଇଥିଲା। ମା'ଙ୍କ ଜଳାଭିଷେକ ନୀତି ଦେଖିବାକୁ ମନ୍ଦିରରେ ପ୍ରବଳ ଭିଡ଼ ଲାଗିଥିଲା। ଆସନ୍ତା ୯ତାରିଖଠାରୁ ମା'ଙ୍କ ନବଦିନାତ୍ମକ ପୂଜା ଅନୁଷ୍ଠିତ ହେବା ସହ ୧୩ତାରିଖ ସନ୍ଧ୍ୟାରୁ ପ୍ରତ୍ୟହ ମା'ଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୁମନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ୧୯ତାରିଖରେ ହର-ଦୁର୍ଗା ଭେଟ ନୀତି ସହିତ ମା'ଙ୍କ ଶାରଦୀୟ ପାର୍ବଣ ପୂଜାର ସମାପ୍ତି ହେବ। ଶାରଦୀୟ ପାର୍ବଣ ପୂଜା ପାଇଁ କାକଟପୁରର ମା'ମଙ୍ଗଳା ମନ୍ଦିର ଉତ୍ସବ ମୁଖର ହୋଇପଡ଼ିଛି।

■ କଣାସରେ ପାର୍ବଣ ପୂଜା ଆରମ୍ଭ

## ମା'ମଙ୍ଗଳାଙ୍କ ବନଦୁର୍ଗା ବେଶ

କଣାସ, ୨।୧୦(ଡି.ଏନ୍.ଏ.)



ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଜଳିଆପଡ଼ା ସ୍ଥିତ ମାତୃଶକ୍ତି ପୀଠରେ ଶାରଦୀୟ ପାର୍ବଣ ଉପଲକ୍ଷେ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଛି। ମଙ୍ଗଳବାର ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ବିଜୟା ଦଶମୀ ତିଥିରେ ସମାପନ ହେବ। ପ୍ରତ୍ୟୁଷରୁ ମା'ଙ୍କ ମଙ୍ଗଳ ଆରତୀ ପରେ ଅବକାଶ, ବାଲଭୋଗ, ଆଳତୀ, ଭଜନ ଓ ଅମୃତବାଣୀ କରାଯାଇଥିଲା। ପରେ ସହସ୍ରକୁମ୍ଭ ଜଳରେ ମା'ଙ୍କୁ ସ୍ନାନ କରାଯାଇ ମା'ଙ୍କୁ ବନଦୁର୍ଗା ବେଶ କରାଯାଇଥିଲା। ଅପରାହ୍ନ ୪ଟାରେ ଭକ୍ତ ମାନଙ୍କୁ ଦର୍ଶନ ନିମନ୍ତେ ସାହାଣ ମେଳା କରାଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ଭକ୍ତ ଆସି ସିଂହ ଦ୍ୱାରରେ ମା'ଙ୍କ ବେଶ ଦର୍ଶନ କରିଥିଲେ। ଭୋଗ ନୈବେଦ୍ୟ ଅର୍ପଣ କରି ବାଞ୍ଛା କଳ୍ପବଟରେ ମାନସିକ ରଖି ଗୁଆ ବାନ୍ଧିଥିଲେ । ଦୁର୍ଗା ମାଧବ ମନ୍ଦିରଖି, ଗ୍ରାମଦେବୀଙ୍କୁ ଦର୍ଶନ ମଧ କରିଥିଲେ। ସନ୍ଧ୍ୟାରେ ମଙ୍ଗଳାଙ୍କ ମେଳା ଅନୁଷ୍ଠିତ ହୋଇଥିଲା। ଘୋଡା ନାଚ, ବାଜା, ବାଣ ଓ ଭଜନ କୀର୍ତନରେ ପୀଠ ଉଚ୍ଛୁଳିଥିଲା। ରାତ୍ରରେ ମା'ଙ୍କ ବଡ ସିଂହାର ବେଶ କରାଯାଇ ପହୁଡ଼ ହୋଇଥିଲା।

## ଭୂ-ସମ୍ପତ୍ତି ସୁରକ୍ଷା ପରିଷଦର ବୈଠକ

ପୁରୀ ଅଫିସ, ୨।୧୦:

ଭୂ-ସମ୍ପତ୍ତି ସୁରକ୍ଷା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଦଶାବତାର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପୁଷ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ଜମି ବିକ୍ରି ପାଇଁ ରହିଥିବା ସମାନ ନୀତି (ୟୁନିଫର୍ମ ପଲିସି) ବିଷୟରେ ଆଲୋଚନା ହୋଇଥିଲା। ୟୁନିଫର୍ମ ପଲିସିରେ ଜମି ଦର ଦୁଇଗୁଣ କରାଯାଇଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତିକ୍ରମେ ଏହା ତ୍ରୁଟିପୂର୍ଣ୍ଣ ବୋଲି କୁହାଯାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଲାଗି ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ ନିଷ୍ପତ୍ତି ନେଇଛି। ବରିଷ୍ଠ ଓକିଲମାନଙ୍କ ସହ ଆଲୋଚନା କରି ପରିଷଦ ଆଗକୁ ବଢ଼ିବ ବୋଲି ସ୍ଥିର ହୋଇଛି। ପରିଷଦର ପରବର୍ତ୍ତୀ ସାଧାରଣ ସଭା ଆସନ୍ତା ୫ ତାରିଖରେ କରାଯିବାକୁ ସ୍ଥିର ହୋଇଛି। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଆଦିତ୍ୟ ମିଶ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଜଗନ୍ନାଥ ଦେଓ, ସଂଯୋଜକ ଦେବେନ୍ଦ୍ର ବ୍ରହ୍ମଚାରୀ, ପୂର୍ବତନ କାଉନ୍‌ସିଲର ସୁପ୍ରିୟ ପାତ୍ର, ବନଲତା ମହାନ୍ତି, ବିଦ୍ୟୁଲତା ଆଚାର୍ଯ୍ୟ, ବ୍ରଜବନ୍ଧୁ ପ୍ରଧାନ, ନଳିନୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପଦଯାତ୍ରାରେ ବିଧାୟକଙ୍କୁ କଳାପତାକା ପ୍ରଦର୍ଶନ

କାକଟପୁର/ଗୋପ, ୨।୧୦(ଡି.ଏନ୍.ଏ.)

ଗାନ୍ଧୀଜୟନ୍ତୀଠାରୁ ବିଜେଡି ରାଜ୍ୟବ୍ୟାପୀ ପଦଯାତ୍ରା ଆରମ୍ଭ ହୋଇଛି। ଏହା ଏକମାସ ଧରି ଚାଲିବ। ବିଜେଡ଼ି ମନ୍ତ୍ରୀ, ବିଧାୟକ, କର୍ମୀମାନେ ସରକାରଙ୍କ ସଫଳତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଏହି ପଦଯାତ୍ରା ଆରମ୍ଭ ହୋଇଛି। ଗୋପ ବ୍ଲକ ସୋରଭା ପଞ୍ଚାୟତରେ ବିଜେଡ଼ି ଜନସମ୍ପର୍କ ପଦଯାତ୍ରା ସମୟରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ବିଜେଡ଼ି କର୍ମୀମାନେ ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ କଳାପତାକା ପ୍ରଦର୍ଶନ ସାଙ୍ଗକୁ ବିରୋଧ କରିଥିଲେ। ଫଳରେ ନିଜ ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କୁ ଅପଦସ୍ଥ ହେବାକୁ ପଡ଼ିଥିଲା। ଅସନ୍ତୁଷ୍ଟ କର୍ମୀମାନେ ହାତରେ ବିଧାୟକଙ୍କ ବିରୋଧ କରି ଲେଖା ହୋଇଥିବା ପ୍ଲାକାର୍ଡ ସହିତ କଳାପତାକା ଧରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଧାୟକଙ୍କୁ ପଚାରିବାରେ ଏହା ତାଙ୍କ ବିରୋଧୀଙ୍କ କାର୍ଯ୍ୟ ଓ ସେମାନେ ତାଙ୍କ ଚକ୍ରାନ୍ତରେ କେବେ ସଫଳ ହେବେନାହିଁ ବୋଲି କହିଥିଲେ।


ଅସନ୍ତୁଷ୍ଟ କର୍ମୀମାନେ ବିଧାୟକଙ୍କୁ କଳାପତାକା ପ୍ରଦର୍ଶନ କରୁଛନ୍ତି।

## ବୃଦ୍ଧଙ୍କୁ ଗିରଫ ପ୍ରତିବାଦରେ ଥାନା ସମ୍ମୁଖରେ ଧାରଣା

ନିମାପଡ଼ା,୨।୧୦(ଡି.ଏନ୍.ଏ.):

ନିମାପଡ଼ା ଥାନା ଅଞ୍ଚଳର ଜଣେ ବୃଦ୍ଧଙ୍କୁ ପୋଲିସ ଏକ ମିଥ୍ୟା ମାମଲାରେ ବେଆଇନ ଭାବେ ଗିରଫ କରିଥିବା ପ୍ରତିବାଦରେ ଗିରଫ ବୃଦ୍ଧଙ୍କ ସ୍ତ୍ରୀ ଓ ବିବାହିତା ଝିଅ ମଙ୍ଗଳବାର ଥାନା ସମ୍ମୁଖରେ ଗଣ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି ହରମୋନ ନାୟକ କୁହନ୍ତି, ବୃଦ୍ଧଜଣଙ୍କ ନିଜର ବୋହୁଙ୍କୁ ଅସଦାଚାରଣ ଓ ବଳତ୍କାର ଉଦ୍ୟମ କରିଥିବା ନେଇ ବୋହୁ ଗତ ୨୪ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୮୧/୧୮)ରୁଜୁ କରି ବୃଦ୍ଧ ଶଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ସମ୍ପର୍କରେ ପୋଲିସ କୌଣସି ବେଆଇନ କାର୍ଯ୍ୟ କରିନାହିଁ ବୋଲି ନାୟକ କହିଛନ୍ତି।


ଥାନା ସମ୍ମୁଖରେ ଗିରଫ ବୃଦ୍ଧଙ୍କ ସ୍ତ୍ରୀ ଓ ଝିଅ ଧାରଣାରେ ବସିଛନ୍ତି।

## ରାଜ୍ୟସ୍ତରୀୟ ସାହିତ୍ୟ ଆସର, ପ୍ରତିଭା ସମ୍ମାନ

କୋଣାର୍କ, ୨।୧୦(ଡି.ଏନ୍.ଏ.)

**୨୨ ବିଶିଷ୍ଟ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ**


କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ଉଦ୍‌ବୋଧନ ଦେଉଛନ୍ତି।

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଯୋଗାଚାର୍ଯ୍ୟ ମହେଶ୍ୱର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଯୁବ ଲେଖକ ସମ୍ମେଳନର ସଭାପତି ତଥା ପ୍ରାକ୍ତନ ପୁରୀ ଜିଲାପରିଷଦ ଅଧକ୍ଷ ଶଙ୍କର୍ଷଣ ପରିଡା ଯୋଗ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ସାମୂହିକ ପ୍ରୟାସ ଜାରି ରଖିବା ସହ ଯୁବ କବି ମାନେ ଆଗେଇ ଆସିଲେ ସାହିତ୍ୟ କାଳଜୟୀ ହୋଇ ପାରିବ ବୋଲି ପରିଡ଼ା କହିଥିଲେ। ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ପୂର୍ବତନ ଏମ୍‌ପି ଡ.ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ପ୍ରଶାସକ ତଥା କବି ପ୍ରଭାତ ରଞ୍ଜନ ତରାଇ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ ଓ କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ, ସଂସ୍କୃତି ଓ ଭାଷାର ବିକାଶ ପାଇଁ ପ୍ରଚାର ପ୍ରସାର ଦିଗରେ ଏହିପରି କାର୍ଯ୍ୟ ଅବ୍ୟାହତ ରହିଲେ ସମାଜର ହିତ ସାଧନ ହେବା ସହ ସାହିତ୍ୟିକ ମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପରିଷଦର ସାଧାରଣ ସମ୍ପାଦକ ତଥା ଯୁବ କବି ଭାଗିରଥି ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅପରାହ୍ନରେ ବ୍ୟଙ୍ଗକବି ସମ୍ପଦ ରଥଙ୍କ ସଂଯୋଜନାରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୦୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ମାନଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ୨୨ ଜଣ ପ୍ରତିଭା ମାନଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାକଟପୁର ପ୍ରାଚୀ ସାହିତ୍ୟ ସଂସଦ ଓ କୋଣାର୍କ ସାଇ ସେନାର ସଭ୍ୟମାନେ ସହାୟତା କରିଥିଲେ।